# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ମାର୍ଚ୍ଚ ୮/୨୦୨୧ (୧୬ ପୃଷ୍ଠା) | Berhampur, Monday, March 8/2021 | ★★★

୧୬ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଚର୍ଚ୍ଚାରେ ଶ୍ରଦ୍ଧାଙ୍କ ୪ ଲକ୍ଷ ଟଙ୍କାର ଡ୍ରେସ**

ବୟଫ୍ରେଣ୍ଡଙ୍କ ଜନ୍ମଦିନ ପାର୍ଟିରେ ୪ ଲକ୍ଷ ୩୧ ହଜାର ଟଙ୍କାର ଡ୍ରେସ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର।

୧୪

୧୬

**ଭିନେଶଙ୍କୁ ସ୍ୱର୍ଣ୍ଣ ପଦକ**

ମାଟେଓ ପେଲିକନ୍ ର୍‍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ରେସ୍‌ଲର ଭିନେଶ ଫୋଗଟ୍ ୫୩ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଜଙ୍ଗଲ ଗିଳି ଚାଲିଛି ନିଆଁ

ହୁ ହୁ ମାଡ଼ିଚାଲିଛି ନିଆଁ। ଓଡ଼ିଶାର ବିଭିନ୍ନ ଜଙ୍ଗଲକୁ ଚାଟିଯାଉଛି ବିପର୍ଯ୍ୟୟର ଲହ ଲହ ଜିହ୍ୱା। ସବୁଠୁ ବଡ଼ ଚିନ୍ତା ହେଉଛି ୨,୭୫୦ ବର୍ଗ କି.ମି. ଅଞ୍ଚଳ ପରିମିତ ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ସଂରକ୍ଷଣ ଶିମିଳିପାଳ ଜାତୀୟ ଉଦ୍ୟାନକୁ ନେଇ। ବିଶେଷକରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ପ୍ରସିଦ୍ଧ ଏହି ଅଭୟାରଣ୍ୟ ପ୍ରାୟ ଦୁଇ ସପ୍ତାହ ହେଲା ନିଆଁର ଆଁରେ ଫସିରହିଛି। ବହୁ ଉଦ୍ୟମ ପରେ ଶିମିଳିପାଳର ଯେତିକି ଅଞ୍ଚଳର ନିଆଁ ଲିଭୁଛି, ସେତିକି ଅଞ୍ଚଳରେ ନିଆଁ ବ୍ୟାପି ଚାଲିଛି। ଏହି ବିପତ୍ତିର ଅନ୍ତ ଘଟୁ ନ ଥିବାବେଳେ ରାଜ୍ୟର ପ୍ରାୟ ସବୁ ଜିଲାରେ ଏବେ ଚିନ୍ତା ବଢ଼ାଇଛି ବନାଗ୍ନି। ଏହାର ପ୍ରଭାବରେ ଲକ୍ଷ ଲକ୍ଷ ବୃହତ୍ ଗଛ ପାଉଁଶ ହୋଇଛି। ଔଷଧୀୟ ବୃକ୍ଷଲତା ନଷ୍ଟ ହେବା ସହ ବହୁସଂଖ୍ୟକ ବନ୍ୟପ୍ରାଣୀ ଜୀବନ୍ତଦଗ୍ଧ ହୋଇଯାଉଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ବଣ, ପାହାଡ଼ ଘେରା ଗାଁ ଓ ସହର ଧୂଆଁମୟ ହୋଇଯାଇଛି। ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି।

ଭୁବନେଶ୍ୱର (ବ୍ୟୁରୋ)/ ନୟାଗଡ ଅଫିସ/ସଜନାଗଡ଼/ ବୁଗୁଡ଼ା, (ଡି.ଏନ.ଏ.)୭।୩

ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଆଇ) ଅନୁସାରେ, କିଛିଦିନ ହେବ ଶିମିଳିପାଳ ସମେତ ଓଡ଼ିଶାରେ ୩୦୦ରୁ ଅଧିକ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡ଼ିଛି। ଶିମିଳିପାଳ ସ୍ଥିତିରେ ସାମାନ୍ୟ ସୁଧାର ଆସୁ ନ ଥିବାବେଳେ ବାଲେଶ୍ୱର ଜିଲା କୁଲଡ଼ିହା ଅଭୟାରଣ୍ୟ ହୁ ହୁ ହୋଇ ଜଳୁଛି। ୨୭୨.୩୫ବର୍ଗ କି.ମି. ପରିବ୍ୟାପ୍ତ ଅଞ୍ଚଳରେ ଏକାଧିକ ପାହାଡ଼ ମଧ୍ୟରେ ଥିବା ଜଙ୍ଗଲ ଜଳୁଛି। ନିମିଷକେ ମଧ୍ୟରେ ହଜାର ହଜାର ବୃକ୍ଷଲତା ପୋଡ଼ି ପାଉଁଶ ହୋଇଯାଇଛି। ଅନେକ ସରୀସୃପ ଓ ଜୀବଜନ୍ତୁଙ୍କ ଜୀବନହାନି ☞ପୃଷ୍ଠା-୪

- ଶିମିଳିପାଳରେ ଯେତିକି ଲିଭୁଛି, ସେତିକି ବ୍ୟାପୁଛି
- ଜଳୁଛି କୁଲଡ଼ିହା ଅଭୟାରଣ୍ୟ
- ଧୂଆଁରେ ଅଣନିଃଶ୍ୱାସୀ ହେଉଛନ୍ତି ଲୋକେ
- ରାଜ୍ୟର ୩୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲରେ ବ୍ୟାପିଛି ନିଆଁ



ଶିମିଳିପାଳ ରାମରଜା ପାହାଡ଼ ଶୀର୍ଷରେ ପହଞ୍ଚିଥିବା ନିଆଁ।

## ଶିମିଳିପାଳ ଏବେ ଲାଲ୍‌ପିଣ୍ଡ

ବାରିପଦା ଅଫିସ,୭।୩

ଶିମିଳିପାଳ ଅଭୟାରଣ୍ୟରେ ଥିବା ପାହାଡ଼ ଶୀର୍ଷକୁ ଛୁଇଁଲାଣି ନିଆଁ। ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ପାହାଡ଼ ପରେ ପାହାଡ଼କୁ ନିଆଁ ବ୍ୟାପି ଚାଲିଥିବା ବେଳେ ବନ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ,

**ପାହାଡ଼ ଶୀର୍ଷକୁ ଛୁଇଁଲାଣି**

ଦମକଳ ବାହିନୀ, ପୋଲିସ ଓ ଜଙ୍ଗଲକୁ ସୁରକ୍ଷା ଯୋଗାଉଥିବା ବିଭିନ୍ନ କମିଟିର ଆପ୍ରାଣ ଉଦ୍ୟମକୁ ସଫଳତା ମିଳୁନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ହେଲିକପ୍ଟର ସହାୟତାରେ ନିଆଁ ନିୟନ୍ତ୍ରଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଲାଣି। ଅଭୟାରଣ୍ୟକୁ ରକ୍ଷା କରା ନ ଗଲେ ଆଗାମୀ ଦିନରେ ପରିବେଶ ଅସନ୍ତୁଳିତ ହେବା ☞ପୃଷ୍ଠା-୪

# ପ୍ରବାସୀଙ୍କୁ ପର କରିଦେଲା କେନ୍ଦ୍ର

ନୂଆଦିଲ୍ଲୀ, ୭।୩

ବିଦେଶରେ ରହୁଥିବା ଭାରତର ନାଗରିକ(ଓସିଆଇ)ମାନଙ୍କୁ ଚକିତ କରିଦେବା ଭଳି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରିଛି। ନାଗରିକତ୍ୱ ଆଇନ, ୧୯୫୫ ଧାରା ୭ 'ବି' ଅଧୀନରେ ମାର୍ଚ୍ଚ ୪ରେ ପ୍ରକାଶିତ ଉକ୍ତ ବିଜ୍ଞପ୍ତି ଫଳରେ ଭାରତର ଦରିଆପାରି ନାଗରିକମାନେ ନିଜ ଅଧିକାର ଓ ସ୍ୱାଧୀନତାକୁ ନାଟକୀୟ ଭାବେ ହରାଇ ବସିଛନ୍ତି। କାରଣ ପ୍ରବାସୀଙ୍କ ଅଧିକାରଗୁଡ଼ିକୁ ସୁନିଶ୍ଚିତ କରୁଥିବା ପୂର୍ବର ୩ ବିଜ୍ଞପ୍ତି (୨୦୦୫ ଏପ୍ରିଲ ୧୧, ୨୦୦୭ ଜାନୁୟାରୀ ୫ ଓ ୨୦୦୯ ଜାନୁୟାରୀ ୯) ଏହାଦ୍ୱାରା ସ୍ୱତଃ ଉଚ୍ଛେଦ ହୋଇଯାଇଛି। ଓସିଆଇଙ୍କୁ ନେଇ ନୂଆ ବିଜ୍ଞପ୍ତି ସହ ଭାରତ ନିଜ ଦ୍ୱୈତ ନାଗରିକତ୍ୱ ପ୍ରୟୋଗକୁ ଶେଷ କରିଦେଇଛି। ଏଥିରେ ଓସିଆଇମାନଙ୍କୁ ଅପମାନଜନକ ଓ ବେଆଇନ ଭାବେ 'ବିଦେଶୀ ନାଗରିକ' ରୂପେ ବର୍ଗୀକରଣ କରାଯାଇଛି। ଏଥିଯୋଗୁ ଭାରତରେ ସେମାନଙ୍କ ଅଧିକାର ଓ ସ୍ୱାଧୀନତାରେ ପୂର୍ଣ୍ଣଚ୍ଛେଦ ଲାଗିଛି। ବିଦେଶରେ ରହୁଥିବା ଭାରତୀୟମାନେ ସ୍ୱଦେଶକୁ କୌଣସି ଗବେଷଣା, ମିଶନାରି, ତବଲିଘି, ସାମ୍ବାଦିକତା ପାଇଁ ଆସିବାକୁ ଚାହିଁଲେ ଅଥବା ଭାରତରେ କଟକଣା ଜାରି କରାଯାଇଥିବା କିମ୍ବା ସୁରକ୍ଷିତ/ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥିବା ସ୍ଥାନକୁ ବୁଲି ଆସିବା ପାଇଁ ହେଲେ ସେମାନଙ୍କୁ ☞ପୃଷ୍ଠା-୪

**ନୂଆ ବିଜ୍ଞପ୍ତି ଅନୁସାରେ ବିଦେଶରେ ରହୁଥିବା ଭାରତୀୟ 'ବିଦେଶୀ ନାଗରିକ'**





**ପଦ୍ମ ଧରିଲେ ମିଥୁନ**

........୨........

**ଆଜିର ସମ୍ପାଦକୀୟ**

କଥାରେ ଅଖଣ୍ଡତା

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱପ୍ନ ବିକିବାକୁ ଆସିଛନ୍ତି। ତାଙ୍କୁ ଭାରତରୁ ହଟାଇଦେବୁ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ୟୁପିର ଗାଜିଆବାଦସ୍ଥିତ ଏୟାରଫୋର୍ସ ଷ୍ଟେଶନଠାରେ ରବିବାର ଭାରତୀୟ ବାୟୁସେନାର ମହିଳା ଅଫିସରମାନେ ଗଣମାଧ୍ୟମ ସହ କଥା ହେବା ଅବସରରେ।

# ପରିବର୍ତ୍ତନର କିରଣ ସୁମନି

ଭାଗ୍ୟଶ୍ରୀ ମିଶ୍ର

ରାୟଗଡ଼ା ଅଫିସ, ୭।୩

ମହିଳାମାନେ ଏବେକା ସମୟରେ ପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ପାଠପଢ଼ାଠାରୁ ଆରମ୍ଭ କରି ଖେଳକୁଦ, ପର୍ବତାରୋହଣ, ରାଜନୀତି ଏବଂ ମହାକାଶରେ ପହଞ୍ଚି ନିଜ ପ୍ରତିଭା ଏବଂ ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି ମହିଳା। ମହିଳାଙ୍କୁ ସଶକ୍ତ କରିବା ଦିଗରେ ସରକାର ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ରୂପେ ପାଳନ କରାଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନେକ ମହିଳା ଏବେ ମଧ୍ୟ ଶିକ୍ଷା ଏବଂ ସଚେତନତାଠାରୁ ☞ପୃଷ୍ଠା-୪

**ମହିଳାଙ୍କ ପାଇଁ ପ୍ରେରଣା**



ସୁମନି ଝୋଡ଼ିଆ

# ମୁମ୍ବାଇ-ବାଙ୍ଗାଲୋର ଉଦ୍‌ଘାଟନୀ ମ୍ୟାଚ

ନୂଆଦିଲ୍ଲୀ,୭।୩(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ପାଇଁ ରବିବାର ବିଧିବଦ୍ଧଭାବେ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଲିଗ୍ ଆସନ୍ତା ଏପ୍ରିଲ ୯ରୁ ଆରମ୍ଭ ହୋଇ ମେ' ୩୦ରେ ଶେଷ ହେବ। କୌଣସି ଦଳ ଘରୋଇ ଗ୍ରାଉଣ୍ଡରେ ଖେଳିବାର ସୁଯୋଗ ପାଇବେ ନାହିଁ। କୋଭିଡ୍-୧୯ ମହାମାରୀର ପ୍ରଭାବ ସତ୍ତ୍ୱେ ମୁମ୍ବାଇରେ ଲିଗ୍ ମ୍ୟାଚ୍ ଆୟୋଜନ କରାଯିବ। ମୁମ୍ବାଇ ସମେତ ୬ଟି ସହରରେ ମ୍ୟାଚ୍ ଆୟୋଜିତ ହେବ। ଟୁର୍ନାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକ ବିନା ଦର୍ଶକରେ ମୁମ୍ବାଇରେ ହେବ। ଅନ୍ୟ ଭେନ୍ୟୁଗୁଡ଼ିକ ହେଲା ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ ଓ କୋଲକାତା। ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ ସମେତ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ଆୟୋଜନ ହେବ। ଏପ୍ରିଲ ୯ରେ ଚେନ୍ନାଇରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ☞ପୃଷ୍ଠା-୪

**ଆଇପିଏଲ୍-୧୪**

IPL 2021

- ଏପ୍ରିଲ ୯ରେ ଆରମ୍ଭ, ମେ' ୩୦ରେ ଫାଇନାଲ
- ବିନା ଦର୍ଶକରେ ୬ଟି ଭେନ୍ୟୁରେ ମ୍ୟାଚ୍


DSPL-239



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ

ବାର୍ତ୍ତା

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ଏକ ସଶକ୍ତ ସମାଜ ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପ୍ରତ୍ୟେକ ମହିଳାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ନିଜର ଦୃଢ଼ ପ୍ରତିବଦ୍ଧତା ଏବଂ ଅସାଧାରଣ ସାହସ ଦ୍ୱାରା କୋଭିଡ୍ ମହାମାରୀର ମୁକାବିଲା ଦିଗରେ କଠିନ ପରିଶ୍ରମ କରିଥିବା ଆମର ଆଗଧାଡ଼ିର କର୍ମୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଭୂମିକା ଅତୀବ ପ୍ରଶଂସନୀୟ ।

ଆମ ରାଜ୍ୟର ମହିଳାମାନଙ୍କ ସାମଗ୍ରିକ ବିକାଶ ଦିଗରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଅବଦାନ ରହିଛି । ଆମର ବିବିଧ ମହିଳା କୈନ୍ଦ୍ରିକ ଯୋଜନା, ଯେପରିକି 'ଆଦ୍ୱିକା' ପ୍ରତ୍ୟେକ କନ୍ୟା ଅଦ୍ୱିତୀୟ ବୋଲି ପ୍ରତିପାଦନ କରୁଛି । ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର, ବାଲ୍ୟବିବାହ ନିରୋଧ, ୱାନ୍ ଷ୍ଟପ୍ କେନ୍ଦ୍ର ପ୍ରତିଷ୍ଠା, ମହିଳାମାନଙ୍କ ପାଇଁ ହେଲ୍ପ ଲାଇନ୍ ଇତ୍ୟାଦି କାର୍ଯ୍ୟକ୍ରମଗୁଡ଼ିକ ମହିଳା ସଶକ୍ତିକରଣ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇଛି ।

ମୁଁ ପ୍ରତ୍ୟେକ ମହିଳାଙ୍କ ସଫଳତା, ଉନ୍ନତି ଏବଂ କୁଶଳ କାମନା କରୁଛି ।

ଟୁକୁନି ସାହୁ
(ଟୁକୁନି ସାହୁ)
ମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ଓଡ଼ିଶା

OIPR-33001/13/0006/2021

ଓଡ଼ିଶା ସରକାର

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ରାଜ୍ୟର କୋଭିଡ୍ ସଂଗ୍ରାମରେ ପୁରୁଷଙ୍କ ସହିତ ସହଭାଗୀ ହୋଇ ନିଜ ପାଇଁ ସମାଜରେ ଏକ ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ପ୍ରତ୍ୟେକ ମହିଳାଙ୍କୁ ମୋର ଅଭିନନ୍ଦନ। ଆମ ରାଜ୍ୟରେ କୋଟିଏରୁ ଅଧିକ ଆଗଧାଡ଼ିର ଯୋଦ୍ଧା ଏବଂ ମିଶନ ଶକ୍ତି ମହିଳା ମାନେ ଆମ ସଭିଙ୍କ ପାଇଁ କୋଭିଡ୍ ମହାମାରୀ ସମ୍ମୁଖରେ ପ୍ରାଚୀର ଭଳି ଠିଆ ହୋଇ ଏହାର ଦୃଢ଼ ପ୍ରତିରୋଧ ଏବଂ ସଫଳ ମୁକାବିଲା କରିଥିଲେ। ଏଭଳି ସଂକଟମୟ ସ୍ଥିତିରେ ମହିଳାମାନେ ସମସ୍ତଙ୍କୁ ଧୈର୍ଯ୍ୟର ସହିତ ଏହାର ମୁକାବିଲା କରିବା ପାଇଁ ଯେଭଳି ନେତୃତ୍ୱ ଦେଲେ, ତାହା ବାସ୍ତବିକ ପ୍ରଶଂସନୀୟ ।

ଆଜିର ମହିଳା ଆତ୍ମନିର୍ଭରଶୀଳ, ପ୍ରଗତିକାମୀ, ଉଦ୍ୟମୀ ଏବଂ ସଶକ୍ତ । ମହିଳା ମାନଙ୍କ ପାଇଁ ସରକାରୀ ସ୍ତରରେ ଗ୍ରହଣ କରାଯାଉଥିବା ସଂଖ୍ୟାଧିକ କାର୍ଯ୍ୟକ୍ରମ ଆଜି ସେମାନଙ୍କୁ ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ସଶକ୍ତ କରିଛି । ଆମ ରାଜ୍ୟ ଓଡ଼ିଶା ମହିଳାମାନଙ୍କ ପାଇଁ ପଞ୍ଚାୟତିରାଜ ଏବଂ ପୌରପାଳିକାରେ ୫୦ ପ୍ରତିଶତ ଆସନ ସଂରକ୍ଷଣ କରିବାରେ ଅଗ୍ରଣୀ ଏବଂ ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଠାରୁ ବିଧାନସଭା ପର୍ଯ୍ୟନ୍ତ ସବୁଠି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଦୃଢ଼ ଦାବୀ କରିଆସୁଛି । ଆମ 'ମିଶନ ଶକ୍ତି' କାର୍ଯ୍ୟକ୍ରମ ନାରୀ ଶକ୍ତି ଏବଂ ସଶକ୍ତିକରଣର ପ୍ରତୀକ । 'ମିଶନ ଶକ୍ତି'ରେ ସଶକ୍ତ ୮୦ ଲକ୍ଷ ମହିଳାଙ୍କ ଏହି ବାହିନୀ ଆଜି ତୃଣମୂଳ ସ୍ତରରେ ପରିଦୃଶ୍ୟ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି ।

ମୁଁ ଆଜି ଏ ଅବସରରେ ଆମ ରାଜ୍ୟର ଅଗଣିତ ମହିଳାଙ୍କର ସମାଜର ପ୍ରତିଟି କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ତଥା ଅଦମ୍ୟ ଉତ୍ସାହ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରୁଛି । ଆଗାମୀ କାଲିର ନୂଆ ଓଡ଼ିଶା ଗଢ଼ିବାରେ ସେମାନେ ଯେ ନିଶ୍ଚୟ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ଏ ଦିଗରେ ମୁଁ ନିଃସନ୍ଦେହ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/13/0006/2021 DSPL-239



ସରକାରୀ ଅଧିକାରୀ ଲୋକଙ୍କ କଥା ନ ଶୁଣିଲେ ଜନସାଧାରଣ ସେମାନଙ୍କୁ ପିଟିବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଗିରିରାଜ ସିଂ କହିଛନ୍ତି। ଏଭଳି ମନ୍ତବ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗିରିରାଜଙ୍କ କଥାରେ ସହମତ ହୋଇଥିଲେ। ବିରୋଧୀ ଆର୍‌ଜେଡି, ବହୁଜନ ସମାଜ ପାର୍ଟି (ବିଏସ୍‌ପି) କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ବିରୋଧ କରିଛନ୍ତି।



## ମେଘାନ୍‌ଙ୍କ ବିଜୟ

ମେଘାନ୍ ମର୍କେଲଙ୍କ ହାଇପ୍ରୋଫାଇଲ ପ୍ରିଭେସି ମାମଲାରେ ଆସୋସିଏଟେଡ୍ ନ୍ୟୁଜ୍‌ପେପର୍ସ ହାରିଯାଇଛି। ତେଣୁ ମେଘାନ୍‌ଙ୍କ ଆଇନଗତ ବିଜୟକୁ ସ୍ୱୀକାର କରି ପ୍ରଥମ ପୃଷ୍ଠାରେ ଏକ ବିବୃତି ଛାପିବା ପାଇଁ ହାଇକୋର୍ଟ ଜଜ୍ ମାର୍କ ୱାର୍ବି ଉକ୍ତ ଖବରକାଗଜକୁ ନିର୍ଦ୍ଦେଶ ଦେଇଛନ୍ତି। ଡଚେସ୍ ଅଫ୍ ସସେକ୍ସ ମେଘାନ୍ ବାପା ଥୋମୋସ୍ ମର୍କେଲଙ୍କୁ ୨୦୧୮ରେ ଲେଖିଥିବା ଏକ ଚିଠିର କିଛି ଅଂଶକୁ ଆସୋସିଏଟେଡ୍ ନ୍ୟୁଜ୍‌ପେପର୍ସ ପ୍ରକାଶ କରି ତାଙ୍କ ପ୍ରିଭେସି ଓ କପିରାଇଟ୍ ଉଲ୍ଲଂଘନ କରିଥିବା ଅଭିଯୋଗ ନିକଟରେ ପ୍ରମାଣିତ ହୋଇଛି। ମେଘାନ୍ ହେଉଛନ୍ତି ବ୍ରିଟେନ ମହାରାଣୀ କୁଇନ୍ ଏଲିଜାବେଥ୍ ଦ୍ୱିତୀୟଙ୍କ ନାତି ପ୍ରିନ୍ସ ହେରିଙ୍କ ସ୍ତ୍ରୀ।

## ଯୁଦ୍ଧରେ ଶାନ୍ତିର ନାୟିକା

ଆଫଗାନିସ୍ତାନକୁ ସ୍ତବ୍ଧ କରିଦେଇଛି ୩ ମହିଳା ଗଣମାଧ୍ୟମ କର୍ମୀଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣା। ତେଣୁ ତାଲିବାନ ଓ ଆମେରିକା ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିରେ ଆଫ୍‌ଗାନ ମହିଳାଙ୍କ ଅଧିକାର ସୁରକ୍ଷା ପାଇଁ ବ୍ୟବସ୍ଥା ନାହିଁ ବୋଲି ଏମ୍‌ପି ଫୱଜିଆ ଖୁଫି ଚିନ୍ତିତ। ୪୦ ବର୍ଷ ଧରି ଯୁଦ୍ଧ ପ୍ରଭାବିତ ଏହି ଦେଶରୁ ଆମେରିକୀୟ ସେନା ପ୍ରତ୍ୟାହାର ସମୟ ପାଖେଇ ଆସୁଥିବାବେଳେ ରାଜନୀତିରେ ତାଲିବାନର ପ୍ରଭାବ ପୁଣି ବଢ଼ିବା ନେଇ ସେ ଆଶଙ୍କା କରୁଛନ୍ତି। ତାଲିବାନ ବିରୋଧୀ ଭାବେ ଜଣାଶୁଣା ଫୱଜିଆ ଖୁଫି ଗତ ଅଗଷ୍ଟରେ ଦୋହାକୁ ଶାନ୍ତି ପ୍ରକ୍ରିୟାରେ ଭାଗନେବା ପାଇଁ ଯିବା ପୂର୍ବରୁ ହତ୍ୟାର ଶିକାର ହେଉ ହେଉ ବର୍ତ୍ତି ଯାଇଥିଲେ। ସରକାର ତାଙ୍କୁ ଶାନ୍ତି ଆଲୋଚନା ପାଇଁ ମଧ୍ୟସ୍ଥ ନିଯୁକ୍ତ କରିଛନ୍ତି। ଫୱଜିଆଙ୍କ ବାପା ମଧ୍ୟ ଜଣେ ଏମ୍‌ପି ଥିଲେ, ଯାହାଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ।



## ଏସବୁକୁ ଡରେନାହିଁ



ନିକଟରେ ଜଣେ ବ୍ୟକ୍ତି ସୋସିଆଲ ମିଡିଆ କମେଣ୍ଟ ବକ୍ସରେ ଶହନାଜ ଗିଲଙ୍କୁ ଏସିଡ୍ ଆକ୍ରମଣର ଧମକ ଦେଇଥିଲେ। ଏବେ ଏହା ଉପରେ ଅଭିନେତ୍ରୀଙ୍କ ପ୍ରତିକ୍ରିୟା ଆସିଯାଇଛି। 'ବଲିଉଡ୍ ହଙ୍ଗାମା'କୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ଏସବୁକୁ ମୁଁ ଡରେନାହିଁ। ଖରାପ କାମ କରୁଥିବା ବ୍ୟକ୍ତି ନିଜର ହିଁ କ୍ଷତି କରିଥାଆନ୍ତି। ବିଗ୍‌ବସ୍ ୧୩ରୁ ସାରା ଦେଶରେ ନାଁ କମାଇଥିବା ଶହନାଜଙ୍କୁ ଫ୍ୟାନ୍‌ମାନେ ପଞ୍ଜାବର କ୍ୟାଟ୍ରିନା କୈଫ୍ ଆଖ୍ୟା ଦେଇଛନ୍ତି। ଏବେ ସେ କାନାଡାରେ ଅଛନ୍ତି। ଦିଲ୍‌ଜିତ୍ ଦୋସାଞ୍ଜଙ୍କ ସହ ନିଜ ଅପ୍‌କମିଂ ପ୍ରୋଜେକ୍ଟର ଶୁଟିଂ କରୁଛନ୍ତି।

## ଲାଠି ପୂରାଇଥିଲା ପୋଲିସ



ପୋଲିସ ମୋତେ ଜୋତା ମାରିଥିଲା, ମୋ ସମ୍ବେଦନଶୀଳ ଅଙ୍ଗରେ ଲାଠି ପୂରାଇଥିଲା। ପ୍ରବଳ ରକ୍ତ ବହୁଥିଲା। ସେଠାରେ କେହି ଜଣେ ହେଲେ ଲେଡି ଅଫିସର ନ ଥିଲେ। କୃଷକ ଓ ଶ୍ରମିକମାନଙ୍କ ପାଇଁ ଲଢ଼େଇ କରୁଥିବା ୨୪ ବର୍ଷୀୟା ଦଳିତ ଅଧିକାର କର୍ମୀ ନୋଦୀପ କୌର ଏମିତି ବୟାନ କରିଛନ୍ତି ଅଙ୍ଗେ ନିଭାଇଥିବା ହାଜତ ନିର୍ଯାତନାର କଥା। ନୋଦୀପ ପୁଣି ଫେରିଛନ୍ତି ସେହି ସିଙ୍ଘୁ ସୀମାକୁ, ଯେଉଁଠୁ ପୋଲିସ ତାଙ୍କୁ ଗିରଫ କରି ୪୬ ଦିନ ହାଜତରେ ରଖିଥିଲା। ମୁଁ ଜାମିନ ପାଇବାରେ ନୁହେଁ, କୃଷକମାନଙ୍କ ଦାବି ପୂରଣ ହେଲେ ଯାଇ ପ୍ରକୃତ ବିଜୟ ମିଳିବ ବୋଲି କହିଛନ୍ତି ନୋଦୀପ।

# ପ୍ରତାରିତ କରିଛନ୍ତି ଦିଦି

**କୋଲକାତା, ୭।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ଏହା ଥିଲା ମୋଦିଙ୍କର ପ୍ରଥମ ନିର୍ବାଚନ ରାଲି। ରାଜ୍ୟବାସୀଙ୍କୁ ଦିଦି ପ୍ରତାରିତ ଓ ଅପମାନିତ କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ପଶ୍ଚିମବଙ୍ଗରେ ଅସଲ ପରିବର୍ତ୍ତନ ପାଇଁ ଭାଜପାକୁ ଭୋଟ ଦେବା ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

ମମତା ରାଜ୍ୟବାସୀଙ୍କ ଦିଦି ହେବା ବଦଳରେ ପୁତୁରାଙ୍କ ସ୍ୱାର୍ଥ ଦେଖୁଛନ୍ତି। ଟିଏମ୍‌ସିର ୧୦ ବର୍ଷର ଶାସନରେ ଲୋକତନ୍ତ୍ର ଲୁଟ୍‌ତନ୍ତ୍ରରେ ପରିବର୍ତ୍ତନ ହୋଇଛି। ମା' ମାଟି, ମାନୁଷ୍‌ର କଥା କହି କ୍ଷମତାକୁ ଆସିଥିବା ମମତା ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛନ୍ତି କି ବୋଲି ମୋଦି ପ୍ରଶ୍ନ କରିଥିଲେ। ମମତା ରାଜ୍ୟରେ ଯେଉଁ ପଙ୍କ ସୃଷ୍ଟି କରିଛନ୍ତି, ସେଥିରେ ପଦ୍ମ ଫୁଟିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପଶ୍ଚିମବଙ୍ଗବାସୀ ବିକାଶ, ଶାନ୍ତି ଓ ସୋନାର ବାଙ୍ଗ୍‌ଲା ଚାହାନ୍ତି। ଅସଲ ପରିବର୍ତ୍ତନ ଭାଜପା ଆଣିବ। ସମସ୍ତଙ୍କ ବିକାଶ ହେବା ସହ ପ୍ରିୟାପ୍ରୀତି ତୋଷଣ ବନ୍ଦ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଭାଜପାକୁ 'ଆଉଟ୍‌ସାଇଡର' କହିବା ପୂର୍ବରୁ ମମତା ନିଜକୁ ସଂଶୋଧିତ କରିନେବା ଉଚିତ। ଭାଜପା ଦେଶର ଏକମାତ୍ର ଦଳ ଯାହା ବଙ୍ଗାଳୀ ସଂସ୍କୃତି ଓ ଭାବନାକୁ ଏହାର ହୃଦୟରେ ରଖି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କଂଗ୍ରେସରୁ ଅଲଗା ହୋଇ ତୃଣମୂଳ କଂଗ୍ରେସ ସୃଷ୍ଟି ହୋଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।

କିଛି ସମୟ ପୂର୍ବରୁ ଭାଜପାରେ ଯୋଗଦେଇଥିବା ଲୋକପ୍ରିୟ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ରାଲିରେ ଉପସ୍ଥିତ ଥିଲେ। ମିଥୁନ୍ ନିର୍ବାଚନ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ସେ ଭାଜପା ପାଇଁ ହିନ୍ଦୀ ଓ ବଙ୍ଗଳା ଭାଷାରେ ପ୍ରଚାର କରିବେ ବୋଲି ପଶ୍ଚିମବଙ୍ଗରେ ଭାଜପା ପ୍ରଭାରୀ କୈଳାସ ବିଜୟଭର୍ଗୀୟ କହିଛନ୍ତି। ପ୍ରଧାନମନ୍ତ୍ରୀ ପହଞ୍ଚିବାର ବହୁ ପୂର୍ବରୁ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ ଲୋକାରଣ୍ୟ ହୋଇଯାଇଥିଲା।

**କୋଲକାତା ରାଲିରେ ପରିବର୍ତ୍ତନର ଆହ୍ୱାନ**



## ମୋଦିଙ୍କୁ ଭାରତରୁ ହଟାଇବୁ

**ସିଲିଗୁଡ଼ି, ୭।୩**

ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର ଶିଲିଗୁଡ଼ିଠାରେ ପଦଯାତ୍ରା କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। ଆମେ ଲଢ଼ିବୁ, ଜିତିବୁ। ମୋଦିଙ୍କୁ ଭାରତରୁ ହଟାଇବୁ। ଯିଏ ଆମକୁ ମୁକାବିଲା କରିବ ସେ ଚୂନା ହୋଇଯିବ ବୋଲି ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା କହିଥିଲେ। ହଜାର ହଜାର ସମର୍ଥକଙ୍କ ଗହଣରେ ମମତା ଦାର୍ଜିଲିଂରୁ ପଦଯାତ୍ରାରେ ବାହାରିଥିବାବେଳେ ତାଙ୍କ ସହ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, ଟିଏମ୍‌ସି ଏମ୍‌ପି ମିମି ଚକ୍ରବର୍ତ୍ତୀ ଓ ନୁସ୍ରତ ଜାହାଁ ଯୋଗଦେଇଥିଲେ। ଦେଶରେ ତେଲ ଦର ଆକାଶଛୁଆଁ ହେଲାଣି। ମୋଦି ଏଠାକୁ ସ୍ୱପ୍ନ ବିକିବାକୁ ଆସିଛନ୍ତି ବୋଲି ମମତା କହିଥିଲେ।



## ସଂକ୍ଷେପରେ

### ହିନ୍ଦୁ ପରିବାରର ୫ ଜଣଙ୍କୁ ହତ୍ୟା

**ଇସଲାମାବାଦ୍, ୭।୩:** ପାକିସ୍ତାନରେ ଏକ ହିନ୍ଦୁ ପରିବାରର ୫ ସଦସ୍ୟଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ମୃତକଙ୍କ ତଣ୍ଟିକୁ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିବା ଜଣାଯାଇଛି। ରହିମ ୟାର ଖାନ୍ ସହରରୁ ୧୫ କିମି ଦୂର ଆବୁ ଧାବି କଲୋନୀରେ ଥିବା ଉକ୍ତ ଘରୁ ପୋଲିସ ଟାଙ୍ଗିଆ, ଛୁରି ଆଦି ଜବତ କରିଛି। ମୃତକଙ୍କ ମଧ୍ୟରୁ ଜଣେ ହେଲେ ରାମ ଚାନ୍ଦ (୩୫) ଓ ତାଙ୍କର ଏକ ପୋଷାକ ସିଲେଇ ଦୋକାନ ରହିଥିଲା ବୋଲି ସ୍ଥାନୀୟ ସାମାଜିକ କର୍ମୀ ବିରବଲ ଦାସ ସୂଚନା ଦେଇଛନ୍ତି।

### ଦିଲ୍ଲୀ ସୀମାରେ ଚାଷୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୭।୩:** କେନ୍ଦ୍ରର ୩ କୃଷି ଆଇନ ବିରୋଧରେ ଦିଲ୍ଲୀରେ କୃଷକ ଆନ୍ଦୋଳନ ଚାଲିଥିବାବେଳେ ରବିବାର ଜଣେ ଚାଷୀ ଟିକ୍ରି-ବାହାଦୁରଗଡ ସୀମାରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ହରିୟାଣା ହିସାର ଜିଲାର ରାଜବୀର(୫୫)। ଆନ୍ଦୋଳନସ୍ଥଳ ନିକଟରେ ଥିବା ଏକ ଗଛରେ ରଶି ଲଗାଇ ଝୁଲି ପଡ଼ିଥିଲେ ବୋଲି ପୋଲିସ କହିଛି। ରାଜବୀର ଦୀର୍ଘ ଦିନରୁ କୃଷକ ଆନ୍ଦୋଳନରେ ସାମିଲ ଥିଲେ। ଶହେରୁ ଅଧିକ ଦିନ ହେବ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶର ଶତାଧିକ ଚାଷୀ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି।

### ତାମିଲନାଡୁ: ୨୫ ଆସନରେ ଲଢ଼ିବ କଂଗ୍ରେସ

**ଚେନ୍ନାଇ, ୭।୩:** ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି ଡିଏମ୍‌କେ ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଡିଏମ୍‌କେ ସହଯୋଗୀ ଦଳ କଂଗ୍ରେସକୁ ୨୫ ଆସନ ଛାଡ଼ିଦେଇଛି। ଏଥିସହିତ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା କନ୍ୟାକୁମାରୀ ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଦେବ। ସେଠାରେ କଂଗ୍ରେସ ଏମ୍‌ପି ବସନ୍ତକୁମାରଙ୍କ ପରଲୋକ ପରେ ଆସନ ଖାଲିପଡ଼ିଥିଲା। କଂଗ୍ରେସ ଏବଂ ଡିଏମ୍‌କେ ଏକାଠି କାମ କରିବେ ଏବଂ ନିର୍ବାଚନରେ ବଡ଼ ବିଜୟ ହେବ ବୋଲି ତାମିଲନାଡୁ କଂଗ୍ରେସ ପ୍ରଭାରୀ ଦିନେଶ ଗୁଣ୍ଡୁ ରାଓ କହିଛନ୍ତି। ଡିଏମ୍‌କେ ୧୮୦ ଆସନରେ ଲଢ଼ିବ। ସୂଚନାଯୋଗ୍ୟ, ୨୦୧୬ ନିର୍ବାଚନରେ କଂଗ୍ରେସ ୪୧ ଆସନରେ ଲଢ଼ି ମାତ୍ର ୮ଟିରେ ବିଜୟୀ ହୋଇଥିଲା।

## ୨୮ରେ ଜିସାଟ୍-୧ ଉତ୍କ୍ଷେପଣ

**ବେଙ୍ଗାଲୁରୁ, ୭।୩ (ପି.ଟି.)**

ଭୂ-ପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଜିସାଟ୍-୧କୁ ଆସନ୍ତା ୨୮ ତାରିଖରେ ମହାକାଶକୁ ଛଡାଯିବ। ଏହା ଭାରତ ପାଇଁ ଗେମ୍ ଚେଞ୍ଜର ହେବ। ଉକ୍ତ ସାଟେଲାଇଟ୍ ସୀମାନ୍ତ ଅଞ୍ଚଳ ଉପରେ ନଜର ରଖିବା ସହ ରିଅଲ୍-ଟାଇମ୍ ଇମେଜ ପଠାଇବ। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ତୁରନ୍ତ ତଥ୍ୟ ଯୋଗାଇବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଜିଏସ୍‌ଏଲ୍‌ଭି-ଏଫ୍୧୦ ରକେଟ ସହାୟତାରେ ଉକ୍ତ ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ ବୋଲି ଇସ୍ରୋ କହିଛି।

## 'କୃଷି ଆଇନରେ ସଂଶୋଧନ ପାଇଁ ପ୍ରସ୍ତୁତ'

**ନୂଆଦିଲ୍ଲୀ, ୭।୩**

ଆନ୍ଦୋଳନରତ ଚାଷୀମାନଙ୍କ ଭାବାବେଗକୁ ସମ୍ମାନ ଦେଇ ୩ ନୂଆ କୃଷି ଆଇନରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ଥିବା କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ରବିବାର କହିଛନ୍ତି। ତେବେ କୃଷି ଅର୍ଥନୀତିର ବିକାଶ ବଦଳରେ ବିରୋଧୀ ଦଳଗୁଡ଼ିକ କୃଷି ଆଇନକୁ ନେଇ ରାଜନୀତି କରିବା ସହ ଚାଷୀମାନଙ୍କ କ୍ଷତି ଘଟାଉଥିବାରୁ ତୋମାର ଏହାର କଡ଼ା ସମାଲୋଚନା କରିଥିଲେ। ଏଗ୍ରିଭିଜନ୍‌ର ୫ମ ଜାତୀୟ ସମ୍ମିଳନୀରେ ତୋମାର କହିଥିଲେ, ସରକାର ଆଇନରେ ସଂଶୋଧନ ଲାଗି ପ୍ରସ୍ତାବ ଦେଇଥିଲେ।

# ପଦ୍ମ ଧରିଲେ ମିଥୁନ

**କୋଲକାତା, ୭।୩**

ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଫିଲ୍ମ ଷ୍ଟାର ମିଥୁନ ଚକ୍ରବର୍ତ୍ତୀ ରବିବାର ଭାଜପାରେ ଯୋଗ ଦେଇଛନ୍ତି। କୋଲକାତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନୀ ରାଲି ପୂର୍ବରୁ ମିଥୁନ ଦଳରେ ମିଶିଥିବାବେଳେ ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ, ପଶ୍ଚିମବଙ୍ଗ ରାଜ୍ୟ ସଭାପତି ଦିଲୀପ ଘୋଷ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଟିଏମ୍‌ସିରୁ ପୂର୍ବରୁ ରାଜ୍ୟ ସଭା ସଦସ୍ୟ ଥିବା ମିଥୁନ କହିଥିଲେ, ଭାଜପା ତାଙ୍କ ଆକାଂକ୍ଷା ପୂରଣ କରିବାକୁ ଏକ ପ୍ଲାଟଫର୍ମ ଦେଇଛି। 'ମୁଁ ଏକ କୋବ୍ରା, ଥରେ କାମୁଡ଼ିଲେ ଲୋକଙ୍କ ଜୀବନ ନେଇଯିବି' ବୋଲି ଏକ ଫିଲ୍ମର ଡାଏଲଗ ମାରିଥିଲେ ମିଥୁନ। ବଲିଉଡ୍‌ର ସଫଳ ଅଭିନେତା ଭାବେ ପରିଚିତ ମିଥୁନ ଦା ପ୍ରଥମେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ୨୦୧୪ରେ ସେ ଟିଏମ୍‌ସିରୁ ରାଜ୍ୟ ସଭାକୁ ଯାଇଥିଲେ।




## ୟେମେନ ସଂଘର୍ଷରେ ଶହେ ମୃତ

**ସାନା, ୭।୩**

ୟେମେନ ସେନା ଏବଂ ହୁତି ଗ୍ରୁପ୍ ମଧ୍ୟରେ ସଂଘର୍ଷ ଘଟି ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ଶହେ ଜଣଙ୍କ ମୃତ୍ୟୁ ଘଟିଛି। ଦେଶର ଦକ୍ଷିଣ-ପଶ୍ଚିମ ପ୍ରାନ୍ତ ତାଇଜ୍ ସହ ମାରିବ୍‌ର ବିଭିନ୍ନ ସ୍ଥାନରେ ଶନିବାର ସଂଘର୍ଷ ହୋଇଥିଲା। ହୁତିମାନେ ମାରିବ୍ ଏବଂ ତାଇଜରେ ସରକାରଙ୍କ ନିୟନ୍ତ୍ରଣାଧୀନ ଅଞ୍ଚଳରେ ନିଜର ସାମରିକ କାର୍ଯ୍ୟକଳାପ ବୃଦ୍ଧି କରୁଥିଲେ ବୋଲି ସେନା କହିଛି। ଏହାକୁ ବନ୍ଦ କରାଯିବାକୁ ୟେମେନ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଯୋଗୁ ୬୦ ହୁତି ସଦସ୍ୟ ଏବଂ ୩୬ ସୈନ୍ୟ ନିହତ ହୋଇଛନ୍ତି। ୟେମେନ ସରକାରଙ୍କ ସହ ମେଣ୍ଟ କରିଥିବା ସାଉଦି ଆରବର ଯୁଦ୍ଧବିମାନ ଯୋଗେ ମାରିବ୍‌ର ବିଭିନ୍ନ ସାଇଟ୍‌ରେ ହୁତି ଗ୍ରୁପ୍ ଉପରେ ପ୍ରାୟ ୨୬ ସ୍ଥାନରେ ଏୟାର ଷ୍ଟ୍ରାଇକ କରାଯାଇଛି। ୨୦୧୪ରୁ ୟେମେନରେ ଗୃହଯୁଦ୍ଧ ଚାଲିଥିବାବେଳେ ହୁତିମାନେ ଦେଶର ବିଭିନ୍ନ ଅଞ୍ଚଳକୁ ଦଖଲ କରିଛନ୍ତି। ସେମାନଙ୍କ କାର୍ଯ୍ୟକଳାପ ଉପରେ ରୋକ ଲଗାଯିବାକୁ ସେନା ପକ୍ଷରୁ ପଦକ୍ଷେପ ନିଆଯାଉଛି।



## ଆଜିଠୁ ୨ୟ ପର୍ଯ୍ୟାୟ ବଜେଟ ଅଧିବେଶନ



**ନୂଆଦିଲ୍ଲୀ, ୭।୩ (ପି.ଟି.)**

୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବାବେଳେ ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହେଉଛି। ଏହି ପର୍ଯ୍ୟାୟରେ ଅର୍ଥ ବିଲ୍ ସମେତ ୨୦୨୧-୨୨ ବର୍ଷ ଲାଗି ବିଭିନ୍ନ ଅନୁଦାନ ଦାବିକୁ ଗୃହୀତ କରାଇବା ଉପରେ ସରକାରଙ୍କ ମୁଖ୍ୟ ଫୋକସ୍ ରହିବ। ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପର୍ଯ୍ୟାୟରେ ବିଭିନ୍ନ ବିଲ୍‌କୁ ଗୃହୀତ କରାଇବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେବେ। ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ବିଭିନ୍ନ ଦଳର ବରିଷ୍ଠ ନେତାମାନେ ଅଧିବେଶନରେ ଯୋଗଦେଇ ନ ପାରନ୍ତି। ଏହା ସତ୍ତ୍ୱେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ରବିବାର ଦଳର ରଣନୀତି କମିଟି ବୈଠକ ବସି ଗୃହରେ ଉଠାଇବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି।

# ରିଲିଫ୍ କ୍ୟାମ୍ପ୍ ଛାଡ଼ିଲେ ରୋହିଙ୍ଗ୍ୟା

**ଶ୍ରୀନଗର, ୭।୩**

**ଅଟକ ଭୟ**

ଅଟକ ଭୟରେ ଜମ୍ମୁ ରିଲିଫ୍ କ୍ୟାମ୍ପ୍‌ରୁ ଶତାଧିକ ରୋହିଙ୍ଗ୍ୟା ଶରଣାର୍ଥୀ ରବିବାର ଖସି ପଳାଇଯାଇଛନ୍ତି। ସେମାନେ ପ୍ରାୟ ୧୦ ବର୍ଷ ହେଲା ରିଲିଫ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଥିଲେ। ଜମ୍ମୁ-କଶ୍ମୀର ସରକାର ଶନିବାର ସେମାନଙ୍କ ମଧ୍ୟରୁ ୧୬୦ ଜଣଙ୍କୁ ଅଟକ ରଖିବା ପରେ ଅନ୍ୟମାନେ କ୍ୟାମ୍ପ୍ ଛାଡ଼ି ପଳାଇଥିବା ଜଣାପଡ଼ିଛି।

ଜମ୍ମୁ-କଶ୍ମୀର ପ୍ରଶାସନ ଶନିବାର କେତେଜଣ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଡାକି ସେମାନଙ୍କୁ କଠୁଆ ଜିଲା ହୀରାନଗର ସବ୍‌ଜେଲ୍‌ରେ ନିର୍ମାଣ ହୋଇଥିବା ହୋଲ୍ଡିଂ ସେଣ୍ଟରରେ ରଖିଥିଲେ। ବିଦେଶୀ ଆଇନ ଅଧୀନରେ ଏହି ହୋଲ୍ଡିଂ ସେଣ୍ଟର ନିର୍ମାଣ କରାଯାଇଛି। ରୋହିଙ୍ଗ୍ୟାମାନଙ୍କ ପାଖରେ ବୈଧ ପାସ୍‌ପୋର୍ଟ ନ ଥିବାରୁ ସେମାନଙ୍କୁ ଉକ୍ତ ସେଣ୍ଟରକୁ ପଠାଯାଇଥିଲା। ଫଳରେ ଅନ୍ୟ ରୋହିଙ୍ଗ୍ୟା ଶରଣାର୍ଥୀମାନେ ଭୟରେ ପଳାଇଯାଇଛନ୍ତି। ସେମାନେ କୁଆଡ଼େ ଯିବେ ଜାଣିନାହାନ୍ତି। ନିଜ ଦେଶକୁ ଯାଇପାରିବେ ନାହିଁ ବୋଲି ଅବ୍‌ଦୁଲ ହୋହିମ୍ ନାମକ ଶରଣାର୍ଥୀ କହିଛନ୍ତି। ସେ ୨୦୧୪ରୁ ଜମ୍ମୁ ରିଲିଫ୍ କ୍ୟାମ୍ପ୍‌ରେ ରହୁଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୭୨,୨୧,୫୩୯ | ୨୬,୦୨,୦୨୮ | ୯,୨୭,୬୩,୨୦୨ |
| ଭାରତ | ୧,୧୨,୨୮,୨୮୮ | ୧,୫୭,୮୭୫ | ୧,୦୮,୮୦,୦୫୯ |
| ଓଡ଼ିଶା | ୩,୩୭,୭୪୪ | ୧୯୧୭(+୫୩) | ୩,୩୫,୦୮୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପୋଲିସ ଅପାରଗତାରୁ ଗୋଷ୍ଠୀ ସଂଘର୍ଷ

- ୧୯ କୋର୍ଟଚାଲାଣ, ୩୦୦ ଜଣଙ୍କ ନାଁରେ ମାମଲା
- ରାଜନୈତିକ ପତିଆରା ପ୍ରମୁଖ କାରଣ
- ଗ୍ରାମ ପୁରୁଷଶୂନ୍ୟ, ସମୀକ୍ଷା କଲେ ଡିଆଇଜି



ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ପରେ ରବିବାର ପଣସୁଧା ଗାଁ ଶୂନଶାନ।

**ଚଣ୍ଡିଖୋଲ,୭।୩(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମରେ ଶନିବାର ସନ୍ଧ୍ୟାରେ ସଂଗଠିତ ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡ଼ି ପୋଡ଼ି ଘଟଣାରେ ରବିବାର ୧୯ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଥାନାରେ ୩୦୦ଜଣଙ୍କ ନାମରେ ପୃଥକ୍ ଭାବେ ୨ ମାମଲା ରୁଜୁ କରାଯାଇଛି। ବିଜେଡିର ଦୁଇ ଗୋଷ୍ଠୀ ନିଜ ରାଜନୈତିକ ପତିଆରା ଦେଖାଇବା ପାଇଁ ଏହି ଗଣ୍ଡଗୋଳ ସୃଷ୍ଟି କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ରବିବାର ପୂର୍ବାହ୍ନରେ ପୋଲିସ ଡିଆଇଜି ଜୟନାରାୟଣ ପଙ୍କଜ ଓ ଯାଜପୁର ଏସ୍‌ପି ରାହୁଲ ପି.ଆର. ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବଡ଼ଚଣା ବ୍ଲକ ବିକ୍ରମତିରଣ ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନାମୟୀ ନାୟକଙ୍କ ଭାଇ ଅନନ୍ତ ନାରାୟଣ ଧଳ ଓ ଭରତପୁର ସରପଞ୍ଚ ସରସ୍ୱତୀ ବେହେରାଙ୍କ ସ୍ୱାମୀ ତଥା ଶିକ୍ଷକ ବସନ୍ତରାଜ ସାମଲ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ଗଣମାଧ୍ୟମକୁ ସୂଚନା ଦେଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୋଲିସ ଚାହିଁଥିଲେ ଘଟଣାକୁ ଏଡ଼ାଇ ପାରିଥାଆନ୍ତା। ପୋଲିସର ଅପାରଗତା ପାଇଁ ଏପରି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଭରତପୁର ପଞ୍ଚାୟତ ପଣସୁଧା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ୭ ଦିନ ହେବ ଉତ୍ତେଜନା ଲାଗି ରହିଥିଲା। ଏନେଇ ବାଲିଚନ୍ଦ୍ରପୁର ଥାନାରେ ଘଟଣାଦିନ ସକାଳେ ସାମଲଙ୍କ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ତାହାକୁ ହାଲୁକା ଭାବେ ଗ୍ରହଣ କରି ଠୋସ୍ ପଦକ୍ଷେପ ଗ୍ରହଣ କରି ନ ଥିଲା। ଫଳରେ ସେହିଦିନ ରାତିରେ ଗୋଷ୍ଠୀ ସଂଘର୍ଷ ବ୍ୟାପକ ହେଲା ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଏକ ଫୋନ୍ କଲ୍‌କୁ ନେଇ ଦୁଇ ଗୋଷ୍ଠୀ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳଟି ଡେରାବିଶ ଥାନା ଅଞ୍ଚଳ ହୋଇଥିବାରୁ ଡେରାବିଶ ପୋଲିସ ଓ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଏହାପରେ ସନ୍ଧ୍ୟା ସମୟରେ ପଣସୁଧାରେ ମାତ୍ର ୨ ସେକ୍ସନ ଫୋର୍ସ ଦୁଇ ଗାଡ଼ିରେ ଯାଇ ଗ୍ରାମରେ ମୁତୟନ ହୋଇଥିଲେ। ଏହି ସମୟରେ ଗୋଟିଏ ଗୋଷ୍ଠୀର ୫୦ରୁ ୬୦ ଜଣ ବାଇକରେ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାକୁ ମୁତୟନ ପୋଲିସ ଫୋର୍ସ ବାରଣ କରି ନ ଥିଲା। ଅନେକ ବିକଳ୍ପ ରହିଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ଅନ୍ୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ସ୍ଥାନୀୟ ବ୍ୟବସାୟୀ ଓ ପ୍ରତ୍ୟକ୍ଷଦର୍ଶୀମାନେ ମଧ୍ୟ ଏହାକୁ ସ୍ୱିକାର କରିଛନ୍ତି। ଏହି ଶୋଭାଯାତ୍ରାକାରୀମାନେ ପୋଲିସ ଉପସ୍ଥିତିରେ ଅନ୍ୟଗୋଷ୍ଠୀର ଜଣେ ଲୋକକୁ ନିଘୁଚ ମାଡ଼ ମାରିଥିଲେ। ଏହା ପରେ ସେମାନେ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ। ପୋଲିସ ଉପସ୍ଥିତିରେ ମାଡ଼ ମରାଯାଇଥିବାରୁ ଅନ୍ୟ ଗୋଷ୍ଠୀର ସମର୍ଥକମାନେ ଉତ୍ତ୍ୟକ୍ତ ହୋଇ ପୋଲିସ ଉପରକୁ ଟେକା ପଥର ମାଡ କରିବା ସହ ୨ ପୋଲିସ ଭ୍ୟାନକୁ ଜାଳି ଦେଇଥିଲେ। ତେବେ ପୋଲିସ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଏସ୍‌ଆଇ ମନୋଜ ପଣ୍ଡା କହିଛନ୍ତି, ସେମାନେ ମାରଣାସ୍ତ୍ର ସହିତ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆସିଥିଲେ, ଯାହା ତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଶନିବାର ଘଟଣାକୁ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ରେଖା ସେଠୀଙ୍କ ଅଭିଯୋଗକ୍ରମେ ୭୩/୨୧ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଏସ୍‌ଆଇ ମନୋଜ ପଣ୍ଡାଙ୍କ ଏତଲା କ୍ରମେ ୭୪/୨୧ନମ୍ବରରେ ଅନ୍ୟ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗିରଫଦାରି ଭୟରେ ସମ୍ପୂର୍ଣ୍ଣ ଗାଁ ପୁରୁଷଶୂନ୍ୟ ହୋଇଯାଇଥିବାବେଳେ ଗ୍ରାମରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଭରତପୁର ସରପଞ୍ଚ ସରସ୍ୱତୀ ବେହେରା କୁହନ୍ତି, ଅନନ୍ତ ନାରାୟଣ ଧଳଙ୍କ ବିକ୍ରମତିରଣ ପଞ୍ଚାୟତ ହୋଇଥିବା ବେଳେ ସେ ବାରମ୍ବାର ଭରତପୁର ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ପୂର୍ବରୁ ସେ ଜାତୀୟ ରାଜପଥକୁ ଗୋଟିଏ ଦିନ ଅବରୋଧ କରିବା ସହିତ ୭ ଦିନ ପାଇଁ ବାଲିଚନ୍ଦ୍ରପୁରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଜୋର ଜବରଦସ୍ତ ତାଲା ପକାଇ ଅଚଳ କରିଥିଲେ। ପ୍ରତ୍ୟେକ ସ୍ଥାନରେ ନିଜର ବାହୁବଳ ଦେଖାଇ ଆଇନକୁ ହାତକୁ ନେଉଛନ୍ତି। ସେହିଭଳି ବିକ୍ରମତିରଣ ସରପଞ୍ଚ ଜ୍ୟୋସ୍ନାମୟୀ ନାୟକ କୁହନ୍ତି, ଭରତପୁର ସରପଞ୍ଚଙ୍କ ସ୍ୱାମୀ ଜଣେ ଶିକ୍ଷକ ହୋଇଥିବାବେଳେ ସେ ବିଭିନ୍ନ ସମୟରେ ଗୁଣ୍ଡାରାଜ କରି କ୍ଷମତା ଜାହିର କରିବାକୁ ଚେଷ୍ଟା କରୁଛନ୍ତି। ଯାଜପୁର ଏସ୍‌ପି ରାହୁଲ ପି.ଆର. କହିଛନ୍ତି, ଗଣ୍ଡଗୋଳ ଘଟଣାରେ ଦୁଇ ଗୋଷ୍ଠୀର ଶତାଧିକ ଲୋକ ସମ୍ପୃକ୍ତ ରହିଛନ୍ତି। ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବାବେଳେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଓକିଲ ସଂଘ ନିର୍ବାଚନ: ଆଜିଠୁ ପ୍ରାର୍ଥୀପତ୍ର ଦାଖଲ

**ଭୁବନେଶ୍ୱର,୭।୩(ବ୍ୟୁରୋ):** ଆସନ୍ତା ୨୭ ତାରିଖରୁ ରାଜ୍ୟର ବିଭିନ୍ନ ବାର୍ କାଉନ୍‌ସିଲ୍ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର, ମଙ୍ଗଳବାର ଓ ବୁଧବାର ୩ ଦିନ ଧରି ପ୍ରାର୍ଥୀପତ୍ର ଦାଖଲ ହେବ। ଏଥିଲାଗି କୋର୍ଟ ପରିସର ଚଳଚଞ୍ଚଳ ରହୁଥିବାବେଳେ ଆଶାୟୀ ଓ ସମର୍ଥକଙ୍କ ମଧ୍ୟରେ ନୂଆ ଉତ୍ସାହ ଦେଖିବାକୁ ମିଳୁଛି। ଭୁବନେଶ୍ୱର ଓକିଲ ସଂଘ ସଭାପତି ପଦ ପାଇଁ ୫ଜଣ ଓ ସମ୍ପାଦକ ପାଇଁ ୪ଜଣ ଆଶାୟୀ ରହିଛନ୍ତି। ସେହିପରି ଉପସଭାପତି, ଯୁଗ୍ମ ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ ୬ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ପାଇଁ ନିର୍ବାଚନ ହେବ।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପରିବର୍ତ୍ତନର କିରଣ...

ଦୂରରେ ରହିଛନ୍ତି। କିନ୍ତୁ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ସମାଜ ପାଇଁ କିଛି କରିବାର ଚିନ୍ତାଧାରା ଯୋଗୁ ସବୁ ବାଧାବିଘ୍ନକୁ ଅତିକ୍ରମ କରି କେତେଜଣ ମହିଳା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଭଳି ଜଣେ ପ୍ରେରଣାଦାୟୀ ମହିଳା ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୁରିଗାଁ ପଞ୍ଚାୟତ ଶିରିଗୁଡ଼ା ଗାଁର ସୁମନି ଝୋଡ଼ିଆ(୬୫)। ଶିକ୍ଷା ଏବଂ ବିକାଶଠାରୁ ବହୁ ଦୂରରେ ଥିବା ଝୋଡ଼ିଆ ସମ୍ପ୍ରଦାୟରୁ ଆସିଥିବା ସୁମନି ଅଞ୍ଚଳରେ ପରିବର୍ତ୍ତନର କିରଣ ପାଲଟିଛନ୍ତି। ମଦ ଆଦିବାସୀଙ୍କ ବିକାଶରେ ମୁଖ୍ୟ ବାଧକ ସାଜିଥିଲା। ମହିଳାମାନେ ନିର୍ଯାତନାର ଶିକାର ହେଉଥିଲେ। ଏହାଦେଖି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରୁ ହିଁ ସୁମନି ପରିବର୍ତ୍ତନର ସ୍ୱର ପାଲଟିଥିଲେ। ସମାଜର ଉନ୍ନତି ଏବଂ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ସେ ଆଗକୁ ଆସିଥିଲେ। ତାଙ୍କର କିଛି ସହଯୋଗୀଙ୍କୁ ନେଇ ଆରମ୍ଭ କରିଥିଲେ ମଦ ବିରୋଧୀ ଅଭିଯାନ। ବିଜୁବାବୁଙ୍କ ପ୍ରେରଣା ଏବଂ ସହଯୋଗରେ ଏହି ମହିଳାମାନେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବା ସହ ଅନେକ ମଦଭାଟି ନଷ୍ଟ କରିଥିବା ସୁମନି କୁହନ୍ତି। ଧୀରେ ଧୀରେ ପ୍ରାୟ ୮ ଖଣ୍ଡ ଗାଁର ମହିଳା ସୁମନିଙ୍କ ସହ ମିଶି ତାଙ୍କ ସାହସ ବଢ଼ାଇଥିଲେ। ମଦ ବନ୍ଦ ପାଇଁ ଧାରଣା ଦେଇ ଅଞ୍ଚଳରୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସଫଳ ହୋଇଥିଲେ। କେବଳ ଏତିକି ନୁହେଁ, ଆଦିବାସୀ ଅଞ୍ଚଳରେ ଝିଅମାନଙ୍କୁ ପାଠ ପଢ଼ାଇବା, ଗର୍ଭବତୀଙ୍କୁ ଡାକ୍ତରଖାନା ନେବା, ଶିଶୁଙ୍କୁ ଟିକା ଦେବା ନିମନ୍ତେ ଗ୍ରାମାଞ୍ଚଳରେ ସଚେତନ କରିବା ଦିଗରେ ସୁମନି ନେତୃତ୍ୱ ନେଇଥିଲେ। ବ୍ଲକ୍‌ର ଡଙ୍ଗାସିଲ, ମାଣ୍ଡିମିଶି, ସୁଙ୍ଗେର, ଟିକିରି ଆଦି ଗ୍ରାମରେ ତାଙ୍କ ସଚେତନତାର ପ୍ରଭାବ ଦେଖିବାକୁ ମିଳିଥିଲା। ସେ ସମୟରେ ୧୧ ଜିଲାର ୪୫୦ ମହିଳା କଳାହାଣ୍ଡି ଜିଲାର ବିଶ୍ୱନାଥପୁରଠାରେ ଏକ ବୈଠକ କରି ନିଜ ଅଞ୍ଚଳରେ ମଦ ବନ୍ଦ ପାଇଁ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଏହାପରେ ବିଜୁବାବୁ ମହିଳାମାନଙ୍କୁ ଡକାଇ ପୋଲିସର କ୍ଷମତା ଦେଇଥିଲେ। ୧୯୯୫ରେ ସୁମନି ଆଦିବାସୀ ଉନ୍ନୟନ ସମିତିର ଉପଦେଷ୍ଟା ରହିବା ସହ ମଦ ବିରୋଧୀ ଅଭିଯାନରେ ସାମିଲ ହେବା ସହ ଏସ୍‌ଏଚ୍‌ଜି ମଧ୍ୟ ଗଠନ କରିଥିଲେ। ମଦ ବନ୍ଦ ନିମନ୍ତେ ସୁମନିଙ୍କୁ ସେତେବେଳେ ବିଜୁବାବୁ ଏସ୍‌ପିଙ୍କ କ୍ଷମତା ମଧ୍ୟ ଦେଇଥିବା ଜଣାଯାଏ। ଜିଲାରେ ଯେ କୌଣସି ସ୍ଥାନରେ ଚାଲିଥିବା ମଦ କାରବାର ସୁମନିଙ୍କ ନିର୍ଦ୍ଦେଶରେ ବନ୍ଦ ହେଉଥିଲା। ଏଭଳି ମହତ କର୍ଯ୍ୟ ପାଇଁ ସୁମନି ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ମାନିତ ଏବଂ ପୁରସ୍କୃତ ହୋଇଛନ୍ତି। ବୟସାଧିକ କାରଣରୁ ପୂର୍ବଭଳି ସେ ସକ୍ରିୟଭାବେ ମଦ ବିରୋଧୀ କାର୍ଯ୍ୟରେ ସାମିଲ ହୋଇପାରୁ ନ ଥିଲେ ମଧ୍ୟ ଜଙ୍ଗଲ ଜମି ସୁରକ୍ଷା ଏବଂ ସରକାରୀ ଯୋଜନା ଅଞ୍ଚଳର ଲୋକଙ୍କ ନିକଟରେ କିପରି ପହଞ୍ଚିବ ସେ ଦିଗରେ ରାଜନୈତିକ ଦଳ ସହ ଯୋଗାଯୋଗ ରଖି କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ଅଞ୍ଚଳରେ ପୁଣି ବେଆଇନ ମଦ କାରବାର ବଢୁଥିବାରୁ ମହିଳା ଏବଂ ଯୁବତୀମାନେ ଆଗକୁ ଆସି ମଦ ବନ୍ଦ କରିବାର ଆବଶ୍ୟକତା ରହିଛି ବୋଲି ସୁମନି କହିଛନ୍ତି।

## ଶିମିଳିପାଳ ଏବେ ...

ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

ସବୁଜ ସୁନ୍ଦର ଶିମିଳିପାଳ ଏବେ ଲାଲ୍‌ପିଣ୍ଡରେ ପରିଣତ ହୋଇଛି। ୨୭୫୦ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଭୟାରଣ୍ୟର କୋର ଓ ବଫର ଏରିଆ ଏବଂ ବନାଞ୍ଚଳ ଅଧୀନ ଜଙ୍ଗଲର ବ୍ୟାପକ ଅଞ୍ଚଳରେ ନିଆଁ ଲାଗିଛି। ସୂଚନା ଅନୁଯାୟୀ, ପିଠାବଟା, ଭଞ୍ଜବସା, ଡୁକୁରା, ପୋଡ଼ାଡ଼ିହା, ନଅଁଣା ସାଉଥ୍, ତାଳବନ୍ଧ, ହଳଦୀବଣି ଆଦି ରେଞ୍ଜର ବିଭିନ୍ନ ସ୍ଥାନରେ ନିଆଁ ଜଳୁଥିବା ବେଳେ ଗୁଡୁଗୁଡ଼ିଆ, ଦିଲାପଘା ଓ ରାମରଜା ପାହାଡ଼ ଶୀର୍ଷକୁ ନିଆଁ ଛୁଇଁଲାଣି। ୮୫୦ ବନ କର୍ମଚାରୀ, ୨୫୦ ଫାୟାର ୱାଚ, ୧୪ଟି ଦମକଳବାହିନୀ ଓ ୪୦ରୁ ଊର୍ଦ୍ଧ୍ୱ ଯାନ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବନବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଅଭୟାରଣ୍ୟ ସମେତ ବନାଞ୍ଚଳର ବିଭିନ୍ନ ସ୍ଥାନରେ ନିଆଁ ଜଳୁଛି। ଫଳରେ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ରହୁଥିବା ବେଳେ ଜୀବଜନ୍ତୁ ପ୍ରାଣ ବିକଳରେ ଦିଗହରା ସାଜିଛନ୍ତି। ମୟୂରଭଞ୍ଜର ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ବାଙ୍ଗରିପୋଷି ରେଞ୍ଜର ପାକଟିତଳା, ଭାଗୀରଥିପୁର, ପାହାଡ଼ତଳସାହି, ନିଶ୍ଚିନ୍ତା ଓ ତାଳବନ୍ଧ ଅଞ୍ଚଳକୁ ଯାଇ ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଜଙ୍ଗଲ ପରିଦର୍ଶନ କରିବା ସମୟରେ ଉଭୟ ନିଆଁକୁ ଲିଭାଉଥିବା ଦେଖିବାକୁ ମିଳିଥିଲା। ତେବେ ଅପହଞ୍ଚ ଓ ଅଦୃଶ୍ୟ ସ୍ଥାନରେ ଲାଗିଥିବା ନିଆଁକୁ ଠାବ କରିବା ପାଇଁ ବିଭାଗ ପାଖରେ ୩ଟି ଡ୍ରୋନ୍ କ୍ୟାମେରା ରହିଛି। ଏହାକୁ ବ୍ୟବହାର କରାଗଲେ ନିଆଁର ପ୍ରକୃତ ସ୍ଥିତି ଜଣାପଡ଼ିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ହୁଅନ୍ତା ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ନିଆଁକୁ ଆୟତ୍ତ କରା ନ ଗଲେ ଶିମିଳିପାଳ ଜଳବାୟୁ, ତାପମାତ୍ରା ଓ ବୃଷ୍ଟିପାତ ଉପରେ ପ୍ରଭାବ ପଡ଼ିବା ସହିତ ବିରଳ ପ୍ରଜାତିର ବନୌଷଧି, ଅର୍କିଡ, ବିଶାଳ ଶାଳ ଜଙ୍ଗଲ ସହିତ ଅନେକ ପ୍ରଜାତିର ଜୀବଜନ୍ତୁ ନଷ୍ଟ ହୋଇଯିବେ। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ନେଇ ସୈନ୍ୟବାହିନୀ ସହଯୋଗରେ ବିମାନ ଦ୍ୱାରା ଜଳସିଞ୍ଚନ କରିବା ସହିତ କାର୍ବନ ଡାଇଅକ୍ସାଇଡ୍ ମାଧ୍ୟମରେ ନିଆଁକୁ ଆୟତ୍ତ କରିବାକୁ ପରିବେଶବିତ୍ ଡା. ସନତ କୁମାର ଦାଶ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ଜଙ୍ଗଲ ଗିଳି ...

ଆଶଙ୍କା ରହିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରୁନି ବନବିଭାଗ। ଗୋଟିଏ ପାହାଡ଼ରେ ଥିବା ଜଙ୍ଗଲରୁ ଅନ୍ୟ ପାହାଡ଼ର ଜଙ୍ଗଲକୁ ବ୍ୟାପୁଛି ନିଆଁ। ଗ୍ରୀଷ୍ମ ଋତୁ ଆରମ୍ଭରୁ କୁଲଡ଼ିହା ଅଭୟାରଣ୍ୟରେ ଏଭଳି ନିଆଁ ଜଙ୍ଗଲକୁ ଗିଳି ଚାଲିଛି। ଫଳରେ ଅଭୟାରଣ୍ୟ ପାଦଦେଶରେ ଥିବା ଜନବସତି ପ୍ରତି ବିପଦ ସୃଷ୍ଟି ହୋଇଛି। ନିଆଁ ଲାଗିବା ଖବର ବନ ବିଭାଗ ଠିକ୍ ସମୟରେ ପାଇପାରି ନ ଥିବାରୁ ନିଆଁ ଏତେ ବ୍ୟାପିଯାଇଥିବା କୁହାଯାଉଛି। ଏହି ନିଆଁ ମନୁଷ୍ୟକୃତ କାରଣରୁ ମଧ୍ୟ ଲାଗିଥାଇପାରେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତରୁ ସ୍ପଷ୍ଟ ହେଇପାରେ। କିନ୍ତୁ ଜଙ୍ଗଲ ନିଆଁ ଅତ୍ୟନ୍ତ ଗୁରୁତର, ଯାହା ତୁରନ୍ତ ଆୟତ୍ତକୁ ଆସିବା ଅତ୍ୟନ୍ତ ଜରୁରୀ। ନଚେତ ପରିବେଶ, ଜୀବଜଗତ, ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ସମଗ୍ର ମାନବ ସମାଜ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

କୁଲଡ଼ିହା ଅଭୟାରଣ୍ୟର ପାହାଡ଼ ଅଗ୍ରଭାଗରେ ନିଆଁ ଲାଗୁଥିବାରୁ ଦମକଳ ବାହିନୀ ସେଠାରେ ପହଞ୍ଚିବା ସମ୍ଭବ ହୋଇପାରୁନି। କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୦୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ନିଆଁ ଲିଭାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ତିନିଦିନ ପରେ ରବିବାର କୁଲଡ଼ିହା ସେକ୍ସନ ବିଟ୍‌ର ନଣ୍ଡାଳିଘାଟି ବନାଗ୍ନି ଓ ଧୂଆଁ ଯୋଗୁ ଆଖପାଖ ଅଞ୍ଚଳର ତାପମାତ୍ରା ବଢ଼ିଯାଇଛି।

ବଣ ପାହାଡ଼ ଘେରା ନୟାଗଡ ଜିଲା ଏବେ ଏକପ୍ରକାର ଅଣନିଃଶ୍ୱାସୀ। କାରଣ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ନୟାଗଡ ସହର ସମେତ ଜିଲାର ବିଭିନ୍ନ ଗାଁ ଧୂଆଁମୟ ହୋଇଯାଇଛି। ଧୂଆଁରେ ଆଖି ପୋଡିବା ସହ ନିଃଶ୍ୱାସ ନେବା ଲୋକଙ୍କୁ କଷ୍ଟ ହେଉଛି। ଜିଲାର ପଞ୍ଚରିଡା ବନବିଭାଗର ରନ୍ନମାଳା, ଗୋଛା, ଭଣ୍ଡାର ଜଙ୍ଗଲ ଏବଂ ଦଶପଲ୍ଲା ରେଞ୍ଜର ସେଣ୍ଟ୍ରାଲ ସାଉଥ୍, ସେଣ୍ଟ୍ରାଲ ନର୍ଥ, ପୋଇବାଡି, ପୋଖରୀଗୋଛା, ଚଢ଼େୟାପଲ୍ଲୀ, ନସହର, ଆମ୍ବଲିମ୍ବା ଜଙ୍ଗଲରେ ନିଆଁ ଲାଗିଛି। ସେହିପରି ଓଡଗାଁ ରେଞ୍ଜର ଗୟଳସିଂହ, ବାହାଡାଝୋଲା ଜଙ୍ଗଲ ଓ ନୟାଗଡ ରେଞ୍ଜର ରୁଖି, ବଳରାମ, ଚକାପଥର, ଶୁଳିଆ ଜଙ୍ଗଲ ଜଳୁଛି। ମହିପୁର ରେଞ୍ଜର ଶୁଳିଆ, ରତାଦେଇ, ରଗଡିମଡା, ପଞ୍ଚପାଣ୍ଡବ, ମହିତମା, ଧାନସିଂସା, ସିଦ୍ଧାମୁଣ୍ଡିଆରେ ନିଆଁ ବ୍ୟାପୁଥିବାବେଳେ ଗଣିଆ ରେଞ୍ଜର କଦଳିବାରୀ, ସାପୁଆ ଜଙ୍ଗଲ ପୋଡୁଛି। ଖଣ୍ଡପଡା ରେଞ୍ଜର ମଇଁଷିବିନ୍ଧା, ଗୋଛାବାରୀ, ସାରେଣ୍ଡା, ବୁଢ଼ିଝରୀ, ସାପୁଆ ଜଙ୍ଗଲ ଅନୁରୂପ ଭାବେ ପୋଡୁଛି। ଜଙ୍ଗଲପୋଡ଼ିର ଫାଇଦା ନେଉଛନ୍ତି କେତେଜଣ ଲୋକ ଓ ଶିକାରୀ। ଜଙ୍ଗଲ ନିଆଁରୁ ବର୍ତ୍ତିବା ପାଇଁ ଗାଁ ମୁହାଁ ହେଉଥିବା ବନ୍ୟଜନ୍ତୁ ଶିକାର କରାଯାଉଛି। ନୟାଗଡ଼ ଡିଏଫଓ ଏଚ୍.ଡି. ଧନରାଜ କୁହନ୍ତି, ରବିବାର ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ୨୧୫ ହେକ୍ଟର, ଖଣ୍ଡପଡ଼ା ରେଞ୍ଜର ୧୩ ହେକ୍ଟର, ମହିପୁର ରେଞ୍ଜର ୩୨ ହେକ୍ଟର, ଓଡ଼ଗାଁ ରେଞ୍ଜର ୧୨ ହେକ୍ଟର, ପଞ୍ଚରିଡା ରେଞ୍ଜର ୩୦.୬ ହେକ୍ଟର, ନୟାଗଡ଼ ରେଞ୍ଜର ୫ ହେକ୍ଟର, ଗଣିଆ ରେଞ୍ଜର ୯ ହେକ୍ଟର ଏପରି ମୋଟ ୩୧୬.୬ ହେକ୍ଟର ଜଙ୍ଗଲ ଜଳୁଛି। ବିଭିନ୍ନ ଜଙ୍ଗଲ ପାଇଁ ୪୧୦ଟି ଫାୟାର ପଏଣ୍ଟ କରାଯାଇଥିବାବେଳେ ୩୪୨ ପଏଣ୍ଟରେ ୪୨ ବନ ସୁରକ୍ଷା ସମିତିର ୨୭୩ ସଭ୍ୟ ଓ ୧୪୧ ବନ କର୍ମଚାରୀ ନିଆଁ ଲଭାଉଛନ୍ତି। ଗୋଟିଏ ଜଙ୍ଗଲର ଗୋଟିଏ ସ୍ଥାନରୁ ନିଆଁ ଲିଭା ଯାଉଥିବାବେଳେ ଅନ୍ୟ ସ୍ଥାନରେ ନିଆଁ ଜଳିଲାଣି। ନିଆଁ ଲଗାଉଥିବା ବ୍ୟକ୍ତିମାନେ ଜଙ୍ଗଲ ପୋଡ଼ିର ଭୟାବହତାକୁ ଜାଣି ପାରୁନାହାନ୍ତି। ନୟାଗଡ଼ ସହର ସାରା ଧୂଆଁମୟ ହେବା କଥା ଧନରାଜ ସ୍ୱୀକାର କରିବା ସହ ଲୋକଙ୍କୁ ସଚେତନ ହେବାକୁ ନିବେଦନ କରିଛନ୍ତି।

ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ବାଦିବାହଳ, ଜାମୁନାଳୀ, ରାଇନାଳି, ଲକ୍ଷ୍ମୀପୁର ଆଦି ୪ ଗ୍ରାମ୍ୟ ଜଙ୍ଗଲ କିଛିଦିନ ହେବ ଜଳୁଛି। ଜଙ୍ଗଲ ନିଆଁ ଜନବସତିକୁ ମାଡ଼ି ଆସିବା ଭୟ ଲାଗି ରହିଛି। ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ପାଲଲହଡ଼ା ବନାଞ୍ଚଳର ପ୍ରାୟ ୧୧,୫୦୦ ହେକ୍ଟର ପରିବ୍ୟାପ୍ତ ଏବଂ ୧୧୮୬ ମିଟର ଉଚ୍ଚ ମାଲ୍ୟଗିରି ପର୍ବତରେ ଥିବା ସଂରକ୍ଷିତ ଜଙ୍ଗଲ ଏବଂ ପୁରୁଣା ପାଉଡି ସଂରକ୍ଷିତ ଜଙ୍ଗଲ କିଛିଦିନ ହେବ ଜଳୁଛି। ଏଥିରେ ବହୁ ମୂଲ୍ୟବାନ ଗଛ ଜଳିପୋଡ଼ି ଯାଇଛି। ପାଲଲହଡ଼ା ସହର ସମେତ ଏହାର ଆଖପାଖ ଅଞ୍ଚଳ ଧୂଆଁ ବଳୟ ମଧ୍ୟରେ ରହିଛି। ଲୋକେ ଅଣନିଃଶ୍ୱାସୀ ଅନୁଭବ କରୁଥିବା ଅଭିଯୋଗ କରିଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ଅଧୀନ ମାକରଶୋଲା ରୁଟା ଜଙ୍ଗଲରେ ରବିବାର ନିଆଁ ଲାଗିଥିବା ଦେଖିବାକୁ ମିଳିଥିବାବେଳେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ରେଞ୍ଜ କୁତ୍ରା ବ୍ଲକ ପଞ୍ଚରା ସଂରକ୍ଷିତ ଜଙ୍ଗଲ ୮ଦିନ ହେଲା ଜଳୁଛି। ବନବିଭାଗ ପକ୍ଷରୁ ନିଆଁକୁ ଲିଭାଇବାକୁ ଉଦ୍ୟମ ଚାଲିଥିଲେ ମଧ୍ୟ ରବିବାର ପର୍ଯ୍ୟନ୍ତ ଆୟତ୍ତ କରାଯାଇପାରି ନାହିଁ। ଦେବଗଡ଼ ଜିଲାର ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ମଧ୍ୟ ୫ଦିନ ଧରି ଜଳୁଛି। ନିଆଁକୁ ଆୟତ୍ତ କରାଯାଇପାରୁନାହିଁ। ପ୍ରବଳ ଧୂଆଁ ଯୋଗୁ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ନିକଟ ଦେବଗଡ଼ ସହର ରାସ୍ତାଘାଟ ଧୂଆଁମୟ ହୋଇଛି।

ବୌଦ୍ଧ ଜିଲାର କଣ୍ଟାମାଳ, ମନମୁଣ୍ଡା, ବୌଦ୍ଧ, ପୁରୁଣାକଟକ ଓ ମାଧପୁର ଆଦି ୫ ରେଞ୍ଜରେ ଗତ ୪/୫ ଦିନ ହେବ ନିଆଁ ଲାଗିଛି। ଜିଲାରେ ପ୍ରାୟ ୯୨ହଜାର ୪୭୭ ହେକ୍ଟର ସଂରକ୍ଷିତ ଜଙ୍ଗଲ ରହିଛି। ବର୍ତ୍ତମାନ ନିଆଁ ଲାଗିବା ଯୋଗୁ ୧୦ରୁ ୧୫ ହେକ୍ଟର ଜଙ୍ଗଲ ପୋଡିଥିବା ଜଣାପଡିଛି। ବିଶେଷ କରି ମାଧପୁର ଓ ପୁରୁଣାକଟକ ରେଞ୍ଜରେ ଅଧିକ ସ୍ଥାନରେ ନିଆଁ ଲାଗିଛି। ଏ ନେଇ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାର ସମସ୍ତ ରେଞ୍ଜର ୩୦୦ ସ୍ଥାନରେ ନିଆଁ ଲାଗିଛି। ଏନେଇ ବିଭାଗ ପକ୍ଷରୁ ଦିନରାତି ନିଆଁ ଲିଭା କାର୍ଯ୍ୟ ଚାଲୁ ରହିଛି। କମ୍ କର୍ମଚାରୀ ଥିବା ସତ୍ତ୍ୱେ ନିଆଁକୁ ଆୟତ୍ତ କରାଯାଉଛି। ତେବେ ବନ ବିଭାଗ କର୍ମଚାରୀ ନିଆଁ ଲିଭାଇବା ପରେ କେତେଜଣ ଅସାମାଜିକ ବ୍ୟକ୍ତି ଜାଣିଶୁଣି ନିଆଁ ଲଗାଇ ଦେଉଥିବା ଜଣାପଡ଼ିଛି। ଜଙ୍ଗଲଗୁଡିକର ଉଚ୍ଚ ସ୍ଥାନରେ ନିଆଁ ଲଗାଉଥିବାରୁ ଲିଭାଇବାକୁ କଷ୍ଟ ହେଉଛି। ଏଥିପ୍ରତି ଆମେ ସଜାଗ ଅଛୁ ବୋଲି ସେଠୀ କହିଛନ୍ତି।

ବନାଗ୍ନିରୁ ଗଞ୍ଜାମ ଜିଲା ବାଦ୍‌ପଡ଼ିନି। ବିଭିନ୍ନ ବନଖଣ୍ଡର ଜଙ୍ଗଲଗୁଡ଼ିକରେ ପ୍ରତିଦିନ ନୂଆ ନୂଆ ସ୍ଥାନରେ ନିଆଁ ଲାଗୁଛି। ପ୍ରାୟ ସପ୍ତାହ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଲାଣି। ଘୁମୁସର ବନଖଣ୍ଡରେ ସ୍ଥିତି ଗମ୍ଭୀର ରହିଛି। ନିଆଁ ଆୟତ୍ତ ହୋଇପାରୁ ନ ଥିବାବେଳେ ଧୂଆଁରେ ସାଧାରଣ ଜନତା ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି। ବୁଗୁଡ଼ା ବନାଞ୍ଚଳର କିରିଆମ୍ବା, ନାଡିଅମ୍ବା, ତାଳସର, ମାଣିତରା, ନଗୁଡୁ ଓ ବଡ଼ପଥର ଆଦି ଜଙ୍ଗଲ ସମେତ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲ ପାହାଡ଼ ପ୍ରାୟ ୫ ଦିନ ହେଲା ଜଳୁଥିବା ବେଳେ ରବିବାର ଶୈବପୀଠ ଉପରିସ୍ଥ ସିଦ୍ଧଗୁମ୍ଫାରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି। ବନ୍ୟଜନ୍ତୁ ଓ ପକ୍ଷୀମାନେ ଗାଁ ମୁହାଁ ହେଉଥିବା ବେଳେ ପରିବେଶ ଧୂଆଁମୟ ହୋଇପଡ଼ିଛି। ଏହି ନିଆଁ ମନୁଷ୍ୟକୃତ ବୋଲି ବୁଗୁଡ଼ା ରେଞ୍ଜର ଫକୀର ଚରଣ ବେହେରା କହିଛନ୍ତି। ଗୋଟିଏ ସ୍ଥାନରେ ନିଆଁ ଲିଭାଇବା ବେଳକୁ ନୂଆ ସ୍ଥାନରେ ନିଆଁ ଲାଗିଯିବା ଚିନ୍ତା ବଢ଼ାଇଛି। ବନ କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରି ନିଆଁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ଡିଏଫ୍‌ଓ ଅଭୟକାନ୍ତ ଦଳେଇ କହିଛନ୍ତି।

### ୯୦% ମନୁଷ୍ୟକୃତ

ଜଙ୍ଗଲ ନିଆଁର ମୋଟ ୯୦% କେବଳ ମନୁଷ୍ୟକୃତ ବୋଲି କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନରୁ ଜଣାପଡ଼ିଛି। ମନୁଷ୍ୟକୃତ କାରଣ ଇଚ୍ଛାକୃତ ଏବଂ ଦୁର୍ଘଟଣାଜନିତ। ଅନେକ ସମୟରେ ଲୋକେ ବିଭିନ୍ନ କାରଣ ପାଇଁ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ଯେମିତିକି ପୋଡୁଚାଷ, କେନ୍ଦୁଗଛର ନୂଆ ପତ୍ର ପାଇଁ, ଅଙ୍ଗାର, ଗାଁ ଲୋକଙ୍କ ଲାଗି ରାସ୍ତା ଫିଟାଇବା, ଜଙ୍ଗଲ ଜମି ଜବରଦଖଲ, ବେଆଇନ ଗଛ କଟାକୁ ଲୁଚାଇବା ଆଦି ଇଚ୍ଛାକୃତ। ସେହିପରି ମହୁଲ ଆଦି ଅଣ କାଠ ଜାତୀୟ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ, ଜଙ୍ଗଲ ମଧ୍ୟରେ ରୋଷେଇ, ଜଙ୍ଗଲ ଭିତରେ ରାସ୍ତା କାମ ପାଇଁ ପିଚୁ ଗରମ କରିବା ଆଦି ଦୁର୍ଘଟଣା ଜନିତ ନିଆଁ ଯୋଗୁ ଜଙ୍ଗଲ ଧ୍ୱଂସ ହୋଇଯାଉଛି। ହେଲେ ଏଥିପାଇଁ ସମଗ୍ର ମାନବଜାତି ଓ ଜୀବଜଗତକୁ ବହୁମୂଲ୍ୟ ଦେବାକୁ ପଡୁଛି। ଜଙ୍ଗଲରେ ଥରେ ନିଆଁ ବ୍ୟାପକ ହୋଇଗଲେ ତାକୁ ଲିଭାଇବା ଅତ୍ୟନ୍ତ କଷ୍ଟ। ତେଣୁ ସାବଧାନତାର ପଦକ୍ଷେପ ହିଁ ଏକମାତ୍ର ଉପାୟ। ଜଙ୍ଗଲ ନିଆଁର ସଫଳ ପରିଚାଳନା ପାଇଁ ସମସ୍ତଙ୍କୁ କାନ୍ଧରେ କାନ୍ଧ ମିଶେଇ ମିଳିତ ମୁକାବିଲା କରିବାକୁ ପଡ଼ିବ। ଖାଲି ବନ ବିଭାଗ ଉପରେ ଦୋଷ ବା ଦାୟିତ୍ୱ ଲଦିଦେଲେ ହେବ ନାହିଁ। ଠିକ୍ ଭାବରେ ଜଙ୍ଗଲ ନିଆଁକୁ କାବୁ କରିବା ପାଇଁ ଅନେକ ଖସଡ଼ା କେନ୍ଦ୍ର ସରକାରଙ୍କ ତରଫରୁ ପ୍ରସ୍ତୁତ କରାଯାଇଛି। ସେଗୁଡ଼ିକୁ ଠିକ୍ ଭାବରେ କାମରେ ଲଗେଇବା ଦରକାର। କେଉଁ ଗୋଟିଏ କ୍ଷେତ୍ରରେ ଦୁର୍ବଳତା ରହିଗଲେ ଜଙ୍ଗଲ ନିଆଁ ସହ ଲଢ଼େଇ ସହଜ ହେବନାହିଁ ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ।

## ପ୍ରବାସୀଙ୍କୁ ପର କରିଦେଲା ...

ଏକ ସ୍ପେଶାଲ ପରମିଟ୍ ବା ସ୍ୱତନ୍ତ୍ର ଅନୁମତିପତ୍ର ହାସଲ କରିବାକୁ ପଡ଼ିବ। ଏହାସହ ଏଥିରେ ବିଦେଶୀ ନାଗରିକମାନଙ୍କ ଭଳି ବିଦେଶ ବିନିମୟ ପରିଚାଳନା ଆଇନ, ୨୦୦୩ ଅଧୀନରେ ଓସିଆଇମାନଙ୍କୁ ସମସ୍ତ ପ୍ରକାର ଆର୍ଥିକ, ବିତ୍ତୀୟ ଓ ଶୈକ୍ଷିକ କାର୍ଯ୍ୟରେ 'ବିଦେଶୀ ନାଗରିକ'ଙ୍କ ସହ ସମାନ ବ୍ୟବହାର କରାଯିବ। ୧୬ ବର୍ଷ ଧରି ଓସିଆଇମାନଙ୍କୁ ସେମାନଙ୍କ ଆର୍ଥିକ, ବିତ୍ତୀୟ ଓ ଶୈକ୍ଷିକ ଅଧିକାର କ୍ଷେତ୍ରରେ ନନ୍-ରେସିଡେଣ୍ଟ ଇଣ୍ଡିଆନ୍ (ଏନ୍‌ଆର୍‌ଆଇ) ବିବେଚନା କରାଯାଉଥିଲା। ନୂଆ ବିଜ୍ଞପ୍ତି ସେମାନଙ୍କ ଏହି ଅଧିକାରକୁ ଛଡ଼ାଇନେଇଛି। ତେବେ ଓସିଆଇମାନେ ଭାରତରେ ଚାଷ ଜମି ଭିନ୍ନ ମେଡିସିନ୍, ଆଇନ, ସ୍ଥାପତ୍ୟ, ଆକାଉଣ୍ଟେନ୍ସି ଆଦି ପେସା ପାଇଁ ଜମି କିଣିପାରିବେ। ସେହିପରି ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ଓସିଆଇମାନେ ଏନ୍‌ଆର୍‌ଆଇ ରୂପେ ନାମ ଲେଖାଇପାରିବେ। କିନ୍ତୁ ଭାରତୀୟ ନାଗରିକଙ୍କ ପାଇଁ ସଂରକ୍ଷିତ ସିଟ୍ ଦାବି କରିପାରିବେ ନାହିଁ। ନ୍ୟାୟପାଳିକାରେ ଓସିଆଇମାନଙ୍କ ପକ୍ଷରୁ ଦାଏର ମାମଲାଗୁଡ଼ିକରେ କେନ୍ଦ୍ର ସରକାର ହାରିଯାଇଥିବାରୁ ଏପରି କଟକଣା ଜାରି କରିଥିବା କୁହାଯାଉଛି।

## ମୁମ୍ବାଇ-ବାଙ୍ଗାଲୋର ...

ମ୍ୟାଚ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଇପିଏଲ୍‌ର ପ୍ରଥମ ୪ ସପ୍ତାହ ପାଇଁ ଅର୍ଥାତ୍ ଏପ୍ରିଲ୍ ୯ରୁ ମେ ୬ ପର୍ଯ୍ୟନ୍ତ କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହି ସମୟ ମଧ୍ୟରେ ୩୩ଟି ମ୍ୟାଚ୍ ଖେଳାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ କୋଲକାତାରେ କୌଣସି ମ୍ୟାଚ୍ ଆୟୋଜନ ହେବନାହିଁ। ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବାର ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୪ଟି ଭେନ୍ୟୁରେ ମ୍ୟାଚ୍ ଖେଳିବେ। ମୋଟ ୫୬ଟି ମ୍ୟାଚ୍‌ରୁ ଚେନ୍ନାଇ, ମୁମ୍ବାଇ, କୋଲକାତା ଓ ବେଙ୍ଗାଲୁରୁରେ ୧୦ଟି ଲେଖାଏ ମ୍ୟାଚ୍ ଖେଳାଯିବ। ସେହିପରି ଅହମଦାବାଦ ଓ ଦିଲ୍ଲୀରେ ୮ଟି ଲେଖାଏ ମ୍ୟାଚ ଆୟୋଜନ ହେବ। ସବୁ ମ୍ୟାଚ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। କୌଣସି ଦଳ ସେମାନଙ୍କର ଘରୋଇ ଭେନ୍ୟୁରେ ମ୍ୟାଚ୍ ଖେଳିବେ ନାହିଁ। ୬ଟିରୁ ୪ଟି ଭେନ୍ୟୁରେ ସବୁ ଦଳ ଲିଗ୍ ମ୍ୟାଚ୍ ଖେଳିବେ। ଲିଗ୍‌ରେ ମୋଟ ୧୧ଟି ଡବଲ୍ ହେଡର୍ ରହିବ। ୬ଟି ଦଳ ଅପରାହ୍ଣରେ ୩ଟି ଲେଖାଏ ମ୍ୟାଚ୍ ଖେଳିବେ। ସେହିପରି ଦୁଇଟି ଦଳ ଅପରାହ୍ଣ ୨ଟି ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ସ୍ୱତନ୍ତ୍ର ଭାବେ ସ୍ଥିରୀକୃତ ହୋଇଛି। ଯାହାଫଳରେ ପ୍ରତ୍ୟେକ ଦଳ ଲିଗ୍ ପର୍ଯ୍ୟାୟରେ ମାତ୍ର ୩ଥର ଯାତ୍ରା କରିବେ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଆଇପିଏଲ୍ ବିନା ଦର୍ଶକରେ ଷ୍ଟାଡିୟମରେ ଖେଳାଯିବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଦର୍ଶକଙ୍କୁ ଅନୁମତି ଦେବା ନେଇ ବିଚାର କରାଯିବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଏଇ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। କୃତ୍ତିକା ନକ୍ଷତ୍ରର କାମଗୁଡ଼ିକ ଟିକିଏ ବିଳମ୍ବ ଓ ଝାମେଲା ଭିତରେ ହିଁ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ**

ସ୍ୱାସ୍ଥ୍ୟ ବିଶେଷ ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। କେତେକ କ୍ଷେତ୍ରରେ ହଠାତ୍ ମତ ପରିବର୍ତ୍ତନ ଅନର୍ଥର କାରଣ ହୋଇପାରେ। ବ୍ୟବସାୟ, ଲେଖାପଢ଼ା, ପ୍ରଶାସନ ତଥା ପ୍ରକାଶନରେ ଶୁଭଫଳ। ରୋହିଣୀ ନକ୍ଷତ୍ର, ଆଜି ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମିଥୁନ**

ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ପୁନର୍ବସୁ ନକ୍ଷତ୍ର ଲକ୍ଷ୍ୟ ହାସଲରେ ସମର୍ଥ ହେବେ ଓ ସଫଳତା ମଧ୍ୟ ପାଇବେ।

**କର୍କଟ**

ଆପଣ ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ପୁଷ୍ୟା ନକ୍ଷତ୍ର ଜାତ ବ୍ୟକ୍ତି ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁଁ ଚିନ୍ତିତ ରହିବେ।

**ସିଂହ**

ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, କିନ୍ତୁ ପରିଶେଷରେ କିଛି ପାଇବେ। ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତା କଲେ ମଧ୍ୟ ସଫଳତା ଯୋଗୁଁ ମନ ଖୁସି ରହିବ। ମଘା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପରିବହନରେ ଲାଭବାନ୍ ହେବେ।

**କନ୍ୟା**

ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଖଳ ଲୋକଙ୍କ କଥାରେ ପଡ଼ି ହଇରାଣ ହେବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁଁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲି ମକଦ୍ଦମା, ତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**

ବନ୍ଧୁଙ୍କ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**

ଅଭିଳାଷ ପୂରଣ ହେବାରୁ ମନ ପ୍ରଫୁଲ୍ଲ ରହିବ। ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**

ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିବାଦୀୟ ମନ୍ତବ୍ୟ ଦେବେ। ବ୍ୟବସାୟ, ପ୍ରଶାସନ, ରାଜନୀତି ଓ ଗବେଷଣାରେ ଉନ୍ନତି କରିବେ।

**ମକର**

ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଧନିଷ୍ଠା ନକ୍ଷତ୍ର ସକାଶେ ଆଜିର ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରପ୍ତାନି କାରବାର, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**

ହଠାତ୍ ଜଣେ ବନ୍ଧୁଙ୍କ ମଧ୍ୟସ୍ଥତାରେ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପୂର୍ବଭାଦ୍ର ନକ୍ଷତ୍ରର ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ, ତଥାପି ଟେନ୍‌ସନ୍ ଲାଗି ରହିବ।

**ମୀନ**

ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟର ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ମିଥ୍ୟା ଭାଷଣରୁ ସମାଲୋଚିତ ହୋଇପାରନ୍ତି। ପରିବାରର ଖର୍ଚ୍ଚ ବୃଦ୍ଧି ହେତୁ ମନରେ ସରସତା ରହି ନ ପାରେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ସୋମବାର, ମାର୍ଚ୍ଚ-୮, ବିଶ୍ୱ ମହିଳା ଦିବସ, ରାଜ୍ୟଗୋଷ୍ଠୀ ଦିବସ (ମାର୍ଚ୍ଚ ୨ୟ ସୋମବାର), ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୪ ଗତେ ଘ.୦୭।୩୮ ମଧ୍ୟେ, ଘ.୧୦।୪୬ ଗତେ ଘ.୦୧।୦୮ ମଧ୍ୟେ ଅମୃତବେଳା। ଦିବା ଘ.୦୩।୨୯ ଗତେ ଘ.୦୫।୦୩ ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭।୩୨ ଗତେ ଘ୦୯।୦୧ ମଧ୍ୟେ ରାହୁକାଳ ॥


# classifieds Everyday
0674-2580101, 2549302




**SALE**

"Katki six gunth gharabari SC land with boundary near SOG Training center Chandaka.Price 40 lakhs.Contact 9437196496." D-20164

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465. D-20069

Duplex sale ଘଙ୍ଗାପାଟଣା 1500sqft. land 2000sqft. construction 55,00,000/- 4K.M. from Sum Hospital. 9437306208. D-69382

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୂପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। 8249776268, 8327774136. D-69385

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ପିପିଲି ଥାନା ନିକଟ ପୁରୁଣା ଷ୍ଟେଟ୍ ବ୍ୟାଙ୍କସ୍ଥିତ Anima Complexରେ ଘରଭଡ଼ା ଦିଆଯିବ। ଯୋଗାଯୋଗ- 9668502525. D-69976

4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997

2000sqft. First floor, 3Bed room, Dining, Kitchen, 2Toilet, Big Balcony for rent, N/3 Jaydev Vihar. Contact: 9337105357. D-70552

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




New opening Saikrupa Panchakarma and SPA jointpain, fullbody massage, 8984068077. D-65913

Ayurvedic full body massage by experienced (M/F) therapist. 7008773793, 8018656899. D-59982

Refreshing your mind & body with best therapy at Lotus SPA. 8018234866. D-59981

Zen salon and SPA positively health benefits with expert therapeutic&genuinely massage appointment. 7205084157. D-70546

Swarna SPA newly open positively health benefits with expert therapist. 9556978408. D-70551




Install white lable ATM in your free space and monthly earn 20000/- to 80,000/- (Agent invited). 7064182517. D-70553


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଶାନ୍ତି ଓ ବନ୍ଧୁତାର କଥା କହିଲା ଚାଇନା**

ବେଜିଂ, (ଆଇଏଏନ୍ଏସ୍): ଭାରତ ସହ ଶାନ୍ତି, ବନ୍ଧୁତା ଓ ସମୃଦ୍ଧିର କଥା କହିଛି ଚାଇନା। ଏଥିସହିତ ଆଲୋଚନା ମାଧ୍ୟମରେ ଭାରତ ସହ ସୀମା ବିବାଦର ସମାଧାନ ପାଇଁ ବେଜିଂ ପ୍ରତିଶ୍ରୁତିବଦ୍ଧ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ ୟି ରବିବାର ତାଙ୍କ ବାର୍ଷିକ ପ୍ରେସ୍ ମିଟ୍‌ରେ କହିଛନ୍ତି। ଗତ ମାସରେ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା ଅଞ୍ଚଳରୁ ଉଭୟ ଦେଶ ସୈନ୍ୟ ପ୍ରତ୍ୟାହାର କରିନେଇଛନ୍ତି। ଗତବର୍ଷ ସୀମାରେ ଯାହା ଭୁଲ୍ ଭଟକା ହୋଇଥିଲା ତାହା ଦୂର ହୋଇଛି। ମୁହାଁମୁହିଁ ସ୍ଥିତି ସମସ୍ୟାର ସମାଧାନ କରିବ ନାହିଁ, ଏହା ପୁଣିଥରେ ପ୍ରମାଣିତ ହୋଇଛି। ଶାନ୍ତିପୂର୍ଣ୍ଣ ବୁଝାମଣାକୁ ଫେରିବା ଆଗକୁ ବଢ଼ିବାର ଠିକ୍ ମାର୍ଗ। ଦୁଇ ଦେଶ ପରସ୍ପର ପ୍ରତି ସନ୍ଦେହ ନ କରି ସହାୟତା ବଢ଼ାଇବା ଆବଶ୍ୟକ ବୋଲି ୱାଙ୍ଗ୍ କହିଛନ୍ତି।

# ମାଟିମୂର୍ତ୍ତିର ମ୍ୟୁଜିୟମ

**ମହାବୀରଙ୍କଠାରୁ ମହାତ୍ମା ଗାନ୍ଧୀ। ତିଳକଙ୍କଠାରୁ ତେଜସ୍ୱିନୀ ଲକ୍ଷ୍ମୀବାଈ। ସୁନ୍ଦର ଆଲୋକରେ ଝଲସୁଛି ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଲୋକକଳା, ସ୍ୱାଧୀନତା ସଂଗ୍ରାମର ଗାଥା, ଜନଜୀବନର ଗହନ କଥା। ଜନଗଣଙ୍କ ଜାଣିବା ଲାଗି ପ୍ରତିଟି ବିଷୟରେ ଦର୍ଶାଯାଇଛି ସଂକ୍ଷିପ୍ତ ସୂଚନା। ଫଟୋଚିତ୍ରରେ ନୁହେଁ, ସବୁ ନିର୍ମାଣ ହୋଇଛି ମାଟିରେ। ଏଭଳି ମାଟିମୂର୍ତ୍ତିର ମ୍ୟୁଜିୟମ ନିର୍ମାଣ ପଛରେ ଯାହାଙ୍କ ନିଷ୍ଠା ଓ ଉଦ୍ୟମ ରହିଛି, ସେ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଟଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଧନେଶ୍ୱର ସାହୁ। କଷ୍ଟସାଧ ବିଷୟବସ୍ତୁଗୁଡ଼ିକୁ ଯେପରି ପିଲାମାନେ ସହଜରେ ବୁଝିପାରିବେ ଏବଂ ମନେରଖିପାରିବେ ସେଥିଲାଗି ଏଭଳି ଏକ ପରିକଳ୍ପନା କରିଥିଲେ ଧନେଶ୍ୱର, ଯାହା ଏବେ ଜ୍ଞାନ ବାଣ୍ଟିବା ସହ ଇତିହାସ ସହ ନୂଆପିଢ଼ିକୁ ଯୋଡୁଛି।**

ସୁଶାନ୍ତ କୁମାର ପତି
ସାତମାଇଲ, ୭।୩


ଧନେଶ୍ୱର ସାହୁ

- ପ୍ରଧାନ ଶିକ୍ଷକ ଧନେଶ୍ୱରଙ୍କ ପ୍ରଶଂସନୀୟ ଉଦ୍ୟମ
- ଜୀବଜନ୍ତୁ, ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରମୁଖ ଆକର୍ଷଣ
- ଜ୍ଞାନ ବାଣ୍ଟୁଛି, ନୂଆପିଢ଼ିକୁ ଇତିହାସ ସହ ଯୋଡୁଛି

ସଂଗ୍ରହାଳୟ ବା ମ୍ୟୁଜିୟମ ହେଉଛି ଜ୍ଞାନର ଭଣ୍ଡାର। ଇତିହାସ, ଭୂଗୋଳ, ରାଜନୀତି, ପ୍ରଶାସନିକ ଘଟଣାବଳୀ, ଜନଜାତିଙ୍କ ଜୀବନଶୈଳୀ ବିଷୟରେ ଏଠାରେ ସାଇତା ହୋଇ ରହିଥାଏ ଅନେକ ସୂଚନା। ତେଣୁ ଇତିହାସ ଏବଂ ବର୍ତ୍ତମାନକୁ ଯୋଡ଼ି ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟଟନର ଅନ୍ୟତମ ଅଙ୍ଗ ହୋଇଥିବାରୁ ବିଭିନ୍ନ ସ୍ଥାନରେ ମ୍ୟୁଜିୟମ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଟଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଧନେଶ୍ୱର ସାହୁ ବ୍ୟକ୍ତିଗତ ଉଦ୍ୟମରେ ସ୍କୁଲରେ କରିଛନ୍ତି ମାଟିମୂର୍ତ୍ତିର କ୍ଷୁଦ୍ର ସଂଗ୍ରହାଳୟ, ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା।

ଧନେଶ୍ୱରଙ୍କ ଘର ହିନ୍ଦୋଳ ବ୍ଲକ ମହାଲୁଣ୍ଡା ଗ୍ରାମରେ। ୧୯୮୪ରୁ ପାଟଲା ହାଇସ୍କୁଲରୁ ସେ ଆରମ୍ଭ କରିଥିଲେ ଶିକ୍ଷକତା ଜୀବନ। ୨୦୧୨ ନଭେମ୍ବରରୁ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ଶିକ୍ଷାକ୍ଷେତ୍ରରେ ଦୀର୍ଘଦିନର ଅଭିଜ୍ଞତାକୁ ପୁଞ୍ଜିକରି ସେ ସ୍କୁଲରେ ଗଢ଼ିଛନ୍ତି ନିଆରା ମାଟିମୂର୍ତ୍ତିର ସଂଗ୍ରହାଳୟ, ଯେଉଁଥିରେ ସ୍ଥାନିତ ହୋଇଛି ଓଡ଼ିଶାର ଲୋକସଂସ୍କୃତି, ସଂଗ୍ରାମୀ, ମହାପୁରୁଷ, କବି, ଲେଖକ, ସମାଜ ସଂସ୍କାରକଙ୍କ ପ୍ରତିମୂର୍ତ୍ତି ଏବଂ ସେସମ୍ପର୍କିତ ସଂକ୍ଷିପ୍ତ ଇତିହାସ।


ପାଟଲା ହାଇସ୍କୁଲ୍‌ରେ ହୋଇଥିବା ସଂଗ୍ରହାଳୟ।

ଏହାକୁ ବାଦ୍‌ଦେଲେ ଜନଜାତିଙ୍କ ଜୀବନଶୈଳୀ, ବରଫ ଉପତ୍ୟକାରେ ରହୁଥିବା ଏସ୍କିମୋ, ବିଲୁପ୍ତପ୍ରାୟ ପ୍ରାଣୀ, ଅଭୟାରଣ୍ୟ, ଏନ୍‌ସିସି, ସ୍କାଉଟ୍, ଗାଇଡ୍, ଜୁନିୟର ରେଡ୍‌କ୍ରସ୍, ଓଡ଼ିଶାର ମନ୍ଦିର ପରମ୍ପରା, ଉପଦେଶମୂଳକ କାହାଣୀ ସମ୍ପର୍କିତ ବିଷୟବସ୍ତୁ କଳାକୁଞ୍ଜ ମାଧ୍ୟମରେ ପ୍ରଦର୍ଶିତ ହେଉଛି।

ଏ ସମ୍ପର୍କରେ ନିଜ ଅନୁଭୂତି ବଖାଣି ଧନେଶ୍ୱର କୁହନ୍ତି, କଲିକତାସ୍ଥିତ ଶିଶୁ ଉଦ୍ୟାନ ଦେଖିବା ପରେ ମାଟିମୂର୍ତ୍ତିର ସଂଗ୍ରହାଳୟଟିଏ କରିବାକୁ ତାଙ୍କ ମନରେ ଉତ୍କଣ୍ଠା ଜାତ ହୋଇଥିଲା। ପ୍ରଥମେ ଘରୁ ଏହାର ଭିତ୍ତିଭୂମି ପଡ଼ିଥିଲା। ମାଟି, ଆନୁଷଙ୍ଗିକ ଉପକରଣ ସଂଗ୍ରହ କରି ମୂର୍ତ୍ତି ତିଆରିରେ ସେ ଲାଗିପଡ଼ିଥିଲେ। ଏଥିରେ ସ୍ତ୍ରୀ ସଲିଳ ସାହୁ ସବୁପ୍ରକାର ସହାୟତା କରି ଆସିଛନ୍ତି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ୨୦୧୮ ବେଳକୁ ପାଖାପାଖି ପୂର୍ଣ୍ଣାଙ୍ଗ ରୂପ ନେଇସାରିଥିଲା। ଶିକ୍ଷା ବିଭାଗ ଏବଂ ପ୍ରଶାସନର ଅନୁମତିକ୍ରମେ ୨୦୧୮ ନଭେମ୍ବର ୧୪ ଶିଶୁ ଦିବସରେ ବିଦ୍ୟାଳୟରେ ବିଧିବଦ୍ଧ ଭାବେ ଏହାକୁ ସ୍ଥାନାନ୍ତର କରାଯାଇଥିଲା। ତତ୍କାଳୀନ ଉପଜିଲାପାଳ ଭବେଶ କୁମାର ନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟରେ ସ୍କୁଲର ସମସ୍ତ ସହକର୍ମୀ, ଛାତ୍ରୀଛାତ୍ରଙ୍କ ଅକୁଣ୍ଠ ସହଯୋଗ ମିଳିଛି। ପାଟଲା ସ୍କୁଲ ବହୁ ପୁରୁଣା। ୧୯୮୧ରେ ଏହାର ସ୍ଥାପନ ହୋଇଥିଲା। ପ୍ରଥମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବାବେଳେ ୧୯୯୮ରେ ନବମ ଏବଂ ଦଶମ ଶ୍ରେଣୀକୁ ସାମିଲ କରାଯାଇଛି। ଏଭଳି ଏକ ସଂଗ୍ରହାଳୟ ଦ୍ୱାରା ପିଲାମାନେ ଅବୁଝା ବିଷୟ ସହଜରେ ବୁଝିପାରୁଛନ୍ତି। ଏହାକୁ ଦେଖିବାକୁ ଜିଲାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏବଂ ଛାତ୍ରୀଛାତ୍ର ଆସୁଛନ୍ତି। ୨୦୧୯ ସ୍ୱାଧୀନତା ଦିବସରେ ଜିଲା ପ୍ରଶାସନ ପକ୍ଷରୁ ସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ମିଳିବା ଖୁବ୍ ଖୁସି ଦେଇଥିଲା। ଆଗାମୀ ଦିନରେ ସଂଗ୍ରହାଳୟର କଳେବର ବଢ଼ାଇବା ଲକ୍ଷ୍ୟ ରହିଛି ବୋଲି ଧନେଶ୍ୱର କହିଛନ୍ତି।

# ବିଧାୟକ ପ୍ରଦୀପଙ୍କ ଜାମିନ ଶୁଣାଣି ଆଜି

ବ୍ରହ୍ମପୁର ଅଫିସ,୭।୩

**ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ଘଟଣା**



ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ଘଟଣାରେ ଜାମିନ ପାଇଁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଓକିଲ ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ସୋମବାର ଉକ୍ତ ଜାମିନ ଆବେଦନର ଶୁଣାଣି କରାଯିବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ନେଇ ବିଧାୟକ ପ୍ରଦୀପଙ୍କ ନାମରେ କଟକ କ୍ରାଇମବ୍ରାଞ୍ଚ ଥାନାରେ ଅଭିଯୋଗ ହୋଇଥିଲା। ଗତ ଡିସେମ୍ବରରେ ଗୋଳନ୍ଥରା ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ସେହିପରି ଜାନୁୟାରୀରେ ମଧ୍ୟ ଉକ୍ତ ଥାନାରେ ପୁଣି ଏକ ଠକେଇ ମାମଲା ରୁଜୁ ହୋଇଥିଲା। ଏହି ୩ ମାମଲା(ଜିଆର୍-୨୨୨୫/୨୦, ଜିଆର-୨୨୬୮/୨୦ ଓ ଜିଆର-୬୨/୨୧)ରେ ମୋଟ ୧୪ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗକାରୀ ମାମଲା ରୁଜୁ କରିଥିଲେ। ଏଥିରେ ଗୋଳନ୍ଥରା ଥାନା ପୋଲିସ ବିଧାୟକ ପ୍ରଦୀପଙ୍କୁ ଜଡ଼ିତ କରିଥିଲା। ପରେ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କୁ ମଧ୍ୟ ଜଡ଼ିତ କରାଯାଇଥିଲା। ଅଭୟକାନ୍ତଙ୍କ ନାମରେ ଗୋଟିଏ ମାମଲା (ଜିଆର୍-୨୨୨୫/୨୦) ଯୋଡ଼ା ଯାଇଥିବା ବେଳେ ପୁଅ ଆକାଶଙ୍କ ନାମରେ ଦୁଇଟି ମାମଲା (ଜିଆର୍-୨୨୨୫/୨୦, ଜିଆର-୬୨/୨୧) ଯୋଡ଼ିଥିଲା ପୋଲିସ। ପୂର୍ବରୁ ବ୍ରହ୍ମପୁର ଏସ୍‌ଡିଜେଏମ୍ ସମସ୍ତଙ୍କ ଜାମିନ ଖାରଜ କରିଛନ୍ତି। ପୂର୍ବରୁ ଅଭୟକାନ୍ତଙ୍କ ଜାମିନ ପାଇଁ ଜିଲାଜଜ୍ କୋର୍ଟରେ ଆବେଦନ କରାଯାଇଥିଲା। ସେହିପରି ବିଧାୟକ ପ୍ରଦୀପଙ୍କ ଜାମିନ ପାଇଁ ମଧ୍ୟ ଜିଲା କୋର୍ଟରେ ଆବେଦନ କରାଯାଇଥିଲା ବୋଲି ଆଇନଜୀବୀ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସୂଚନା ଦେଇଛନ୍ତି।

# ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ/
ଯାଜପୁର ଟାଉନ୍(ଡି.ଏନ୍.ଏ.),୭।୩


ବିରଜା ମନ୍ଦିର ପରିସରରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ଅଧିକାରୀ।

**ଯାଜପୁରରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା**

**ମା'ବିରଜା ମନ୍ଦିର ଉନ୍ନତି ପାଇଁ ସାଢ଼େ ୬କୋଟି ଖର୍ଚ୍ଚ ହେବ**

ଯାଜପୁର ଜିଲାର ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକର କାମ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ରବିବାର ପୂର୍ବାହ୍ଣରେ ଯାଜପୁର ଜିଲାକୁ ଦିନିକିଆ ଗସ୍ତରେ ଆସି ମୁଖ୍ୟ ଶାସନ ସଚିବ ମହାପାତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିରର ଉନ୍ନୟନ ପାଇଁ ୬ କୋଟି ୫୦ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ। ମା'ଙ୍କ ମନ୍ଦିରର ଉନ୍ନତିକରଣ କାମ ଶୀଘ୍ର ଆରମ୍ଭ କରିବାକୁ ମହାପାତ୍ର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କୁସୁମା ପୋଖରୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସଂପ୍ରସାରଣ କାର୍ଯ୍ୟ, ଜିଲା ସ୍କୁଲର ସ୍ମାର୍ଟ କ୍ଲାସ ଆଦି ପରିଦର୍ଶନ କରି ସେ ଆବଶ୍ୟକ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ କାର୍ଯ୍ୟକାରୀ ହେଉଥିବା ଓ ହେବାକୁ ଥିବା ବିଭିନ୍ନ ମେଗା ପ୍ରକଳ୍ପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ। ଯାଜପୁର ଟାଉନ, ବ୍ୟାସନଗର, କଳିଙ୍ଗନଗର ଓ ଜିଲାର ଅନ୍ୟାନ୍ୟ ଅଞ୍ଚଳର ଉନ୍ନୟନ ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନାଗୁଡ଼ିକୁ ସେ ଅନୁଧ୍ୟାନ କରିଥିଲେ। ଡିଏମ୍ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି) ଏବଂ ଓଏମ୍‌ବିଏଡିସି ସହାୟତାରେ ଚାଲୁଥିବା କାର୍ଯ୍ୟ ଓ ପ୍ରସ୍ତୁତ ହୋଇଥିବା ଯୋଜନାଗୁଡିକୁ ମଧ୍ୟ ସେ ସମୀକ୍ଷା କରିଥିଲେ। ୪୦ ଏକର ଜମିରେ ପ୍ରଶାସନିକ ଭବନ ନିର୍ମାଣ ହେଉଛି। ସମସ୍ତ ସ୍କୁଲର ପିଲାମାନେ ଯେପରି ଉତ୍ତମ ଶିକ୍ଷା ପାଇପାରିବେ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଜୀବିକା ମିଶନ ମାଧ୍ୟମରେ ଲୋକମାନଙ୍କୁ କର୍ମନିଯୁକ୍ତି ମଧ୍ୟ ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ। ବ୍ୟାସନଗର ଓ କଳିଙ୍ଗ ନଗରରେ ଏକାଧିକ ପ୍ରକଳ୍ପ ଚାଲୁ ରହିଛି। ଆଗକୁ ଏହାର ଉନ୍ନତକରଣ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇଛି ବୋଲି ସେ କହିଥିଲେ। ଏହି ଅବସରରେ ସେ ଷଠିପୁର, ବ୍ୟାସନଗର ଓ କଳିଙ୍ଗନଗରକୁ ପରିଦର୍ଶନ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହିତ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଆଇଏଏସ୍ ପ୍ରୋବେଶନର ସଚିନ ପାୱାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲିକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ରାଠୋର ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ୍ ମାଧ୍ୟମରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଓ ହେବାକୁ ଥିବା ଯୋଜନାଗୁଡ଼ିକର ନୀଳ ନକ୍ସା ପ୍ରଦର୍ଶନ କରିଥିଲେ।

# ବନ୍ଦ କୋଠରିରୁ ଅଙ୍ଗନୱାଡି କର୍ମୀ ଉଦ୍ଧାର

ଢେଙ୍କାନାଳ ଅଫିସ, ୭।୩

ଢେଙ୍କାନାଳ ଜିଲା ଗଁଦିଆ ଥାନା ଝାରଦା ଗ୍ରାମରୁ ଏକ ବନ୍ଦ ଘରୁ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ପୋଲିସ ରବିବାର ପୂର୍ବାହ୍ଣରେ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ଯୁବକ ଜଗବନ୍ଧୁ ଗୁରୁ (୨୭) ଗିରଫ ହୋଇଛନ୍ତି। ପୀଡ଼ିତା ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୬୪/୨୧, ଦଫା ୩୪୨, ୩୭୬ ଓ ୫୦୬ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଅଙ୍ଗନୱାଡି କର୍ମୀଙ୍କ ଘର ଭୁବନ ବ୍ଲକ ଅଞ୍ଚଳରେ। ଝାରଦା ଗ୍ରାମର ଗାଡ଼ି ଚାଳକ ଜଗବନ୍ଧୁ ଗୁରୁ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ଦୀର୍ଘ ୭ବର୍ଷ ହେଲା ଭୟଭୀତ କରାଇ ଶାରୀରିକ, ମାନସିକ ଭାବେ ଶୋଷଣ କରି ଚାଲିଥିଲେ। ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲେ। ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଗତ ୫ ତାରିଖ ରାତି ପ୍ରାୟ ୨ଟାରେ ଜଗବନ୍ଧୁ ଯୁବତୀଙ୍କ ଘର ପାଖକୁ ଯାଇ ଫୋନ୍ କରି ବାହାରକୁ ଆସିବାକୁ କହିଥିଲେ। ପ୍ରତିବାଦ କରିବାରୁ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଯୁବତୀ ଜଣକ ବାଧ୍ୟହୋଇ ବାହାରକୁ ଆସିବା ପରେ ବାଇକ୍‌ରେ ବସାଇ ଝାରଦା ଗ୍ରାମକୁ ଆଣି ଜଣେ ସମ୍ପର୍କୀୟଙ୍କ ଘରେ ତାଲା ପକାଇ ରଖିଥିଲେ। ପୀଡ଼ିତା ଉପସ୍ଥିତ ବୁଦ୍ଧି ଖଟାଇ ଜଣେ ଗଣମାଧ୍ୟମର ପ୍ରତିନିଧିଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ସୂଚନା ପାଇ ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ଅଭିଯୁକ୍ତଙ୍କ ମୋବାଇଲ ପୋଲିସ ଜବତ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।







# ବିକାଶରେ ସାମିଲ ହେବାକୁ ଆହ୍ୱାନ

ମାଲକାନଗିରି/ଗୋବିନ୍ଦପାଲି,
ରାୟଗଡା ଅଫିସ,୭।୩(ଡି.ଏନ.ଏ.)

**ବଣ୍ଡାଘାଟିରେ ଡିଜିପି**

**ରାୟଗଡ଼ାରେ ଇଣ୍ଟେଲିଜେନ୍ସି ସେଣ୍ଟର ଉଦ୍‌ଘାଟନ**

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମାଓବାଦୀ ଅଧ୍ୟୁଷିତ ବଣ୍ଡାଘାଟିକୁ ରବିବାର ଡିଜିପି ଅଭୟ ଗସ୍ତ କରିଥିଲେ। ବଣ୍ଡାଘାଟିରେ କିଛିଦିନ ତଳେ ପ୍ରତିଷ୍ଠା ହୋଇଥିବା ୨ଟି ବିଏସ୍ଏଫ୍ କ୍ୟାମ୍ପ ପରିଦର୍ଶନ କରି ସେ ମାଓବାଦୀଙ୍କ ସ୍ଥିତି ସମୀକ୍ଷା କରିଛନ୍ତି। ବିଏସ୍ଏଫ୍ ପକ୍ଷରୁ ଆୟୋଜିତ ଜନସମ୍ପର୍କ ଶିବିରରେ ଯୋଗ ଦେଇ ଡିଜିପି ବଣ୍ଡାଘାଟିର ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ଏବେ ଏଠାରେ ୨ଟି ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବା ପରେ ମାଓବାଦୀଙ୍କୁ ଜୋରଦାର ଝଟକା ଲାଗିଛି ବୋଲି ସେ କହିଥିଲେ। ବିକାଶରେ ବାଧକ ନ ସାଜି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଡିଜିପି ଅଭୟ ମାଓବାଦୀଙ୍କୁ ଆହ୍ୱାନ ଦେଇ ହିଂସା ଛାଡ଼ିଲେ ସରକାରଙ୍କ ବିଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରାଯିବ ବୋଲି ସେ କହଥିଲେ। ଅନ୍ୟପକ୍ଷରେ ଡିଜିପି ଅଭୟଙ୍କୁ ଦେଖି ଉକ୍ତ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଡିଜିପି ବଣ୍ଡାଘାଟିରେ ପହଞ୍ଚିବା ପରେ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ବଣ୍ଡା ମହିଳାପୁରୁଷମାନେ ବାଜା ବଜାଇ ତାଙ୍କୁ ସ୍ୱାଗତ କରି ମୁଦୁଲିପଡା ବିଏସ୍ଏଫ୍ କ୍ୟାମ୍ପକୁ ନେଇଥିଲେ।

ଏହି ଅବସରରେ ଡିଜିପି କ୍ୟାମ୍ପରେ ମହିଳାଙ୍କୁ ଶାଢ଼ି, କମ୍ବଳ ଏବଂ ଯୁବକମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ। ପରେ ଅଧିକାରୀଙ୍କ ସହିତ ମାଓବାଦୀ ମୁକାବିଲା ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ମାଓବାଦୀ ମୁକାବିଲା ନେଇ ସ୍ୱତନ୍ତ୍ର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଆର.କେ. ଶର୍ମା, ଏସଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ ସିଂ, ଆଇଜି ଅପରେଶନ ଅମିତାବ ଠାକୁର, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତଙ୍କ ସମେତ ବିଏସ୍ଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଅଣ୍ଡ୍ରାହଲ ପଞ୍ଚାୟତର କାତାଙ୍ଗଗୁଡାରେ ବିଏସ୍ଏଫ୍ ଜନସମ୍ପର୍କ ଶିବିରରେ ଡିଜିପି ଅଭୟ ଯୋଗଦେଇଥିଲେ।

ସେହିପରି ଡିଜିପି ରାୟଗଡ଼ା ଜିଲା ଗସ୍ତରେ ଯାଇ ଜେକେପୁର ରିଜର୍ଭ ଅଫିସଠାରେ ମାଓବାଦୀ ଗତିବିଧି ଓ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ବୈଠକରେ ସିଆର୍‌ପିଏଫ ଏବଂ ବିଏସ୍ଏଫ୍ ଅଧିକାରୀ, ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ସମେତ ଜିଲାସ୍ତରୀୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ପରେ ଡିଜିପି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାୟଗଡ଼ାସ୍ଥିତ ଇଣ୍ଟେଲିଜେନ୍ସି ସେଣ୍ଟର ଉଦ୍‌ଘାଟନ କରିଥିଲେ। ସେହିପରି କରୋନାରେ ମୃତ୍ୟୁ ଘଟିଥିବା ଯୋଦ୍ଧାଙ୍କ ପରିବାର ଏବଂ ଗଞ୍ଜେଇ ଧରପଗଡ଼ରେ ସାମିଲ ୧୦ ଅଧିକାରୀଙ୍କୁ ଭେଟିଥିଲେ।


ବଣ୍ଡା ଘାଟିରେ ଅଧିକାରୀମାନଙ୍କ ସହ ଡିଜିପି ଅଭୟ।



ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାର ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। –ଶ୍ରୀଅରବିନ୍ଦ

# କଥାରେ ଅଖଣ୍ଡତା

ହରିୟାଣା ସରକାର ଘରୋଇ କମ୍ପାନୀରେ ୭୫ ପ୍ରତିଶତ ଚାକିରି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସଂରକ୍ଷଣ କରିବା ଲାଗି ଆଣିଥିବା ବିଲ୍‌କୁ ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟ ନିକଟରେ ମଞ୍ଜୁରୀ ଦେଇଛନ୍ତି। ଏ ସଂକ୍ରାନ୍ତ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର କହିବା ପରେ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୪ ମାର୍ଚ୍ଚ ୨୦୨୦ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍‌କରି କରୋନା ଭାଇରସ୍‌ର ସଂକ୍ରମଣ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କଲେ। ରାତି ୮ଟାରେ ଟେଲିଭିଜନ୍ ମାଧ୍ୟମରେ ଏହି ବାର୍ତ୍ତା ଦେବା ପରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାତି ୧୨ଟାରେ ରେଳ ଓ ଉଡ଼ାଜାହାଜ ସଂଯୋଗ ବାତିଲ କରିଦିଆଗଲା। ଫଳସ୍ୱରୂପ ହରିୟାଣାର ଗୁଡଗାଓଁ, କର୍ଣ୍ଣାଟକର ବେଙ୍ଗାଲୁରୁ, ତାମିଲନାଡୁର ତିରୁପୁର, ଗୁଜରାଟର ସୁରଟ ଏବଂ ମହାରାଷ୍ଟ୍ରର ଅନେକ ଜାଗାରୁ ବିଭିନ୍ନ କଳକାରଖାନାରେ ଏବଂ କୃଷିକ୍ଷେତ୍ରରେ କାମ କରୁଥିବା ଶ୍ରମିକ ଅନେକ ହଜାର କିଲୋମିଟର ଚାଲି ଘରକୁ ଫେରିବା ପାଇଁ ବାଧ ହୋଇଥିଲେ। ସେତେବେଳେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଅମାନୁଷିକ ନିଷ୍ପତ୍ତିକୁ ନ ଦେଖିଲା ଭଳି ବ୍ୟବହାର କରୁଥିବା ବେଳେ ଦେଶର ସବୁ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିଲା। ପ୍ରବାସୀ ଶ୍ରମିକଙ୍କ ରାସ୍ତାରେ ମୃତ୍ୟୁ ଘଟିବା ସହିତ ଅନେକେ ଅବିଚାରର ଶିକାର ହୋଇଥିବା ଖବର ସମସ୍ତେ ଜାଣିଲେ। ତେବେ ମୂଳ କଥା ବୁଝାଗଲା ଯେ, ନିଜ ଘର ଛାଡ଼ି ପ୍ରବାସୀ ଶ୍ରମିକ ଏତେମାତ୍ରାରେ ଦେଶର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରୁଥିବା ବିଷୟ ସରକାର ଜାଣି ନ ଥିଲେ। ମୋଦିଙ୍କ ରାତିଅଧିଆ ନିଷ୍ପତ୍ତି ଯୋଗୁ ଯେଉଁଭଳି ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହେଲା ସେଥିରୁ ଏହି ପ୍ରବାସୀ ପ୍ରସଙ୍ଗ ସମସ୍ତଙ୍କ ଦୃଷ୍ଟିକୁ ଆସିଲା। ହରିୟାଣା ଭଳି ରାଜ୍ୟରେ ଏହି ସମସ୍ୟାର ଅଧିକ ଗୁରୁତ୍ୱ ରହିଥିଲା। ରାଜଧାନୀ ଦିଲ୍ଲୀକୁ ଘେରି ରହିଥିବା ହରିୟାଣାକୁ ଦେଶର ସବୁ ରାଜ୍ୟରୁ ଲୋକ ଯାଇ କାମ କରୁଛନ୍ତି। ତାହାର ଭବିଷ୍ୟତ ସମାଧାନ ଖୋଜିବାକୁ ଯାଇ ସେଠାକାର ଭାଜପା ସରକାର ଉପରଲିଖିତ ଚତୁର ନୀତି ପ୍ରୟୋଗ କରି ଅନ୍ୟ ରାଜ୍ୟର ଲୋକଙ୍କୁ କ୍ରମଶଃ ଛଟେଇ କରିବାର ପନ୍ଥା ବାହାର କରିଥିଲା ଭଳି ମନେହେଉଛି। ଅବଶ୍ୟ ଏଭଳି ଚିନ୍ତାଧାରାର ଅନେକ ସମର୍ଥକ ଅଛନ୍ତି। ଓଡ଼ିଶାରେ ସ୍ଥାପନ ହେଉଥିବା ଶିଳ୍ପରେ ଏଭଳି ଆଇନ ପ୍ରୟୋଗ କରିବା ପାଇଁ ଅନେକ ଦାବିଦାର ବାହାରିଆସିବେ। କିନ୍ତୁ ଏପରି ଦାବି ବାଢ଼ିବା ପୂର୍ବରୁ କିଛି ସମୟ ଚିନ୍ତା କରିବା ଦରକାର। ଉଦାହରଣସ୍ୱରୂପ ହରିୟାଣାର ଅନେକ ଯୁବତୀଯୁବକ ବେଙ୍ଗାଲୁରୁଠାରୁ ଆରମ୍ଭ କରି ବିଭିନ୍ନ ସହରରେ କାର୍ଯ୍ୟରତ। ସେମାନଙ୍କ ଶିକ୍ଷାଗତ ଓ ଅନ୍ୟ ଦକ୍ଷତାକୁ ହେୟଜ୍ଞାନ କରିହେବ ନାହିଁ। ଆଜିର ଦୁନିଆରେ ବିଭିନ୍ନ ଦକ୍ଷତା ହାସଲ କରିଥିବା ଯୁବତୀଯୁବକ ସବୁବେଳେ ନିଜ ଘର ପାଖରେ ନିଯୁକ୍ତି ପାଇବେ ବୋଲି କୌଣସି ସରକାର ସୁନିଶ୍ଚିତ କରିପାରିବେ ନାହିଁ। ଉଦାହରଣସ୍ୱରୂପ ସୂଚନା ଓ ପ୍ରଯୁକ୍ତିରେ ଦକ୍ଷତା ହାସଲ କରିଥିବା ଯୁବତୀଙ୍କୁ ଭୁବନେଶ୍ୱର ତୁଳନାରେ ହାଇଦ୍ରାବାଦ କିମ୍ବା ବେଙ୍ଗାଲୁରୁରେ ଅଧିକ ସୁଯୋଗ ମିଳିପାରେ। ସେହିଭଳି ବମ୍ବେ ସହର ଏବଂ ତା'ର ଚାରିପାର୍ଶ୍ୱରେ ଯେଉଁ ଶିଳ୍ପସବୁ ରହିଛି, ସେଠାରେ ମିଳୁଥିବା ସୁଯୋଗ ପଶ୍ଚିମବଙ୍ଗ କିମ୍ବା ଆସାମର ନାଗରିକଙ୍କୁ ଘରେ ବସି ପାଇବା ଅସମ୍ଭବ ହେବ।

'ଦି ହରିୟାଣା ଷ୍ଟେଟ୍ ଏମ୍ପ୍ଲଏମେଣ୍ଟ ଅଫ୍ ଲୋକାଲ କ୍ୟାଣ୍ଡିଡେଟ୍‌ସ ବିଲ୍, ୨୦୨୦' ଅନୁଯାୟୀ ମାସିକ ୫୦ ହଜାର ଟଙ୍କାରୁ କମ୍ ଦରମା ମିଳୁଥିବା ପଦବୀ ଲାଗି ୭୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯାଇଛି। ସାଧାରଣତଃ କମ୍ପାନୀର ଉଚ୍ଚ ପଦପଦବୀ ଲାଗି ମେଧା ଓ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇଥାଏ। ଅନେକ ପଦବୀ ଏଭଳି ଥାଏ ଯେଉଁଥିରେ ପରିଚାଳନାଗତ କାର୍ଯ୍ୟ ତୁଲାଇବା ଲାଗି ଅଧିକ ଶିକ୍ଷିତ ଯୁବତୀଯୁବକ ଦରକାର ପଡ଼ିଥାଆନ୍ତି। ଏମାନଙ୍କ ଦରମା ମାସିକ ୫୦ ହଜାର ଟଙ୍କାରୁ କମ୍ ହୋଇଥାଏ। ଯଦି କୌଣସି କମ୍ପାନୀରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଇ ୭୫ ପ୍ରତିଶତ ଚାକିରି ସେମାନଙ୍କ ପାଇଁ ସଂରକ୍ଷଣ ରଖାଯାଏ, ସେମାନଙ୍କ ମଧ୍ୟରୁ ଅନେକେ ଉପଯୁକ୍ତ ଯୋଗ୍ୟତାର ଅଧିକାରୀ ହୋଇ ନ ଥାଇପାରନ୍ତି। ଏତଦ୍‌ବ୍ୟତୀତ ଘରେ ରହି ଶିଳ୍ପରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଅତ୍ୟନ୍ତ ଅଳସୁଆ ପାଲଟିଯାଏ। କାମ ପରିବର୍ତ୍ତେ ଦାଦାଗିରି ଏବଂ ଶ୍ରମିକ ରାଜନୀତିରେ ଅଧିକ ଶକ୍ତି ବ୍ୟବହାର କରିଥାନ୍ତି। ଏହାଫଳରେ ଉତ୍ପାଦନ ହ୍ରାସପାଏ, ସାମଗ୍ରୀର ମାନ ନିମ୍ନ ରହେ ଓ କମ୍ପାନୀ କ୍ଷତିକୁ ଚାଲିଯାଏ। ସେଥିପାଇଁ ଘରଠାରୁ ଦୂରକୁ ଯାଇ କାମ କରିବା ଅର୍ଥନୀତି ପାଇଁ ଅତ୍ୟନ୍ତ ଆବଶ୍ୟକ। ଯେଉଁ ଦେଶର ମାଇଗ୍ରାଣ୍ଟ ବା ପ୍ରବାସୀ ଲୋକଙ୍କ ସଂଖ୍ୟା ଅଧିକ ହୋଇଥାଏ, ସେହି ଦେଶରେ ଅର୍ଥନୈତିକ ଅଗ୍ରଗତି ଆଖିଦୃଶିଆ ହୋଇଥିବାର ପ୍ରମାଣ ଦେଖିବାକୁ ମିଳେ ଯୁକ୍ତରାଷ୍ଟ୍ର ଆମେରିକାରେ। ଯଦି ପ୍ରବାସୀ ଶ୍ରମିକ ଅଲୋଡ଼ା ବା ଘୃଣ୍ୟ, ଲକ୍‌ଡାଉନ୍ ଶେଷହେବା ପୂର୍ବରୁ ହରିୟାଣା, ମହାରାଷ୍ଟ୍ର, ଗୁଜରାଟ ଓ କର୍ଣ୍ଣାଟକ ରାଜ୍ୟ ନିଜ ସରକାରୀ ପରିବହନ ବସ୍ ପଠାଇ ଓଡ଼ିଶା ଭଳି ରାଜ୍ୟରୁ ଶ୍ରମିକ ବୋହିବାର ଉଦ୍ୟମ ବିଷୟରେ ସମସ୍ତେ ଅବଗତ। ଏଥିରୁ ବୁଝିବାକୁ ହେବ ବିନା ସୂଚନାରେ ଲକ୍‌ଡାଉନ୍ ଘୋଷଣା କରାଯାଇ ଯେଉଁ ତ୍ରୁଟି ହୋଇଥିଲା, ତାହାର ପ୍ରତିକାର ଏଭଳି ଆଇନ ମାଧ୍ୟମରେ କରାଯାଇପାରିବ ନାହିଁ। ଯଦି ସେଭଳି କରାଯାଏ, ତେବେ ସବୁ ରାଜ୍ୟକୁ ଏହି ନିଆଁ ବ୍ୟାପିବ। ତା'ର ଫଳସ୍ୱରୂପ ଭାରତର ଅଖଣ୍ଡତା ପ୍ରଥମେ ଧ୍ୱଂସ ପାଇବ। କେବଳ ଅଖଣ୍ଡତା ବିଷୟରେ କୁହାଯାଉଛି, କିନ୍ତୁ କାମରେ ଭିନ୍ନ ଦିଗ ଆପଣାଯାଉଛି।

## ସାପ୍ତାହିକ ପଞ୍ଜିକା

**ମାର୍ଚ୍ଚ ୧:** ମାସକ ଭିତରେ ରନ୍ଧନ ଗ୍ୟାସ ୧୦୦ ଟଙ୍କା ବୃଦ୍ଧି ଘଟିଛି।
**ମାର୍ଚ୍ଚ ୨:** କୋରାପୁଟ ଜିଲା ସୁଙ୍କି ଆଉଟପୋଷ୍ଟ ନିକଟରୁ ଏକ କାରରୁ ପୋଲିସ ୭.୯ କୋଟିର ନକଲି ନୋଟ୍ ଜବତ କରିଛି।
**ମାର୍ଚ୍ଚ ୩ :** ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ : ଭିନ୍ନମତ ଦେଶଦ୍ରୋହ ନୁହେଁ।
➢ଅନୁରାଗ କାଶ୍ୟପ ଓ ତାପସୀ ପନ୍ନୁଙ୍କ ସରକାରୀ ବିରୋଧୀ ମତ ଯୋଗୁ ଉଭୟଙ୍କ ଘରେ ଆୟକର ବିଭାଗର ଚଢାଉ।
**ମାର୍ଚ୍ଚ ୪ :** କେନ୍ଦ୍ରାପଡ଼ାରେ ମିତ୍ତଲ କରିବ ଷ୍ଟିଲ ପ୍ଲାଣ୍ଟ।
**ମାର୍ଚ୍ଚ ୫ :** ୨୦୧୬ ନୂଆଦିଲ୍ଲୀରେ ଗୋପାଳଗଞ୍ଜ ମଦମୃତ୍ୟୁ ମାମଲାରେ ସ୍ୱତନ୍ତ୍ର ଅବକାରୀ କୋର୍ଟ ୯ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି।
➢ଲେଖାପଢ଼ା ନ ଜାଣି ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ଅଗସ୍ତିନୂଆଗାଁ ସରପଞ୍ଚ ପି. ସୀମାଦ୍ରି ଅଯୋଗ୍ୟ ଘୋଷିତ।
**ମାର୍ଚ୍ଚ ୬ :** ଟିକା ସାର୍ଟିଫିକେଟରୁ ମୋଦିଙ୍କ ଫଟୋ ହଟାଇବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | 2 | | B | C | | 8 | | 9 | 1 | | |
| 0 | | | | | E | | | | | 3 | A | | 7 | |
| E | 1 | 6 | D | | | 8 | | | 2 | | 5 | | | 4 |
| 7 | | | | | | | | | | | | | 0 | |
| | | | | | 3 | | | | 1 | | 4 | A | | 5 |
| | C | | | | 7 | | 8 | | | | 1 | | A | |
| A | | | 4 | C | | | | | | 5 | | | | |
| 8 | 7 | | | 9 | | | 5 | | | 6 | | | 2 | E |
| B | | | A | 8 | 2 | | | C | | | | 5 | | |
| | 9 | | | 1 | 0 | | | 4 | | | | | 3 | |
| | | B | | | | | | 7 | | | D | | 5 | |
| | | 7 | | | | | 9 | E | 5 | 4 | 0 | | | 1 |
| 9 | 0 | | 3 | E | | | | A | | | | 2 | 8 | |
| | | C | | A | 1 | | | | 9 | | | D | | 0 |
| | | E | 2 | 7 | 9 | | 6 | | | | C | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | D | 0 | E | 8 | A | 1 | 9 | C | 2 | B | 7 | 3 | 5 |
| 7 | B | 2 | 4 | 9 | C | 5 | 3 | D | E | 0 | 8 | A | 6 | 1 |
| E | A | 1 | 3 | B | 2 | 6 | 8 | 7 | D | 5 | 4 | 9 | C | 0 |
| 0 | 3 | 8 | 6 | 1 | 5 | C | E | B | 7 | A | 9 | D | 2 | 4 |
| 9 | C | 5 | 7 | A | D | 4 | 2 | 0 | 3 | 1 | 6 | E | B | 8 |
| 1 | 6 | 4 | 5 | 0 | 3 | 2 | 7 | A | B | E | C | 8 | 9 | D |
| 5 | E | A | B | C | 4 | 1 | 9 | 6 | 2 | 8 | D | 3 | 0 | 7 |
| D | 9 | C | E | 2 | 7 | 8 | 5 | 3 | 4 | 6 | 0 | 1 | A | B |
| 8 | 7 | 0 | 9 | 6 | A | B | D | 4 | 1 | 3 | 5 | 2 | E | C |
| 3 | 2 | B | D | 8 | 1 | E | 0 | C | A | 9 | 7 | 4 | 5 | 6 |
| 2 | 5 | 3 | C | 7 | B | 9 | 6 | E | 8 | 4 | 1 | 0 | D | A |
| A | 1 | 9 | 8 | 4 | 0 | 3 | B | 5 | 6 | D | E | C | 7 | 2 |
| B | 8 | E | 1 | 5 | 9 | D | C | 2 | 0 | 7 | A | 6 | 4 | 3 |
| C | D | 7 | A | 3 | 6 | 0 | 4 | 8 | 9 | B | 2 | 5 | 1 | E |
| 4 | 0 | 6 | 2 | D | E | 7 | A | 1 | 5 | C | 3 | B | 8 | 9 |

ଗତକାଲିର ଉତ୍ତର

# ମହିଳା ମୁକ୍ତି ସଂଗ୍ରାମର ଐତିହାସିକ ଦୃଶ୍ୟପଟ



ସନ୍ଦୀପ କୁମାର ପଟ୍ଟନାୟକ

ଆଜି ହେଉଛି ଆନ୍ତର୍ଜାତିକ ମହିଳା ଦିବସ। ମହାତ୍ମା ଜୋତିବା ଫୁଲେ, ସାବିତ୍ରୀବାଈ ଫୁଲେ, ଫତିମା ଶେଖ୍, ଡ. ବାବାସାହେବ ଆମ୍ବେଡକରଙ୍କ ଯୋଗଦାନକୁ ମନେ ନ ପକାଇ ମହିଳା ଦିବସ ପାଳନ କରିବା ହେଉଛି ଏକ ଧୃଷ୍ଟତା ମାତ୍ର! କେତେକେ ଅବଗତ ନ ଥିବେ ଯେ ଡ. ଆମ୍ବେଡକର ସର୍ବଦା ଭାରତୀୟ ସମାଜରେ ମହିଳାମାନଙ୍କ ସମାନତାର ଅଧିକାର ପାଇଁ କଠିନ ପରିଶ୍ରମ କରିଥିଲେ।

ମହାତ୍ମା ଜୋତିବା ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀବାଈ ଫୁଲେ ୧୯ଶ ଶତାବ୍ଦୀରେ ମହିଳାମାନଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ବହୁବିଧ ପଦକ୍ଷେପ ନେଇଥିଲେ। ଜୋତିବା ଫୁଲେ ପ୍ରଥମେ ନିଜ ପତ୍ନୀଙ୍କୁ ଘରେ ଶିକ୍ଷା ଦେଇଥିଲେ ଏବଂ ତା'ପରେ ସେ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ କଲେ। ୧୮୫୦ରେ ଅସ୍ପୃଶ୍ୟ ସମ୍ପ୍ରଦାୟର ଝିଅମାନଙ୍କ ପାଇଁ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ବୋଧହୁଏ ଏହା ଥିଲା ଦେଶରେ ପ୍ରଥମ।

ଜାତିଗତ କୁସଂସ୍କାର ବିରୋଧରେ ଡ. ଆମ୍ବେଡକର ନିଜ ସଂଘର୍ଷର ଆରମ୍ଭରୁ ହିଁ ମହିଳାମାନଙ୍କୁ ଜଡ଼ିତ କରିଥିଲେ। ସେ ଅନୁଭବ କଲେ ଯେ, ମହିଳାମାନଙ୍କୁ ମୁକ୍ତ ନ କରି ଦଳିତମାନଙ୍କର ପ୍ରକୃତ ପ୍ରଗତି ହାସଲ କରାଯାଇପାରିବ ନାହିଁ। ୧୮ ଜୁଲାଇ ୧୯୨୭ରେ ଡ. ଆମ୍ବେଦକର ଦଳିତ ବର୍ଗର ପ୍ରାୟ ତିନି ହଜାର ମହିଳାଙ୍କ ଏକ ବୈଠକକୁ ସମ୍ବୋଧିତ କରି କହିଥିଲେ, 'ମହିଳାମାନଙ୍କ ଦ୍ୱାରା ହାସଲ କରାଯାଇଥିବା ପ୍ରଗତିରେ ସମାଜର ପ୍ରଗତିକୁ ମାପ କରାଯିବ।' ଡ. ଆମ୍ବେଡକର, ମୁକ ନାୟକ ଏବଂ ବହିସ୍କୃତି ଭାରତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଖବରକାଗଜରେ ମୁଖ୍ୟତଃ ମହିଳା ଏବଂ ସେମାନଙ୍କ ସଶକ୍ତୀକରଣ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ପ୍ରକାଶ କରୁଥିଲେ।

ସ୍ୱାଧୀନତାର ପୂର୍ବବର୍ତ୍ତୀ କାଳରେ କେବଳ ୧୩% ଭାରତୀୟ ନାଗରିକ ଭୋଟ ଦେବାର ଅଧିକାର ପାଇଥିଲେ। ବିଶେଷକରି ଉଚ୍ଚ ଜାତିର ଲୋକମାନେ ଏହି ଅଧିକାର ପାଇଥିଲେ। ସ୍ୱାଧୀନତା ପୂର୍ବର କିଛି ଦଶନ୍ଧି ପୂର୍ବରୁ ସାର୍ବଜନୀନ ଭୋଟ ଦେବାର ଅଧିକାର ପାଇଁ ଦାବି ଆରମ୍ଭ ହେଲା। ମୋତିଲାଲ ନେହେରୁଙ୍କ ରିପୋର୍ଟରେ ''ସାର୍ବଜନୀନ ଭୋଟ ଅଧିକାର ଏବଂ ମହିଳାମାନଙ୍କ ପାଇଁ ସମାନ ଅଧିକାର'' ପ୍ରଥମ କରି ଉଲ୍ଲିଖିତ ହେଲା।

୧୯୨୮ରେ ଡ. ବି.ଆର. ଆମ୍ବେଡକର ସାଇମନ୍ କମିଶନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲେ ଏବଂ ଭାରତର ସମ୍ବିଧାନରେ ସାର୍ବଜନୀନ ଭୋଟ ଅଧିକାର ସାମିଲ କରିବା ପାଇଁ ଜୋର୍ ଦେଲେ। ତାଙ୍କ ଅନୁସାରେ ନିର୍ବାଚନ ''ସମାଜର ସବୁଠାରୁ ନିଷ୍ପେଷିତ ବର୍ଗଙ୍କ ହାତରେ ଏକ ଅସ୍ତ୍ର'' ଏବଂ ଭୋଟ ଅଧିକାର ସେମାନଙ୍କୁ ରାଜନୈତିକ–ଆଇନଗତ ସମାନତା ପ୍ରଦାନ କରିବ। ଏହା ମହିଳା ଓ ଦଳିତ ବର୍ଗମାନଙ୍କ ମୁକ୍ତିର ପଥ ଥିଲା।

ତା'ପରେ ଡ. ଆମ୍ବେଡକର ମହିଳା, ବିଶେଷକରି ଦଳିତ ମହିଳାମାନଙ୍କୁ ସଂଘର୍ଷରେ ଆଣିଲେ। ଡିସେମ୍ବର ୧୯୨୭ରେ ସହରର ମୁଖ୍ୟ ଜଳଟ୍ୟାଙ୍କରୁ ପାଣି ନେଇ ଅସ୍ପୃଶ୍ୟ ସମ୍ପ୍ରଦାୟର ଅଧିକାର ପାଇଁ ଲଢ଼ିବା ପାଇଁ ସେ ମାହଦରେ ଏକ ସତ୍ୟାଗ୍ରହର ନେତୃତ୍ୱ ଦେଇଥିଲେ। ସେଇ ସଂଘର୍ଷର ପ୍ରଥମ ଦିନ ଯେତେବେଳେ ଯାତ୍ରା ବାହାର କରାଯାଇଥିଲା, ମହିଳାମାନେ ପୁରୁଷମାନଙ୍କ ସହିତ ଯାତ୍ରା କରିଥିଲେ। ଦ୍ୱିତୀୟ ଦିନ, ଡ. ଆମ୍ବେଡକର ବିଶେଷ ଭାବେ ମହିଳାମାନଙ୍କୁ ସମ୍ବୋଧିତ କରିଥିଲେ। ଜାତି ବ୍ୟବସ୍ଥାର ଅତ୍ୟାଚାର ବିରୋଧରେ ସଂଘର୍ଷରେ ଅଂଶଗ୍ରହଣ କରିବାକୁ ସେ ସେମାନଙ୍କୁ କହିଲେ। ସେମାନଙ୍କୁ ଗୁରୁତ୍ୱାରୋପ କରିଥିଲେ ଯେ, କେବଳ ପୁରୁଷମାନେ ଏହି ସଂଘର୍ଷ ସହିତ ଏକା ଲଢ଼ିପାରିବେ ନାହିଁ। ତାଙ୍କ ଭାଷଣର ମୁଖ୍ୟ ବିଷୟବସ୍ତୁ ଥିଲା– ''ଦଳିତମାନଙ୍କ ସଂଘର୍ଷରେ ମହିଳାମାନଙ୍କ ଅଂଶଗ୍ରହଣର ଗୁରୁତ୍ୱ''। ସେ ମଧ୍ୟ ମହିଳାମାନଙ୍କୁ ସାଂସ୍କୃତିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ କରିବାକୁ ଚାହୁଁଥିଲେ। ସେ ସେମାନଙ୍କୁ କହିଲେ ଯେ, ସେମାନଙ୍କର ପୋଷାକ ପିନ୍ଧିବା ଶୈଳୀ ପରିବର୍ତ୍ତନ କରନ୍ତୁ, ଅବାଞ୍ଛିତ ଅଳଙ୍କାରକୁ ଦୂର କରନ୍ତୁ, ଝିଅମାନଙ୍କୁ ବିଦ୍ୟାଳୟକୁ ପଠାନ୍ତୁ ଏବଂ ସ୍ୱଚ୍ଛତା ରଖନ୍ତୁ। ତାଙ୍କର ଭାଷଣ ଏତେ ପ୍ରଭାବଶାଳୀ ଥିଲା ଯେ, ମହିଳାମାନେ ସେହି ବୈଠକରେ ଅବାଞ୍ଛିତ ଅଳଙ୍କାର ପରିତ୍ୟାଗ କରିଦେଲେ। ଆସନ୍ତାଦିନ ମହିଳାମାନେ ସେମାନଙ୍କର ପୋଷାକ ପିନ୍ଧା ଶୈଳୀରେ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିଥିଲେ। ଏହିପରି ଡ. ଆମ୍ବେଡକର ଦଳିତ ମହିଳାଙ୍କ ମନୋଭାବରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଲେ। ଏହା ଆନ୍ଦୋଳନକୁ ଅତିରିକ୍ତ ପ୍ରୋତ୍ସାହନ ପ୍ରଦାନ କଲା।

ଡ. ଆମ୍ବେଡକର ପରିବାର ନିୟନ୍ତ୍ରଣ ଯୋଜନାର ଜଣେ ଉତ୍ସାହୀ ସମର୍ଥକ ଥିଲେ। ସେ ୧୦ ନଭେମ୍ବର ୧୯୩୮ରେ ବମ୍ବେ ବିଧାନସଭାରେ ବିତର୍କ ସମୟରେ ମହିଳା ପ୍ରସଙ୍ଗକୁ ଆଇନ ପରିଷଦର ସଦସ୍ୟ ଭାବେ ଉଠାଇଥିଲେ। ସେ ପରିବାର ନିୟନ୍ତ୍ରଣ ଯୋଜନା ପଦକ୍ଷେପକୁ ଦୃଢ଼ ଭାବେ ଓକିଲାତି କରିଥିଲେ ଏବଂ କହିଲେ ଯେ, ଅନେକ ପିଲାଙ୍କୁ ଜନ୍ମ ଦେବାରେ ମା'ମାନଙ୍କ ସ୍ୱାସ୍ଥ୍ୟକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି। ଏପରିକି ସେ ସାର୍ବଜନୀନ ଭାଷଣରେ ନିଜର ମାତାପିତାଙ୍କୁ ସମାଲୋଚନା କରିଥିଲେ। କାରଣ ସେ ନିଜେ ପରିବାରର ୧୪ଶ ସନ୍ତାନ ଥିଲେ। ଏହା ଦର୍ଶାଉଛି ଯେ, ମହିଳାମାନଙ୍କର ଉନ୍ନତି ପାଇଁ ତାଙ୍କର କେତେ ପ୍ରଚେଷ୍ଟା ଥିଲା।

ଡ. ଆମ୍ବେଡକର ମଧ୍ୟ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। ଏହିପରି ଏକ ଐତିହାସିକ ମହିଳା ସମ୍ମିଳନୀ ୨୦ ଜୁଲାଇ ୧୯୪୨ରେ ନାଗପୁରରେ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ୨୫,୦୦୦ ଦଳିତ ମହିଳା ଅଂଶଗ୍ରହଣ କରିଥିଲେ। ଆମ୍ବେଡକର ବିଶାଳ ସମାବେଶ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ଥିଲେ। ନିଜ ଭାଷଣରେ ସେ ମହିଳାମାନଙ୍କୁ ପ୍ରଗତିଶୀଳ ହେବାକୁ କହିଥିଲେ ଏବଂ ସେମାନଙ୍କୁ ପାରମ୍ପରିକତା, ରୀତିନୀତି ଏବଂ ପାରମ୍ପରିକ ଅଭ୍ୟାସକୁ ସମାପ୍ତ କରିବାକୁ କହିଥିଲେ, ଯାହା ସେମାନଙ୍କ ପ୍ରଗତି ପାଇଁ କ୍ଷତିକାରକ ଥିଲା। ପିଲାମାନଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟି ନ କରିବା ଏବଂ ସେମାନଙ୍କୁ ଶୀଘ୍ର ବିବାହ ନ କରିବାକୁ ପରାମର୍ଶ ଦେଇଥିଲେ।

ସମ୍ବିଧାନର ଡ୍ରାଫ୍ଟିଂ କମିଟି ଅଧ୍ୟକ୍ଷ ଭାବେ ଡ. ଆମ୍ବେଡକର ଲିଙ୍ଗ, ଧର୍ମ ଆଦି ବିନା ସମସ୍ତ ନାଗରିକଙ୍କୁ ସମାନ ମାନ୍ୟତା ପ୍ରଦାନ କରିବାରେ ସହାୟକ ଥିଲେ। ଏହିପରି ହିନ୍ଦୁ ଆଇନ ପୁସ୍ତକ ଅନୁଯାୟୀ ମହିଳାମାନେ ସେମାନଙ୍କର ନିମ୍ନ ସ୍ଥିତି ବିରୋଧରେ ପ୍ରଥମ ଥର ପାଇଁ ଆଇନଗତ ଭାବେ ସମାନ ସ୍ଥିତି ପାଇଲେ।

ପରବର୍ତ୍ତୀ ଐତିହାସିକ କାର୍ଯ୍ୟ, ଯାହା ଡ. ଆମ୍ବେଡକର କରିଥିଲେ; ତାହା ଥିଲା ''ହିନ୍ଦୁ ସଂହିତା ବିଲ୍''। ସେ ଏହି ବିଲ୍‌କୁ ଜବାହରଲାଲ ନେହେରୁଙ୍କ ପ୍ରତିଶ୍ରୁତି ପରେ ସଂସଦରେ ରଖିଲେ ଯେ ବିଲ୍‌ଟି ଯେପରି ଗୃହୀତ ହେବ। ସେ ମୂଳତଃ ସମ୍ପତ୍ତି ଅଧିକାର ପ୍ରଦାନ କରିବା ଏବଂ ବିବାହ, ଗ୍ରହଣ, ଛାଡ଼ପତ୍ର ଇତ୍ୟାଦି ଭଳି ଅନ୍ୟ ଅନେକ ପ୍ରସଙ୍ଗରେ ଅଧିକାର ଦେଇ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହି ବିଲ୍‌ଟିର ପ୍ରବକ୍ତା ଥିଲେ। କିନ୍ତୁ ମନୁ ସଂହିତାର ମାନସିକତା ଥିବା ରକ୍ଷଣଶୀଳ ହିନ୍ଦୁମାନେ ଏହି ବିଲ୍‌କୁ ସଂସଦରେ ଗୃହୀତ କରିବାକୁ ଅନୁମତି ଦେଇ ନ ଥିଲେ। ଏହି ବିଲ୍ ଗୃହୀତ ନ ହେବା ବିରୋଧରେ ସେ ସରକାରରୁ ଇସ୍ତଫା ଦେଇଥିଲେ। ତାଙ୍କ ମନ୍ତ୍ରୀ ପଦ ତ୍ୟାଗ ପରେ ବିଲ୍ ଗୃହୀତ କରାଯାଇଥିଲା ସଂଶୋଧନ କରି। ମହିଳାମାନଙ୍କ ସମ୍ପତ୍ତି ଉପରେ ଅଧିକାରକୁ ନେଇ ତୁରନ୍ତ ଗୃହୀତ କରାଯାଇଥିଲା। ଏହା ନିଜେ ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ଐତିହାସିକ କାର୍ଯ୍ୟ ଥିଲା। ଏହାର ସମ୍ପୂର୍ଣ୍ଣ ଶ୍ରେୟ ଡ. ଆମ୍ବେଡକରଙ୍କୁ ହିଁ ଯାଏ।

ସେହିପରି ଓଡ଼ିଶାରେ ସରଳା ଦେବୀ, ରମା ଦେବୀ, ମାଳତୀ ଦେବୀ, ପ୍ରତିଭା କର, ସୁପ୍ରଭା କର, ସୁଖଲତା ରାଓ, ସରୋଜିନୀ ଚୌଧୁରୀ, ନିର୍ମଳା ଦେବୀ, ଏବଂ ଅନେକ ସକ୍ରିୟ ଥିଲେ। ସେମାନଙ୍କର କେବଳ ଜାତୀୟ ଆନ୍ଦୋଳନରେ ଅଂଶଗ୍ରହଣ ନୁହେଁ, କିନ୍ତୁ ମହିଳା ମୁକ୍ତି ଚେତନା ସୃଷ୍ଟି କରିବାରେ ଥିଲେ ପ୍ରମୁଖ ମହିଳା ନେତା ଏବଂ କାର୍ଯ୍ୟକର୍ତ୍ତା। ତେବେ ଭାରତର ସମ୍ବିଧାନ ଦ୍ୱାରା ପ୍ରଦାନ କରାଯାଇଥିବା ଆଇନଗତ ସମାନତା ସ୍ଥିତି ସତ୍ତ୍ୱେ ଭାରତରେ ମହିଳାମାନଙ୍କୁ ଏବେ ମଧ୍ୟ ସମାଜରେ ଶୋଷଣ କରାଯାଉଛି। ମହିଳା ମୁକ୍ତି ଆନ୍ଦୋଳନକୁ ଆଗକୁ ନେବାର ଆବଶ୍ୟକ ଅଛି। ସମାଜ ବିକାଶର ଏକ ନିରନ୍ତର ପ୍ରକ୍ରିୟାରେ ଅଛି। ଏହି ଅସନ୍ତୁଳନକୁ ଠିକ୍ କରିବା ପାଇଁ ଅନେକ ଦିନ ଲାଗିବ। ଗଭୀର ଭାବେ ବସିଥିବା ସାଂସ୍କୃତିକ ମୂଲ୍ୟକୁ ଦୂର କରିବା କିମ୍ବା ଭେଦଭାବକୁ ସ୍ଥାୟୀ କରୁଥିବା ପରମ୍ପରାକୁ ପରିବର୍ତ୍ତନ କରିବା ସହଜ ନୁହେଁ। ଆଇନ କେବଳ ପରିବର୍ତ୍ତନର ଏକ ଉପକରଣ ହୋଇପାରେ, ଯାହା ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯିବା ଆବଶ୍ୟକ। ଆମ ଜୀବନକାଳରେ ଆମ ମଧ୍ୟରୁ କେହି ଲିଙ୍ଗଗତ ସମାନତାର ସମାଜ ଦେଖିବେ ନାହିଁ। ତେବେ ଆମେ ସମସ୍ତେ ଏକ ସମାନତାମୂଳକ ସମାଜ ଗଠନ ପାଇଁ କାର୍ଯ୍ୟ କରିବା ଦିଗରେ ଅଗ୍ରସର ହେବା ଜରୁରୀ।

ଭୁବନେଶ୍ୱର, ମୋ–୦୯୯୩୮୦୬୩୨୭୫

# ଗଣତନ୍ତ୍ରରେ ବହୁବାଦୀ ତତ୍ତ୍ୱ



ମୋହନ ଚରଣ ବିଷି

ଆଜିର ଗଣତନ୍ତ୍ର ଉପରେ ଗଣଙ୍କର ଆସ୍ଥା କମିବାରେ ଲାଗିଛି। ଗଣତନ୍ତ୍ର ଶାସନ କିଛି ଗୋଷ୍ଠୀ ମଧ୍ୟରେ ସୀମିତ ହେବାରେ ଲାଗିଛି। ଗଣତନ୍ତ୍ରର ରକ୍ଷକ କହୁଥିବା କିଛି ସ୍ୱାର୍ଥପର ଗୋଷ୍ଠୀ ନିଜ ହିସାବରେ ଶାସନ ପରିଚାଳନା କରିବା ପାଇଁ ଚେଷ୍ଟିତ। ରାଜନୈତିକ ଦଳରେ ନିଜର ପତିଆରା ଥିବାଯାଏ ବା ପଦପଦବୀରେ ମଣ୍ଡିତ ଥିଲେ ଦଳ ନିଜର। ଦଳ ମଧ୍ୟରେ ଯଦି ଅସମ୍ମାନ ଅବା ଇଚ୍ଛା ମୁତାବକ କିଛି ପ୍ରାପ୍ତି ହୋଇ ନ ପାରିଲେ, ନିର୍ବାଚନ ସମୟରେ ଟିକଟ୍ ନ ମିଳିଲେ ସାଙ୍ଗେ ସାଙ୍ଗେ ଦଳବଦଳ କରୁଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଦଳର ନୀତି ଆଦର୍ଶରେ ସନ୍ତୁଷ୍ଟ ନ ହୋଇ ଗୋଟିଏ ଦଳରେ ଥାଇ କ୍ଷମତା ଓ ବରିଷ୍ଠତା ଆଶାରେ ଅନ୍ୟଦଳ ସହ ଭିତିରି ସମ୍ପର୍କ ନୂଆକଥା ନୁହଁ। ଏପରି ଅନେକ ମତ ଓ ପଥ ଶାସନତନ୍ତ୍ରରେ ଅସ୍ଥିରତା ସୃଷ୍ଟି କରିଥାଏ। ଗଣତାନ୍ତ୍ରିକ ଏକ ବ୍ୟବସ୍ଥା, ଯେଉଁଠି ପ୍ରତ୍ୟେକ ନାଗରିକର ଅଂଶ ଥାଏ। ସାଧାରଣ ନାଗରିକ ଭୋଟଦାନର ଅଧିକାର ପାଇ ଯଥେଷ୍ଟ ମଣିଥାଏ। ତା'ର ଖଣ୍ଡିଏ ଭୋଟ ପ୍ରାର୍ଥୀର ଭାଗ୍ୟ ନିର୍ଦ୍ଧାରଣ କରିଥାଏ, ସେ ସେତେ ଅନୁଭବୀ ପାରେ ନାହିଁ। ସାଧାରଣ ନାଗରିକକୁ ସେଥିପାଇଁ ପ୍ରଭାବିତ କରିବାକୁ ଅନେକ ବିକଳ୍ପ ଅବଲମ୍ବନ କରାଯାଏ।

ରାଜନେତାମାନେ ଗୋଟିଏ ଦଳ, ସଂସ୍ଥା, ସଂଗଠନରେ ସଂପୃକ୍ତ ନ ହୋଇ ଅନେକ ସଂସ୍ଥା ଓ ସଂଗଠନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତ ରହିଥାନ୍ତି। ବହୁବାଦୀ ତତ୍ତ୍ୱରେ ବିଶ୍ୱାସ ରଖୁଥିବା ଜନନେତା ନାଗରିକମାନଙ୍କ ବହୁମୁଖୀ ଉନ୍ନତି କରିବାରେ ବିଫଳ ହୋଇଥାନ୍ତି। ବହୁବାଦୀ ଏକ ପରିବର୍ତ୍ତେ ଅନେକ ମତ ଉପରେ ଗୁରୁତ୍ୱ ଦିଅନ୍ତି। ରାଷ୍ଟ୍ରର ସର୍ବୋଚ୍ଚ କ୍ଷମତାକୁ ଅସ୍ୱୀକାର କରି ରାଷ୍ଟ୍ର ଓ ଅନ୍ୟସଂଘ ସମସ୍ତେ ସମାଜର ସାମୂହିକ କ୍ଷମତାରେ ଅଂଶୀଦାର ବୋଲି ବହୁବାଦୀମାନେ ମତବ୍ୟକ୍ତ କରନ୍ତି। ସମାଜରେ ବିଭିନ୍ନ ପ୍ରକାର ସଂଘ ରହିଛି। କେତେକ ସଂଘ ଅଳ୍ପ ସ୍ଥାୟୀ ଓ ଅନ୍ୟ କିଛି ସଂଘ ଦୀର୍ଘସ୍ଥାୟୀ। ପ୍ରତ୍ୟେକ ସଂଘ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରିଥାଏ। ଅନେକ ସମୟରେ ସଂଘରେ ଥିବା ଶକ୍ତିଶାଳୀ ଗୋଷ୍ଠୀ ନିଜ ସ୍ୱାର୍ଥ ଓ ହିତକୁ ସାମୂହିକ ମନେକରି ଅନ୍ୟ ଉପରେ ଲଦି ଦିଅନ୍ତି। ଫଳରେ ବ୍ୟକ୍ତିର ଚିନ୍ତା ଓ କାର୍ଯ୍ୟ କରିବାର ସ୍ୱାଧୀନତା ଲୋପ ପାଇଥାଏ। ଧୀରେ ଧୀରେ ଗୋଷ୍ଠୀର ଅତ୍ୟାଚାରରେ ପୀଡ଼ିତ ହୋଇଥାଏ। ଯଦି ସଂଘର ଏପରି ମନମୁତାବକ କାର୍ଯ୍ୟରେ ସ୍ୱର ଉତ୍ତୋଳନ କରା ନ ଯାଏ ତେବେ ବ୍ୟକ୍ତି ଅସହାୟ ମନେକରେ। ତେଣୁ ତ ସଂଘଗୁଡ଼ିକର ନିୟନ୍ତ୍ରଣର ଆବଶ୍ୟକତା ରହିଛି। ଯେଉଁଠି ଅନେକଙ୍କ ମିଳନ ହୁଏ ସେଠି ସମନ୍ୱୟ ଆବଶ୍ୟକ ହୋଇଥାଏ। ସଂଘ ମଧ୍ୟ ବିଭିନ୍ନ ଉଦ୍ଦେଶ୍ୟରେ ଗଠିତ ହୋଇଥିବାରୁ ନିଜ ନିଜ ଦୃଷ୍ଟିରେ ସମାଜର ସମସ୍ୟା ଉପରେ କାର୍ଯ୍ୟ କରିଥାନ୍ତି। ସଂଘ ସଂଘ ମଧ୍ୟରେ ବିଭିନ୍ନତା ଫଳରେ ସହଯୋଗ ହ୍ରାସ ପାଇ ସଂଘର୍ଷ ଉପୁଜିପାରେ। ଏଣୁ ସଂଘ ସମୁଦାୟ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ହେବା ବିଧେୟ। ସଂଘ ବ୍ୟବସ୍ଥା ଥିବା ସମାଜରେ ସବୁ କ୍ଷମତା ଦେଶ ହାତରେ ନ ସମର୍ପି ବିକେନ୍ଦ୍ରିତ ହେବା ଉଚିତ ବୋଲି ବହୁବାଦୀମାନେ ମତ ଦିଅନ୍ତି।

ରାଷ୍ଟ୍ର ଯେମିତି ସାଧାରଣ ବିଷୟବସ୍ତୁ ଉପରେ ଆଇନ ତିଆରି କରିଥାଏ ଠିକ୍ ସେହିପରି ସଂଘ ମଧ୍ୟ ବୃତ୍ତିଗତ, ଧର୍ମଗତ, ସଂସ୍କୃତି ସମ୍ପର୍କିତ ଆଇନ ତିଆରି କରି ଉପଭୋଗ କରିବାକୁ ବହୁବାଦୀମାନେ ମତପୋଷଣ କରନ୍ତି। ଅନେକ ରାଜନୀତି ବିଜ୍ଞାନୀ ବହୁବାଦୀ ଚିନ୍ତାଧାରାକୁ ଗ୍ରହଣ କରିପାରୁ ନ ଥିଲେ ମଧ୍ୟ ରାଷ୍ଟ୍ରର ଅସୀମ କ୍ଷମତାକୁ ଅଙ୍ଗୀକାର କରନ୍ତି ନାହିଁ। ଏକବିଂଶ ଶତାବ୍ଦୀରେ ପ୍ରତ୍ୟେକ ରାଷ୍ଟ୍ରର ସାର୍ବଭୌମତ୍ୱ ସ୍ୱୀକୃତ ହେଲେ ମଧ୍ୟ ରାଷ୍ଟ୍ର ଅବାଧ ଓ ନିରଙ୍କୁଶ କେହି ସହଜରେ ଗ୍ରହଣ କରନ୍ତି ନାହିଁ। ନିଜର ସାର୍ବଭୌମ କ୍ଷମତା ବଳରେ ରାଷ୍ଟ୍ର ଆଇନ ପ୍ରଣୟନ କରି ଶାସନର ମଙ୍ଗ ଧରିଥିଲେ ମଧ୍ୟ ନାଗରିକମାନଙ୍କ ନାନାବିଧ ସାମାଜିକ ସମ୍ପର୍କ ପରମ୍ପରା ମାଧ୍ୟମରେ ନିୟନ୍ତ୍ରିତ ହୋଇଥାଏ। କିଛି ନାଗରିକ ବ୍ୟବସ୍ଥାକୁ ବିପନ୍ନ କରି ଗଣତାନ୍ତ୍ରିକ ପଦ୍ଧତିରେ ପରିବର୍ତ୍ତନ କରିବାର ଦୁର୍ବାର ଇଚ୍ଛା ଗଣତନ୍ତ୍ରର ବାସ୍ତବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ନାଗରିକ ସବୁବେଳେ ଇଚ୍ଛା କରେ ରାଷ୍ଟ୍ରର କାର୍ଯ୍ୟ ପରିସର ସଂକୁଚିତ ହେଉ। ବ୍ୟକ୍ତିର କ୍ଷମତା ବୃଦ୍ଧି ହେଉ। ଏଠାରୁ ବ୍ୟକ୍ତିବାଦ ତତ୍ତ୍ୱର ଆରମ୍ଭ।

ବ୍ୟକ୍ତିବାଦୀ କ୍ଷମତାକୁ ସଂପ୍ରସାରିତ କରିବା ପାଇଁ ଅନେକ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅନୁଷ୍ଠାନ ସହ ସହବନ୍ଧିତ ହୋଇଥାଏ। ବ୍ୟକ୍ତି ନିଜର ଆଭ୍ୟନ୍ତରୀଣ ଅଭିଳାଷା ଚରିତାର୍ଥ କରିବା ପାଇଁ ସମାଜର ପାରମ୍ପରିକ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆଣିଥାଏ; ଯାହା ମାଧ୍ୟମରେ ସାମାଜିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ରାଜନୈତିକ ସଙ୍କଟ ସୃଷ୍ଟି କରିଥାଏ। ରାଜନୈତିକ ସଙ୍କଟ ଦେଶରେ ଅସ୍ଥିରତା ସୃଷ୍ଟି କରିଥାଏ। ବେଳେବେଳେ ସମାଜରେ ଅଚଳାବସ୍ଥା ସୃଷ୍ଟି ହୁଏ। ଏହାଦ୍ୱାରା ସାଧାରଣ ନାଗରିକର ଜୀବନ ଜୀବିକା ଦୁଃସହ ହୋଇପଡିଥାଏ। ବହୁବାଦୀ ତତ୍ତ୍ୱରେ ବିଶ୍ୱାସ ରଖୁଥିବା ବ୍ୟକ୍ତି କ୍ଷମତା ହାସଲ କରିଥାଏ କିନ୍ତୁ ଦେଶରେ ସୃଷ୍ଟି ହୁଏ ଆଲୋଡନ। ଦି'ଗୋଟି ଡଙ୍ଗାରେ ପାଦଦେବା ପରି ଅବସ୍ଥା ହେଉଛି ବହୁବାଦୀ ତତ୍ତ୍ୱ। ଆହୁରି ମଧ୍ୟ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ କବ୍‌ଜାରେ ବିଭିନ୍ନ ଅନୁଷ୍ଠାନ କରାୟତ ହୋଇ ରହିଯାଇଥାଏ। ତାଙ୍କ ଇଙ୍ଗିତରେ ଯେମିତି ପରିଚାଳନା ହୁଏ ଅନୁଷ୍ଠାନ। ସମାଜରେ ତା'ର ପତିଆରା ବା ଦବ୍‌ଦବା ରହିଥାଉ ବାକି ସମସ୍ତେ ହାଁ ଜି କରିରହନ୍ତୁ। ଏପରି ଏକ ବହୁବାଦୀ ତତ୍ତ୍ୱ ବର୍ତ୍ତମାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଛାଏଁ ଛାଏଁ ହୋଇ ବଢ଼ିବାରେ ଲାଗିଛି। ବହୁବାଦୀ ତତ୍ତ୍ୱ ଏକ କ୍ଷମତାପ୍ରିୟ ବ୍ୟବସ୍ଥା। କ୍ଷମତା ଲାଳସାର ଅହମିକା ଅହଙ୍କାରକୁ ଜନ୍ମ ଦେଉଛି। ଅନ୍ୟର ଉନ୍ନତି ଅସହ୍ୟ ଲାଗୁଛି। ଈର୍ଷା ଓ ହିଂସା ବ୍ୟକ୍ତି ମଧ୍ୟରେ ସାମୂହିକ ଉନ୍ନତି ପାଇଁ ସ୍ପୃହା ନାହିଁ। ଗଣତନ୍ତ୍ର ବ୍ୟବସ୍ଥାର ଅସଲ ଲକ୍ଷ୍ୟ ବହୁବାଦୀମାନଙ୍କ ପାଇଁ ଉଜ୍ଜୀବିତ ହୋଇପାରୁ ନାହିଁ। ସାଂପ୍ରତିକ ସମୟରେ ବହୁବାଦୀ ତତ୍ତ୍ୱ ଗଣତନ୍ତ୍ର ପ୍ରତି ଏକ ବିପଦ ପରି ମାଡିଆସୁଛି। ଏଣୁ ଶାସକ ଓ ଶାସିତ ବେଳରୁ ସାବଧାନ ହେବା ଗଣତନ୍ତ୍ର ପ୍ରତି ଶୁଭଙ୍କର।

ଅଧ୍ୟାପକ, ଗଡରାମାଲ, କୋକସରା, କଳାହାଣ୍ଡି, ମୋ–୯୭୭୭୪୬୮୮୪୧

## ଏଇ ଭାରତରେ

ସରକାରୀ କିମ୍ବା କମ୍ପାନୀଠାରୁ ଲୋକେ ବିଦ୍ୟୁତ୍ ନେଇ ଦେୟ ଦେଇଥାନ୍ତି । କିନ୍ତୁ ବେଙ୍ଗାଲୁରୁରେ ଜଣେ ବ୍ୟକ୍ତି ନିଜ ଘରେ ସୋଲାର ବିଦ୍ୟୁତ୍ ଉତ୍ପାଦନ କରି ସରକାରଙ୍କୁ ଦେଉଛନ୍ତି । ବେଙ୍ଗାଲୁରୁ ନିବାସୀ ପୃଥ୍ୱୀ ମନଗ୍ରୀ ତାଙ୍କ ଛାତ ଓ ଅଗଣାରେ ୫ କିଲୋୱାଟର ସୋଲାର ପ୍ୟାନେଲ ବିଛାଇ ତାଙ୍କର ଶକ୍ତି ଆବଶ୍ୟକତା ପୂରଣ କରିବା ସହ ନିକଟସ୍ଥ ଗ୍ରୀଡ୍‌କୁ ଦେଉଛନ୍ତି । ଏ ବାବଦରେ ବେଙ୍ଗାଲୁରୁ ଇଲେକ୍ଟ୍ରିସପ୍ଲାଇ କମ୍ପାନୀ ଲିମିଟେଡ (ବିଇଏସସିଓଏମ୍) ପୃଥ୍ୱୀଙ୍କୁ ୟୁନିଟ୍ ପିଛା ୭ ଟଙ୍କା ଦେଉଛି । ପ୍ରତି ୧୫ ଦିନରେ ବିଇଏସସିଓଏମ୍ ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରୁଛି । ଦେଢ ବର୍ଷ ତଳେ ପୃଥ୍ୱୀ ସୋଲାର ବିଦ୍ୟୁତ୍ ଉତ୍ପାଦନ ଲାଗି କାର୍ଯ୍ୟ ଆରମ୍ଭ କରିଥିଲେ । ସେ ୧୫ଟି ପ୍ୟାନେଲ ପାଇଁ ୫ ଲକ୍ଷ ଖର୍ଚ୍ଚ କରିଥିଲେ । ସୋଲାର ବିଦ୍ୟୁତ ଉତ୍ପାଦନ ପରେ ତାଙ୍କ ଘରେ ବିଦ୍ୟୁତ୍ ବିଲ୍ ବାବଦ ଖର୍ଚ୍ଚ ବର୍ଷକ ମଧ୍ୟରେ ୧ ଲକ୍ଷ ଟଙ୍କା ବଞ୍ଚାଇ ପାରିଛନ୍ତି । ପୃଥ୍ୱୀ ଜଣେ ମ୍ୟୁଜିକ ପ୍ରଡ୍ୟୁସର, କିନ୍ତୁ ବିଦ୍ୟୁତ୍ ଉତ୍ପାଦନରେ ତାଙ୍କର ଅଭିନବ ପଦ୍ଧତି ଅନେକଙ୍କ ପାଇଁ ଉଦାହରଣ ସାଜିଛି । ଏଭଳି ପଦ୍ଧତି ଆପଣାଇଲେ ନିଜର ଶକ୍ତି ଚାହିଦା ମେଣ୍ଟାଇବା ସହ ରାଜ୍ୟ ଓ ଦେଶର ଶକ୍ତି ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି କହନ୍ତି ପୃଥ୍ୱୀ ।

## ୨୫ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୯୬

- ଦେଶର ବିଭିନ୍ନ ପ୍ରାନ୍ତରେ ପବିତ୍ର ହୋଲି ଉତ୍ସବ ପାଳନ ବେଳେ ହୋଲି ଖେଳକୁ ନେଇ ହିଂସାକାଣ୍ଡ ଘଟି ୧୬ ଜଣଙ୍କ ମୃତ୍ୟୁ।
- ଜାତୀୟ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଓଡ଼ିଶାକୁ ଦେଇଥିବା ଆର୍ଥିକ ସାହାଯ୍ୟ ମଧ୍ୟରୁ ରାଜ୍ୟ ସରକାର ୧୪ ଲକ୍ଷ ୪୨୨ ଟଙ୍କା ଫେରସ୍ତ କରିଦେଇଥିବା ଜଣାପଡ଼ିଛି।

## ଚିରନ୍ତନୀ

ଜୀବନର ଭାବନାରେ ବହିଯାଏ ମୋର
ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ ମୁକ୍ତି ଅବା
ମୃତ୍ୟୁର ଚିନ୍ତନ,
ଲଭିଅଛି ଯେ ସମ୍ପଦ ଏ ମର ଜୀବନେ,
ମିଳଇ ସେ କେବେ କେଉଁ ଅମର ଭୁବନେ ?
ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା !
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା ? –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗାଁ ପୋଖରୀ ପାଲଟିଛି ନର୍ଦ୍ଦମା

ମହାଶୟ,

ମୋ ଗାଁ ପୋଖରୀ ଯୋଜନାରେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ସବୁ ଯୋଜନା ଦିଗହରା ହେବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଦେଖିବାକୁ ମିଳିଛି। ସତ୍ୟବାଦୀ ବ୍ଲକ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଥିବା ଗାଁ ପୋଖରୀ, ଗଡ଼ିଆ ଓ ଚୁଆସବୁ ନର୍ଦ୍ଦମାରେ ପରିଣତ ହୋଇଛି। ପୋଖରୀଗୁଡ଼ିକରେ ଅନାବନା ଗଛ ଉଠିଥିବା ବେଳେ ଦଳ ଭର୍ତ୍ତି ହୋଇରହିଛି। ବର୍ଷାଦିନେ ବାହାରପାଣି ଯାଇ ପୋଖରୀ ଭିତରେ ପଶୁଛି। ପୋଖରୀ ଭିତରକୁ ଲୋକେ ଗାଧୋଇବା କିମ୍ବା ଶୌଚ କରିବାକୁ ଯାଉ ନ ଥିବା ବେଳେ ଜଳାଶୟ ଆଉ ଏବେ ବ୍ୟବହାର ଉପଯୋଗୀ ହେଉନାହିଁ। ପଞ୍ଚାୟତର ଲୋକେ ଶୌଚ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗାଁ ଲୋକେ ବାରମ୍ବାର ପଞ୍ଚାୟତରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି । ଗାଁ କଲ୍ୟାଣ ସମିତି ମାଧ୍ୟମରେ ପ୍ରତିବର୍ଷ ଅନୁଦାନ ଆସୁଥିଲେ ମଧ୍ୟ ତାହା ଏଥିରେ ବିନିଯୋଗ ନ ହୋଇ ବାଟମାରଣା ହେଉଛି। ପୋଖରୀ ସବୁ ସଫା କରି ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ଶ୍ରୀରାମଚନ୍ଦ୍ରପୁର ଗ୍ରାମବାସୀ ଦାବି କରିଛନ୍ତି।

–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏନ୍‌ସିପି ୨ ଗୋଷ୍ଠୀର ମିଶ୍ରଣ ରଦ୍ଦ

**କାଠମାଣ୍ଡୁ, (ଆଇଏଏନ୍‌ଏସ୍):** ଶାସକ ଏନ୍‌ସିପି (ନେପାଳ କମ୍ୟୁନିଷ୍ଟ ପାର୍ଟି)ର ଦୁଇଗୋଷ୍ଠୀ ମଧ୍ୟରେ ମିଶ୍ରଣକୁ ସେଠାର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ଅପ୍ରତ୍ୟାଶିତ ନିଷ୍ପତ୍ତି ଯୋଗୁ ଏନ୍‌ସିପି ଦୁଇଟି ଦଳରେ ପରିଣତ ହେବାକୁ ଯାଉଛି। ନେପାଳ କମ୍ୟୁନିଷ୍ଟ ପାର୍ଟିର ବୈଧତାକୁ ୨୦୧୮ରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଋଷିରାମ କାଟେଲ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରକୃତ ଏନ୍‌ସିପି କାଟେଲ୍‌ଙ୍କ ନେତୃତ୍ୱରେ ଗଠିତ ହୋଇଥିଲା। ଏହା ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି କିମ୍ବା ପୁଷ୍ପକମଲ ଦହଲ(ପ୍ରଚଣ୍ଡ)ଙ୍କ ନେତୃତ୍ୱରେ ଗଢ଼ାଯାଇ ନ ଥିଲା ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ କହିବା ସହ ଏନ୍‌ସିପିର ନେତୃତ୍ୱ କାଟେଲଙ୍କୁ ଦେବା ପାଇଁ କହିଛନ୍ତି।

## ସଂକ୍ଷେପରେ

### ଝରଣାରେ ବୁଡ଼ିଗଲେ ଛାତ୍ର

**ପାତ୍ରପୁର, ୭।୩(ଡି.ଏନ୍.ଏ.):** ଗଞ୍ଜାମ-ଗଜପତି ଜିଲା ସୀମାନ୍ତରେ ଥିବା ମାଙ୍କଡ଼ଡ଼ିଆଁ ଜଳପ୍ରପାତରେ ବୁଡ଼ି ରବିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର କାଳିଆବାଲି କୃଷ୍ଣନଗର ତୃତୀୟ ଲାଇନ୍‌ର ବିଚିତ୍ର କୁମାର ମହାଙ୍ଗୁଡ଼ଙ୍କ ପୁଅ ରୋନକ୍ (୨୦)। ଛତ୍ରପୁର ଅଞ୍ଚଳର ପ୍ରାୟ ୨୦ ଜଣ ଛାତ୍ରୀଛାତ୍ର ବଣଭୋଜି କରିବା ପାଇଁ ମାଙ୍କଡ଼ଡ଼ିଆଁ ଯାଇଥିଲେ। ସାଙ୍ଗମାନେ ଗାଡ଼ିରୁ ରୋଷେଇ ସାମଗ୍ରୀ ବାହାର କରୁଥିବା ବେଳେ ରୋନକ୍ କାହାକୁ ନ ଜଣାଇ ମାଙ୍କଡ଼ଡ଼ିଆଁ ଜଳପ୍ରପାତକୁ ଖେଳିବା ପାଇଁ ଚାଲିଯାଇଥିଲେ। ହଠାତ୍ ରୋନକ୍ ପାଣିରେ ପଡ଼ିଗଲେ ବୋଲି ସେହି ଅଞ୍ଚଳର ଜଣେ ଲୋକ ଅନ୍ୟ ସାଙ୍ଗମାନଙ୍କୁ ଜଣାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବଚସାରୁ ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ଚମ୍ପୁଆ, ୭।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କୋଦଗାଡିଆ ଗ୍ରାମରେ ଗତ ଶନିବାର ବିଳମ୍ବିତ ରାତିରେ ବଚସାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଲିପୁନ ମହାନ୍ତ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗୌରହରି ମହାନ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଲିପୁନ କୌଣସି କାରଣ ପାଇଁ ନିକଟସ୍ଥ ବସଷ୍ଟାଣ୍ଡ୍‌କୁ ଯାଇଥିବା ବେଳେ ଗୌରହରିଙ୍କ ସହ ବଚସା ହୋଇଥିଲା। ଏହାପରେ ଗୌରହରି ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଲିପୁନଙ୍କ ମୁଣ୍ଡ ଓ ପେଟକୁ ଆକ୍ରମଣ କରିବାରୁ ଲିପୁନ ଘଟଣା ସ୍ଥଳରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଲିପୁନଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

# କୋଣାର୍କ: ଜ୍ୟୋତିର୍ବିଜ୍ଞାନର ଏକ ମାନମନ୍ଦିର

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

କୋଣାର୍କରେ ନଦୀର ସଙ୍ଗମସ୍ଥଳରେ ଏକ ଗଣ୍ଡ ଥିଲା। ଏହି ଗଣ୍ଡର ନାମ ପଦ୍ମକେଶର ଗଣ୍ଡ। ପଦ୍ମକେଶର ଗଣ୍ଡରେ ପଦ୍ମକେଶର ମନ୍ଦିରର ନିର୍ମାତା ଥିଲେ ଗଙ୍ଗବଂଶର ଗଜପତି ଲାଙ୍ଗୁଳା ନରସିଂହ ଦେବ। ପଦ୍ମକେଶର ମନ୍ଦିର ନିର୍ମାଣ ସମୟଠାରୁ ଭାରତର ବିଭିନ୍ନ ସାମ୍ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ନିର୍ମାଣ ପରେ ବିଶ୍ୱସ୍ତରରେ ବିସ୍ମୟ ସୃଷ୍ଟି କରିଥିଲା ଏହାର କାରୁକାର୍ଯ୍ୟ। ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଶୀର୍ଷ ସ୍ତର ଛୁଇଁଥିଲା। ପଦ୍ମକେଶର ମନ୍ଦିରର ଶ୍ରେଷ୍ଠ କଳାକୃତି ପ୍ରତି ଏକ ଅହେତୁକ ଆକର୍ଷଣ ସୃଷ୍ଟି ହୋଇଥିଲା। ଅବୁଲ ଫାଜଲ ତାଙ୍କର ଆଇନ-ଇ-ଆକବରୀର ଦ୍ୱିତୀୟ ଭାଗରେ 'କୋଣାର୍କ ମନ୍ଦିର' ଶବ୍ଦ ବ୍ୟବହାର କରିବା ପରେ ଶ୍ରୀପଦ୍ମକେଶର ଶବ୍ଦ ପଛକୁ ଚାଲିଗଲା। ମନ୍ଦିରଟି 'କୋଣାର୍କ ମନ୍ଦିର' ଭାବରେ ପ୍ରଚାରିତ ହେଲା। ଅବୁଲ ଫାଜଲଙ୍କ ବହିକୁ ଅନୁବାଦ କରିଛନ୍ତି ଏଚ୍. ଏସ୍. ଜାରେଟ (H.S. Jarrett)। ପ୍ରକାଶ କରିଛନ୍ତି ୧୯୧୦ ମସିହାରେ ବେଙ୍ଗଲଏସାଇଟିକ୍ ସୋସାଇଟି। ଅବୁଲ ଫାଜଲ ଯାହା ଦେଖିଥିଲେ ତାହା ହିଁ ବର୍ଣ୍ଣନା କରିଥିଲେ।

ଅବୁଲ ଫାଜଲଙ୍କର ଆଇନ-ଇ-ଆକବରୀର ଇଂରାଜୀ ଅନୁବାଦ ହେବା ପୂର୍ବରୁ ଷ୍ଟାଲିଂଙ୍କ ବହି ୧୮୨୫ ମସିହାରେ ପ୍ରକାଶ ପାଇଥିଲା। ସେ ୧୮୨୪ ମସିହାରେ କୋଣାର୍କ ମନ୍ଦିରର କିଛି ଅଂଶ ବିମାନରେ ବୁଲି ଦେଖିବା ପରେ ଇତିହାସ ଲେଖିଥିଲେ। ତାହା ମଧ୍ୟ କେତେକ ମାତ୍ରାରେ ଅନ୍ଧ ବ୍ୟକ୍ତିଟିଏ ହାତୀ ଦେଖିଲା ପରେ ବର୍ଣ୍ଣନା କରୁଥିବା ଭଳି ମନେହୁଏ। ତା'ପରେ କୋଣାର୍କ ଉପରେ ଲେଖିଲେ ଜେମ୍‌ସ ଫର୍ଗୁସନ ୧୮୩୯ ମସିହାରେ। ସେ Picturesdue Illustrations of the Architecture of Hindustan ଓ Eastern and Indian Archi-tecture ଦୁଇଟି ବହିରେ କୋଣାର୍କକୁ ସ୍ଥାନ ଦେଲେ। ଏହାପରେ ଡବ୍ଲ୍ୟୁ. ଡବ୍ଲ୍ୟୁ. ହଣ୍ଟର ଲେଖିଲେ ଓରିଶା, ଭାଗ-୧ରେ ୧୮୭୨ ମସିହାରେ। ୧୮୮୦ ମସିହାରେ ରାଜେନ୍ଦ୍ର ଲାଲ ମିତ୍ର-ଦି ଆଣ୍ଟିକ୍ୱିଟିଜ୍ ଅଫ୍ ଓରିଶା ପୁସ୍ତକରେ ଆଲୋଚନା କରିଥିଲେ। ଏମାନେ ସମସ୍ତେ କୋଣାର୍କ ମନ୍ଦିରକୁ ନେଇ ସ୍ୱତନ୍ତ୍ର ପୁସ୍ତକ ଲେଖି ନ ଥିଲେ। ପ୍ରସଙ୍ଗ କ୍ରମରେ ନିଜ ପୁସ୍ତକରେ ମନ୍ଦିର କଥାକୁ ସ୍ଥାନ ଦେଇଥିଲେ। ଏହି ଧାରା ଆଗକୁ ଆଗକୁ ଗତି କରିଥିଲା। ଏମ୍.ଏମ୍. ଗାଙ୍ଗୁଲି (ଓରିଶା ଆଣ୍ଡ ହର ରିମେନ୍ସ), ଆର.ଡି. ବାନାର୍ଜୀ (ହିଷ୍ଟ୍ରି ଅଫ୍ ଓରିଶା), ଏନ୍.କେ. ସାହୁ (ହିଷ୍ଟ୍ରି ଅଫ୍ ଓରିଶା) ପ୍ରଭୃତି ସେହି ଧାରାରେ କୋଣାର୍କ ମନ୍ଦିରକୁ ଆଲୋଚନା କରିଥିଲେ।



ଚନ୍ଦ୍ରଭାଗା ତୀର୍ଥରେ ତ୍ରୀଶମ୍ଭୁଙ୍କ ସ୍ନାନ।

## ଚର୍ଚ୍ଚାରୁ ଦୂରେଇଗଲା ଶ୍ରୀପଦ୍ମକେଶର ମନ୍ଦିର

ଶ୍ରୀ ବିଶନ୍ ସ୍ୱରୂପ ମହାଶୟ ୧୯୧୦ ମସିହାରେ କୋଣାର୍କ ମନ୍ଦିରକୁ ନେଇ ସ୍ୱତନ୍ତ୍ର ପୁସ୍ତକ ଲେଖିଥିଲେ। ତାଙ୍କ ପୁସ୍ତକର ନାମ ଥିଲା -କୋଣାର୍କ, ଦି ବ୍ଲାକ୍ ପାଗୋଡା ଅଫ୍ ଓରିଶା। ଏହି ପୁସ୍ତକ ପ୍ରକାଶ ପାଇବା ପରେ କୋଣାର୍କ ମନ୍ଦିର ପରିଚିତ ହେଲା ପାଠୁଆ ଲୋକଙ୍କ ପାଖରେ ବ୍ଲାକ୍ ପାଗୋଡା ଭାବରେ। ଏତବେଳକୁ ଶ୍ରୀପଦ୍ମକେଶର ମନ୍ଦିର ଶବ୍ଦ ଲୋକଲୋଚନରୁ ଦୂରେଇ ଗଲାଣି। ୧୯୧୯ ମସିହାରେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଆରେ କୋଣାର୍କ ମନ୍ଦିରକୁ ନେଇ କୋଣାର୍କ ଇତିହାସ ଲେଖିବା ପରେ ଶ୍ରୀପଦ୍ମକେଶର ମନ୍ଦିର ଶବ୍ଦ ଚର୍ଚ୍ଚା ପରିସରକୁ ଆସିଲା। ସେହିବର୍ଷ ପରେ ପରେ କୋଣାର୍କ ମନ୍ଦିରକୁ ନେଇ ସ୍ୱତନ୍ତ୍ର ଶୀର୍ଷକରେ ପୁସ୍ତକ ଲେଖାଯିବାର ଦେଖାଯାଏ। ନିର୍ମଳ କୁମାର ବୋଷ କୋଣାର୍କ ଉପରେ ଏକ ମନୋଗ୍ରାଫ ଲେଖିଲେ ବଙ୍ଗଳା ଭାଷାରେ ୧୯୩୨ ମସିହାରେ। ଏହାପରେ ୧୯୫୬ ମସିହାରେ ସୁଧାଂଶୁ ଚୌଧୁରୀ ଆଲବମ୍ ଅଫ୍ ଫଟୋଗ୍ରାଫ୍‌ସ ଫ୍ରମ୍ କୋଣାର୍କ ପ୍ରକାଶ କଲେ। ଶ୍ରୀ କନଓ୍ୱରଲାଲ 'ଦି ମିରାକିଲ୍ ଅଫ୍ କୋଣାର୍କ' ଲେଖିଲେ। ତାହା ୧୯୬୭ ମସିହାରେ ଦିଲ୍ଲୀରୁ ପ୍ରକାଶିତ ହୋଇଥିଲା। ଷ୍ଟଲିଂଙ୍କ ପୁସ୍ତକ ୧୮୨୫ରେ ପ୍ରକାଶିତ ହେବା ପରେ ୧୪୬ ବର୍ଷ ଧରି ୧୯୭୧ ମସିହା ପର୍ଯ୍ୟନ୍ତ ପ୍ରାୟ ୨୮ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଥିବାର ତଥ୍ୟ ଆମେ ଅନୁସନ୍ଧାନ କାଳରେ ଜାଣିବାକୁ ପାଇଲୁ। ତା'ରି ମଧ୍ୟରେ ଦେବଳା ମିତ୍ରଙ୍କ 'କୋଣାର୍କ' ପୁସ୍ତକ ମଧ୍ୟ ଅନ୍ତର୍ଭୁକ୍ତ।

ବିଭିନ୍ନ ପୁସ୍ତକରେ ପ୍ରଥମରୁ ମନ୍ଦିରର ନିର୍ମାଣ ଶୈଳୀ ଆଲୋଚିତ ହୋଇଥିବାବେଳେ ପରେ ଇତିହାସ ତା' ସହିତ ଯୋଗ ହୋଇଛି। ପଣ୍ଡିତ କୃପାସିନ୍ଧୁ ମିଶ୍ର ନିଜେ ଗାଁକୁ ଗାଁ ବୁଲି ଗଭୀର ଅଧ୍ୟୟନ ଓ ଅନୁସନ୍ଧାନ କରି ହଜିଯାଉଥିବା ଐତିହ୍ୟକୁ ଇତିହାସର ଉପାଦାନ ଭାବରେ ଗ୍ରହଣ କରି କୋଣାର୍କ ମନ୍ଦିର ଇତିହାସର ଅନେକ ନୂତନ ଦିଗ ଚିନ୍ତା କରିବା ଲାଗି ମାର୍ଗ ପ୍ରସ୍ତୁତ କରିଦେଲେ।

କୋଣାର୍କ ମନ୍ଦିରର ପ୍ରତ୍ନତତ୍ତ୍ୱକୁ ଗ୍ରହଣ କରି ପ୍ରାୟ ସବୁ ବାହାରିଆ ଲେଖକ ନିଜ ନିଜ ଦୃଷ୍ଟିକୋଣରୁ କୋଣାର୍କ ମନ୍ଦିରର ଇତିହାସ ଲେଖିଛନ୍ତି। କାହାକୁ 'ବ୍ଲାକ୍ ପାଗୋଡ଼ା' ଦିଶିଛି ତ କାହାକୁ ମିରାକିଲ୍, କିନ୍ତୁ ତୀର୍ଥକ୍ଷେତ୍ର ଦୃଷ୍ଟିରୁ କେହି ତା'ର ମାନବିକ ଦୃଷ୍ଟିକୋଣକୁ ବିଚାର କଲାପରି ମନେହୁଏ ନାହିଁ। ଭାରତୀୟ ଜ୍ୟୋତିଷ ବିଜ୍ଞାନର ଫଳିତ ହେଉ କି ଗଣିତ, କେଉଁ ବିଜ୍ଞାନର ବି ତୁଳନାତ୍ମକ ସମୀକରଣ ଠିକ୍ ଢଙ୍ଗରେ କଲାପରି ଦୃଷ୍ଟିଗୋଚର ହୁଏ ନାହିଁ। ଫଳରେ କୋଣାର୍କ ମନ୍ଦିର ଯେ ଭାରତୀୟ ବିଜ୍ଞାନର ଭିତ୍ତିଭୂମି ଉପରେ ଗଢ଼ି ଉଠିଥିବା 'ମାନମନ୍ଦିର', ତାହା ଆଲୋଚନାର ଆଢୁଆଳରେ ରହିଗଲା।

- ଫଟୋ: ଜ୍ୟୋତିରାଜ ମହାନ୍ତି

## ଗୁଣପୁରରେ ଧମକପୂର୍ଣ୍ଣ ପୋଷ୍ଟର: ୨୮ଜଣଙ୍କୁ ହତ୍ୟା ଧମକ



ଗାଁରେ ଲାଗିଥିବା ଧମକପୂର୍ଣ୍ଣ ପୋଷ୍ଟର।

**ଗୁଣପୁର, ୭।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ଅଧୀନ କତୁରୁ ଗ୍ରାମରେ ଦେଖିବାକୁ ମିଳିଛି ଧମକପୂର୍ଣ୍ଣ ପୋଷ୍ଟର। ୧୭ନଂ. ୱାର୍ଡ କତୁରୁଠାରେ ତେଲୁଗୁ ଭାଷାରେ ୪ଟି ପୋଷ୍ଟର ଲାଗିଛି। ଏଥିରେ ଗାଁର ୨୮ଜଣଙ୍କ ନାମ ଲେଖାଯାଇ ସେମାନଙ୍କୁ ହତ୍ୟା ଧମକ ଦିଆଯାଇଛି। ଏହି ୨୮ଜଣ ଧନଶାଳୀ ବ୍ୟକ୍ତି ଅସତ ଉପାୟରେ ଧନ ରୋଜଗାର କରିବା ସହ ଗଞ୍ଜେଇ ଚାଲାଣ ଏବଂ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ସେହିପରି କଲକା ଗୋପୀ ନାମକ ଯୁବକ ବେଆଇନ କାରବାରରେ ଲିପ୍ତ ଥିବା ଉଲ୍ଲେଖ କରାଯିବା ସହ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଗୋପୀ କହିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ପୋଷ୍ଟରଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଥିବା ଗୁଣପୁର ଥାନାଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ତେବେ ଧଳା କାଗଜରେ ପୋଷ୍ଟରଗୁଡ଼ିକ ଲାଗିଥିବାରୁ ଏଗୁଡ଼ିକୁ କିଏ ଲଗାଇଛି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗୁଣପୁର ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ହୋଇଥିବାରୁ ଲୋକଙ୍କ ମନରେ ଭୟ ମଧ୍ୟ ସୃଷ୍ଟି ହୋଇଛି।

# ସମ୍ପର୍କ ଓ ବିଶ୍ୱାସରୁ ସଫଳତା



**ଦିଲ୍ଲୀରୁ ଉଚ୍ଚଶିକ୍ଷା ଓ ଆମେରିକାରୁ ହୋଟେଲ ଶିଳ୍ପରେ ଦକ୍ଷତା ବିକାଶ ତାଲିମ ନେଇ ଫେରିଥିଲେ। ଜନ୍ମଭୂମିରେ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ହେବା ସ୍ୱପ୍ନ ପୂରଣ ପାଇଁ ଚିନ୍ତିତ ଥିଲେ। ମା'ଙ୍କଠାରୁ ୧ ଲକ୍ଷ ଟଙ୍କା ଧାର ନେଇ ୧୯୮୪ରେ ସ୍ୱସ୍ତି ସାମ୍ରାଜ୍ୟର ମୂଳଦୁଆ ପକାଇଥିଲେ। ଜୀବନରେ ଅନେକ ଉତ୍ଥାନ ପତନକୁ ସାମ୍ନା କରି ସ୍ୱପ୍ନକୁ ବାସ୍ତବ ରୂପ ଦେଇଥିବା ସ୍ୱସ୍ତି ଗ୍ରୁପ୍ ପ୍ରତିଷ୍ଠାତା, ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**▶ ଗତ ୩ ଦଶନ୍ଧି ମଧ୍ୟରେ ସଂସ୍ଥାର ବିକାଶ କିପରି ହୋଇଛି?**

୧୯୮୪ ମସିହାରେ ଆରମ୍ଭ ହୋଇଥିବା 'ସ୍ୱସ୍ତି' ଆଜି ଏକ ୫ ତାରକା ହୋଟେଲ ସହ ସ୍ୱସ୍ତି ଗ୍ରୁପରେ ପରିଣତ ହୋଇପାରିଛି। ମା'ଙ୍କ ଆଶୀର୍ବାଦ ଓ ପ୍ରଭୁ ଜଗନ୍ନାଥଙ୍କ କୃପା ସହିତ ଓଡ଼ିଶାବାସୀଙ୍କ ଭଲପାଇବା ଆମକୁ ମିଳିଛି। କଠିନ ପରିଶ୍ରମ ଓ ଉନ୍ନତ ଗ୍ରାହକ ସେବା ଯୋଗୁ ସଂସ୍ଥାର ବିକାଶ ଆଶାନୁରୂପ ହୋଇଛି। ବିଶେଷକରି କର୍ମଚାରୀଙ୍କ ଗ୍ରାହକ ସମ୍ପର୍କ ଓ ବିଶ୍ୱାସ ସହିତ ହୋଟେଲର ସ୍ୱାଦିଷ୍ଟ ତଥା ରୁଚିକର ବ୍ୟଞ୍ଜନ ଏହି ଉନ୍ନତି ଆଣିଦେଇଛି।

**▶ ମହାମାରୀ ହୋଟେଲ ଶିଳ୍ପକୁ କିପରି ପ୍ରଭାବିତ କରିଛି?**

୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଭଳି କରୋନା କଟକଣା ଯୋଗୁ କାରବାର ମାନ୍ଦା ରହିଥିଲା। ଭୟର ବାତାବରଣ ଥିବାରୁ ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଥିଲା। ସ୍ଥିତିରେ ସୁଧାର ଆସିଥିଲେ ବି ବ୍ୟବସାୟ ଆଶାନୁସାରେ ଟ୍ରାକ୍‌କୁ ଫେରିପାରି ନାହିଁ। ତେବେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅଭିବୃଦ୍ଧିର ସମ୍ଭାବନା ରହିଛି।

**▶ ବଜେଟ ହୋଟେଲ ଶିଳ୍ପକୁ କେତେ ସହାୟକ ହେବ?**

କରୋନା ଭଳି ଏକ ମହାବିପତ୍ତି ସମୟରେ ସରକାର ଏକ ଲୋକାଭିମୁଖୀ ବଜେଟ ଆଣିଛନ୍ତି। ଏହା ହୋଟେଲ ଶିଳ୍ପର ବ୍ୟବସାୟ ଓ ବଜାର ଚାହିଦାକୁ ଲକ୍ଷ୍ୟ କରି ନିଷ୍ପତ୍ତି ନିଆଯିବ। ଆମ ସଂସ୍ଥାର ଏକ ସ୍ୱତନ୍ତ୍ର ପରିଚୟ ଥିବାରୁ ଆଗାମୀ ଦିନରେ କାରବାରରେ ଅଭିବୃଦ୍ଧି ଘଟିବ ବୋଲି ଆକଳନ କରାଯାଉଛି। ଦେଶରେ ହୋଟେଲ ଶିଳ୍ପ କ୍ଷେତ୍ରରେ ଜିଏସଟି କାର୍ଯ୍ୟକାରୀ ହେବା ପରଠାରୁ ଗ୍ରାହକଙ୍କ ଚାହିଦା ହ୍ରାସ ପାଇଛି। ସରକାର ଏହା ଉପରେ ବିଚାର କଲେ ହୋଟେଲ ବ୍ୟବସାୟୀମାନେ ଉପକୃତ ହେବେ।

**▶ ସ୍ୱସ୍ତି ଗ୍ରୁପ୍ ଅଫ୍ ହୋଟେଲ୍ସ ସଫଳତା ପଛରେ କାହାର ହାତ ରହିଛି?**

ସଫଳତା ପଛରେ ମୋ କଠିନ ପରିଶ୍ରମ, କର୍ମଚାରୀଙ୍କ ଗ୍ରାହକ ସମ୍ପର୍କ ସହିତ ଆତିଥେୟତା ଓ ସାଧୁତା ରହିଛି। ଆକର୍ଷଣୀୟ ସୁବିଧା ପ୍ରଦାନ କଲେ ଗ୍ରାହକଙ୍କ ଭଲପାଇବା ମିଳିଥାଏ। ଏହା ହିଁ ସଫଳତାର ମୂଳମନ୍ତ୍ର।

**▶ ଓଡ଼ିଶା ଇକୋଟୁରିଜମ୍ କ୍ଷେତ୍ର ପାଇଁ ହୋଟେଲ ଶିଳ୍ପରେ କ'ଣ ସୁବିଧା ରହିଛି?**

ଓଡ଼ିଶାରେ କେନ୍ଦ୍ରାପଡ଼ାରୁ କୋରାପୁଟ ଏବଂ ଚିପିଲିମାରୁ ଚିଲିକା ପର୍ଯ୍ୟନ୍ତ ଅନେକ ଭଳିକି ଭଳି ପର୍ଯ୍ୟଟନ କ୍ଷେତ୍ର ରହିଛି। ପ୍ରାକୃତିକ ସମ୍ଭାର ସହ ପର୍ଯ୍ୟଟନ କ୍ଷେତ୍ର, ଜଙ୍ଗଲପ୍ରେମୀଙ୍କ ପାଇଁ ସଫାରି ରହିଥିଲେ ମଧ୍ୟ ସେସବୁର ବିକାଶ ଠିକ୍ ଭାବେ ହୋଇପାରୁ ନ ଥିବାରୁ ଇକୋଟୁରିଜମ୍ ପଛରେ ପଡ଼ିଯାଉଛି। ସରକାର ବର୍ତ୍ତମାନ ଏହାର ବିକାଶ ପାଇଁ ପରିକଳ୍ପନା ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ଇକୋଟୁରିଜମ୍ ପାଇଁ ପର୍ଯ୍ୟଟନ ସୁବିଧା ଓ ସେବା ଯୋଗାଇଦେବା ଜରୁରୀ। ବଡ଼ ବଡ଼ ହୋଟେଲ ଓ ପାନ୍ଥନିବାସର ଆବଶ୍ୟକତା ରହିଛି।

**▶ ସ୍ୱସ୍ତି ଚିଲିକାର ବିଶେଷତ୍ୱ ସମ୍ପର୍କରେ କିଛି କହିବେ? ଆଗକୁ ଯୋଜନା କ'ଣ?**

ସ୍ୱସ୍ତି ଚିଲିକାରେ ଏକ ଭିନ୍ନ ବାତାବରଣ ତଥା ଅନ୍ତର୍ଜାତୀୟ ମାନର ହୋଟେଲ ବ୍ୟବସ୍ଥା ଭଳି ସେବା ଓ ସୁବିଧା ଦିଆଯାଉଛି। ବିସ୍ତୃତ ନୀଳ ବେଳାଭୂମିର ତରଙ୍ଗରେ ଆଚ୍ଛାଦିତ ଏହାର ପ୍ରାକୃତିକ ପରିବେଶ। ୨୦୧୭ରେ ନିର୍ମିତ ଏହି ହୋଟେଲରେ ସ୍ଥାନୀୟ ଯୁବକଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବାଠାରୁ ଆରମ୍ଭକରି ଗ୍ରାହକଙ୍କୁ ସବୁ ପ୍ରକାର ଖାଦ୍ୟ ଦିଆଯାଉଛି। ବର୍ତ୍ତମାନର ସ୍ଥିତି ଓ ମହାମାରୀର ପ୍ରଭାବକୁ ଆଖି ଆଗରେ ରଖି ଆଗକୁ ଯୋଜନା କରାଯିବ। ସବୁ ଠିକ୍ ରହିଲେ ଆଗାମୀ ଦିନରେ ଆଉ କିଛି ନୂଆ ଖବର ମିଳିବ। ପୁରୀ, ଗୋପାଳପୁର, ଭିତରକନିକା, ଦେଓମାଳି, ସାତକୋଶିଆ ଭଳି ଅଞ୍ଚଳରେ ସଂସ୍ଥାର ନୂତନ ଶାଖା ଖୋଲିବା ପାଇଁ ଯୋଜନା ଚାଲିଛି।

**▶ ରାଜ୍ୟ ପର୍ଯ୍ୟଟନର ବିକାଶ ସହ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପଗୁଡ଼ିକୁ କିପରି ଦେଖୁଛନ୍ତି?**

ଓଡ଼ିଶା ବିକାଶର ଅନ୍ୟ ନାମ ପର୍ଯ୍ୟଟନର ବିକାଶ, ଯାହାକୁ ମୁଖ୍ୟମନ୍ତ୍ରୀ ଭଲ ଭାବେ ବୁଝିଛନ୍ତି। ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକୁ ହାରୋ ଅଧ୍ୟକ୍ଷ ତଥା ସ୍ୱସ୍ତି ଗ୍ରୁପ ପ୍ରତିଷ୍ଠାତା ଭାବରେ ସ୍ୱାଗତ ଜଣାଉଛି।

# ଘର କିଣିବା ଏକ ଭଲ ନିବେଶ



**କରୋନା ମହାମାରୀ ରିୟଲ ଇଷ୍ଟେଟ୍ କ୍ଷେତ୍ର ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ଏହାକୁ ସାମ୍ନା କରିବା ଲାଗି ପ୍ରସ୍ତୁତ ହୋଇଛି ଉତ୍କଳ ବିଲ୍ଡର୍ସ। ଓଡ଼ିଶାରେ ୩୧ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ଏହି ଭରସାଯୋଗ୍ୟ ବ୍ୟବସାୟିକ ପ୍ରତିଷ୍ଠାନର ଆଗାମୀ ଯୋଜନା ସମ୍ପର୍କରେ ଧରିତ୍ରୀ ସହ ଆଲୋଚନା କରିଛନ୍ତି ଉତ୍କଳ ବିଲ୍ଡର୍ସ ଲିଃ ମ୍ୟାନେଜିଂ ଡାଇରେକ୍ଟର ଶରଦ ବୈଦ।**

**➡ ରିୟଲ ଇଷ୍ଟେଟ୍ ବ୍ୟବସାୟର ସାମ୍ପ୍ରତିକ ସ୍ଥିତି କ'ଣ? ମହାମାରୀରେ ଏହା କିପରି ପ୍ରଭାବିତ ହୋଇଛି?**

ରିୟଲ ଇଷ୍ଟେଟ୍ ବଜାରକୁ କୋଭିଡ୍-୧୯ ଯଥେଷ୍ଟ ପ୍ରଭାବିତ କରିଛି। ମାର୍ଚ୍ଚରେ ମହାମାରୀ ଯୋଗୁ ସମସ୍ତେ ନିଜ ନିଜ ଘରେ ରହିଥିବାବେଳେ ଲୋକଙ୍କ ପାଇଁ ଘର ହିଁ ସବୁଠୁ ନିରାପଦ ସ୍ଥାନ ଥିଲା। ତେଣୁ ନିର୍ମିତ ଘରଗୁଡ଼ିକ ପ୍ରତି ଆମେ ସେମାନଙ୍କ ଆଗ୍ରହ ଦେଖିଥିଲୁ। ଲୋକେ ରହୁଥିବା ଭଡ଼ାଘରୁ ବାହାରି ନିଜ ଘରେ ରହିବାକୁ ପସନ୍ଦ କରିଥିଲେ। ଅନେକେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଫ୍ଲାଟ୍‌ଗୁଡ଼ିକୁ ଆସିବାକୁ ପସନ୍ଦ କରିଥିଲେ। ନିଜେ ଦେଖୁଥିଲେ ଓ ଅନୁଭବ କରୁଥିଲେ ଯେ ସେମାନେ କ'ଣ କିଣୁଛନ୍ତି। ତେଣୁ ମହାମାରୀ ନିର୍ମିତ ଘରଗୁଡ଼ିକର ଚାହିଦା ଯଥେଷ୍ଟ ବଢ଼ାଇଥିବା ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରେ।

**➡ ସ୍ୱାଭାବିକ ସ୍ଥିତି ଫେରିବାକୁ ଆଉ କେତେ ସମୟ ଲାଗିବ?**

୨୦୨୧ ଜୁନ୍ ସୁଦ୍ଧା ସବୁକିଛି ସ୍ୱାଭାବିକ ହେବା ଆଶା ଅଛି। କାରଣ ସେତେବେଳକୁ ସାଧାରଣ ଲୋକେ ମଧ୍ୟ ଟିକା ପାଇପାରିବେ। ତେବେ ଏସବୁ ମଧ୍ୟରେ ଭୂତାଣୁର ନୂଆ ରୂପ ମଧ୍ୟ ଚିନ୍ତା ବୃଦ୍ଧିର କାରଣ ହୋଇଛି।

**➡ ଓଡ଼ିଶାରେ କାହା ବଜାର ବଡ଼ ଜମି ନା ଆପାର୍ଟମେଣ୍ଟର?**

ଜମିରେ ବହୁତ ଦାୟିତ୍ୱ ରହିଛି। ଏହା ତୁଲାଇବା ସମସ୍ତଙ୍କ ପାଇଁ ସହଜ ହୋଇ ନ ପାରେ। ଏକ ନିର୍ବିବାଦୀୟ ଉପଯୋଗୀ ଜମି ପାଇବା କାଠିକର ବିଷୟ। ଆମ ପରି ଅନୁଭବୀ ବିଲ୍ଡରଙ୍କ ପାଖରେ ଆଇନଗତ ସମସ୍ୟାର ସମାଧାନ ପାଇଁ ଆଇନଜୀବୀ ଥିଲେ ମଧ୍ୟ ବେଳେବେଳେ ଭଲ ଜମି ପାଇବା କଷ୍ଟକର ହୋଇଯାଏ। ଅପରପକ୍ଷେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଆପାର୍ଟମେଣ୍ଟ ସବୁଠାରୁ ନିରାପଦ ନିବେଶ। ଏ ଦୃଷ୍ଟିରୁ ଆମେ ଆପାର୍ଟମେଣ୍ଟ ଏକ ବଡ଼ ବଜାର ବୋଲି ଅନୁଭବ କରୁ।

ଧରିତ୍ରୀ | OrissaPOST BUSINESS EMINENCE AWARDS

**➡ ଓଡ଼ିଶା ପାଇଁ ଉତ୍କଳ ବିଲ୍ଡର୍ସର ଭବିଷ୍ୟତ ଯୋଜନା କ'ଣ?**

ଚଳିତବର୍ଷ ଆମେ ଓଡ଼ିଶାରେ ୩୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛୁ। ଓଡ଼ିଶା ପାଇଁ ଆମର ଖୁବ୍ ବଡ଼ ଯୋଜନା ରହିଛି। କାରଣ ଏଠାରେ ପ୍ରିମିୟମ ହାଉସିଂ କ୍ଷେତ୍ରରେ ଖୁବ୍ ପ୍ରତିକୂଳ ସ୍ଥିତି ରହିଛି। କଳ୍ପନା ଛକରେ ଥିବା ଉତ୍କଳ ରୟାଲ ରେସିଡେନ୍ସି ଏକ ପ୍ରମୁଖ ପ୍ରିମିୟମ ରେସିଡେନ୍ସିଆଲ ପ୍ରୋଜେକ୍ଟ। ଏପରି ଅତ୍ୟାଧୁନିକ ସୁବିଧା ଥିବା ପ୍ରିମିୟମ ରେସିଡେନ୍ସିଆଲ ପ୍ରୋଜେକ୍ଟ ସବୁ ନିର୍ମାଣ ପାଇଁ ଯୋଜନା ରହିଛି। ବାଣିଜ୍ୟିକ କ୍ଷେତ୍ରରେ ଆମେ ସମ୍ପତ୍ତି ଶ୍ରେଣୀର ନିର୍ମାଣ କରିବାକୁ ପସନ୍ଦ କରୁ। ଏପରି ଏକ ମଡେଲ୍‌ର ନିର୍ମାଣ ଯାହାକୁ ଲିଜ୍ ଦିଆଯାଇପାରୁଥିବ। ଏହାକୁ ସମୟକ୍ରମେ ବିଭିନ୍ନ ପର୍ଯ୍ୟାୟରେ ଭଡ଼ା ସୂତ୍ରରେ ଦେଇ ଭଲ ରୋଜଗାର କରାଯାଇପାରିବ। ଜଣେ ନିଜସ୍ୱ କିଛି ନିର୍ମାଣ କରିବାକୁ ଚାହିଁଲେ ଏହି ସମ୍ପତ୍ତି ଏକ ନିବେଶ ହୋଇଯାଏ। ଏ କ୍ଷେତ୍ରରେ କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ଏବଂ ଯାଜପୁର ସହରରେ ଥିବା ଉତ୍କଳ ସେଣ୍ଟର ପଏଣ୍ଟ ପ୍ରକୃଷ୍ଟ ଉଦାହରଣ।

**➡ ସମ୍ପ୍ରତି ରିୟଲ ଇଷ୍ଟେଟର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ କ'ଣ କହିବେ?**

ଷ୍ଟିଲ୍ ଓ କଞ୍ଚାମାଲ ମୂଲ୍ୟ ବୃଦ୍ଧି ଯୋଗୁ ନିର୍ମାଣ କ୍ଷେତ୍ରରେ ବ୍ୟୟଭାର ବହୁଗୁଣିତ ହୋଇଛି। ନୂଆ ଜିଏସ୍‌ଟି ନିୟମ ଏବଂ ବିଭିନ୍ନ କ୍ଲିୟରାନ୍ସ ଫି' ଆଦିକୁ ନେଇ ମୋଟାମୋଟି ଭାବେ ପ୍ରୋଜେକ୍ଟଗୁଡ଼ିକର ମୂଲ୍ୟବୃଦ୍ଧି ଘଟିଛି। ଏହା ସହ ସମ୍ପୂର୍ଣ୍ଣ ନିର୍ମିତ ଫ୍ଲାଟ୍‌ଗୁଡ଼ିକର ସଂଖ୍ୟା ବି କମିଆସିଛି। ତେଣୁ ପ୍ରସ୍ତୁତ ହୋଇ ରହିଥିବା ଆପାର୍ଟମେଣ୍ଟ ପ୍ରୋଜେକ୍ଟଗୁଡ଼ିକ ବ୍ୟବସାୟ ଦୃଷ୍ଟିରୁ ଭଲ ହେଉଥିବା ମୁଁ ଦେଖିପାରୁଛି। ନିର୍ମାଣାଧୀନ ପ୍ରୋଜେକ୍ଟଗୁଡ଼ିକରେ ଯଦିଓ ଦ୍ରୁତ ବେଗରେ ମୂଲ୍ୟବୃଦ୍ଧି ଘଟିନାହିଁ, ତଥାପି ଧୀରେଧୀରେ ଏହା ବଢ଼ିବ। ସହରାଞ୍ଚଳ ବାସିନ୍ଦାଙ୍କ ସଂଖ୍ୟା ଏବଂ ନିଜର ଘର ପାଇବା ପାଇଁ ଆଗ୍ରହ ବଢ଼ିବା ସହ 'ମୋ ଘର'ଠାରୁ ଭଲ ବିକଳ୍ପ ଆଉ କିଛି ହେବନାହିଁ ବୋଲି ମୁଁ କହିବି।

**ଗଞ୍ଜେଇ ଜବତ, ୨ ଗିରଫ**

ଫୁଲବାଣୀ ଅଫିସ,(ଡି.ଏନ.ଏ.): ଫିରିଙ୍ଗିଆ ଥାନା ପୋଲିସ ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ସିମିଝରି ଗ୍ରାମର ଦଣ୍ଡପାଣି କହଁର ଓ ତୁମି କହଁରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ କୁଇଣ୍ଟାଲ ୧୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତମାନେ ଏକ ଗାଡ଼ିରେ ଗଞ୍ଜେଇ ନେଇ ଭୁବନେଶ୍ୱରକୁ ଯାଉଥିବା ବେଳେ ପୋଲିସ ସରୁକୋଇ ଘାଟିରେ ଧରିଥିଲା। ଅନ୍ୟ ୨ ଜଣେ ଚମ୍ପଟ୍ ମାରିଛନ୍ତି। ଏ ନେଇ ନଂ. ୨୭/୨୧ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ଟିକାକରଣ

**ରମ୍ଭା,୭।୩:** ରମ୍ଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପରିସରରେ ବରିଷ୍ଠ ନାଗରିକ ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ଅସୁସ୍ଥ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଛି। ପ୍ରଥମ ଦିନରେ ବରିଷ୍ଠ ୧୨୦ଜଣ ଓ ଦ୍ୱିତୀୟ ଦିନରେ ଅସୁସ୍ଥ ବ୍ୟକ୍ତି ୧୨୬ ଜଣଙ୍କୁ ପ୍ରଥମ ଡୋଜ୍ ଟିକା ପ୍ରଦାନ କରାଯାଇଛି। ଟିକା ନେଇଥିବା ବ୍ୟକ୍ତିଙ୍କ ପାଖରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ। ଏଏନ୍ଏମ୍ କାଜଲ ବେହେରା, ଦୁଷ୍ମନ୍ତ ବେହେରା, ଡା. ପ୍ରଶାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଡାକ୍ତର ନିବେଦିତା ରାୟ ବକ୍ସି, ଫାର୍ମାସିଷ୍ଟ ସୁରେନ୍ଦ୍ର ପ୍ରଧାନ, ଷ୍ଟାଫ୍ ନର୍ସ ମୁନିଲତା ସେଠୀ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ।

### ସେବାଦଳ ପ୍ରଶିକ୍ଷଣ ଶିବିର

**ଆସିକା,୭।୩(ଡି.ଏନ୍.ଏ):** ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱରପଲ୍ଲୀସ୍ଥିତ ପୁଡୁଗେଶ୍ୱର ମନ୍ଦିରଠାରେ ଶୁକ୍ରବାର ସମିତିସ୍ତରୀୟ ସେବାଦଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସତ୍ୟସାଇ ସେବା ସମିତି ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରତାପ ଚନ୍ଦ୍ର ସ୍ୱାଇଁ, ଭାସ୍କର ରାଓ, ଦେବାଶିଷ ମିଶ୍ର, ଧନଞ୍ଜୟ ମହାପାତ୍ର, ଶିବଶଙ୍କର ନାହାକ ପ୍ରମୁଖ ଯୋଗ ଦେଇଥିଲେ । ଆସିକା ସମେତ ପିତ୍ତଳ, ବେଣାପାଟ, କୁଲାଗଡ଼, ସୁନାମୋହି, ପୋଲସରା, କବିସୂର୍ଯ୍ୟନଗର, ସୋରଡ଼ା ଆଦି ସ୍ଥାନରେ ଥିବା ସତ୍ୟସାଇ ସେବା ସମିତିର ସଦସ୍ୟ ଯୋଗ ଦେଇଥିଲେ । ବିଦ୍ୟାଧର ଖଣ୍ଡୁଆଳ, ମନୋଜ କୁମାର ଦାସ, ସନ୍ନ୍ୟାସୀ ନାହାକ, ଭି. କ୍ରିଷ୍ଣାସ୍ୱାମୀ ରାଓ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଅଭିଭାବକଙ୍କ ଲାଗି ତାଲିମଶିବିର

**ବେଗୁନିଆପଡ଼ା,୭।୩(ଡି.ଏନ୍.ଏ.):** ବେଗୁନିଆପଡ଼ା ବ୍ଲକ ନୂଆଁଗଡ଼ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଶନିବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲିମଦାତା ସସ୍ମିତା କୁମାରୀ ବାରିକ ଛାତ୍ରୀଛାତ୍ରମାନଙ୍କୁ କିପରି ଯତ୍ନ ନେବେ, ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଅଭିଭାବକଙ୍କୁ କହିଥିଲେ। ଏଥିରେ ପ୍ରଧାନଶିକ୍ଷକ ହରିହର ପ୍ରଧାନ, ବିଆର୍‌ଟି ଧ୍ରୁବ ଚରଣ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସିଆର୍‌ସିସି ଜଗନ୍ନାଥ ବାରିକଙ୍କ ସମେତ ୪୦ ଜଣ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଆଇଇଭି କୃଷ୍ଣ ଚନ୍ଦ୍ର ଭୂୟାଁ ଏବଂ ସତ୍ୟବାନ ଜେନାଙ୍କ ଦ୍ୱାରା ସଂଯୋଜନା ହୋଇଥିଲା।

### ଜିଲାସ୍ତରୀୟ ଆଲୋଚନା ସଭା

ପାତ୍ରପୁର, ୭।୩(ଡି.ଏନ.ଏ.)- ପାତ୍ରପୁର ବ୍ଲକ ମନ୍ଦରଡ଼ା ହାଇସ୍କୁଲରେ ସହକାରୀ ଶିକ୍ଷକ ଏକ୍ସ କ୍ୟାଡର ସଂଘ ତରଫରୁ ଜିଲାସ୍ତରୀୟ କୋଭିଡ୍ ସ୍ଥିତିରେ ଜୀବନ ଓ ଶିକ୍ଷା ପାଇଁ ଆହ୍ୱାନ ସମ୍ପର୍କିତ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାମ ଗୋପାଳ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷକ ସଂଘ ଉପଦେଷ୍ଟା ଶଶାଙ୍କ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ସଂଘ କୋଷାଧ୍ୟକ୍ଷ ନିଶାମଣି ପ୍ରଧାନ, ବିଷ୍ଣୁ ପଣ୍ଡା, ମହେଶ୍ୱର ମହାରଣା, ତ୍ରିନାଥ ନାୟକ, ବ୍ଲକ ଶିକ୍ଷକ ସଂଘ ନେତା ବି ରାମାରାଓ, ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ପୋତାଗଡ଼ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ତତ୍ପର

**ଗଞ୍ଜାମ,୭।୩(ଡି.ଏନ.ଏ.)**



ପୋତାଗଡ଼ ପରିଦର୍ଶନ କରୁଛନ୍ତି ଜିଲାପାଳ।

ଗଞ୍ଜାମ ସହର ଋଷିକୁଲ୍ୟା ନଦୀ ପାର୍ଶ୍ୱରେ ଥିବା ଐତିହାସିକ ପୋତାଗଡ଼ର ଉନ୍ନତୀକରଣ ଓ ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଘନ ଘନ ପୋତାଗଡ଼ ଗସ୍ତ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ରବିବାର ଜିଲାପାଳଙ୍କ ସମେତ ଜିଲା ଜଳ ସମ୍ପଦ ବିଭାଗ ଓ ଡ୍ରେନେଜ୍ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ପ୍ରମୁଖ ଡିଜାଇନ ବାହାର କରିଥିଲେ। ସେଠାରେ ଶିଶୁ ପାର୍କ, ବୋଟିଂ ବ୍ୟବସ୍ଥା କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ଦୁର୍ଗରେ ଥିବା ହାତୀ, ଘୋଡ଼ାଶାଳ ଆଦିର ନବୀକରଣ, ଆଲୋକ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଓ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବ୍ଲୁ ପ୍ରିଣ୍ଟ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୋତି ହୋଇ ଯାଉଥିବା ପୋତାଗଡ଼ ନିକଟରେ ଥିବା ନାଳକୁ ମରାମତି ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପୋତାଗଡ଼ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ଜିଲାପାଳଙ୍କ ଏହି ଗସ୍ତ ସମୟରେ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଉପଜିଲାପାଳ ପ୍ରିୟସ ରଞ୍ଜନ ପୃଷ୍ଟି, ଗ୍ରାସୀମ କମ୍ପାନୀ ୟୁନିଟ ହେଡ୍ ଦିଗ୍‌ବିଜୟ ପାଣ୍ଡେ, କେଜି ଗେନେରୱାଲ, ଏନ୍ଏସି କାର୍ଯ୍ୟନିର୍ବାହୀ ରୋନିତ କୁମାର, ଗ୍ରାସୀମ ଡିଜିଏମ ରବୀନ୍ଦ୍ର କୁମାର ମହାନ୍ତି, ଲୋକ ସମ୍ପର୍କ ଅଧିକାରୀ ପ୍ରବୀଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ପୋତାଗଡ଼ ଚତୁଃପାର୍ଶ୍ୱ ସଫେଇ କରାଯାଉଛି।

# ସିଦ୍ଧଗୁମ୍ଫା, ବାରାହୀ ପାହାଡ଼ରେ ନିଆଁ

**ବୁଗୁଡ଼ା/ହିଞ୍ଜିଳିକାଟୁ,୭।୩(ଡି.ଏନ୍.ଏ.)**

ଜଙ୍ଗଲରେ ନିଆଁ ଲାଗିବା ଘଟଣା ବନ୍ଦ ହେବା ନାଁ ଧରୁନି। ବୁଗୁଡ଼ା ବନାଞ୍ଚଳର କିରିଆମ୍ବା, ନାଡିଅମ୍ବା, ତାଳସର, ମାଣିତରା, ନଗୁଡୁ ଓ ବଡ଼ପଥର ଆଦି ଜଙ୍ଗଲ ସମେତ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲ ପାହାଡ଼ ପ୍ରାୟ ୫ଦିନ ହେଲା ଜଳୁଛି। ରବିବାର ଶୈବପୀଠ ଉପରିସ୍ଥ ସିଦ୍ଧଗୁମ୍ଫାରେ ନିଆଁ ଲାଗିଛି। ଅଗ୍ନିକାଣ୍ଡ ଯୋଗୁ ଶତାଧିକ ଏକର ଜଙ୍ଗଲ ପୋଡ଼ି ନଷ୍ଟ ହୋଇଥିବା ବେଳେ ବହୁ ମୂଲ୍ୟବାନ ଗଛ ଜଳୁଛି। ନିଆଁ ଯୋଗୁ ବନ୍ୟଜନ୍ତୁ ଓ ପକ୍ଷୀମାନେ ଗାଁମୁହାଁ ହେଉଥିବା ଦେଖାଯାଉଛି। ଧୂଆଁମୟ ପରିବେଶ ଯୋଗୁ ଲୋକେ ସମସ୍ୟାରେ ପଡ଼ିବା ଆଶଙ୍କା ରହିଥିବା ବେଳେ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ଯୋଗୁ ଜଙ୍ଗଲ ଆଖପାଖ ଅଞ୍ଚଳର ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ବନ ବିଭାଗର ପ୍ରାୟ ଦୁଇ ଶହ କର୍ମଚାରୀ ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାକୁ ନିୟୋଜିତ ହୋଇଥିବା ବୁଗୁଡ଼ା ରେଞ୍ଜର ଫକୀର ଚରଣ ବେହେରା କହିଛନ୍ତି। ବର୍ତ୍ତମାନ ବିଭିନ୍ନ ଜଙ୍ଗଲରେ ଲାଗି ରହିଥିବା ନିଆଁକୁ ଆୟତ୍ତ କରାଯାଇଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ହିଞ୍ଜିଳିକାଟୁ ସହର ନିକଟସ୍ଥ ବାରାହୀ ପାହାଡ଼ରେ ରବିବାର ମଧ୍ୟାହ୍ନରେ ନିଆଁ ଲାଗିଥିଲା। ଦମକଳ ବାହିନୀ ଓ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ପହଞ୍ଚି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ପାହାଡ଼ ନିକଟରେ ଥିବା ଜନବସତିର ଆଳିଆଗଦାରୁ ନିଆଁ ଶୁଖିଲା ପତ୍ରରେ କୌଣସି ପ୍ରକାରେ ନିଆଁଲାଗି ପାହାଡ଼କୁ ବ୍ୟାପି ଥାଇପାରେ ବୋଲି ଆଲୋଚନା ହେଉଛି। ପାହାଡ଼ରେ ସମାଜିକ ବନୀକରଣ ଯୋଜନାରେ ବ୍ୟାପକ ଗଛ ଲଗାଯିବା ସହ କନକ ଦୁର୍ଗା ମନ୍ଦିର କମିଟି, ଗାୟତ୍ରୀ ପରିବାର ପକ୍ଷରୁ ମଧ ଚାରାରୋପଣ କରାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ସହର ନିକଟ ମେଣ୍ଢାଖାଇ ପାହାଡ଼ରେ ମଧ୍ୟ କୌଣସି କାରଣରୁ ନିଆଁ ଲାଗିବାରୁ ଗଛ ପୋଡ଼ି ନଷ୍ଟ ହୋଇଥିଲା।

# ଯୋଗୀମାରି-ମୁଜାଗଡ଼ ରାସ୍ତାରେ ବ୍ୟୟ ହେବ ୧୭ କୋଟି

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମନ୍ତ୍ରୀ



ମହାଗୁଡ଼ା ପାନୀୟ ଜଳ ପ୍ରକଳ୍ପକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି ।

**ଭଞ୍ଜନଗର,୭।୩(ଡି.ଏନ୍.ଏ.)**

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାଗୁଡ଼ିକରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇବା ବ୍ୟବସ୍ଥା ଚାଲିଛି। ୨୦୨୪ ସୁଦ୍ଧା ସମସ୍ତଙ୍କ ଘରେ ପାଇପରେ ପାଣି ପହଞ୍ଚିବ। ମହାଗୁଡ଼ା ଓ ହାତୀଗୁଡ଼ା ଗ୍ରାମର ସମସ୍ତ ଘରକୁ ରବିବାରଠାରୁ ପାଇପ ପାଣି ଯୋଗାଣ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଲାଲସିଂ ଠାରୁ ଯୋଗୀମାରି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପକ୍କା ରାସ୍ତା ନିର୍ମାଣ ଚାଲିଛି । ଯୋଗୀମାରି ଠାରୁ ମୁଜାଗଡ଼ ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ସରିଛି । ଖୁବଶୀଘ୍ର ତାହାର କାମ ଆରମ୍ଭ ହେବ । ଏଥିପାଇଁ ପ୍ରାୟ ୧୭ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ୧୦ ଫୁଟ ଚଉଡ଼ା ପିଚୁ ରାସ୍ତା ହେଉଥିବା ବେଳେ ପୂର୍ତ୍ତ ବିଭାଗ ରାସ୍ତା ୧୮ ଫୁଟ ଚଉଡ଼ା ପିଚୁ ହେବ। ଆବଶ୍ୟକସ୍ଥଳେ ଡ୍ରେନ ଓ କଲଭର୍ଟ ହେବ । ସେହିପରି ଡହ ଜଳଭଣ୍ଡାରରୁ ଅଧିକରୁ ଅଧିକ ଜମିକୁ କିଭଳି ଜଳସେଚନ ସୁବିଧା ହୋଇପାରିବ ସେ ନେଇ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ସାର୍ଦ୍ଧୁଲ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ, ହାତୀଗୁଡ଼ା ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ମହାଗୁଡ଼ା ପାଇପ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିଥିବା ବେଳେ ବାଉଁଶଲୁଣ୍ଡି ପାଇପ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସଭାକୁ ଶୁଳପାଣି ଶତପଥୀ, ଏମ୍‌ପି ପ୍ରତିନିଧି ଦିବାକର ନାୟକ ସଂଯୋଜନା କରିଥିଲେ ।କାର୍ଯକ୍ରମଗୁଡ଼ିକରେ ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବିଡ଼ିଓ ଅନିଲ କୁମାର ସେଠୀ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଗୁଡ଼ା ବ୍ଲକ ଭିନ୍ନକ୍ଷମ ଶିକ୍ଷକ ସଂଘ ଗଠିତ

**ବୁଗୁଡ଼ା,୭।୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଭିନ୍ନକ୍ଷମ ଶିକ୍ଷୟିତ୍ରୀ ଶିକ୍ଷକମାନେ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ବୁଗୁଡ଼ା ଶିକ୍ଷକ ଭବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ପରିବହନ ସହାୟତା ପାଇଁ ଦରମା ବ୍ୟତୀତ ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ବୁଗୁଡ଼ା ବ୍ଲକରେ କାର୍ଯ୍ୟରତ ପ୍ରାୟ ୨୫ ଜଣ ଶିକ୍ଷକ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିଭିନ୍ନ ଦାବି ଉପସ୍ଥାପନ ପାଇଁ ଭିନ୍ନକ୍ଷମ ଶିକ୍ଷକମାନଙ୍କୁ ନେଇ ବୁଗୁଡ଼ା ବ୍ଲକ ଭିନ୍ନକ୍ଷମ ଶିକ୍ଷକ ସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ ହୋଇଛି। ସଂଘର ସଭାପତି ଭାବେ ସୁଶାନ୍ତ କୁମାର ଜେନା, ଉପସଭାପତି ରାଜେନ୍ଦ୍ର କୁମାର ପାତ୍ର, ସମ୍ପାଦକ କବିସୂର୍ଯ୍ୟ ଗୌଡ଼, କୋଷାଧ୍ୟକ୍ଷ କୁମାରୀ ରେଜିନା ସେଠି ଓ ଉପଦେଷ୍ଟା ଭାବେ ସବିତା କୁମାରୀ କର ଓ ନିକୁଞ୍ଜ ମୋହନ ବେହେରା ମନୋନୀତ ହୋଇଛନ୍ତି।

# ନୃସିଂହାନନ୍ଦଙ୍କୁ କଳ୍ପନା ଆଦର୍ଶ ଶିକ୍ଷକ ସମ୍ମାନ



ଅତିଥିଙ୍କ ଗହଣରେ ନୃସିଂହାନନ୍ଦ।

**ଫୁଲବାଣୀ ଅଫିସ, ୭।୩**

ନିଜର କବିତା ଏବଂ ସାହିତ୍ୟ ରଚନା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସାରସ୍ୱତ ସାଧକ ତଥା କନ୍ଧମାଳର ଶିକ୍ଷାବିତ୍ ନୃସିଂହାନନ୍ଦ ମହାପାତ୍ରଙ୍କୁ କଳ୍ପନା ଆଦର୍ଶ ଶିକ୍ଷକ ସମ୍ମାନ ମିଳିଛି। କଟକ ଜିଲା ଶାରଳା ଭବନଠାରେ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ଆୟୋଜିତ ସମାରୋହରେ ଅତିଥିମାନେ ନୃସିଂହାନନ୍ଦଙ୍କୁ ତାଙ୍କ ଭାଷା ସାହିତ୍ୟର ଉନ୍ନତି, ବାସ୍ତବଧର୍ମୀ ରଚନା ପାଇଁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ନୃସିଂହାନନ୍ଦଙ୍କ ଭଳି ପ୍ରତିଭା ଆଜିର ଦୁନିଆରେ ଅନନ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଅତିଥି ଭାବେ ସାହିତ୍ୟ ଏକାଡେମୀ ପରିଷଦ ସଚିବ ସୁଚିତ୍ରା ମନ୍ତ୍ରୀ, ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସାହିତ୍ୟିକ ଇଂ.ପ୍ରଭାକର ସ୍ୱାଇଁ, ଅନୁଷ୍ଠାନ ସଭାପତି ଅକ୍ଷୟ କୁମାର ଆଚାର୍ଯ୍ୟ, ପ୍ରତିଷ୍ଠିତ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ ପ୍ରମୁଖ ଉପସ୍ଥିତ ରହି ନୃସିଂହାନନ୍ଦଙ୍କୁ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ, ନୃସିଂହାନନ୍ଦ ଏବେ ସରକାରୀ ଆଇଟିଆଇରେ ସହ ତାଲିମପ୍ରାପ୍ତ ଅଧିକାରୀ ଭାବେ ଶିକ୍ଷକତା କରୁଛନ୍ତି।

# ବାଲୁକା କଳାରେ କଇଁଛ ସୁରକ୍ଷା ସଚେତନତା




ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ଦ୍ୱାରା ବାଲିରେ ନିର୍ମିତ କଇଁଛ।

**ଗୋପାଳପୁର,୭।୩–**

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ନେତୃତ୍ୱରେ ରବିବାର ବାଲୁକା କଳା କୃତି ମାଧ୍ୟମରେ ବୃକ୍ଷ ଓ କଇଁଛର ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଏବଂ ସତ୍ୟ ଆର୍ଟ ଆଣ୍ଡ କ୍ରାଫ୍ଟ ମିଳିତରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିରେ ୧୦୧ କଇଁଛ ନିର୍ମାଣ କରି ସଚେତନ କରାଇଥିଲେ। ଏହି ଅବସରରେ ଡିଏଫ୍ଓ ଅମ୍ଲାନ ନାୟକ ବେଳାଭୂମିରେ ପହଞ୍ଚି ବାଲୁକା କୃତି ଦେଖିବା ସହ ଏହିଭଳି ମାଧ୍ୟମରେ ସଚେତନର ବାର୍ତ୍ତା ଦେଉଥିବାରୁ ଶିଳ୍ପୀମାନଙ୍କୁ ପ୍ରଶଂସା କରିଥିଲେ। ପରେ ଶିଳ୍ପୀ ମାନଙ୍କ ସହ ବେଳାଭୂମି ସଫେଇ କରିଥିଲେ। ଏଥିରେ ସାଗର କୁମାର ପାଣିଗ୍ରାହୀ, ସନିଆ ଗଉଡ, କେ. କବିତା, ଡ଼ଲି ସାହୁ, ଶିବରାମ ପାଣିଗ୍ରାହୀ, ବିଜେନ୍ଦ୍ର ମାଝୀ, ଟି.ଦୁର୍ଗା ପ୍ରସାଦ, ଗଣେଶ ପାଣିଗ୍ରାହୀ, ସଞ୍ଜୟ ପାତ୍ର, ପ୍ରଣୟ କୁମାର ପ୍ରମୁଖ ସହଯୋଗ କରିଥିଲେ।

# ମାସିକ ସାହିତ୍ୟ ଆସର


**ବ୍ରହ୍ମପୁର ଅଫିସ,୭।୩**

ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଗଞ୍ଜାମ କଳା ପରିଷଦଠାରେ ରବିବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟ୍ୟ ନିର୍ଦ୍ଦେଶକ ଉମାଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ଜିଲାର ଲୋକନାଟକ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ନାଟ୍ୟକାର ଲିଙ୍ଗରାଜ ନାୟକ ଲୋକନାଟକର ପ୍ରକାର ଭେଦ ସମ୍ପର୍କରେ କହିବା ସହ ଲୋକନାଟକ ଅଧୁନା ନାଟକ ସାହିତ୍ୟରେ କିପରି ପ୍ରୟୋଗ କରାଯାଇଛି ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଓ ସମୀକ୍ଷା ସଭାମୁଖ୍ୟ ଡ.ସୀମାଞ୍ଚଳ ପ୍ରଧାନ ଅଧିବେଶନ ପରିଚାଳନା ଓ କବିତା ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଙ୍କଟ ବିହାରୀ ପ୍ରହରାଜ, ପ୍ରଫୁଲ୍ଲ ମହାପାତ୍ର, ପ୍ରଫେସର ରଘୁନାଥ ପାଢୀ ଶର୍ମା, ଡ.ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମୋଟରଚାଳକ ସଂଘ ବୈଠକ

**ଶେରଗଡ଼,୭।୩(ଡି.ଏନ୍.ଏ.)**

ଶେରଗଡ ବ୍ଲକ ବେଲେଶ୍ୱର ପୀଠରେ ରବିବାର ଗଞ୍ଜାମ ଜିଲାସ୍ତରୀୟ ଏସ୍ଇଏମଓ ପମ୍ପ ଚାଳକମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଉପସଭାପତି ଅରକ୍ଷିତ ବାରିକ, ସମ୍ପାଦକ ରବୀନ୍ଦ୍ର ଭଞ୍ଜଦେଓ, ସହ ସମ୍ପାଦକ ସୁରେନ୍ଦ୍ର ନାଥ ପାତ୍ର, କୋଷାଧ୍ୟକ୍ଷ ଏସ. ସନ୍ତୋଷ କୁମାର ରେଡ୍ଡୀ ଓ ଉପଦେଷ୍ଟା ପ୍ରଭାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷସାରା ମୋଟଚାଳକ ମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ଆସୁଛନ୍ତି। କେତେକ ବ୍ଲକରେ ମୋଟରଚାଳକଙ୍କୁ ଦରମା ଦେବାରେ ଅବହେଳା କରାଯାଉଛି। କେହି ରୋଜଗାର ଛଡାଇଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି କୁହାଯାଇଥିଲା। ସଂଗଠନକୁ ସୁଦୃଢ କରିବାକୁ ପ୍ରତି ମାସକୁ ଥରେ ଏପରି ବୈଠକ କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ୧୯ ବ୍ଲକର ମୋଟରଚାଳକ ଯୋଗ ଦେଇଥିବା ବେଳେ ଖଲ୍ଲିକୋଟ, ରଙ୍ଗେଇଲୁଣ୍ଡା, ଗଞ୍ଜାମ ଓ କୁକୁଡାଖଣ୍ଡି ବ୍ଲକୁ ଜିଲା ସଂଘରେ ସାମିଲ କରି ସଂଘକୁ ମଜଭୁତ କରିବାକୁ ଆହ୍ୱାନ ଦିଆଯାଇଥିଲା।



ଜିଲା ଏସଇଏମଓ ପମ୍ପଚାଳକ ସଂଘର କର୍ମକର୍ତ୍ତାମାନେ।

# କବିସମ୍ରାଟ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ଭଞ୍ଜନଗର,୭।୩(ଡି.ଏନ୍.ଏ.)**




ଜଣେ କବିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭଞ୍ଜନଗର କବିସମ୍ରାଟ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ପ୍ରତିଭା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଡ. ସୁରେଶ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟବକ୍ତା, ଡ଼.କମ୍ବୁପାଣି ସାମନ୍ତ ସ୍ୱତନ୍ତ୍ର ଅତିଥି, ସୋମନାଥ ନାୟକ, ଅମରନାଥ ରଥ, ଇଂ.ଗୌରୀ ଶଙ୍କର କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାହିତ୍ୟର ଦିଗବଳୟ ଉପରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ, ଆଲୋଚନାଚକ୍ର ହୋଇଥିଲା। ଏଥିରେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ମୁଖ୍ୟ ଅତିଥି, ଡ଼.ବାବାଜୀ ଚରଣ ପଟ୍ଟନାୟକ, ଭିକାରୀ ଧଳ, ଇଂ.ସଞ୍ଜୟ କୁମାର ପଣ୍ଡା ଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ଡ଼.ଉଷାପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ଯୋଗାନନ୍ଦ ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଡ଼.ଅଶୋକ କୁମାର ଷଡ଼ଙ୍ଗୀ, ଗୋକୁଳ ଚନ୍ଦ୍ର ଶତପଥି, ଅଧ୍ୟାପିକା ଡ଼.ଲତିକା ସିଂ ଯୋଗ ଦେଇଥିଲେ। ଅଶୋକ ସାହୁ ଓ ରାଜୀବ ଲୋଚନ ପାଣିଗ୍ରାହୀ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ।

# ୩୭ ନଂ. ୱାର୍ଡରେ ବିଜୁ ସ୍ୱେଚ୍ଛାସେବୀ ସଂଗଠନ ଗଠିତ

**ବ୍ରହ୍ମପୁର ଅଫିସ,୭।୩:** ବ୍ରହ୍ମପୁର ମହାନଗର ନିଗମ ୩୭ ନଂ. ୱାର୍ଡସ୍ଥିତ ସକଳେଶ୍ୱର ମନ୍ଦିର ପରିସରରେ ବିଜୁ ସ୍ୱେଚ୍ଛାସେବୀ ସଂଗଠନ ଶନିବାର ଗଠିତ ହୋଇଛି। ଏଥିରେ ଜିଲା ବିଜେଡି ଉପସଭାପତି ବନମାଳୀ ସେଠୀ, ବିଜେଡି ଅନୁସୂଚିତ ଜାତି ଓ ଜନଜାତି ସେଲ୍ ସଭାପତି ସୂର୍ଯ୍ୟ ଦାସ ଓ ବରିଷ୍ଠ ନେତା ମଳୟ ବିଶୋୟୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଏକ ବୈଠକରେ ୱାର୍ଡର ଉନ୍ନତୀକରଣ, ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା, ରାଶନ କାର୍ଡରୁ ବଞ୍ଚିତ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ, ଡ୍ରେନ୍ ଉନ୍ନତୀକରଣ ଭଳି ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା।

# ବରିଷ୍ଠ ନାଗରିକଙ୍କୁ ଉପେକ୍ଷା, ସହଯୋଗ ପାଇଁ ଦାବି

**ଛତ୍ରପୁର,୭।୩(ଡି.ଏନ୍.ଏ.)**

ଛତ୍ରପୁରଠାରେ ବରିଷ୍ଠ ନାଗରିକମାନେ ଠିକ୍ ସ୍ଥାନ ପାଉ ନ ଥିବାରୁ ଯୋଗାଭ୍ୟାସ କରିବାରେ ଅସୁବିଧା ଭୋଗୁଛନ୍ତି। ଛତ୍ରପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କ୍ରୀଡା ବିଭାଗର ଷ୍ଟାଡିୟମ ରହିଛି । ଏହି ଷ୍ଟାଡିୟମ ପରିସରରେ କ୍ରୀଡା ବିଭାଗୀୟ କାର୍ଯ୍ୟାଳୟ କାମ କରୁଛି । କାର୍ଯ୍ୟାଳୟର ଉପରି ଭାଗରେ ଦର୍ଶକଙ୍କ ପାଇଁ ଗ୍ୟାଲେରି ହୋଇଛି । ଏହା ନିର୍ମାଣ ପରଠାରୁ କେବେ ବି ବ୍ୟବହାର ହୋଇନାହିଁ। ଉକ୍ତ କାର୍ଯ୍ୟାଳୟ ବାରଣ୍ଡାରେ ୨୦୦୪ ମସିହାରୁ ଛତ୍ରପୁର ଅଞ୍ଚଳର ପ୍ରାୟ ୩୦ ବରିଷ୍ଠ ନାଗରିକ ଯୋଗଭ୍ୟାସ କରିଆସୁଥିଲେ। ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସରକାରୀ, ବେସରକାରୀ ଓ ସେବା ନିବୃତ ବ୍ୟାଙ୍କ କର୍ମଚାରୀମାନେ ଅଛନ୍ତି। ସେନାବାହିନୀରୁ ଅବସର ନେଇଥିବା ଏନ. କ୍ରିଷ୍ଣା ରେଡ୍ଡୀଙ୍କ ନେତୃତ୍ୱରେ ଏହି ଯୋଗ ଶିବିର ଗତ ୧୬ ବର୍ଷ ଧରି ଚାଲିଆସୁଛି। ଯୋଗାଭ୍ୟାସ ଲାଗି ବରିଷ୍ଠ ନାଗରିକମାନେ କାର୍ଯ୍ୟାଳୟ ବାରଣ୍ଡାକୁ ସଫା ରଖିବା ସହ ଉକ୍ତ ଅଞ୍ଚଳରେ ଗଛ ଲଗାଇଛନ୍ତି । କରୋନା ଲାଗି ଗତବର୍ଷ ମାର୍ଚ୍ଚରୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ବାରଣ କରାଯାଇଥିଲା। ଗତ ଫେବୃୟାରୀରୁ ଷ୍ଟାଡିୟମ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ଯାଇଥିଲେ ସୁଦ୍ଧା ଆଉ ପୂର୍ବ ସ୍ଥାନରେ ଯୋଗଭ୍ୟାସ କରିବାକୁ ଦିଆଯାଉନାହିଁ । ବହୁ ଅନୁରୋଧ ପରେ ଷ୍ଟାଡିୟମ ପରିସରରେ ଥିବା ନବନିର୍ମିତ ଇନଡୋର ଷ୍ଟାଡିୟମ ପଛ ପାଖରେ ଯୋଗଭ୍ୟାସ କରିବାକୁ କୁହାଯାଇଛି। ତେବେ ସେଠାକୁ ଯିବା ରାସ୍ତା ଠିକ୍ ନ ଥିବାରୁ ବୟସ୍କ ବ୍ୟକ୍ତିମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷରେ ଉକ୍ତ ସ୍ଥାନଟି ଖୋଲା ଓ ସବୁଠି ସିମେଣ୍ଟ ଫେବର ଟାଇଲ ବିଛା ଯାଇଥିବାରୁ ଖରାରେ ଯୋଗ କରିବା କଷ୍ଟକର ହେଉଛି । ଛତ୍ରପୁରରେ ଏବେ ବି ସକାଳ ୬ଟା ପର୍ଯ୍ୟନ୍ତ କୁହୁଡି ପଡୁଛି। ସକାଳ ସାଢ଼େ ୭ଟା ବେଳକୁ ଅତ୍ୟନ୍ତ ଟାଣ ଖରା ଅନୁଭୂତ ହେଉଛି। ତେଣୁ ଜିଲା ପ୍ରଶାସନ ସେହି ସ୍ଥାନରେ ଏକ ସେଡ୍, ପାନୀୟ ଜଳ ଓ ଆନୁସଙ୍ଗିକ ବ୍ୟବସ୍ଥା ସହ ରାସ୍ତା ବନ୍ଦୋବସ୍ତ କରିବା ପାଇଁ ଏହି ବରିଷ୍ଠ ନାଗରିକମାନେ ପ୍ରଶାସନକୁ ଗୁହାରି କରିଛନ୍ତି।

**ଟିକା ନେଲେ ୫୦୨ ବରିଷ୍ଠ ନାଗରିକ**

ବୁଗୁଡ଼ା,(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକର ୫୦୨ ଜଣ ବରିଷ୍ଠ ନାଗରିକ ଓ ୨୨ ଜଣ ଗୁରୁତର ରୋଗୀ ଟିକା ଗ୍ରହଣ କରିଛନ୍ତି। ମେଡିକାଲ ଅଫିସର ଡା. ଶୁଭାଶିଷ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟିକାକରଣ କାର୍ଯ୍ୟକ୍ରମକୁ ବିଡିଓ ବିଶ୍ୱଜିତ ପ୍ରଧାନ, ବିଇଓ ସଂଗ୍ରାମ କୁମାର ପ୍ରଧାନ ପରିଦର୍ଶନ କରିଥିବା ବେଳେ କୋଭିଡ୍ ଭେକ୍ସିନେଟର ହେମପ୍ରଭା ପ୍ରିୟଦର୍ଶିନୀ, ଶୁଭ ରଞ୍ଜନ ଶତପଥୀ, ଅମ୍ବିକା ପଣ୍ଡା, କିରଣ କୁମାର ରଥ ଓ ରଜତ ଜେନା ଟିକାଦାନ କରିଥିଲେ।

## ଆଜି କ'ଣ କେଉଁଠି

ଦାରିଙ୍ଗବାଡ଼ି

- କିଷାନ୍ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ ସ୍ଥାନ: ଜାଗୃତି ସଭାଗୃହ। ସମୟ: ସକାଳ ୯ଟା।
- ଜୀବନବିନ୍ଦୁ ରକ୍ତଦାନ ଶିବିର ସ୍ଥାନ: ପଥପାର୍ଶ୍ୱ ସେବାକେନ୍ଦ୍ର ସମୟ: ସକାଳ ସାଢ଼େ ୯ଟା।

# ନାରୀ ଅଦ୍ୱିତୀୟା, ଅନନ୍ୟା

ବ୍ରହ୍ମପୁର ଅଫିସ,୭।୩

**ଅନ୍ତର୍ଜାତୀୟ ମହିଳା ଦିବସ ଆଜି**

ନାରୀ ଯୁଗେ ଯୁଗେ ଚିରନମସ୍ୟା, ସେ ଅଦ୍ୱିତୀୟା ଓ ଅନନ୍ୟା। ସେ ସୃଷ୍ଟିକାରିଣୀ, ବିନାଶକାରିଣୀ ଓ ପାଳନକାରିଣୀ। ସୀତା, ଦ୍ରୌପଦୀ, ଦେବକୀ ରୂପରେ ସେ ରାବଣ, କୌରବ ଓ କଂସ ବିନାଶର ମାଧ୍ୟମ ସାଜିଥିଲା। ଯେଉଁଠାରେ ନାରୀମାନଙ୍କୁ ଉପଯୁକ୍ତ ସ୍ନେହ ଓ ସମ୍ମାନ ଦିଆଯାଏ ଦେବତାମାନେ ସେହିଠାରେ ବାସ କରିଥାନ୍ତି। ସମ୍ପ୍ରତି ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ବାହାରି ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲେଣି। ଘାସକଟାଠାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସମସ୍ତ କାମ ମହିଳାଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରି ଦେଶ ବିଦେଶ ପାଇଁ ସୁନାମ ଅର୍ଜନ କରିଛନ୍ତି। ମହିଳା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତଙ୍କୁ ସଚେତନ ସହ ପ୍ରେରଣା ଯୋଗାଇବା। ସେ ମାତା ସୀତା, ସାବିତ୍ରୀ, ଦୁର୍ଗା, କାଳୀଙ୍କ ସମକକ୍ଷ। ଅବଳା କି ଦୁର୍ବଳା ନୁହେଁ। କୋଭିଡ୍-୧୯ ମହାମାରୀ ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନେ ଆଗ ଧାଡ଼ିର ଯୋଦ୍ଧା କହିଲେ ଅତ୍ୟୁକ୍ତି ହେବ ନାହିଁ। ସୁସ୍ଥ, ନିରାପଦ ଓ ଶୃଙ୍ଖଳିତ ସମାଜ, ଦେଶ ଗଠନରେ ସେମାନଙ୍କ ଭୂମିକା ଅତୁଳନୀୟ। ନାରୀ ବିନା ମଣିଷ ଜାତିର ମୂଲ୍ୟ ହିଁ କିଛି ନାହିଁ। ଯୁଗେ ଯୁଗେ ସେ ନମସ୍ୟା।

## ସେମାନେ ଯାହା କୁହନ୍ତି...



"ପରିବର୍ତ୍ତନର ସମୟ ଆସିଛି। ଅନ୍ୟମାନଙ୍କୁ ଚିହ୍ନିବା ସହ ନିଜକୁ ବୁଝି ନିଜ ପରିଚୟ ସୃଷ୍ଟି କରିବା ଆବଶ୍ୟକ। ନାରୀମାନେ ମଧ୍ୟ ସର୍ବଦା ନିଜକୁ ଖୁସି ଦେଉଥିବା ତଥା ସମାଜର ହିତରେ ଆସୁଥିବା କାମ କରିବା ଆବଶ୍ୟକ। ପରିବର୍ତ୍ତନର ସ୍ରୋତରେ ଆଗକୁ ବଢ଼ିପାରିଲେ ଏଠି ଆଉ ସମାନତା ଅଧିକାର ନିମନ୍ତେ କାହାକୁ ଗୁହାରି କରିବାକୁ ପଡ଼ିବନି।

**ଡା. ସୁଚିତ୍ରା ହାଲଦାର, ଆସିଷ୍ଟାଣ୍ଟ ପ୍ରଫେସର, କମ୍ୟୁନିଟି ମେଡିସିନ**



"ସମାଜର ଅବିଚ୍ଛେଦ୍ୟ ଅଙ୍ଗ ହେଉଛନ୍ତି ମହିଳା। ସେମାନଙ୍କ ବିନା ସମାଜର ପରିକଳ୍ପନା ଅସମ୍ଭବ। ଏଥିଯୋଗୁ ମହିଳାମାନଙ୍କୁ କିପରି ଭାବେ ପୂର୍ଣ୍ଣ ସ୍ୱାଧୀନତା ଓ ସହଯୋଗ ମିଳିପାରିବ, ସେ କ୍ଷେତ୍ରରେ ପ୍ରତି ପରିବାରର ଦାୟିତ୍ୱ ରହିଛି। ଏହି ଦାୟିତ୍ୱ ଉପରେ ଗୁରୁତ୍ୱ ଦେଲେ ନାରୀ ସୁରକ୍ଷା ନିମନ୍ତେ କାହାରିକୁ ଚିନ୍ତା କରିବାକୁ ପଡ଼ିବନି।

**ଅରୁନ୍ଧତୀ ରଥ, ପିଜି କାଉନସିଲ ଅଧ୍ୟକ୍ଷ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



"ଯୁଗ ବଦଳି ଥିଲେ ମଧ୍ୟ ଲୋକଙ୍କ ଚିନ୍ତାଧାରା ଏପର୍ଯ୍ୟନ୍ତ ବଦଳିନି। ଏହି କାରଣରୁ ଜଣେ ନାରୀ ଭାବେ ସର୍ବଦା ନିଜ ସୁରକ୍ଷା କିପରି ନିଜେ କରିପାରିବା ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ଆତ୍ମ ବିଶ୍ୱାସ ସହ ପ୍ରତ୍ୟେକ ନାରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଆବଶ୍ୟକ। ମହିଳା ଚିନ୍ତାଧାରା ଏପର୍ଯ୍ୟନ୍ତ ବଦଳିନି। ଏହି କାରଣରୁ ଜଣେ ନାରୀ ଭାବେ ସର୍ବଦା ନିଜ ସୁରକ୍ଷା କିପରି ନିଜେ କରିପାରିବ ସେଥିପ୍ରତି ଦୃଷ୍ଟି ଦେବା ଜରୁରୀ।

**ମହାଶ୍ୱେତା ପାଢୀ, ଏକକାଳୀନ ସମାଧାନ କେନ୍ଦ୍ର ପରିଚାଳିକା**



"ରୋଷେଇ ଘରୁ ଆରମ୍ଭ କରି ମହାକାଶ ଯାତ୍ରା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ନାରୀ ନିଜ ପରାକାଷ୍ଠା ପ୍ରତିପାଦିତ କରିସାରିଛି। କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ପୁରୁଷ ପ୍ରଧାନ ସମାଜରେ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରୁ ନାହାନ୍ତି। ସମାଜର ଚିନ୍ତାଧାରାରେ ସାକାରାତ୍ମକ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ମହିଳାମାନେ ସୁରକ୍ଷିତ କିମ୍ବା ସ୍ୱାଧୀନତା ପାଇପାରିବେ ନାହିଁ। ବିବାହ ପରେ ପାରିବାରିକ ପରିଚାଳନା କ୍ଷେତ୍ରରେ ପରିବାର ଲୋକଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ଜଣେ ମହିଳାଙ୍କୁ ସହଯୋଗ ମିଳିଲେ ସେମାନେ ଆଗକୁ ବଢ଼ିପାରିବେ।

**ଶିବାନୀ କୁମାରୀ ପଣ୍ଡା, ଆଶା କର୍ମୀ**



"ସମାଜରେ ମହିଳାଙ୍କ ନିମନ୍ତେ ସ୍ଥାନ ସୁରକ୍ଷିତ କରିବା ନିହାତି ଜରୁରୀ। ପ୍ରତ୍ୟେକ ମହିଳାଙ୍କୁ ଶିକ୍ଷା, କର୍ମ କ୍ଷେତ୍ର ହେଉ କିମ୍ବା ବୈବାହିକ ଜୀବନିରେ ପରିବାରର ସହଯୋଗ ନିତାନ୍ତ ଆବଶ୍ୟକ। ଜଣେ ମହିଳାଙ୍କୁ ସହଯୋଗ ମିଳିଲେ ସେମାନେ ଆଗକୁ ବଢ଼ିପାରିବେ।

**ସଙ୍ଗୀତା ସେଠୀ, ଅଙ୍ଗନୱାଡି କର୍ମୀ**

# ୭ ଦଫା ଦାବି ନେଇ ବରିଷ୍ଠ ନାଗରିକ ମଞ୍ଚର ଧାରଣା

ବ୍ରହ୍ମପୁର ଅଫିସ, ୭।୩

ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ୭ ଦଫା ଦାବି ନେଇ ରବିବାର ରେଳ ଷ୍ଟେଶନ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦାବିଗୁଡ଼ିକ ଯଥାକ୍ରମ ବ୍ରହ୍ମପୁର-ପୁରୀ-ପାସେଞ୍ଜର ଟ୍ରେନ ସିଧାସଳଖ ଚଳାଚଳ, ପଲାସା-ଭୁବନେଶ୍ୱର ମେମୋ ଟ୍ରେନରୁ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ, ପ୍ଲାଟଫର୍ମ ଟିକେଟ ପୁନଃ ୧୦ଟଙ୍କା କରିବା, ପାସେଞ୍ଜର ଓ ଇଣ୍ଟରସିଟି ତୁରନ୍ତ ଚଳାଚଳ, ପାସେଞ୍ଜର ଓ ଦ୍ରୁତଗାମୀ ଟ୍ରେନ୍‌ରେ ଦ୍ୱିତୀୟ ଶ୍ରେଣୀ ବଗିର ସିଙ୍ଗଲ ସିଟ୍ ବରିଷ୍ଠ ନାଗରିକଙ୍କ ପାଇଁ ସଂରକ୍ଷଣ, ବରିଷ୍ଠ ନାଗରିକ ପୁରୁଷଙ୍କ ନିମନ୍ତେ ୪୦ ପ୍ରତିଶତ ଓ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି, ଷ୍ଟେଶନ୍ ବାହାରେ ଗ୍ରୀନ୍ ଶେଡ୍ ନିର୍ମାଣ ସମେତ ପାଇଖାନା, ପରିସ୍ରାଗାର, ବିଶ୍ରାମାଗାର ଓ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏଥିରେ ସଂଘ ସମ୍ପାଦକ ହିମାଂଶୁ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଲଳିତ ମୋହନ ସାହୁ, ବସନ୍ତ କୁମାର ନାୟକ ଓ ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଯୌତୁକ ନିର୍ଯାତନା ମାମଲା ସ୍ୱାମୀ, ଦିଅର, ଶାଶୁ ସହ ଶ୍ୱଶୁର ଫେରାର

ଦିଗପହଣ୍ଡି,୭।୩(ଡି.ଏନ୍.ଏ.): ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ସ୍ୱାମୀଙ୍କ ସମେତ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଥିବା ଶନିବାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକ୍ରମେ ଦିଗପହଣ୍ଡି ପୋଲିସ ନଂ. ୫୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୨୦୧୩ ମେ ୩ରେ ମହିଳା ଜଣକ ପଡ଼ୋଶୀ ଏକ ଗାଁରେ ବିବାହ କରିଥିଲେ। ବିବାହର ପ୍ରାୟ ୫ ମାସ ପରେ ତାଙ୍କୁ ସ୍ୱାମୀ, ଦିଅର, ଶାଶୁ ଓ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଆଣିବା ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପରେ ସମ୍ପର୍କୀୟଙ୍କ ହସ୍ତକ୍ଷେପ ପରେ ସ୍ୱାମୀ ତାଙ୍କୁ ଆଣି ଦିଗପହଣ୍ଡିରେ ଏକ ଭଡ଼ାଘରେ ରଖିଥିଲେ। ସେଠାରେ ମଧ ଶାଶୁ ଶ୍ୱଶୁରଙ୍କ ପରାମର୍ଶରେ ସ୍ୱାମୀ ତାଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିଲେ। ଭଦ୍ର ଲୋକଙ୍କ ଉପସ୍ଥିତିରେ ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ ସ୍ୱାମୀ ତାଙ୍କୁ ଗ୍ରହଣ ନକରି ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ଏତଲାରେ ଉଲ୍ଲେଖ ରହିଛି। ବିଦ୍ୟୁତ୍ ବିଭାଗରେ ଲାଇନ୍‌ମ୍ୟାନ ଚାକିରି କରୁଥିବା ଅଭିଯୁକ୍ତ ସ୍ୱାମୀ ଗିରଫ ଭୟରେ ଫେରାର ଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ୪ ଶିଶୁଙ୍କୁ ବାଳାଶ୍ରମ ସ୍ଥାନାନ୍ତର

କୁକୁଡ଼ାଖଣ୍ଡି,୭।୩

କୁକୁଡ଼ାଖଣ୍ଡି ବ୍ଲକ ନୂଆ ବାଉଁଶିଆପଲ୍ଲୀ ଗ୍ରାମ ଦଳିତ ସାହିରେ ମା'ଙ୍କୁ ହରାଇ ଅଜା ଆଈଙ୍କ ପାଖରେ ରହୁଥିବା ୪ ଶିଶୁଙ୍କୁ ରବିବାର ବ୍ରହ୍ମପୁର ବାଳାଶ୍ରମକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ସାହିରେ ରହୁଥିବା ସ୍ତ୍ରୀ ଲିଲି ନାୟକଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଶଙ୍କରଙ୍କୁ କୋର୍ଟଚାଲାଣ କରିଥିଲା। ଲିଲିଙ୍କ ୪ ସନ୍ତାନ ଅଜା ଆଈଙ୍କ ଘରେ ରହୁଥିଲେ। ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ଅଜା ଆଈଙ୍କ ସମେତ ଭିନ୍ନକ୍ଷମ ସଂଘର ସଭାପତି କେ. ମଣିବାବୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ସଚିବ ଏବଂ ଗଞ୍ଜାମ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶରେ ଉପଜିଲାପାଳଙ୍କ ସହ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ଜିଲା ଶିଶୁ ମଙ୍ଗଳ ଅଧିକାରୀ ସିବିଏନ୍ ପ୍ରଧାନ ମ୍ୟାନେଜର ଏବଂ ବ୍ରହ୍ମପୁର ଉତ୍କଳ ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ପାଢ଼ୀ ଗାଁରେ ପହଞ୍ଚି ପିଲାମାନଙ୍କ ବିଷୟରେ ବୁଝାଶୁଝା କରି ଜିଲାପାଳଙ୍କ ହସ୍ତକ୍ଷେପରେ ସେମାନଙ୍କ ଥଇଥାନର ବ୍ୟବସ୍ଥା କରିବେ ବୋଲି କହିଥିଲେ।

# ସଡ଼କ ସୁରକ୍ଷା ବୈଠକ

ପାରଳାଖେମୁଣ୍ଡି,୭।୩(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଗଜପତି ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଉପସ୍ଥିତ ରହି ଜିଲାରେ ଘଟିଥିବା ଦୁର୍ଘଟଣା ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ, ମୋଟର ଯାନର ସମସ୍ତ ତଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନୁପମ ଶାହା, ଉପଜିଲାପାଳ ତଥା ଆଞ୍ଚଳିକ ପରିବହନ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡା, ଏସ୍‌ଡିପିଓ ରାମକୃଷ୍ଣ ପତି, ଏମ୍‌ଭିଆଇ ବସନ୍ତ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଖଣ୍ଡାଚୋଟରେ ବାପା ମୃତ, ପୁଅ ଗୁରୁତର

ବ୍ରହ୍ମପୁର ଅଫିସ, ୭।୩

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ସାତକୁଟୁଣୀ ଗ୍ରାମ ଛକରେ ରବିବାର ରାତି ପ୍ରାୟ ୯ଟାରେ ଖଣ୍ଡାରେ ହାଣି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଝାଡାଙ୍କୁଲି ଗ୍ରାମର କେରା ସେଠୀ। କୋରାଙ୍କ ପୁଅ ପ୍ରଶାନ୍ତ ମଧ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ସଦର ଥାନାଧିକାରୀ ସନ୍ତୋଷିନୀ ଓରାମ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। କୌଣସି ଶତ୍ରୁତାକୁ ନେଇ ଏଭଳି ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଜଣେ ଯୁବକଙ୍କୁ ଅଟକ ରଖିଛି। ବାପ, ପୁଅ କୌଣସି କାମରେ ସାତକୁଟୁଣୀ ଗ୍ରାମକୁ ଯାଇ ରାତିରେ ଫେରୁଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ପୁଅ ପ୍ରଶାନ୍ତଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। କୋରା ପୁଅଙ୍କୁ ବଞ୍ଚାଇବାକୁ ଯାଇଥିବା ବେଳେ ତାଙ୍କୁ ସେମାନେ ହାଣି ପକାଇଥିଲେ। ବାପ, ପୁଅ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ଖବରପାଇ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ବାପ ପୁଅଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ କୋରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


**UTKAL GRAMEEN BANK**

**TENDER FOR INSURANCE : BANKER'S INDEMNITY & OTHERS**

We invite Bid Quotations from the All Public Sector & Private Sector General Insurance Companies for Banker's Indemnity & Other Insurances for FY-2021-22. For details, please visit our website www.utkalgrameenbank.co.in. The last date for receiving the Bid Quotation is 23.03.2021 3.00 p.m

General Manager-I

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**

**IDENTIFICATION NO: RWS&S DIVN., PURI – 56 OF 2020-21**
**Ph.-(06752) 251276 Fax - (06752) 251276 E-mail – eerwss_puri@nic.in**

No.O-1211:- The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work | : | Retrofitting of Rural Piped Water Supply |
|---|---|---|---|
| 1. | No. of works | : | 14 (FOURTEEN ) |
| 2. | Estimated Cost | : | Rs 30.96 to 121.32 lakhs (app.) |
| 3. | Time for completion | : | 06(Six) Months |
| 4. | Cost of bidding document | : | Rs.6000/- to Rs.10000/- |
| 5. | Class of Contractors eligible | : | C, B & A |
| 6. | Availability of bids on-line | : | From 11.00 hour of 10.03.2021 to 17.00 hours of 20.03.2021 |
| 7. | Last date and time for seeking clarification | : | 17.00 hours of 16.03.2021 |
| 8. | Date & time of opening of technical bids | : | On dt 22.03.2021 at 11.30 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids | : | To be decided. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.

**Sd./- Executive Engineer, RWS&S Division, Puri**
OIPR-25017/11/0033/2021

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** (ଉନ୍ନତି ପାଇଁ ଏକତ୍ର) pnb punjab national bank (Together for the better) Oriental United

**ଗାଡି ବିକ୍ରୟ ନୋଟିସ୍**

**ମଣ୍ଡଳ ଶସ୍ତ୍ର କେନ୍ଦ୍ର : ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ ''ଯେଉଁଠାରେ ଅଛି ଯେପରି ଅଛି ଏବଂ ଯେମିତି ଅବସ୍ଥା ଭିତ୍ତିରେ ଅଛି'' ବିକ୍ରୟ କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ସଫଳ କ୍ରେତା ବିକ୍ରୟ ଟିକସ ଏବଂ ବୀମା ଦେୟ ବହନ କରିବେ।

| କ୍ର. ନଂ. | ଶାଖାର ନାମ | ରଣଗ୍ରହୀତାମାନଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି |
|---|---|---|---|---|---|
| ୧. | ଜଙ୍କିଆ | ପ୍ରଶାନ୍ତ କୁମାର ନାୟକ | REO AUTO / OD-02V-3418 | ଟ. ୩୫,୦୦୦/- | ଟ. ୩,୫୦୦/- |
| ୨. | ଜଙ୍କିଆ | ପ୍ରଶାନ୍ତ ସାମନ୍ତରାୟ | MARUTI OMNI / OD-33B-3862 | ଟ. ୬୦,୦୦୦/- | ଟ.୬,୦୦୦/- |
| ୩. | ଲୁଇସ୍ ରୋଡ଼ | ତାପସୀ ନନ୍ଦ | TATA SAFARI / OD-13H-6001 | ଟ. ୬୫,୦୦୦/- | ଟ. ୬,୫୦୦/- |
| ୪. | ମନ୍ଦାରବସ୍ତ | ପ୍ରମିଳା ଦେଇ | SWARAJ TRACTOR 735 FE/OR-02BJ-9617 | ଟ. ୪୫,୦୦୦/- | ଟ. ୪,୫୦୦/- |
| ୫. | ଶହୀଦନଗର (PNB 1.0) | ସୁଜାତା ସାହୁ | INTERNATIONAL CARS & MOTORS LTD. EXTREME DI/ OD-02AB-6881 | ଟ. ୧,୭୫,୦୦୦/- | ଟ. ୧୭,୫୦୦/- |
| ୬. | ଶିରିପୁର | ବାବୁନି ଦାସ | TVS KING AUTO / OD-33FA-7827 | ଟ. ୨୨,୦୦୦/- | ଟ. ୨,୨୦୦/- |
| ୭. | ଶିରିପୁର | ରଜତ୍ କୁମାର ସ୍ୱାଇଁ | TVS KING AUTO / OD-33G-0228 | ଟ. ୨୫,୦୦୦/- | ଟ. ୨,୫୦୦/- |
| ୮. | ଶିରିପୁର | ଲୋଚନ ନାୟକ | TVS KING AUTO/ OD-33E-8388 | ଟ. ୩୫,୦୦୦/- | ଟ. ୩,୫୦୦/- |
| ୯. | ଶହୀଦନଗର (e-OBC) | ସତ୍ୟସାଇ ପଲ୍ଲିଷ୍ଟ୍ରକଚର ପ୍ରା. ଲିଃ. | TOYOTA INNOVA-VX-7/OD-02D-8081 | ଟ. ୫,୫୦,୦୦୦/- | ଟ. ୫୫,୦୦୦/- |
| ୧୦. | ସିଜିପୁଟ୍ | ଟୁନି ଜେନା | TATA MAGIC / OD-02Y-2081 | ଟ. ୭୦,୦୦୦/- | ଟ. ୭,୦୦୦/- |
| ୧୧. | ସିଜିପୁଟ୍ | ଗୀତାଞ୍ଜଳୀ ପାତ୍ର | HYUNDAI I-20 / OD-02AB-4334 | ଟ. ୪,୦୫,୦୦୦/- | ଟ. ୪୦,୫୦୦/- |

ଗାଡି ଗୁଡିକର ପାର୍କିଂ ସ୍ଥାନ : କ୍ରମିକ ନଂ.୧ ରୁ ୮ ପାତ୍ରପଡା, ଭୁବନେଶ୍ୱର ଏବଂ କ୍ରମିକ ନଂ.୯ ରୁ ୧୧, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଜାଗମରା ଭୁବନେଶ୍ୱର

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ :

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ **''ଶାଖା ଏବଂ ଗାଡିର ବିବରଣୀ.................., କ୍ରୟ ନିମନ୍ତେ ପ୍ରସ୍ତାବ''** ଉଲ୍ଲେଖ କରି ସମ୍ପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ **ତା. ୨୬.୦୩.୨୦୨୧ ରିଖ** ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ **ତା. ୩୦.୦୩.୨୦୨୧ ରିଖ** ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ** ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା. ୨୫.୦୩.୨୦୨୧ ରିଖ** ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ / ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର **୭ ଦିନ** ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ (ବୀମା / ଫିସ୍) ବହନ କରିବେ।
୭. ଥରେ ଗାଡି ବିକ୍ରୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଗାଡିର ସମସ୍ତ କାଗଜପତ୍ର ଖର୍ଚ୍ଚ କ୍ରେତା ନିଜେ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୧୫ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ. ମୋ: ୭୦୭୭୭୨୨୦୮୮

ସ୍ଥାନ : ଭୁବନେଶ୍ୱର, ତାରିଖ: ୦୮.୦୩.୨୦୨୧ — କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

**बैंक ऑफ़ बड़ौदा Bank of Baroda**

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ - ୭୫୩୦୧୪, ଓଡ଼ିଶା, ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail:armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-IV-A(ରୁଲ୍ ୬ (୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ରଣଗହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍‌ର ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ରଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଚୌହଦୀ ସହ ସୁରକ୍ଷିତ ସମ୍ପତ୍ତିର ବିବରଣୀ | ବକେୟା ଦେୟ (ଡିମାଣ୍ଡ ନୋଟିସ୍ ଅନୁଯାୟୀ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ |
|---|---|---|---|---|---|---|---|
| ୧. | ରଣଗ୍ରହୀତା: ମେସର୍ସ ଜୟ ବାଲାଜୀ ଇଣ୍ଡଷ୍ଟ୍ରିଆଲ୍ ଆଲଏ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଉଗ୍ରସେନ ସାହୁ / ଜାମିନ୍‌ଦାରମାନେ: (୧) ଶ୍ରୀମତୀ ବିଣା ସାହୁ, ସ୍ୱାମୀ: ଶ୍ରୀ ଉଗ୍ରସେନ ସାହୁ, (୨) ଶ୍ରୀ ବିଶ୍ୱଜିତ୍ ସାହୁ, ପିତା: ୰ ସରୋଜ କୁମାର ସାହୁ, କର୍ପୋରେଟ୍ ଗ୍ୟାରେଣ୍ଟର: ମେସର୍ସ ଜଗତ ଜନନୀ ଇନଫ୍ରାଷ୍ଟ୍ରକଚର୍ ପ୍ରା.ଲିଃ., ସମସ୍ତଙ୍କ ଠିକଣା-ସା: ଏଚ୍‌ଆଇଜି ଡୁପ୍ଲେକ୍ସ ବି/ ୧୩, ଆନନ୍ଦ ବିହାର, ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା। | ମେସର୍ସ ଜଗତ ଜନନୀ ଇନଫ୍ରାଷ୍ଟ୍ରକଚର୍ ପ୍ରା.ଲିଃ. ନାମରେ ଥିବା ସମୁଦାୟ ୨୦୦୮୧ ବର୍ଗଫୁଟ (ଏକର ୦.୪୬୧ ଡିସିମିଲି) ଜମିର ୯୩୦୨ ବର୍ଗଫୁଟ ଅଂଶ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୧୮, ପାଇକ ନଗର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୮୪/୨୬୫, ପ୍ଲଟ୍ ନଂ.: ୨୦୧/୧୧୪୪, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ପ୍ଲଟ୍ ନଂ.: ୧୯୯/୧୧୪୩, କ୍ଷେତ୍ର: ଏକର ୦.୧୦୬ ଡିସିମିଲି, ପ୍ଲଟ୍ ନଂ.: ୧୯୭.୧୧୪୨, କ୍ଷେତ୍ର: ଏକର ୦.୦୯୪ ଡିସିମିଲି, ପ୍ଲଟ୍ ନଂ.: ୧୯୮, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, ପ୍ଲଟ୍ ନଂ.: ୧୯୫/୧୧୪୧, କ୍ଷେତ୍ର: ଏକର ୦.୧୩୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୦୦, କ୍ଷେତ୍ର: ଏକର ୦.୦୦୫ ଡିସିମିଲି। | ଟ.୨,୨୯,୧୩,୨୪୩/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୨୩.୦୩.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨,୮୬,୦୦,୦୦୦/- / ଟ.୨୮,୬୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୯.୦୩.୨୦୨୧ ଏବଂ ୨୦.୦୩.୨୦୨୧ |
| ୨. | ରଣଗ୍ରହୀତା: ଶ୍ରୀ ଦିଲୀପ କୁମାର ନାୟକ, ଠିକଣା-୧: ପ୍ଲଟ୍ ନଂ.: ୨୭୪, ଅଟାଳ, ବାଲିଅନ୍ତା, ଭୁବନେଶ୍ୱର-୭୫୨୧୦୧, ଠିକଣା-୨: ପ୍ଲଟ୍ ନଂ.: ୨୭୦-ଏ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭ / ଜାମିନ୍‌ଦାରମାନେ: (୧) ଶ୍ରୀ ବିଦ୍ୟାଧର ନାୟକ, ପ୍ଲଟ୍ ନଂ.: ୨୭୦-ଏ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, (୨) ଶ୍ରୀ ସୁରେଶ କୁମାର ସ୍ୱାଇଁ, ୯୫/ଏ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭। | ସମ୍ପତ୍ତି-୧: ଶ୍ରୀ ବିଦ୍ୟାଧର ନାୟକଙ୍କ ନାମରେ ଥିବା ଜମି ଯାହାକି ଗିରିଗାପୁଟ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୫, ପ୍ଲଟ୍ ନଂ.: ୨୮୮, କ୍ଷେତ୍ର: ଏକର ୦.୮୫ ଡିସିମିଲି, ପ୍ଲଟ୍ ନଂ.: ୨୮୯, କ୍ଷେତ୍ର: ଏକର ୦.୧୫୫ ଡିସିମିଲି, ପ୍ଲଟ୍ ନଂ.: ୨୯୦, କ୍ଷେତ୍ର: ଏକର ୦.୦୮୫ ଡିସିମିଲି, ପ୍ଲଟ୍ ନଂ.: ୨୯୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ଖାତା ନଂ.: ୮୫, ପ୍ଲଟ୍ ନଂ.: ୨୮୭, କ୍ଷେତ୍ର: ଏକର ୦.୨୭୦ ଡିସିମିଲି, ପ୍ଲଟ୍ ନଂ.: ୨୭୬, କ୍ଷେତ୍ର: ଏକର ୦.୫୫ ଡିସିମିଲି। | ଟ.୬,୪୯,୬୦,୦୬୫.୫୮ + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨,୫୪,୬୪,୦୦୦/- / ଟ.୨୫,୪୬,୪୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| | | ସମ୍ପତ୍ତି-୨: ଶ୍ରୀ ବିଦ୍ୟାଧର ନାୟକଙ୍କ ନାମରେ ଥିବା ଜମି ଯାହାକି ସୁକୁଟିଝରା, ତହସିଲ୍: ଧର୍ମଶାଳା, ଜିଲ୍ଲା: ଯାଜପୁର, ଖାତା ନଂ.: ୬୮, ପ୍ଲଟ୍ ନଂ.: ୨୫୯, କ୍ଷେତ୍ର: ଏକର ୩.୦୦ ଡିସିମିଲି। | | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୪୦,୧୫,୦୦୦/- / ଟ.୪,୦୧,୫୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| | | ସମ୍ପତ୍ତି-୩: ଶ୍ରୀ ବିଦ୍ୟାଧର ନାୟକଙ୍କ ନାମରେ ଥିବା ଜମି ଯାହାକି ଅଟାଳ, ଭୁବନେଶ୍ୱର, ଖାତା ନଂ.: ୩୫୬, ପ୍ଲଟ୍ ନଂ.: ୨୬୬, କ୍ଷେତ୍ର: ଏକର ୦.୪୮୦ ଡିସିମିଲି, ଖାତା ନଂ.: ୩୫୯/୧୯୫, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର ୦.୬୧୦ ଡିସିମିଲି। | | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୧,୭୦,୯୨,୦୦୦/- / ଟ.୧୭,୦୯,୨୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| | | ସମ୍ପତ୍ତି-୪: ଶ୍ରୀ ବିଦ୍ୟାଧର ନାୟକଙ୍କ ନାମରେ ଥିବା ଜମି ଯାହାକି ଅଟାଳ, ଭୁବନେଶ୍ୱର, ଖାତା ନଂ.: ୩୫୯/୧୨୭, ପ୍ଲଟ୍ ନଂ.: ୨୭୩, କ୍ଷେତ୍ର: ଏକର ୦.୨୦୦ ଡିସିମିଲି। | | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୪୩,୧୨,୦୦୦/- / ଟ.୪,୩୧,୨୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| | | ସମ୍ପତ୍ତି-୫: ଶ୍ରୀ ବିଦ୍ୟାଧର ନାୟକଙ୍କ ନାମରେ ଥିବା ବାସୋପଯୋଗୀ ୩ ବିଏଚ୍‌କେ ଫ୍ଲାଟ୍ ନଂ.: ଏ-୩୦୧, ତୃତୀୟ ମହଲା, ଇଣ୍ଡସ୍ ଭ୍ୟାଲି ଆପାର୍ଟମେଣ୍ଟ, ରଘୁନାଥପୁର, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର। | | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୫୪,୫୮,୦୦୦/- / ଟ.୫,୪୫,୮୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| ୩. | ରଣଗ୍ରହୀତା: ମେସର୍ସ ରୋହିତ ସେଲ୍ସ ଆଣ୍ଡ ସର୍ଭିସେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରାଜେନ୍ଦ୍ର କୁମାର ଗୁପ୍ତା, ପିତା: ଶ୍ରୀ କହ୍ନୈୟାଲାଲ୍ ଗୁପ୍ତା, ଠିକଣା-୧: ସା: ନାଲିଆବାଗ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧, ଠିକଣା-୨: ଫ୍ଲାଟ୍ ନଂ.: ୧୧୨, ଅଶୋକ ନଗର, ବିନୟଦୀପ ଆପାର୍ଟମେଣ୍ଟ, ୟୁନିଟ୍ ନଂ.: ୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ / ଜାମିନ୍‌ଦାର: ଶ୍ରୀମତୀ ରଞ୍ଜିତା ଗୁପ୍ତା, ସ୍ୱାମୀ: ଶ୍ରୀ ରାଜେନ୍ଦ୍ର କୁମାର ଗୁପ୍ତା, ସା: ନାଲିଆବାଗ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧। | ଶ୍ରୀ ରାଜେନ୍ଦ୍ର କୁମାର ଗୁପ୍ତାଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଶ୍ରୀକଣ୍ଠପୁର, ୟୁନିଟ୍ ନଂ.: ୧୩, ପିଏ: ବାଲେଶ୍ୱର ଟାଉନ, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୪୧୬/୨୧୫, ପ୍ଲଟ୍ ନଂ.: ୮୧୧/୨୭୦୨/୨୮୫୭, କ୍ଷେତ୍ର: ଏକର ୦.୦୯୦ ଡିସିମିଲି, ଖାତା ନଂ.: ୪୧୬/୧୯୧, ପ୍ଲଟ୍ ନଂ.: ୮୧୧/୨୬୯୪, କ୍ଷେତ୍ର: ଏକର ୦.୦୦୫ ଡିସିମିଲି ଏବଂ ଖାତା ନଂ.: ୩୨୯/୧୧୧୫, ପ୍ଲଟ୍ ନଂ.: ୮୧୧/୨୨୧୫, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର ୦.୧୪୫ ଡିସିମିଲି। | ଟ.୫,୨୩,୮୧,୪୧୮/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୪,୩୧,୧୮,୦୦୦/- / ଟ.୪୩,୧୧,୮୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| ୪. | ରଣଗ୍ରହୀତା: ମେସର୍ସ ସାଇ କୋଲ୍ଡ ଷ୍ଟୋରେଜ୍, ସା: ପ୍ଲଟ୍ ନଂ.: ୨୬୦/୯୮୧, ପାଇକରାପୁର, ସା/ପୋ: ପାଇକରାପୁର, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୪, ଅଂଶୀଦାର ଏବଂ ଜାମିନ୍‌ଦାରମାନେ: (୧) ଶ୍ରୀ ସୁରେଶ ରଞ୍ଜନ ସାହୁ, ପିତା: ଶ୍ରୀ ଶଶଧର ସାହୁ, (୨) ଶ୍ରୀମତୀ ଗୀତାଞ୍ଜଳି ସାହୁ, ସ୍ୱାମୀ: ଶ୍ରୀ ସୁରେଶ ରଞ୍ଜନ ସାହୁ, (୩) ଐଶ୍ୱର୍ଯ୍ୟା ସାହୁ, ପିତା: ଶ୍ରୀ ସୁରେଶ ରଞ୍ଜନ ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୨(ଏଲ୍-୧୩୯), ଲେନ୍ ନଂ.-୧, ଜଗନ୍ନାଥ ବିହାର, ବରମୁଣ୍ଡା ହାଉସିଂ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା। | ସମ୍ପତ୍ତି-୧: ଗୀତାଞ୍ଜଳି ସାହୁଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାକି ପ୍ଲଟ୍ ନଂ.: ୨୬୧/୧୧୫୨, ଖାତା ନଂ.: ୨୭୬/୧୨୬୩, କ୍ଷେତ୍ର: ଏକର ୧.୦୦ ଡିସିମିଲ୍, ଅନୁରୂପ ପୂର୍ବରୁ ଥିବା ଖାତା ନଂ.: ୨୭୬/୨୫୯, କିସମ: ବଗାୟତ-୨, ମୌଜା: ନୂଆଗାଁ, ଥାନା: ଚନ୍ଦକା, ତହସିଲ: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ଏବଂ କାରଖାନା ଏବଂ ଯନ୍ତ୍ରପାତି ସହିତ ମେସର୍ସ ସାଇ କୋଲ୍ଡ ଷ୍ଟୋରେଜ୍ (ଲିଜ୍‌ଧାରୀ ଗୀତାଞ୍ଜଳି ସାହୁ)ଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାକି ପ୍ଲଟ୍ ନଂ.: ୨୬୦/୯୮୧, ଖାତା ନଂ.: ୨୭୬/୪୦୮, କ୍ଷେତ୍ର: ଏକର ୧.୦୦ ଡିସିମିଲ୍, ଅନୁରୂପ ପୂର୍ବରୁ ଥିବା ଖାତା ନଂ.: ୨୭୬/୭୦, ମୌଜା: ନୂଆଗାଁ, ଏସ୍‌ଆରଓ: ଖଣ୍ଡଗିରି, ଥାନା ନଂ.: ୫୧, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା। | ଟ.୮,୦୮,୨୫,୩୯୫/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୫,୪୦,୦୧,୦୦୦/- / ଟ.୫୪,୦୦,୧୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| | | ସମ୍ପତ୍ତି-୨: ଶ୍ରୀମତୀ ଗୀତାଞ୍ଜଳି ସାହୁଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାକି ପ୍ଲଟ୍ ନଂ.: ୧୬୦୬/୨୪୨୪, ଖାତା ନଂ.: ୪୫୬/୧୪୪, କ୍ଷେତ୍ର: ଏକର ୦.୦୯୦ ଡିସିମିଲ୍, କିସମ: ଘରବାଡ଼ି, ମୌଜା: ପାଇକରାପୁର, ଏସ୍‌ଆରଓ: ଖଣ୍ଡଗିରି, ଥାନା ନଂ.: ୫୪, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା। | | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୩୬,୪୫,୦୦୦/- / ଟ.୩,୬୪,୫୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| ୫. | ରଣଗ୍ରହୀତା: ମେସର୍ସ ସତ୍ୟଜିତ୍ ଇଣ୍ଟରନ୍ୟାଶନାଲ୍ ପ୍ରା.ଲିଃ., ପ୍ଲଟ୍ ନଂ.: ୩୮୧୭, ଜୟଦେବ ନଗର, ପାଠ୍ଲ ନିବାସ ନିକଟ, ଭୁବନେଶ୍ୱର-୭୫୧୦୦୨ / ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସତ୍ୟଜିତ ପଟ୍ଟନାୟକ, ଏଚ୍‌ଆଇଜି-୧୩, ଫେଜ୍-୨, ଅନନ୍ତ ବିହାର, ପୋ: ପୋଖରିପୁଟ, ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୦ / ନିର୍ଦ୍ଦେଶକ: ଶ୍ରୀ ତାରା ପ୍ରସାଦ ପଟ୍ଟନାୟକ, ପ୍ଲଟ୍ ନଂ.: ଏମ୍‌ବି-୯୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୮। | ସମ୍ପତ୍ତି-୧: ମେସର୍ସ ସତ୍ୟଜିତ୍ ଇଣ୍ଟରନ୍ୟାଶନାଲ୍ ପ୍ରା.ଲିଃ. ନାମରେ ଥିବା ଜମି ଏବଂ ଗୃହ ଯାହାକି ପ୍ଲଟ୍ ନଂ.: ୫୧୩୪/୬୧୬୦(ଅଂଶ), ଖାତା ନଂ.: ୧୪୭୮/୧୮୫, କ୍ଷେତ୍ର: ଏକର ୧.୫୦ ଡିସିମିଲ୍, ମୌଜା: ଶ୍ରୀକୋଣା, ଥାନା: ବାଲେଶ୍ୱର ସଦର, ନଂ.: ୧୦୪, ଅନୁରୂପ ଇଡକୋ ପ୍ଲଟ ନଂ.: ୬, ଇଡକୋ ଇଣ୍ଡଷ୍ଟ୍ରିଆଲ୍ କମ୍ପ୍ଲେକ୍ସ, ଶ୍ରୀକୋଣା, ବାଲେଶ୍ୱର। | ଟ.୫,୩୮,୧୭,୭୫୨/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୬୧,୦୫,୦୦୦/- / ଟ.୬,୧୦,୫୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |
| | | ସମ୍ପତ୍ତି-୨: ଇଷ୍ଟର୍ଣ୍ଣ ବିଲ୍ଡର୍ସ ଆଣ୍ଡ ଡେଭଲପର୍ସ ପ୍ରା. ଲିଃ. ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାତ୍ରପଡ଼ା, ଥାନା: ଭୁବନେଶ୍ୱର ନଂ.୮, ଜିଲ୍ଲା: ଖୋର୍ଦ୍ଧା, ସାବିକ୍ ଖାତା ନଂ.: ୫୭୫/୦୮, ସାବିକ୍ ପ୍ଲଟ୍ ନଂ.: ୫୫/୧୮୭୭, ହାଲ୍ ଖାତା ନଂ.: ୫୦୮, ହାଲ୍ ପ୍ଲଟ ନଂ.: ୨୯୬, କ୍ଷେତ୍ର: ଏକର ୦.୦୬୯ ଡିସିମିଲି। | | ୧୩.୦୪.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୧,୦୪,୦୩,୦୦୦/- / ଟ.୧୦,୪୦,୩୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୭.୦୪.୨୦୨୧ ଏବଂ ୦୮.୦୪.୨୦୨୧ |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ (https://www.bankofbaroda.com/e-auction.htm) and (https://ibapi.in) ଦେଖନ୍ତୁ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫). ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ରଣଗ୍ରହୀତା/ ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫/୩୦ (ଯାହା ପ୍ରଯୁଜ୍ୟ ହେବ) ଦିନିଆ ନୋଟିସ୍।**

ତାରିଖ: ୦୬.୦୩.୨୦୨୧, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ମହିଳାଙ୍କୁ ସଶକ୍ତ କରିବାକୁ ଏକାଠି ହେବା ଜରୁରୀ



ବିଜୁ ବାବୁଙ୍କ ନେତୃତ୍ୱରେ ପଞ୍ଚାୟତରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିବା ପ୍ରଥମ ରାଜ୍ୟ ହେଲା ଓଡ଼ିଶା। ଏହି କ୍ରମରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାରଙ୍କ ସମୟରେ ୫୦ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ କରାଗଲା। ସର୍ବୋପରି ଗତ ସାଧାରଣ ନିର୍ବାଚନରେ ଲୋକ ସଭା ପାଇଁ ୩୩ ପ୍ରତିଶତ ଆସନ ମହିଳାମାନଙ୍କୁ ଦେଇ ନବୀନବାବୁ ସାରା ଭାରତରେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଗୃହରେ ମହିଳାଙ୍କ ପାଇଁ ସମାନତାର ସୁଯୋଗ ଦେବାକୁ ପଥ ପରିଷ୍କାର କରିଥିଲେ। ମୋ ଭଳି ଜଣେ ସାଧାରଣ ଗୃହିଣୀ ଏମ୍‌ପି ଭାବେ ନିର୍ବାଚିତ ହୋଇଛି। ସର୍ବୋପରି ମିଶନ ଶକ୍ତି ନାମକ ଏକ ସ୍ୱତନ୍ତ୍ର ବିଭାଗ ଗଠନ କରି ଆମ ସରକାର ମହିଳାଙ୍କ ଉନ୍ନତି ପାଇଁ ସଦା ତତ୍ପର। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମହିଳାମାନେ ବେଶ୍ ସ୍ୱାବଲମ୍ବୀ ହୋଇପାରିଛନ୍ତି ଏବଂ ନିଜକୁ ସୁରକ୍ଷିତ ମନେ କରିପାରୁଛନ୍ତି। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଆମେ ଏକାଠି ହେବା ଜରୁରୀ। ସେମାନଙ୍କୁ ସମାନ ଶିକ୍ଷାଗତ ସୁଯୋଗ ଦିଆଯିବା ଆବଶ୍ୟକ। କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସେମାନଙ୍କୁ ସମାନ ଭାବରେ ପ୍ରାପ୍ୟ ଦେବାକୁ ପଡ଼ିବ। ମହିଳାଙ୍କ ପ୍ରତି ହେଉଥିବା ଅପରାଧ ପାଇଁ ଆଇନଗତ ଦିଗ କଠୋର ହେବା ଆବଶ୍ୟକ।

– ପ୍ରମିଳା ବିଶୋୟୀ, ଏମ୍‌ପି, ଆସ୍କା ଲୋକ ସଭା

## ନିଜର ସୁରକ୍ଷା ଲାଗି ଯତ୍ନବାନ ହୁଅନ୍ତୁ



ସମାଜରେ ମହିଳାମାନଙ୍କ ସୁରକ୍ଷା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ପ୍ରଥମେ ମହିଳା ଓ ପୁରୁଷ ମଧ୍ୟରେ ଭେଦଭାବ ଦୂର ହେବା ଦରକାର। ପ୍ରତ୍ୟେକ ମହିଳା ସଚେତନ ହେବା ସହ ନିଜର ସୁରକ୍ଷା ପାଇଁ ଯତ୍ନବାନ ହେବା ଜରୁରୀ। ଅଭିଭାବକମାନେ ପ୍ରଥମେ ପରିବାରରୁ ହିଁ ପିଲାମାନଙ୍କୁ ସଚେତନ କରିବା ସହ କନ୍ୟା ସନ୍ତାନମାନଙ୍କୁ ସବୁ କ୍ଷେତ୍ରରେ ସୁଯୋଗ ଦେବା ଆବଶ୍ୟକ। କାରଣ ମହିଳା ହିଁ ଏ ସୃଷ୍ଟିର ଆଦ୍ୟ ଝଙ୍କାର।

– ସତ୍ୟଭାମା ମୁଦୁଲି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ବାଲେଶ୍ୱର

## ସମାଜରେ ମହିଳା ଅସୁରକ୍ଷିତ, ସଙ୍କୁଚିତ



ସରକାର, ସମାଜ ମହିଳାଙ୍କୁ ଯେଭଳିଭାବେ ଅଗ୍ରାଧିକାର ଦେବା କଥା କହୁଛନ୍ତି ବାସ୍ତବରେ ପରିସ୍ଥିତି ଭିନ୍ନ। ଏବେ ବି ସମାଜରେ ମହିଳା ସଙ୍କୁଚିତ ଓ ଅସୁରକ୍ଷିତ। ସେମାନଙ୍କୁ ଭିନ୍ନଦୃଷ୍ଟିରେ ଦେଖାଯାଉଛି। ନିଜ ଘରେ ପ୍ରଥମେ ସଙ୍କୁଚିତ ହୋଇ ରହିଥିବା ମହିଳା ପରେ ସମାଜ, କର୍ମକ୍ଷେତ୍ର ଏପରିକି ଶାଶୁଘରେ ନିର୍ଯାତନା ସହିଥାଏ। ହାତଗଣତି କେତୋଟି ପରିବାରର ଝିଅଙ୍କୁ ଇଚ୍ଛା ମୁତାବକ ସହଯୋଗ ମିଳିବା ଫଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥାନ୍ତି। ଏଣୁ ମହିଳା ଦିବସ ପାଳନ କରିବାରେ କିଛି ଯଥାର୍ଥତା ନାହିଁ। ଏହି ଦିବସ ପାଳନ କରି ମହିଳାଙ୍କୁ ଆଜିର ଦିନରେ ପଛରେ ଥିବା ନେଇ ସନ୍ଦେଶ ଦିଆଯାଉଛି। ଏହି ଦୃଷ୍ଟିରୁ ମହିଳାଙ୍କ ଉନ୍ନତି ପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଦରକାର।

– ବିଜୟିନୀ ମିଶ୍ର, ପିଏଚଡି ଛାତ୍ରୀ, ଜେଏନ୍‌ୟୁ

## ପ୍ରତି ପଞ୍ଚାୟତରେ ହିଲିଂ ସେଣ୍ଟର କରାଯାଉ



ଆମେ ମହିଳା ଓ ପୁରୁଷଙ୍କ ମଧ୍ୟରେ ସମାନତା କଥା କହୁଛେ। ବାସ୍ତବରେ କିନ୍ତୁ ଘର ଭିତରୁ ବାହାର ପର୍ଯ୍ୟନ୍ତ କୌଣସି ସ୍ଥାନରେ ଏଭଳି ରହୁନି। ଅଧିକାଂଶ କ୍ଷେତ୍ରରେ ମହିଳାମାନେ ଗୌଣ ହୋଇ ରହୁଛନ୍ତି, ଯାହାକି ଆମ ଦେଶରେ ସବୁଠାରୁ ବଡ଼ ସମସ୍ୟା। କୌଣସି ମହିଳାଙ୍କ ପ୍ରତି କିଛି ଅଘଟଣ ଘଟିବାର ଥିଲେ ଅଥବା ଘଟୁଥିଲେ ସେ ସମୟରେ ସହଯୋଗକୁ ନେଇ ଚିନ୍ତା ରହୁଛି। ବିଶେଷକରି ପୋଲିସର ଅସହଯୋଗ ନିରାଶ କରୁଛି, ଯଦ୍ୱାରା ମହିଳାମାନେ ନ୍ୟାୟରୁ ବଞ୍ଚିତ ହେବା ସହ ଅନିଶ୍ଚିତ ଭବିଷ୍ୟତ ଆଡକୁ ଗତି କରୁଛନ୍ତି। ୨୦୦୯ରେ ମୋ ଉପରେ ଏସିଡ୍ ମାଡ଼ ବେଳେ ପୋଲିସ ମୋତେ ନିରାଶ କରି ଦେଇଥିଲା। ମାମଲା ବନ୍ଦ ହୋଇ ଯାଇଥିଲା। ୨୦୧୭ରେ ତତ୍କାଳୀନ ଏସ୍‌ପି ମୋତେ ନ୍ୟାୟ ଦେବାର ଭରସା ଦେଇଥିଲେ। ମାମଲା ପୁନଃ ଖୋଲିଥିଲା। କୌଣସି ମହିଳା ନିର୍ଯାତନାର ଶିକାର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହେଲେ ସେଠାରେ କାଉନସେଲିଂ ହେଉନି। ଫଳରେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ମାନସିକସ୍ତରରେ ଦୁର୍ବଳ ହୋଇପଡୁଛନ୍ତି। ତେଣୁ ରାଜ୍ୟ ସରକାର ପ୍ରତି ସରକାରୀ ହସ୍ପିଟାଲରେ କାଉନସେଲର ନିଯୁକ୍ତ କଲେ ପୀଡ଼ିତା ଓ ତାଙ୍କ ପରିବାର ଲୋକଙ୍କୁ ମନୋବଳ ମିଳିବା ସହ ନ୍ୟାୟ ପାଇଁ ଲଢ଼େଇ କରିବା ସାମର୍ଥ୍ୟ ମିଳନ୍ତା। ସେହିପରି ଗ୍ରାମାଞ୍ଚଳରେ ଅର୍ଥାତ୍ ପଞ୍ଚାୟତସ୍ତରରେ ମହିଳାଙ୍କ ପାଇଁ ହିଲିଂ ସେଣ୍ଟର କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା, ଯେଉଁଠି ପୀଡ଼ିତାମାନେ ଶାରୀରିକ ଏବଂ ମାନସିକ ସ୍ତରରେ ଚିକିତ୍ସା ଓ ସହାୟତା ପାଇପାରନ୍ତେ। ଧର୍ମ, ଜାତି, ରାଜନୀତି ଭିତରେ ଆମେ ନ ରହି ଅମଣିଷମାନଙ୍କ ବିରୋଧରେ ସ୍ୱର ଉଠାଇଲେ, ସମାଜରେ ନାରୀ ଶକ୍ତି ସୁରକ୍ଷିତ ରହିପାରନ୍ତା।

– ପ୍ରମୋଦିନୀ ରାଉଳ, ଜଗତ୍‌ସିଂହପୁର

## ଘର ବାହାରେ ବିଲ୍‌କୁଲ ସୁରକ୍ଷିତ ନୁହେଁ



ମହିଳାମାନେ ଆଗରୁ ସୁରକ୍ଷିତ ନ ଥିଲେ, ଏବେ ବି ନାହାନ୍ତି। ସଚେତନ କରାଯାଉଛି, ମାତ୍ର ବାସ୍ତବରେ କିଛି ପରିବର୍ତ୍ତନ ହେଉନାହିଁ। ଆମର ଦୈନିକ ଜୀବନରେ ବହୁତ କିଛି ଆମ ସହିତ ଘଟିଥାଏ। ଏନେଇ କିଛି ଚୁପ୍ ରହୁଛନ୍ତି, ଆଉ କିଛି ମୁହଁ ଖୋଲୁଛନ୍ତି। ଯେଉଁମାନେ କୁହନ୍ତି, ସେମାନଙ୍କୁ ବି ଠିକ୍ ସମୟରେ ଠିକ୍ ନ୍ୟାୟ ମିଳିପାରୁନାହିଁ। ମହିଳାଙ୍କ ସୁରକ୍ଷା ନେଇ କଠୋର ଆଇନ୍ ମଧ୍ୟ କରାଯାଉନାହିଁ। ବାସ୍ତବତା ହେଲା, ଘର ବାହାରେ ଜଣେ ମହିଳା ବିଲ୍‌କୁଲ୍ ସୁରକ୍ଷିତ ନୁହେଁ।

– ନିକିତା ମିଶ୍ର, ଅଭିନେତ୍ରୀ, ଭୁବନେଶ୍ୱର

## ନିଜ ପାଇଁ ନିଜେ ଲଢ଼ିବା ଦରକାର



ପୂର୍ବରୁ ସମାଜରେ ନାରୀଙ୍କ ସ୍ଥିତି ଆହୁରି ଖରାପ ଥିଲା। ସେମାନେ ଘରୁ ବାହାରି ପାରୁ ନ ଥିଲେ। ମାତ୍ର ଏବେକାର ପିଢୀଙ୍କୁ ସ୍ୱାଧୀନତା ମିଳୁଛି। ସେମାନେ ନିଜ ପାଇଁ ବଞ୍ଚିପାରୁଛନ୍ତି। କିନ୍ତୁ ଆମ ଦେଶରେ ନାରୀଙ୍କ ସ୍ଥିତି ପୂରା ଠିକ୍ ଅଛି ବୋଲି କହିପାରିବା ନାହିଁ। ନାରୀମାନଙ୍କ ଅଧିକାର, ସୁରକ୍ଷା ପାଇଁ ଅନ୍ୟ କେହି କହିବେ ବୋଲି ଭାବିବା ମୂର୍ଖାମି। ନାରୀ ନିଜେ ହିଁ ଆତ୍ମନିର୍ଭରଶୀଳ ତଥା ଦୃଢ଼ ହେବା ଦରକାର। ନିଜେ ହିଁ ନିଜ ପାଇଁ ଲଢ଼ିବା ଦରକାର। କାହା ଉପରେ ନିର୍ଭର ନ କରି ନିଜ ସୁରକ୍ଷା ନିଜେ କରିବା ଆବଶ୍ୟକ।

– ଲିପ୍‌ସା ମହାପାତ୍ର, କଣ୍ଠଶିଳ୍ପୀ, ଭୁବନେଶ୍ୱର

## ଅସୁରକ୍ଷିତ ବଳୟ ଭେଦିବାକୁ ପଡ଼ିବ



ନାରୀଙ୍କୁ ପୁରୁଷଙ୍କ ଭଳି ସମାନ ଅଧିକାର ମିଳୁଥିବା କଥା ମିଛ। ଉଭୟଙ୍କୁ ଏବେ ବି ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। କିନ୍ତୁ ପୂର୍ବ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି ବୋଲି କହି ପାରିବା। ବର୍ତ୍ତମାନ ନାରୀମାନେ ସମାଜର ବିଭିନ୍ନ ସମ୍ମାନସ୍ପଦ ସ୍ଥାନରେ ରହି ନିଜର ପରାକାଷ୍ଠା ଦେଖାଇ ପାରୁଛନ୍ତି। ଏହା କେବଳ ସମାଜର ମାନସିକତାର ପରିବର୍ତ୍ତନ କାରଣରୁ ହୋଇପାରିଛି। ଅନ୍ୟପକ୍ଷରେ ନାରୀମାନଙ୍କ ପ୍ରତି ଅସୁରକ୍ଷାର ବଳୟ ଅଧିକ ମାତ୍ରାରେ ରହିଛି। ଏହାକୁ ଭେଦିବାକୁ ହେଲେ ଉଭୟ ନାରୀ ଓ ପୁରୁଷଙ୍କୁ ଏ ଦିଗରେ କାମ କରିବାକୁ ହେବ। ପରିସ୍ଥିତିର ପରିବର୍ତ୍ତନ ପାଇଁ ଉଭୟଙ୍କୁ ପ୍ରଶ୍ନ କରିବାକୁ ପଡିବ।

– ଭାରତୀ ଚକ୍ର, ସାମାଜିକ କର୍ମୀ, ଭୁବନେଶ୍ୱର

## ନାରୀର ଆଦର, ସମ୍ମାନ କ୍ଷୟ ହେଉଛି



ଭାରତୀୟ ସମାଜରେ ନାରୀର ସ୍ଥାନ ଯେଉଁ ଆଦର ଓ ସମ୍ମାନର ସହ ୩୦ରୁ ୪୦ ବର୍ଷ ତଳେ ନିଆଯାଉଥିଲା ତାହାର କ୍ଷୟ ମୁଁ ଅଧୁନା ଦେଖିପାରୁଛି। ସମ୍ପ୍ରତି ଭାରତୀୟ ନାରୀ ବହୁଳ ଭାବରେ ଶୋଷଣ ଓ ବଳାତ୍କାରର ଶିକାର ହେଉଛନ୍ତି। ପ୍ରତିଦିନ ମହିଳାମାନେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଛନ୍ତି। ଏହି ମାନସିକ ଚାପ ସମାଜର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରୁଛି। କଲିଜା ଥରାଇ ଦେବା ଭଳି ଘଟଣା ଖବରକାଗଜରେ ପ୍ରକାଶ ହେବା ଦ୍ୱାରା ମହିଳାଙ୍କ ମଧ୍ୟରେ ଏହାକୁ ନେଇ ଆକ୍ରୋଶ ଓ ପ୍ରତିଶୋଧପୂର୍ଣ୍ଣ ଭାବନା ସୃଷ୍ଟି ହେଉଛି। ସେହିପରି ଆଧୁନିକବାଦର ଛାପ କେତେକାଂଶରେ ଭାରତୀୟ ସଂସ୍କୃତିକୁ କଳୁଷିତ ମଧ୍ୟ କରିଛି। ନାରୀ ନିଜ ଶକ୍ତିର ଦୁରୁପଯୋଗ କରିବା ମଧ୍ୟ ସମାଜ ଉପରେ ପ୍ରଭାବ ପକାଉଛି। ନାରୀ ଓ ପୁରୁଷ ମଧ୍ୟରେ ଥିବା ସାମାଜିକ ପ୍ରଭେଦ ହଟିବା ଆବଶ୍ୟକ। ଏନେଇ ସମାଜ ଓ ସରକାର ଉଭୟ ନିଜ ଦାୟିତ୍ୱ ହୃଦୟଙ୍ଗମ କରିବା ଉଚିତ।

– ସୁଚେତା ମିଶ୍ର, ସାହିତ୍ୟିକା, ପୁରୀ

ମଣିଷ
ଜାତିର ଅନ୍ୟତମ ପ୍ରମୁଖ ଅଙ୍ଗ ମହିଳା।
ସେମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ଆଜି ସାମାଜିକ ବ୍ୟବସ୍ଥା
ପାଇଁ ଚ୍ୟାଲେଞ୍ଜ ବା ଆହ୍ୱାନ ସୃଷ୍ଟି କରିଛି। ମହିଳା ସଶକ୍ତୀକରଣ ଦିଗରେ
ବିଶ୍ୱବ୍ୟାପୀ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି।
ଏହାର ସୁଫଳ ଭାରତରେ ଅନୁଭୂତ ହେଲାଣି। ତଥାପି ଏକବିଂଶ ଶତାବ୍ଦୀର ଦ୍ୱିତୀୟ
ଦଶନ୍ଧି ଅତିକ୍ରମ କରିଯାଇ ମଣିଷ ପ୍ରଯୁକ୍ତିବିଦ୍ୟା ଓ ଯୁକ୍ତିବାଦର ଏକ ନୂଆ ଦୁନିଆରେ ଅବତୀର୍ଣ୍ଣ
ହୋଇଥିଲେ ମଧ୍ୟ ନାରୀଙ୍କୁ ପ୍ରତି କ୍ଷେତ୍ରରେ ଯଥାର୍ଥ ନେତୃତ୍ୱ ମିଳିପାରି ନ ଥିବାରୁ ତା'ର ଅସହାୟତା
ନେଇ ଚର୍ଚ୍ଚା ଥମୁନି। ଏଥିପାଇଁ ପୁରୁଷଙ୍କ ସମର୍ଥନ ସହ ନାରୀଙ୍କ ସୁରକ୍ଷା ପାଇଁ ମହିଳାମାନେ ଏକାଠି
ହୋଇ ଚ୍ୟାଲେଞ୍ଜ ଗ୍ରହଣ କରିବା ଜରୁରୀ ହୋଇପଡ଼ିଲାଣି। ସମ୍ଭବତଃ ସେଥିପାଇଁ ୨୦୨୧ ମାର୍ଚ୍ଚ ୮ ତାରିଖ
ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ବାର୍ତ୍ତା ରଖାଯାଇଛି– 'ଆହ୍ୱାନକୁ ଚୟନ କର'।

ବାସ୍ତବରେ ଏକ ଆହ୍ୱାନଭର୍ତ୍ତି ପୃଥିବୀରୁ ଅନେକ କିଛି ଶିଖିବାକୁ ମିଳିଥାଏ। ପ୍ରତ୍ୟେକ ଦିନ ଆମେ ସମସ୍ତେ
ନିଜସ୍ୱ ଭାବନା ଓ କାର୍ଯ୍ୟପ୍ରକ୍ରିୟା ଲାଗି ଦାୟୀ। ଲିଙ୍ଗ ପକ୍ଷପାତିତା ଓ ଅସମାନତା ବିରୋଧରେ ଲଢ଼େଇ
କରିବା ସକାଶେ ଯେତେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଥାଉନା କାହିଁକି ଆମେ ସେସବୁକୁ
ବାଛିପାରିବା। ମହିଳାମାନଙ୍କ ସଫଳତାକୁ ପାଳନ କରି ଚାଲିବା। ସାମଗ୍ରିକ ଭାବେ ଏକ
ସୁନ୍ଦର ଓ ଅନ୍ତର୍ଭୁକ୍ତି ପୃଥିବୀ ସୃଷ୍ଟି କରିବା ଦିଗରେ ସମସ୍ତଙ୍କ ଅବଦାନ ଜରୁରୀ।
ଆହ୍ୱାନରୁ ଆସେ ପରିବର୍ତ୍ତନ। ଆସନ୍ତୁ ମହିଳାଙ୍କ ମଙ୍ଗଳ ନିମନ୍ତେ
ସମସ୍ତେ ମିଶି ଆହ୍ୱାନକୁ ଚୟନ କରିବା।

## ଆତ୍ମରକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ



ବର୍ତ୍ତମାନ ସ୍ଥିତିରେ ସମାଜରେ ନାରୀଙ୍କ ସୁରକ୍ଷା ବୋଲି କିଛି ନାହିଁ। ପ୍ରତିଦିନ ନାବାଳିକା ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ବଳାତ୍କାର, ନିର୍ଯାତନା ସଂକ୍ରାନ୍ତ ଖବର ଏହାର ପ୍ରମାଣ ପାଇଁ ଯଥେଷ୍ଟ। ନାରୀଙ୍କ ପାଇଁ ରହିଥିବା ଆଇନରେ ସଂଶୋଧନ ହେବା ଉଚିତ। ଏଥିସହ ଆତ୍ମରକ୍ଷା ପାଇଁ ମହିଳାମାନେ ନିଜେ ପ୍ରସ୍ତୁତ ହେବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ। ଏନେଇ ସଚେତନତା ସୃଷ୍ଟି ନିତାନ୍ତ ଜରୁରୀ।

– ଅନସୂୟା ସାହୁ, ଚିତ୍ରଶିଳ୍ପୀ, ଭୁବନେଶ୍ୱର

## ମହିଳାଙ୍କ ପ୍ରତି ହିଂସା ବୃଦ୍ଧି ପାଉଛି



ସମାଜରେ ମହିଳାମାନେ କେତେ ସୁରକ୍ଷିତ ତାହା ସରକାରୀ କ୍ରାଇମ୍ ରେକର୍ଡରୁ ହିଁ ଜଣାପଡୁଛି। ମହିଳାଙ୍କ ପ୍ରତି ହିଂସା ବୃଦ୍ଧି ପାଉଛି। ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟ ବିବାହ ଓ ବଳାତ୍କାର ବନ୍ଦ ହେଲେ ମହିଳାମାନେ ନିଜକୁ ସୁରକ୍ଷିତ ମନେକରି ପାରିବେ।

– ଡଲି ଦାସ, ସାମାଜିକ କର୍ମୀ, କଟକ

## ପାରିପାର୍ଶ୍ୱିକ ସ୍ଥିତି ଦାୟୀ



ଭାରତ ଏକ ବିକଶିତ ରାଷ୍ଟ୍ର। ଦେଶରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି, ଅଥଚ ଆଜି ମଧ୍ୟ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ରହିଛି। ମହିଳାଙ୍କ ଉପରେ ଘଟି ଚାଲିଥିବା ନିର୍ଯାତନା, ଅତ୍ୟାଚାରକୁ ଦେଖିଲେ, ଦେଶରେ ଆଜି ବି ମହିଳା ସୁରକ୍ଷିତ ନୁହନ୍ତି ବୋଲି ମନେ ହୁଏ। ଏଥିଲାଗି କେବଳ ସରକାର ନୁହନ୍ତି, ସମାଜ ଓ ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ଉତ୍ତରଦାୟୀ। ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ, ବାହାରେ କାର୍ଯ୍ୟ କରୁଥିବା କର୍ମଜୀବୀ ମହିଳାମାନେ ନିଜ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।

– ମମତାଞ୍ଜଳି ପଟ୍ଟନାୟକ, ଶିକ୍ଷାବିତ୍, ଖୋର୍ଦ୍ଧା

## ନାରୀ ନିଜେ ଶକ୍ତିସ୍ୱରୂପା



ନାରୀ ସ୍ୱାଧୀନତା, ନାରୀ ସଶକ୍ତୀକରଣ ଆଜିର ସମୟରେ ସର୍ବତ୍ର ଶୁଣାଯାଉଥିବା ବେଳେ ମୋ ମତରେ ଏହା ମୂଲ୍ୟହୀନ। କାରଣ ସଶକ୍ତୀକରଣ ସେଇମାନଙ୍କ ନିମନ୍ତେ ଆବଶ୍ୟକ, ଯିଏ ଦୁର୍ବଳ। କିନ୍ତୁ ନାରୀ ନିଜେ ଶକ୍ତିସ୍ୱରୂପା। ସନ୍ତାନ ନିମନ୍ତେ ମମତାମୟୀ ମାତା, ଭ୍ରାତା ନିମନ୍ତେ ସ୍ନେହର ଭଗିନୀ ଆଉ ସ୍ୱାମୀ ନିମନ୍ତେ ସହଧର୍ମିଣୀ। ତେଣୁ ନାରୀ ନିମନ୍ତେ ଆବଶ୍ୟକ କେବଳ ତା'ର ଅଧିକାରର ସୁରକ୍ଷା, ଆତ୍ମସମ୍ମାନ ଓ ସ୍ୱାଭିମାନର ରକ୍ଷା। ନାରୀର ଆବେଗ, ସମ୍ବେଗ, ଭାବନା ଓ ଚେତନାକୁ ଠିକ୍ ଭାବେ ବୁଝିପାରିଲେ ନାରୀ କୌଣସି କ୍ଷେତ୍ରରେ ନ୍ୟୂନ ହେବନାହିଁ।

– ସଂଯୁକ୍ତା ମହାପାତ୍ର, ଶିକ୍ଷୟିତ୍ରୀ, ଯାଜପୁର ରୋଡ

## ମାନସିକତା ନ ବଦଳିଲେ ସ୍ଥିତି ବଦଳିବ ନାହିଁ



ମାନବ ସଭ୍ୟତାରେ ପାଷାଣ ଯୁଗରୁ ପରମାଣୁ ଯୁଗର ଗୋଟିଏ ଲମ୍ବା ଯାତ୍ରା ଚାଲି ଆସିଛି। ଏହା ଭିତରେ ମହିଳାଙ୍କ ସ୍ଥିତିରେ ବହୁ ମାତ୍ରାରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆଜି ବି ଅସୁରକ୍ଷିତ ମଣୁଛି। ଯେତେ ବଡ଼ ପଦବୀରେ ଥିଲେ ମଧ୍ୟ ଘରୁ ବାହାରିଲେ କର୍ମକ୍ଷେତ୍ରରେ ନିର୍ଯାତନାର ଶିକାର ହେବାର ଭୟ ରହୁଛି। ଅନେକ ଆଇନ ଓ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଉଛି। ଯେଉଁଠି ରକ୍ଷକ ହି ଭକ୍ଷକ ପାଲଟୁଛି, ସେଠି ନାରୀର ସୁରକ୍ଷା ରହିଲା କେଉଁଠି ? ଯେପର୍ଯ୍ୟନ୍ତ ଲୋକଙ୍କ ମାନସିକତା ଓ ଦୃଷ୍ଟିକୋଣ ବଦଳି ନାହିଁ, ସେ ପର୍ଯ୍ୟନ୍ତ ମହିଳାଙ୍କ ସ୍ଥିତି ବି ବଦଳିବ ନାହିଁ।

– ଧରିତ୍ରୀ ସାହୁ, କର୍ମଜୀବୀ, ଭୁବନେଶ୍ୱର

## ମହିଳାଙ୍କ ସୁରକ୍ଷା ଚିନ୍ତାର ବିଷୟ



ମହିଳାମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ଥିଲେ, ରହିଛନ୍ତି ଓ ରହିବେ। ମହିଳାମାନେ ସ୍ୱାସ୍ଥ୍ୟ, ଶକ୍ତି, ସିଦ୍ଧି ଏବଂ ଜ୍ଞାନର ପ୍ରତୀକ। ମହିଳାମାନେ କଦାପି କୋଣ ଅନୁକୋଣରେ ନ ଥିଲେ, ସେମାନେ ସର୍ବଦା ମୁଖ୍ୟ ସ୍ରୋତରେ ଥିଲେ। ନାରୀଙ୍କୁ ପ୍ରଶାନ୍ତ ମହାସାଗରରେ ବୁଡ଼ାଇ ଦିଅ, ସେମାନେ ହିମାଳୟର ସର୍ବୋଚ୍ଚ ଶିଖର ଦେଇ ବାହାରି ଆସିବେ। କିନ୍ତୁ ଅଜ୍ଞତା ଯୋଗୁ ସମ୍ପ୍ରତି କିଛି ଲୋକ ମହିଳାଙ୍କୁ ଦୁର୍ବଳ ଭାବନ୍ତି। ବର୍ତ୍ତମାନ ସମସ୍ତଙ୍କ ସୁରକ୍ଷା ଏକ ଚିନ୍ତାର ବିଷୟ ହୋଇଥିବାବେଳେ ମହିଳାମାନେ ଏହାର ଏକ ଅଂଶବିଶେଷ। ସମୃଦ୍ଧ, ସାଂସ୍କୃତିକ, ଶିକ୍ଷିତ ଓ ନିରାପଦ ସମାଜ ତିଆରି କରିବାକୁ ପଡ଼ିବ। ପ୍ରତ୍ୟେକ ଶିଶୁଠାରେ ଜଣେ ମହିଳାଙ୍କୁ ସମ୍ମାନ ଦେବା ପାଇଁ ମନୋଭାବ ସୃଷ୍ଟି କରିବାକୁ ହେବ।

– ଡା. ସଙ୍ଗୀତା ସାହୁ, ଏମ୍‌ସ, ଭୁବନେଶ୍ୱର

## ନିଜ ଶକ୍ତିକୁ ନିଜେ ଚିହ୍ନନ୍ତୁ



ମହିଳାଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ଯେତେ ବି ପଦକ୍ଷେପ ନିଆଗଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ବର୍ତ୍ତମାନର ପରିସ୍ଥିତିରେ ମହିଳା ନିଜ ଭିତରର ଶକ୍ତିକୁ ଅନୁଭବ କରୁ। ଯେତେଦିନ ପର୍ଯ୍ୟନ୍ତ ସେ ନିଜ ଶକ୍ତିକୁ ନିଜେ ଚିହ୍ନି ନ ପାରିଛି, ସେତେଦିନ ପର୍ଯ୍ୟନ୍ତ ସେ ଅତ୍ୟାଚାରିତା ଓ ନିର୍ଯାତିତା ହେଉଥିବ। ତେଣୁ ଆଜିର ମହିଳା ଅତ୍ୟାଚାର ବିରୋଧରେ ମୁହଁ ଖୋଲି ନିଜକୁ ସୁରକ୍ଷା ଦେବା ସହିତ ସମାଜକୁ ମଧ୍ୟ ସୁରକ୍ଷା ଦେବା ଉଚିତ।

– ଅମିୟବାଳା ପରିଡ଼ା, ଅଧ୍ୟାପିକା, ଭୁବନେଶ୍ୱର

## ସକାରାତ୍ମକ ମନୋଭାବର ଅଭାବ ରହିଛି



ନାରୀର ସୁରକ୍ଷା ନାରୀ ହାତରେ। କେବଳ ସକାରାତ୍ମକ ମନୋଭାବର ଅଭାବ ରହିଛି। ଆମର ଆଚରଣ ଓ ଉଚ୍ଚାରଣରେ ବହୁତ ତଫାତ୍ ରହୁଛି। ବହୁ କ୍ଷେତ୍ରରେ ମହିଳାମାନେ ନିଜର ସ୍ଥିତି ଜାହିର କରିପାରୁଛନ୍ତି। କିନ୍ତୁ ତାହା ବହୁତ କମ୍। କିନ୍ତୁ ଅଧିକାଂଶ ମହିଳାଙ୍କ ମନରେ ଆତ୍ମବିଶ୍ୱାସ ରହୁ ନାହିଁ। ଲାଳନପାଳନ କମ୍ ରହିଯାଉଛି, ଯେଉଁଥିପାଇଁ ସେମାନେ ନିଜକୁ ସକ୍ଷମ ବୋଲି ଭାବୁ ନାହାନ୍ତି।

– ପ୍ରଫେସର ଅପରାଜିତା ଚୌଧୁରୀ, କୁଳପତି,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

## ମହିଳାଙ୍କ ସୁରକ୍ଷା ଆଜି ବି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ



ଭାରତରେ ମହିଳାଙ୍କ ସୁରକ୍ଷା ଆଜିମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଯେଉଁଠାରେ ମହିଳାମାନଙ୍କର ସମାନତାର ବ୍ୟବସ୍ଥା ସହ କଡ଼ା ଆଇନକାନୁନ ରହିଛି, ସେଠି ପ୍ରତିମୁହୂର୍ତ୍ତରେ ସେମାନଙ୍କ ବିରୋଧରେ ଅପରାଧ ଘଟୁଛି। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କାର୍ଯ୍ୟ କରୁଥିବା କର୍ତ୍ତୃପକ୍ଷ ଦାୟିତ୍ୱବାନ ହୋଇ ଯଥେଷ୍ଟ ପଦକ୍ଷେପ ନେବା ଉଚିତ।

– ଦୀପ୍ତିମୟୀ ଜେନା, ଭୁବନେଶ୍ୱର

## ପାଠ୍ୟକ୍ରମରେ ଆତ୍ମରକ୍ଷା ଉପରେ ବିଷୟ ରହୁ



ଆଜି ବି ଅଧିକାଂଶ ଘର ଭିତରେ ଝିଅଟିଏ ଅବହେଳିତ ହୋଇ ରହୁଛି। ଝିଅ ଓ ପୁଅ ଭିତରେ ତଫାତ ସୃଷ୍ଟି କରାଯାଉଛି। ଏଭଳି ମାନସିକତାର ପରିବର୍ତ୍ତନ ଆବଶ୍ୟକ। ସେହିପରି ବାହାରେ ଝିଅମାନେ ଆଦୌ ନିରାପଦ ନୁହନ୍ତି। ଯଦି ବିଦ୍ୟାଳୟ ପାଠ୍ୟକ୍ରମରେ ଆତ୍ମରକ୍ଷା ଉପରେ ବିଷୟ ରଖାଯିବ, ତେବେ ଝିଅମାନେ ଛୋଟବେଳୁ ନିଜର ସୁରକ୍ଷା ପାଇଁ ନିଜେ ପ୍ରସ୍ତୁତ ହୋଇପାରିବେ। ଆତ୍ମରକ୍ଷା ଯୋଗୁ ଆମର ଜଣେ ମହିଳା ସଦସ୍ୟ ନିକଟରେ ଜଣେ ମୋବାଇଲ ଲୁଟେରାଙ୍କ ସହ ଲଢ଼ି ତାଙ୍କୁ କାବୁ କରିପାରିଥିଲେ।

– ସଙ୍ଗୀତା ସାହୁ, ବାଇକର, ପ୍ରତିଷ୍ଠାତା, ୱି ଦି ରୋଡ୍ କୁଇନ୍‌ସ




ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ରବିବାର କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଦୁଇ ଭଉଣୀ ସରିତା ଓ ଶିଳ୍ପା ଗୋଛାୟତଙ୍କ ବାଲୁକା କଳା।

## ସଂକ୍ଷେପରେ

### ୧ ହଜାର କୋଟିର କଳାଧନ ଠାବ କଲା ଆଇଟି

**ନୂଆଦିଲ୍ଲୀ,୭।୩:** ଆୟକର ବିଭାଗ (ଆଇଟି) ପକ୍ଷରୁ ୧ ହଜାର କୋଟି ଟଙ୍କାର ଅଘୋଷିତ ଆୟ ଠାବ କରିବାକୁ ସକ୍ଷମ ହୋଇଛି। ଦକ୍ଷିଣ ଭାରତର ଜଣେ ପ୍ରମୁଖ ଜୁଏଲର୍ସଙ୍କଠାରୁ ଏହି କଳା ସମ୍ପତ୍ତି ଠାବ କରାଯାଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ନାମ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଚେନ୍ନାଇ, ମୁମ୍ବାଇ, କୋଏମ୍ବାଟୁର, ମଦୁରାଇ, ତିରୁଚିରାପଲ୍ଲୀ, ତ୍ରିଶୂର, ନେଲୋର, ଜୟପୁର ଏବଂ ଇନ୍ଦୋର ଭଳି ସ୍ଥାନଗୁଡିକରେ ବିଭାଗ ଚଢାଉ କରିଥିଲା। ଚଢାଉ ବେଳେ ୧.୨ କୋଟିର ନଗଦ ଅର୍ଥ ମଧ ଠାବ କରାଯାଇଛି। ଜାଲ କ୍ୟାଶ କ୍ରେଡିଟ, ଟିକସ ଫାଙ୍କି, ବିମୁଦ୍ରୀକରଣ ସମୟରେ ଟଙ୍କା ଜମା ଏବଂ ଷ୍ଟକ ଭାରିଏଶନ ଭଳି ବିଭିନ୍ନ ବେଆଇନ କାର୍ଯ୍ୟରେ ବ୍ୟକ୍ତି ଜଣକ ଲିପ୍ତ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଏଲ୍ଆଇସି ଅଧିକୃତ ପୁଞ୍ଜି ବଢ଼ାଇବାକୁ ପ୍ରସ୍ତାବ

**ନୂଆଦିଲ୍ଲୀ,୭।୩:** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ଅଧିକୃତ ପୁଞ୍ଜି ୨୫ ହଜାର କୋଟି ଟଙ୍କାକୁ ବଢାଇବା ଲାଗି ସରକାର ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଏଲ୍ଆଇସିକୁ ଲିଷ୍ଟିଂ କରିବା ଲାଗି ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ବର୍ତ୍ତମାନ କମ୍ପାନୀର ପେଡଅପ୍ କ୍ୟାପିଟାଲ ୨୯ କୋଟି ପଲିସି ଲାଗି ୧୦୦ କୋଟି ଟଙ୍କା ରହିଛି। ୧୯୫୬ରେ ୫ କୋଟି ପ୍ରାଥମିକ ପୁଞ୍ଜିରେ ଏଲ୍ଆଇସି ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହାର ଆସେଟବେସ ବା ମୋଟ ସମ୍ପତ୍ତି ୩୧.୯୬ ଲକ୍ଷ କୋଟି ଟଙ୍କା ରହିଛି। ଏଲ୍ଆଇସି ୧୯୯୫ର ସଂଶୋଧନ ଦ୍ୱାରା ଅଧିକୃତ ଶେୟାର କ୍ୟାପିଟାଲ କ୍ଷେତ୍ରରେ ନୂଆ ନିଷ୍ପତ୍ତି ନେବାକୁ ପ୍ରସ୍ତାବ ରହିଛି। ୨୦୨୧ ଫାଇନାନ୍ସ ବିଲ୍ର ଅଂଶ ଭାବେ ଏଭଳି ବିଭିନ୍ନ ପଦକ୍ଷେପ ହାତକୁ ନିଆଯିବ ବୋଲି ଜଣାପଡିଛି। ଏହାବାଦ ଏଲ୍ଆଇସିରେ ଏକ ବୋର୍ଡ ଗଠନ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ପଦବୀ ନେଇ ମଧ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

### ଆମାଜନ ଲୋକାଲ ସପ୍ସରେ ୫୦ ହଜାର ଷ୍ଟୋର

**ନୂଆଦିଲ୍ଲୀ,୭।୩:** ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ପକ୍ଷରୁ ଆରମ୍ଭ ହୋଇଥିବା ଲୋକାଲ ଶପ୍ସ କାର୍ଯ୍ୟକ୍ରମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଅଫଲାଇନ ରିଟେଲ ଷ୍ଟୋର ଯୋଡି ହୋଇଛନ୍ତି। ଦେଶର ୪୫୦ ସହରରୁ କିରାନା ଏବଂ ରିଟେଲ ଏଥିରେ ସାମିଲ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଗତବର୍ଷ ଏପ୍ରିଲରେ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲା। ଏହା ଦ୍ୱାରା ସ୍ଥାନୀୟ ଷ୍ଟୋର ଓନର ଅନଲାଇନରେ ସାମଗ୍ରୀ ବିକିବାକୁ ସକ୍ଷମ ହେଉଛନ୍ତି। ଅକ୍ଟୋବରରେ କମ୍ପାନୀ କହିଥିଲା ଯେ, କାର୍ଯ୍ୟକ୍ରମରେ ୪୦୦ ସହରରୁ ୨୦ ହଜାର ରିଟେଲର ଯୋଡି ହୋଇଛନ୍ତି। ଟାୟାର ୨ ଏବଂ ୩ ସହରଗୁଡ଼ିକରୁ ଏହି ଷ୍ଟୋରଗୁଡିକୁ ଯୋଡି ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ନିଜ ସହରରେ ଗ୍ରାହକଙ୍କୁ ବିସ୍ତୃତ ବର୍ଗର ପ୍ରଡକ୍ଟ ଯୋଗାଣ ଦିଗରେ ଏହି ଷ୍ଟୋରଗୁଡିକ ସକ୍ଷମ ହେଉଛନ୍ତି। ଫୁଲ, ଫଳ, ହୋମ ଏବଂ କିଚେନ ପ୍ରଡକ୍ଟ, ଫର୍ନିଚର, ଇଲେକ୍ଟ୍ରୋନିକ୍ସ, ବହି ଖେଳନା ଭଳି ବିଭିନ୍ନ ପ୍ରଡକ୍ଟ ଷ୍ଟୋରଗୁଡିକ ଗ୍ରାହକଙ୍କୁ ଉପଲବ୍ଧ କରାଉଛନ୍ତି।

### ରୂପେ ସଫ୍ଟପିଓଏସ୍ ସମାଧାନ ଉନ୍ମୋଚନ

**ନୂଆଦିଲ୍ଲୀ,୭।୩:** ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍ପିସିଆଇ) ପକ୍ଷରୁ ଏସ୍ବିଆଇ ପେମେଣ୍ଟସ ସହଯୋଗରେ ଭାରତର ନିୟୁତାଧିକ ମର୍ଚ୍ଚାଣ୍ଟଙ୍କ ପାଇଁ ରୂପେ ସଫ୍ଟପିଓଏସ୍କୁ ଉନ୍ମୋଚନ କରାଯାଇଛି। ଏହି ଅଭିନବ ସମାଧାନରେ ଏନ୍ଏଫ୍ସି ସୁବିଧା ଥିବା ସ୍ମାର୍ଟଫୋନ୍କୁ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ଟର୍ମିନାଲ୍ରେ ପରିଣତ କରିହେବ। ମର୍ଚ୍ଚାଣ୍ଟଗୁଡ଼ିକୁ ଟ୍ୟାପ୍ ଆଣ୍ଡ୍ ପେ ବ୍ୟବସ୍ଥା ଜରିଆରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ସ୍ପର୍ଶବିହୀନ ଭାବେ ହାସଲ କରିପାରିବେ। ଏ ସମ୍ପର୍କରେ ଏସ୍ବିଆଇ ପେମେଣ୍ଟସ ଏମ୍ଡି ଓ ସିଇଓ, ଗିରି କୁମାର କହିଛନ୍ତି, ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଥିବା କ୍ଷୁଦ୍ର ଓ ମଧ୍ୟମ ମର୍ଚ୍ଚାଣ୍ଟଗୁଡ଼ିକୁ ସୁବିଧା ପ୍ରଦାନ କରିବା ଲାଗି ଏନ୍ପିସିଆଇ ସହିତ ମିଶି କାର୍ଯ୍ୟ କରୁଛୁ।

# ଭେଇକିଲ ସ୍କ୍ରାପିଂରେ ମିଳିବ ରିହାତି

## ୫% ମୂଲ୍ୟ ଛାଡ କରିବେ ଅଟୋମୋବାଇଲ କମ୍ପାନୀ



ନୂଆଦିଲ୍ଲୀ,୭।୩

ପୁରୁଣା ଯାନ ସ୍କ୍ରାପିଂ କରି ନୂଆ ଯାନ କିଣିବାକୁ ଥିବା ଗ୍ରାହକଙ୍କୁ ରିହାତି ମିଳିବ। ନୂଆ ଭେଇକିଲ ସ୍କ୍ରାପିଂ ନୀତି ଅନୁସାରେ ପୁରୁଣା ଯାନ ବାଦ ଦେଇ ନୂଆ ଯାନ କ୍ରୟ କ୍ଷେତ୍ରରେ ଅଟୋମୋବାଇଲ କମ୍ପାନୀଗୁଡିକ ୫% ରିହାତି ପ୍ରଦାନ କରିବେ। କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ୍କରୀ ଏ ନେଇ ରବିବାର ସୂଚନା ଦେଇଛନ୍ତି। ୨୦୨୧-୨୨ ସାଧାରଣ ବଜେଟରେ କେନ୍ଦ୍ର ସରକାର ନୂଆ ସ୍ୱେଚ୍ଛାକୃତ ଭେଇକିଲ ସ୍କ୍ରାପିଂ ନୀତି ସମ୍ପର୍କରେ ଘୋଷଣା କରିଥିଲେ। ବ୍ୟକ୍ତିଗତ ଯାନଗୁଡିକ ଲାଗି ୨୦ ବର୍ଷରେ ଫିଟନେସ ଟେଷ୍ଟ ଏବଂ ବାଣିଜ୍ୟିକ ଯାନ କ୍ଷେତ୍ରରେ ୧୫ ବର୍ଷରେ ଫିଟନେସ ଟେଷ୍ଟ କରାଇବା ଲାଗି ନିୟମ ରହିଛି।

ନୂଆ ସ୍କ୍ରାପିଂ ନୀତିକୁ ଉତ୍ସାହିତ କରିବା ଲାଗି ସରକାର ଏଭଳି ଏକ ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ଗଡକରୀ କହିଛନ୍ତି। ସେହିଭଳି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନଗୁଡିକ ଉପରେ ଗ୍ରୀନ ଟିକସ ଲଗାଇବା ଲାଗି ସରକାର ଯୋଜନା ରଖିଛନ୍ତି। ସ୍ୱୟଂକ୍ରିତ ଫାସିଲିଟିରେ ଯାନଗୁଡିକ ଲାଗି ବାଧ୍ୟତାମୂଳକ ଫିଟନେସ କରାଇବା ନିୟମ ରହିଛି। ସାରା ଦେଶରେ ଏଭଳି ସେଣ୍ଟର ସ୍ଥାପନ କରିବା ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ଗଡକରୀ ମତପ୍ରକାଶ କରିଛନ୍ତି। ପିପିପି ମୋଡରେ ଏହି ସେଣ୍ଟର ସବୁ ସ୍ଥାପନ କରାଯିବ। ସେହିଭଳି ସ୍କ୍ରାପିଂ ସେଣ୍ଟର ଲାଗି ସରକାର ଘରୋଇ ପାର୍ଟନର ଏବଂ ରାଜ୍ୟ ସରକାରଗୁଡିକୁ ସହାୟତା ଯୋଗାଇ ଦେବେ।

ସେହିଭଳି ଅଟୋମେଟେଡ ଟେଷ୍ଟରେ ବିଫଳ ହେଉଥିବା ଯାନଗୁଡିକ ଉପରେ ବୃହତ୍ ପରିମାଣର ଜରିମାନା ଲଗାଯିବ। ଲୋକମାନେ ନୂଆ ଯାନ ବ୍ୟବହାର କଲେ ଦେଶରେ ଅଟୋମୋବାଇଲ ଶିଳ୍ପକୁ ପ୍ରୋତ୍ସାହନ ହେବ। ଏହି ଶିଳ୍ପରେ ନୂଆ ନିବେଶ ଏବଂ ନିଯୁକ୍ତି ବୃଦ୍ଧି ପାଇବ ବୋଲି ଗଡକରୀ ଆଶାବାଦି ରହିଛନ୍ତି। କୋଭିଡ ଯୋଗୁ ଅଟୋମୋବାଇଲ ଶିଳ୍ପ ସଙ୍କଟ ଦେଇ ଗତି କରୁଛି। ବର୍ତ୍ତମାନ ଅଟୋମୋବାଇଲ ଶିଳ୍ପର ମୋଟ କାରବାର ୪ରୁ ୫ ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ଏହା ଆଗାମୀ କିଛି ବର୍ଷରେ ୧୦ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଉଛି। ସେହିଭଳି ରପ୍ତାନିକୁ ୩ ଲକ୍ଷ କୋଟିରେ ପହଞ୍ଚାଇବା ଦିଗରେ ବର୍ତ୍ତମାନ ଯୋଜନା ରଖାଯାଇଛି।


# ହିରୋ ମୋଟୋକର୍ପ ପକ୍ଷରୁ ୧୦୦ ନିୟୁତ ଉତ୍ସବ ପାଳନ



ଭୁବନେଶ୍ୱର,୭।୩

ହିରୋମୋଟୋକର୍ପ ପକ୍ଷରୁ ୧୦୦ ନିୟୁତ ଉତ୍ସବ ପାଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ଘୋଷଣା କରିଛି। କମ୍ପାନୀର ମୋଟରସାଇକେଲ ଏବଂ ସ୍କୁଟର ଉପରେ ଗ୍ରାହକ ୪ ଦିନିଆ ସ୍ୱତନ୍ତ୍ର ସର୍ଭିସ ଏବଂ ଏକ୍ସଚେଞ୍ଜ କାର୍ନିଭାଲର ସୁବିଧା ପାଇପାରିବେ। ଚଳିତବର୍ଷ ଜାନୁୟାରୀ ୨୧ରେ କମ୍ପାନୀ ୧୦୦ ନିୟୁତ ୟୁନିଟ ଉତ୍ପାଦନ ରେକର୍ଡ କରିବାକୁ ସକ୍ଷମ ହୋଇଛି। ଏହାକୁ ପାଳନ କରିବାକୁ ଯାଇ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି। ପେଡ୍ ସର୍ଭିସ, ରୋଡ ସାଇଡ ଆସିଷ୍ଟାନ୍ସ, ଜଏରାଇଡ ପର୍ଚେଜ, ମାଗଣା ୱାଶିଂ, ପଲିସିଂ ଏବଂ ନାଇଟ୍ରୋଜେନ କ୍ଷେତ୍ରରେ ଗ୍ରାହକ ବିଭିନ୍ନ ରିହାତି ପାଇପାରିବେ। କମ୍ପାନୀର ମୋଟରସାଇକେଲ ଏବଂ ସ୍କୁଟରଗୁଡିକୁ ଏକ୍ସଚେଞ୍ଜ କରାଇବା ସୁବିଧା ମଧ ମିଳିପାରିବ। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କମ୍ପାନୀ ସ୍କୁଟର ଉପରେ ସ୍ୱତନ୍ତ୍ର ଏକ୍ସଚେଞ୍ଜ ଏବଂ ପର୍ଚେଜ ବୋନସ ପ୍ରଦାନ କରୁଛି। ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରୁଛି। ଗ୍ରାହକଙ୍କୁ ସର୍ବୋତ୍ତମ ପ୍ରଡକ୍ଟ, ସେବା ଏବଂ ଅଫର ଯୋଗାଣ ଦିଗରେ ଏହା ଧ୍ୟାନ କେନ୍ଦ୍ରିତ କରିଥିବା କହିଛି। ନିକଟସ୍ଥ ହିରୋ ଶୋ'ରୁମ ଏବଂ ଡିଲରଶିପକୁ ଯାଇ ଗ୍ରାହକ ଅଫର ସମ୍ପର୍କରେ ଅବଗତ ହୋଇପାରିବେ।

# 'କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ୱୁମେନିଆ'



ଭୁବନେଶ୍ୱର,୭।୩

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନ୍ତର୍ଜାତୀୟ ମହିଳା ଦିବସ ୱୁମେନିଆ ପାଳିତ ହୋଇଯାଇଛି। ନାରୀଶକ୍ତି ଓ ସଫଳତାକୁ ସମ୍ମାନ ଜଣାଇ ଏଭଳି ଏକ କାର୍ଯ୍ୟକ୍ରମ ସ୍କୁଲ ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ନେଇ ଏକ ପ୍ୟାନେଲ ଆଲୋଚନା ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ଧାବିକା ଦୁତି ଚାନ୍ଦ, ନେକ୍ସସ ପାୱାରର ସିଇଓ ନିକିତା ବଳିଆର ସିଂ, ସୁରତ ମୁନିସିପାଲ କର୍ପୋରେଶନକୁ ନିର୍ବାଚିତ ହୋଇଥିବା ସର୍ବକନିଷ୍ଠ କର୍ପୋରେଟର ପାୟଲ ପଟେଲ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ବିନିତା ସୁବୁଦ୍ଧି, ଭାରତୀୟ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନୀଷା ମହାନ୍ତି, କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ଡ.ମୋନାଲିସା ବଳ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଡ.ମୋନାଲିସା ବଳ କହିଛନ୍ତି, ପ୍ରତ୍ୟେକ ଉତ୍ସବ ହିଁ ନାରୀମାନଙ୍କର ଉତ୍ସବର ଲଗ୍ନ ହେବା ଆବଶ୍ୟକ। ସମ୍ପ୍ରତି ନାରୀମାନେ ସେମାନଙ୍କ ସମାଜ ପ୍ରତି ଅବଦାନ ପାଇଁ ପୁରୁଷମାନଙ୍କ ସଙ୍ଗେ ସମାନ ବୋଲି ଗଣ୍ୟ ହେବା ଆବଶ୍ୟକ। ମୌଳିକ ଅଧିକାରୀ ଏବଂ ସୁବିଧା ସୁଯୋଗ ଲାଭ କ୍ଷେତ୍ରରେ କୌଣସି ଲିଙ୍ଗଗତ ବିଭାଜନ ରହିବା ଅନୁଚିତ।

# ସୋସିଆଲ ମିଡିଆ ପ୍ଲାଟଫର୍ମ 'ହର ସର୍କଲ'ଆରମ୍ଭ

ନୂଆଦିଲ୍ଲୀ,୭।୩

ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନୀ ରବିବାର ସୋସିଆଲ ମିଡିଆ ଡିଜିଟାଲ୍ ନେଟ୍ୱର୍କିଂ ପ୍ଲାଟଫର୍ମ 'ହର୍ ସର୍କଲ'ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଯେତେବେଳେ ମହିଳାମାନେ ମହିଳାଙ୍କ ଧ୍ୟାନ ରଖନ୍ତି ସେତେବେଳେ ଅବିଶ୍ୱସନୀୟ ଘଟଣା ଘଟିଥାଏ। ମୁଁ ସାରା ଜୀବନ ମଜଭୁତ ମହିଳାଙ୍କ ଗହଣରେ ରହିଛି; ଯେଉଁମାନଙ୍କଠାରୁ ମୁଁ କରୁଣା, ଆପଣାର ଭାବ ଏବଂ ସକାରାତ୍ମକ ଭାବନା ଶିଖିଛି ଏବଂ



ଏହାର ପ୍ରତିବଦଳରେ ମୁଁ ସେହି ଶିକ୍ଷା ଅନ୍ୟମାନଙ୍କୁ ଦେବାକୁ ପ୍ରୟାସ କରିଛି। ସେ ପୁଣି କହିଛନ୍ତି, ମୁଁ ବହୁତ ଖୁସି ଯେ ହର ସର୍କଲ୍ ଡଟ୍ ଇନ୍ ଜରିଆରେ ଆମେ ଲକ୍ଷାଧିକ ମହିଳାମାନଙ୍କ ପାଇଁ ସମର୍ଥନ ଏବଂ ଏକଜୁଟତାର ଏକ ବିସ୍ତୃତ ସର୍କଲ୍ ପ୍ରସ୍ତୁତ କରିପାରିବା; ଯେଉଁଥିରେ ସବୁ ମହିଳାଙ୍କୁ ସ୍ୱାଗତ କରାଯିବ। ୨୪ ଘଣ୍ଟା ବିଶ୍ୱସ୍ତରୀୟ ନେଟ୍ୱର୍କିଂ, ଡିଜିଟାଲ୍ ବିପ୍ଳବ ଏବଂ ସମସ୍ତଙ୍କ ସହଯୋଗରେ ହର୍ସର୍କଲ୍ ସବୁ ପ୍ରକାର ସଂସ୍କୃତି, ସମୁଦାୟ ଏବଂ ଦେଶର ମହିଳାମାନଙ୍କ ବିଚାର ଏବଂ ଅଭିଯାନକୁ ସ୍ୱାଗତ କରିବ। ସମାନତା ଓ ସିଷ୍ଟରହୁଡ୍ ବା ଭଗିନୀତ୍ୱ ହେବ ଏହି ପ୍ଲାଟଫର୍ମର ବିଶେଷତା।

# ଆସସ୍ ଖୋଲିଲା ଏକ୍ସକ୍ଲୁସିଭ ଷ୍ଟୋର



କଟକ,୭।୩

ଆସସ୍ ପକ୍ଷରୁ କଟକରେ ନୂଆ ଏକ୍ସକ୍ଲୁସିଭ ଷ୍ଟୋର ଶୁଭାରମ୍ଭ ହୋଇଛି। କମ୍ପ୍ୟୁଟର ପ୍ରଫେଶନାଲ ନାମରେ ଏହି ଷ୍ଟୋର ଲିଙ୍କରୋଡଠାରେ ଅବସ୍ଥିତ। କମ୍ପାନୀ ଓଡିଶାରେ ମୋଟ ୩ଟି ସ୍ୱତନ୍ତ୍ର ଷ୍ଟୋର ଦ୍ୱାରା ସେବା ଯୋଗାଇ ଦେଉଛି। ଏଠାରେ ଗ୍ରାହକ ସବୁ ବର୍ଗର ଲାପଟପ୍ ପାଇବାକୁ ସକ୍ଷମ ହେବେ। ଏହାବାଦ ଷ୍ଟୋରରେ ଗେମିଂ ଲାପଟପ୍, ଡେକ୍ସଟପ, ଗେମିଂ ପିସି, ଆସେସୋରିଜ ମଧ ମିଳିବ। ଗ୍ରାହକ ଇଣ୍ଟେଲ ଏବଂ ଏଏମ୍ଡି ସିରିଜର ଲାପଟପ୍ ପାଇପାରିବେ। ଗ୍ରାହକଙ୍କୁ ସଦ୍ୟତମ ଟେକ୍ନୋଲୋଜି ଏବଂ ଉଦ୍ଭାବନ ପ୍ରଦାନ ଦିଗରେ କାର୍ଯ୍ୟକରୁଥିବା ଆସସ୍ କହିଛି। ଏଠାରେ ଗ୍ରାହକଙ୍କ ଲାଗି ସମସ୍ତ ପ୍ରଡକ୍ଟ ରେଞ୍ଜର ଲାପଟପ୍ ପ୍ରଦର୍ଶନ ସହ ବିକ୍ରି କରାଯାଉଛି। ଗ୍ରାହକ ଷ୍ଟୋର ଆସି ମନ ପସନ୍ଦର ପ୍ରଡକ୍ଟ କିଣିବାକୁ ସକ୍ଷମ ହେବେ। ଷ୍ଟୋରରେ ବିଭିନ୍ନ ନୋଟବୁକର ଟଚ୍ ଏବଂ ଫିଲ୍ ଅଭିଜ୍ଞତା ଗ୍ରାହକ ନେଇ ପାରିବେ। ଏକ୍ସକ୍ଲୁସିଭ ଷ୍ଟୋରରୁ ଗ୍ରାହକ କିଣିବା ଲାଗି ପସନ୍ଦ କରୁଥିବାରୁ ଏହାକୁ ଧ୍ୟାନରେ ରଖି କମ୍ପାନୀ ନୂଆ ଷ୍ଟୋର ଖୋଲିଛି। ୨୦୨୧ରେ ଆଉ ୩ରୁ ୪ ଏକ୍ସକ୍ଲୁସିଭ ଷ୍ଟୋର ଖୋଲିବା ଲାଗି ଆସସ ଯୋଜନା ରଖିଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ରାଜ୍ୟ ମୁଖ୍ୟ ମଧୁସୂଦନ ଗୁପ୍ତା, ଜାତୀୟ ବିତରକ ଅମିତ ସରାଫ, ଆଞ୍ଚଳିକ ବିତରକ ରୁଦ୍ରକାନ୍ତ ମହାପାତ୍ର ଏବଂ କମ୍ପ୍ୟୁଟର ପ୍ରଫେଶନାଲର ଓନର ଅରୁଣ କୁମାର ଦେ ଉପସ୍ଥିତ ଥିଲେ।

# ବୟସ୍କଙ୍କୁ ଉବରର ସହାୟତା

ନୂଆଦିଲ୍ଲୀ,୭।୩

ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନର ୨ୟ ପର୍ଯ୍ୟାୟରେ ସହଯୋଗ କରିବା ପାଇଁ ଉବର ପକ୍ଷରୁ ୧୦କୋଟି ଟଙ୍କା ମୂଲ୍ୟର ମାଗଣା ରାଇଡ୍ ପ୍ରଦାନ କରୁଛି। ଏଥିପାଇଁ କମ୍ପାନୀ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ , ରାଜ୍ୟ ସରକାର ଓ ସ୍ଥାନୀୟ ଏନ୍ଜିଓଗୁଡିକୁ ସମର୍ଥନ ଘୋଷଣା କରାଯାଇଛି। ଏହି ମାଗଣା ରାଇଡ୍ଗୁଡିକୁ ୨ୟ ପର୍ଯ୍ୟାୟ ପାଇଁ ଚିହ୍ନିତ ହୋଇଥିବା ଟାର୍ଗେଟ୍ ଗ୍ରୁପ୍, ୬୦ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକ ଓ ୪୫ ବର୍ଷରୁ ଅଧିକ ବୟସର ଅସୁସ୍ଥ ନାଗରିକମାନଙ୍କ ଦ୍ୱାରା ସେମାନଙ୍କ ନିକଟସ୍ଥ ସ୍ୱୀକୃତିପ୍ରାପ୍ତ ଟିକାକରଣ କେନ୍ଦ୍ରଗୁଡିକୁ ଯାତାୟାତ ପାଇଁ ବ୍ୟବହାର କରାଯାଇପାରିବ। ଏହି ଅଭିଯାନ ଦୁର୍ବଳ ବ୍ୟକ୍ତିମାନଙ୍କୁ ସହଜ ରିଡିମେବୁଲ ପ୍ରୋମୋ କୋଡ୍ ମାଧ୍ୟମରେ ମାଗଣା ରାଇଡ୍ ପ୍ରଦାନ କରିବ, ଯାହା ଟିକାକରଣ କେନ୍ଦ୍ରକୁ ଯାତ୍ରା ସହଜ କରିବ।

# ୭୫୦୦ତମ ଜନଔଷଧି କେନ୍ଦ୍ର ଶୁଭାରମ୍ଭ

ନୂଆଦିଲ୍ଲୀ,୭।୩



ଦେଶବାସୀଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦେବା ଲକ୍ଷ୍ୟରେ ଜନଔଷଧୀ କେନ୍ଦ୍ରର ସ୍ଥାପନ କରାଯାଇଥିଲା। ପ୍ରତିବର୍ଷ ମାର୍ଚ୍ଚ ୧ରୁ ୭ ସାରା ଦେଶରେ ଜନଔଷଧୀ ସପ୍ତାହ ପାଳନ କରାଯାଉଛି। ରବିବାର ସିଲଙ୍ଗ ସ୍ଥିତ ନର୍ଥ ଇଷ୍ଟର୍ଣ୍ଣ ଇନ୍ଦିରାଗାନ୍ଧୀ ରିଓଜନାଲ ଇନଷ୍ଟିଚ୍ୟୁଟି ଅଫ ହେଲଥ ଆଣ୍ଡ ମେଡିକାଲ ସାଇନ୍ସ (ଏନଇଆଇଜିଆରଆଇଏଚ୍ଏମ୍ଏସ୍) ପରିସରରେ ୭୫୦୦ତମ ଜନ ଔଷଧି କେନ୍ଦ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି। ଏହି ଅବସରରେ ଏକ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇ ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି, ଭାରତର ଫାର୍ମାସୀ କରୋନା ଟିକା ପ୍ରସ୍ତୁତ କରି ସାରା ବିଶ୍ୱକୁ ଚମକାଇ ଦେଇଛି। ମେକ୍ ଇଣ୍ଡିଆ ଭ୍ୟାକସିନ ଦେଶର ଲୋକମାନଙ୍କ ସହ ଅନ୍ୟ ଦେଶର ଲୋକମାନଙ୍କୁ ବି କରୋନା ଭଳି ମହାମାରୀରୁ ରକ୍ଷା କରୁଛି। ଏହା ସହ ବିଶ୍ୱର ଅନ୍ୟଦେଶ ମାନେ ପ୍ରସ୍ତୁତ କରିଥିବା ଟିକା ଠାରୁ ଭାରତୀୟ ଟିକା ବହୁ କମ୍ ଦାମରେ ଯୋଗାଇ ଦିଆଯାଉଥିବା ସେ କହିଛନ୍ତି। ସାଧାରଣ ଲୋକେ ଯେଭଳି ଔଷଧ କିଣିବା ସମୟରେ କୌଣସି ଅସୁବିଧାରେ ନ ପଡନ୍ତି ସେଥିପାଇଁ ସରକାର ଏହି ଯୋଜନା କରିଛନ୍ତି। ଏହା ସହ ଏହି ଯୋଜନାରେ ଲୋକମାନଙ୍କୁ ସେବା ଯୋଗାଇ ଦେଉଥିବା କର୍ମଚାରୀ ମାନଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ସେ ପୁଣି କହିଛନ୍ତି,ସାରା ଦେଶର ଲୋକେ ମୋ ପରିବାର। ତେଣୁ ମୋ ପରିବାରର କେହି ଲୋକ ରୋଗରେ ପଡିବା ମୋ ପରିବାରର ଲୋକେ ରୋଗରେ ପଡିବା ସହ ସମାନ। ତେଣୁ ଅପାଣମାନଙ୍କୁ କିଭଳି ଶସ୍ତାରେ ଚିକିତ୍ସା ସୁବିଧା ଠାରୁ ଆରମ୍ଭ କରି ଔଷଧ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ ସେ ଉପରେ ସରକାର ଧ୍ୟାନ ଦେଉଛନ୍ତି। ଏହି ଅବସରରେ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ସଦାନନ୍ଦ ଗୌଡା ମଧ୍ୟ ଉପସ୍ଥିତ ରହିଥିଲେ।

# ଇ-ଯାନ ନିର୍ମାଣକୁ ଟାଟାର ଗୁରୁତ୍ୱ

ନୂଆଦିଲ୍ଲୀ,୭।୩



ଟାଟା ଗ୍ରୁପ ଭାରତରେ ଇ-ଯାନ (ବିଦ୍ୟୁତ) ଯାନବାହନ ନିର୍ମାଣ କରିବା ସପକ୍ଷରେ ରହିଛି ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେଉଛି। ବିଦ୍ୟୁତ ଯାନ ନିର୍ମାଣ ପାଇଁ ଭାରତର ଟାଟା ମୋଟର୍ସ ଆମେରିକାର ଟେସ୍ଲା ସହିତ ମିଳିତ ହୋଇ ୟୁନିଟ ସ୍ଥାପନ କରିବ ବୋଲି ପୂର୍ବରୁ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍। ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, କମ୍ପାନୀ ନିଜେ ଭାରତରେ ବିଦ୍ୟୁତ ଯାନ ନିର୍ମାଣ କରି ବ୍ୟବସାୟ କରିବା ନେଇ ଯୋଜନା ରହିଛି। ଟାଟା ପୂର୍ବରୁ ବ୍ରିଟିଶର ବିଳାସପୂର୍ଣ୍ଣ କାର୍ କମ୍ପାନୀ ଜାଗୁଆର ଆଣ୍ଡ୍ ଲ୍ୟାଣ୍ଡ ରୋଭରକୁ ଅଧିଗ୍ରହଣ କରିସାରିଛି। ଏହି ଦୁଇ କମ୍ପାନୀର ବିଦ୍ୟୁତ ଯାନ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ଯୋଜନା ରହିଛି। ତେବେ ଭାରତରେ ଇଲେକ୍ଟ୍ରିକ୍ ଯାନ ବ୍ୟବସାୟର ବଳିଷ୍ଠ ଯୋଜନା ଟାଟା ପ୍ରସ୍ତୁତ କରିଛି। ନେକ୍ସନ ମିନି ଏସୟୁଭିର ଇଲେକ୍ଟ୍ରିକ୍ ଭର୍ସନ ଗାଡ଼ି ଗ୍ରାହକଙ୍କ ମଧ୍ୟରେ ଭଲ ଆଦୃତି ହାସଲ କରିପାରିଛି। ଅନ୍ୟପଟରେ ଜାଗୁଆର ଆଣ୍ଡ ଲ୍ୟାଣ୍ଡରୋଭର ମଧ ଆସନ୍ତା ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଇଲେକ୍ଟ୍ରିକ୍ କାର ନିର୍ମାତା ହେବାର ଲକ୍ଷ୍ୟ ରଖିଛନ୍ତି। ଜାଗୁଆର୍ ଆଣ୍ଡ୍ ଲ୍ୟାଣ୍ଡରୋଭର ପକ୍ଷରୁ ନିର୍ମିତ ସବୁ ବିଦ୍ୟୁତ କାର୍ ଭାରତରେ ଉପଲବ୍ଧ ହେବ ବୋଲି ଟାଟା ସନ୍ସ ମୁଖ୍ୟ ସୂଚନା ଦେଇଛନ୍ତି।

# ଉପଯୋଗିତାରୁ ଅର୍ଥନୈତିକ ସୁଧାର

ନୂଆଦିଲ୍ଲୀ,୭।୩

ବର୍ତ୍ତମାନ କରୋନା ସ୍ଥିତିରେ ପରିବର୍ତ୍ତନ ଆସୁଥିବାରୁ ବଜାରରେ ଅର୍ଥନୈତିକ ସୁଧାର ପରିଲକ୍ଷିତ ହେଉଛି। ଲୋକମାନେ ସାମଗ୍ରୀ ବ୍ୟବହାର ବଢାଇବାରୁ ଅର୍ଥ ବ୍ୟବସ୍ଥାରେ ସୁଧାର ତ୍ୱରାନ୍ୱିତ ହୋଇଛି। ଗୁଜରାଟ, ରାଜସ୍ଥାନ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ବଜାର ବେଶ୍ ଉତ୍ସାହିତ ହୋଇଛି। ଏହି ସ୍ଥାନଗୁଡିକରେ ଲୋକମାନେ କିଣାକିଣି ତ୍ୱରାନ୍ୱିତ କରୁଥିବା ଆସୋଚାମ ପକ୍ଷରୁ ଏକ ସର୍ଭେରେ ପ୍ରକାଶ ପାଇଛି।

ଜିଏସ୍ଟିଡାଟାକୁନେଇ ହୋଇଥିବା ଏହି ଅଧ୍ୟୟନରେ କୁହାଯାଇଛି ଯେ, ୨୩ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଜିଏସ୍ଟି ସଂଗ୍ରହ ବେଶ୍ ଉନ୍ନତ ହୋଇଛି। ବିଶେଷ କରି ସାମଗ୍ରୀ ଉପଯୋଗିତା ବଢିବାରୁ ଟିକସ ସଂଗ୍ରହ ବେଶ୍ ଉନ୍ନତ ହେଉଥିବା କୁହାଯାଉଛି। ସାମଗ୍ରୀ କ୍ରୟରେ ଗୁଜରାଟ ସବୁଠାରେ ଆଗରେ ରହିଛି। ଏଠାରେ ରାଜସ୍ୱ ସଂଗ୍ରହ ୧୪% ବଢ଼ି ୮୨୨୧ କୋଟି ଟଙ୍କା ଛୁଇଁଛି। ଏହା ପୂର୍ବରୁ ୭୨୧୫ କୋଟି ଟଙ୍କାର ଟିକସ ସଂଗ୍ରହ ହୋଇଛି। ମହାରାଷ୍ଟ୍ର ଏବଂ କର୍ନାଟକରେ ଗ୍ରାହକଙ୍କ ଆତ୍ମବିଶ୍ୱାସ ବଢିଛି। ମହାରାଷ୍ଟ୍ରରେ ୧୬,୧୦୩ କୋଟି ଜିଏସ୍ଟି ସଂଗ୍ରହ ହୋଇଛି। ଏଠାରେ ଟିକସ ସଂଗ୍ରହରେ ୨% ଅଭିବୃଦ୍ଧି ହୋଇଛି। ସେହିଭଳି କର୍ନାଟକରେ ଜିଏସ୍ଟି ସଂଗ୍ରହ ୨% ବଢିବା ଯୋଗୁ ୭୫୮୧ କୋଟି ଟଙ୍କା ଆଦାୟ ହୋଇଛି।



ମାନୁଫାକ୍ଚରିଂ, ଏଫ୍ଏମ୍ସିଜି, କେମିକାଲ୍ସ, ସାର, ରିୟଲଇଷ୍ଟେଟ, ନିର୍ମାଣ, ଇସ୍ପାତ ଏବଂ ସିମେଣ୍ଟ ଭଳି କ୍ଷେତ୍ରର ପ୍ରଡକ୍ଟ ବିକ୍ରି ଉନ୍ନତ ରହିଛି। ଶିଳ୍ପର କ୍ଷମତା ଉପଯୋଗ ସମ୍ପୂର୍ଣ୍ଣ ହେଲେ ନିବେଶ ବଢିବା ସହ ଅର୍ଥ ବ୍ୟବସ୍ଥା ଆହୁରି ଗତିଶୀଳ ହେବ ବୋଲି ଆସୋଚାମ ମହାସଚିବ ଦୀପକ ସୁଦ କହିଛନ୍ତି। ୨୦୨୨ରେ ଭି-ଆକୃତିର ଅଭିବୃଦ୍ଧି ହେବା ନେଇ ଆସୋଚାମ ଆକଳନ କରିଛି। ସୂଚନାଯୋଗ୍ୟ, ଫେବୃୟାରୀରେ ମୋଟ ୧.୧୩ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ଆଦାୟ ହୋଇଛି। ଗତ ବର୍ଷ ସମାନ ମାସ ତୁଳନାରେ ଏହା ୭% ଅଧିକ। ସେହିଭଳି ସାମଗ୍ରୀ ବ୍ୟବହାରରେ ତ୍ୱରିତ ସୁଧାର କରୁଥିବା ରାଜ୍ୟଗୁଡିକ ମଧ୍ୟରେ ଓଡ଼ିଶା, ତାମିଲନାଡୁ, ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ସିକିମ, ଅରୁଣାଚଳ ପ୍ରଦେଶ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ, ଜମ୍ମୁ ଏବଂ କଶ୍ମୀର ରହିଛି। ଟିକା ପ୍ରଦାନ ଧାରା ତ୍ୱରାନ୍ୱିତ ହେଉଥିବାରୁ ସେବା କ୍ଷେତ୍ର କାର୍ଯ୍ୟକଳାପ ବଢିବ ବୋଲି ଏହି ଏଜେନ୍ସି ଅନୁମାନ ଲଗାଇଛି।

ଧରିତ୍ରୀ
DHARITRI
ସୋମବାର, ୮ ମାର୍ଚ୍ଚ, ୨୦୨୧



## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଜେଲ୍ ଗଲେ ଅଭିଯୁକ୍ତ

ରୂପ୍‌ସା, ୭।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଓଡ଼ିଆଶାସନ ଗ୍ରାମର ଅଭିଯୁକ୍ତ କାଦର ଖାନଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ଅନୁସୂଚିତ ଜାତି ସମ୍ପ୍ରଦାୟର ନାବାଳିକାଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ କାଦର ଖାନ ଗାଁ ରାସ୍ତାରୁ ବାଇକ୍‌ରେ ବସାଇ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ଗତ ତା ୭।୧୦।୨୦ ରିଖରେ ଥାନାରେ ଏକ ମାମଲା (ନଂ. ୮୩/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଦୀର୍ଘ ୫ମାସ ପରେ ଥାନାଧିକାରୀ କମଳାକାନ୍ତ ଦାସ ଓ ତଦନ୍ତ ଅଧିକାରୀ ନରହରି ମହାଲିକ ଶନିବାର କୌଶଳକ୍ରମେ ବାରିପଦାରେ ଚଢ଼ାଉ କରି ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଭୟଙ୍କ ଡାକ୍ତରୀମାଇନା ପରେ କୋର୍ଟରେ ହାଜର କରାଯାଇ ପୀଡ଼ିତା ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ଼ କରାଯାଇଛି। ଉଦ୍ଧାର ନାବାଳିକାଙ୍କୁ ବାଲେଶ୍ୱର ନାରୀସଂଘକୁ ହସ୍ତାନ୍ତର କରାଯାଇଛି।

### ୩୯ ଡିଗ୍ରୀ ତଳେ ପାରଦ, ୯ ପର୍ଯ୍ୟନ୍ତ କୁହୁଡ଼ି

ଭୁବନେଶ୍ୱର, ୭।୩(ବ୍ୟୁରୋ): ରାଜ୍ୟରେ ପ୍ରବଳ ତାତି ଜାରି ରହିଥିବାବେଳେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ କୁହୁଡ଼ି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୮ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼ ଓ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଯିବ। ସେହିପରି ୮ ତାରିଖ ସକାଳ ସାଢ଼େ ୮ଟାରୁ ୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଓ ନୟାଗଡ଼ରେ କୁହୁଡ଼ି ରହିବ। ସେପଟେ ଗତ ଦୁଇଦିନ ହେବ ସର୍ବାଧିକ ତାପମାତ୍ରାରେ ରହୁଥିବା ଭୁବନେଶ୍ୱରରେ ରବିବାର ସାମାନ୍ୟ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱରରେ ୩୮.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ରବିବାର ସମ୍ବଲପୁର ଓ ଅନୁଗୋଳରେ ସର୍ବାଧିକ ୩୮.୭ ଡିଗ୍ରୀ ତାପମାତ୍ରା ଥିବାବେଳେ ଟିଟିଲାଗଡ଼ ଓ ମାଲକାନଗିରିରେ ୩୮.୫, ତାଳଚେର ୩୮.୪, ରାୟଗଡ଼ା ୩୮, ବଲାଙ୍ଗୀର ୩୭.୮, କଟକ ଓ ଝାରସୁଗୁଡ଼ାରେ ୩୭.୬, ସୋନପୁର ୩୭.୪, ଚାନ୍ଦବାଲି ୩୭.୨, ହୀରାକୁଦ ୩୭.୧, ସୁନ୍ଦରଗଡ଼, ଭବାନିପାଟଣା, ନୟାଗଡ଼ ଓ ବୌଦ୍ଧରେ ୩୭ଡିଗ୍ରୀ ରେକର୍ଡ କରାଯାଇଛି।

# ପଞ୍ଚାୟତ ନିର୍ବାଚନୀ ରୋଡମ୍ୟାପ

## ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୭।୩(ବ୍ୟୁରୋ)


ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

ଓଡ଼ିଶାର ବିକାଶରେ ବାଧକ ନିଜେ ରାଜ୍ୟ ସରକାର । ରାଜ୍ୟର ସବୁ ଅଞ୍ଚଳରେ ବର୍ତ୍ତମାନ ଭ୍ରଷ୍ଟାଚାର ଓ କୁଶାସନର ପ୍ରତିଛବି ଦେଖିବାକୁ ମିଳିଛି । ମୋଦି ସରକାର ଓଡ଼ିଶାର ଉନ୍ନତି ଓ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏଥିଲାଗି ପ୍ରଚୁର ମାତ୍ରାରେ ଅର୍ଥ ଦେଉଛନ୍ତି । ମାତ୍ର ଦୁର୍ନୀତିରେ ଉବୁଟୁବୁ ରାଜ୍ୟ ସରକାରଙ୍କ ଗରିବମାରଣ ନୀତି ପାଇଁ ବିଜେଡି ଅନୁଗତ ଏବଂ ଅଯୋଗ୍ୟ ହିତାଧିକାରୀ ଘର ପାଉଥିବା ବେଳେ ଯୋଗ୍ୟ ହିତାଧିକାରୀ କୁଡ଼ିଆରେ ରହୁଛନ୍ତି । ଯୋଗ୍ୟ ହିତାଧିକାରୀ ଘର ନ ପାଇଲା ପର୍ଯ୍ୟନ୍ତ ଭାଜପା ଲଢ଼େଇ ଜାରି ରଖିବ ବୋଲି ଦଳର ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ରବିବାର ସ୍ଥାନୀୟ ଏକ ହୋଟେଲରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଛି। ଏଥିରେ ଦଳ ଆସନ୍ତା ପଞ୍ଚାୟତ ନିର୍ବାଚନ ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଥିବା ବେଳେ ବ୍ଲକ ଏବଂ ମଣ୍ଡଳସ୍ତରରେ ବୈଠକ କରି ଲଢ଼େଇ ଜୋରଦାର କରିବାକୁ ଯୋଜନା କରିଛି। ଏନେଇ ଦଳର ୩୬ ସାଙ୍ଗଠନିକ ଜିଲାରେ ରୋଡମ୍ୟାପ ପ୍ରସ୍ତୁତି ନେଇ ମଧ୍ୟ ଯୋଜନା କରାଯାଇଛି। ଏହାସହ କାର୍ଯ୍ୟକାରିଣୀରେ ଦଳ ୩ଟି ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଛି। ଉକ୍ତ ୩ ଚିଠା ପ୍ରସ୍ତାବରେ 'ଓଡିଶାର ବିକାଶରେ ବାଧକ ରାଜ୍ୟ ସରକାର', 'ବିପର୍ଯ୍ୟୟ ଆଇନ ଶୃଙ୍ଖଳା' ଏବଂ 'ସୀମା ବିବାଦ' ପ୍ରସଙ୍ଗ ରଖାଯାଇଛି।

ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ପ୍ରବାସୀ ଶ୍ରମିକଙ୍କ ଲାଗି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆସିଥିବା ଅର୍ଥରୁ ପ୍ରାୟ ୮୦୦ କୋଟି ଟଙ୍କାର ମିଛ ବିଲ୍ କରି ବିଜେଡି ନେତା ଓ କର୍ମୀ ହଡପ୍ କରିଛନ୍ତି । ସେହିପରି ପଞ୍ଚାୟତିରାଜ ବିଭାଗକୁ ଶାସକ ବିଜେଡି ନେତାମାନେ ଅକ୍ତିଆର କରି ରଖିଛନ୍ତି। ମୋଦିଙ୍କ ଦ୍ୱାରା ପଠାଉଥିବା ଅର୍ଥ ବାଟମାରଣା ହେଉଥିବାରୁ ଗ୍ରାମାଞ୍ଚଳର ବିକାଶ ଠିକ ଭାବେ ହୋଇପାରୁନାହିଁ । ଦଳର ଉପସଭାପତି ଭୃଗୁବକ୍ସି ପାତ୍ର କହିଛନ୍ତି, ରାଜ୍ୟରେ ଥିବା ୫୫୦ରୁ ଉର୍ଦ୍ଧ୍ୱ ଥାନା ଶାସକ ବିଜେଡି କବ୍‌ଜାରେ ଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଛି। ରାଜନୈତିକ ପୃଷ୍ଠପୋଷକତାରେ ହତ୍ୟା କାରଣରୁ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ମହିଳା, ବାଳିକା, ଶିଶୁ ଅପରାଧ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ରାଜନୈତିକ ବିରୋଧୀଙ୍କ ବିରୋଧରେ ମିଥ୍ୟା ମକଦ୍ଦମା କରାଯାଇ ଭୟଭୀତ କରାଯାଉଛି । ଗତ ପଞ୍ଚାୟତ ନିର୍ବାଚନ ସମୟରେ ରାଜନୈତିକ ହିଂସାପରାୟଣ ହୋଇ ୧୭ ଜଣ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା, ଯାହାର ଉତ୍ତର ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ରାଜ୍ୟର ସୀମାନ୍ତ ଅଞ୍ଚଳଗୁଡ଼ିକ ଅସୁରକ୍ଷିତ ଏବଂ ପଡୋଶୀ ରାଜ୍ୟର କବ୍‌ଜାରେ ରହିଛି। କାମ୍ପା, ଡିଏମ୍‌ଏଫ୍ ଫଣ୍ଡ ଅର୍ଥକୁ ହରିଲୁଟ ସହ ପୁରୀ ଓ ଲିଙ୍ଗରାଜ ମନ୍ଦିରର ସୌନ୍ଦର୍ଯ୍ୟକରଣ ନାଁରେ ବୁଲଡୋଜର ଲଗାଇ ଓଡ଼ିଶାର ଐତିହ୍ୟକୁ ନଷ୍ଟ କରାଯାଇଛି। ଏଭଳି ଚକ୍ରାନ୍ତକୁ ଗ୍ରହଣ କରାଯିବ ନାହିଁ ବୋଲି କାର୍ଯ୍ୟକାରିଣୀରେ ନିଷ୍ପତ୍ତି ନିଆଯାଇଛି ବୋଲି ଭୃଗୁ ସୂଚନା ଦେଇଛନ୍ତି । ଶନିବାର ରାଜ୍ୟ ପଦାଧିକାରୀ ବୈଠକରେ ଆଗତ ହୋଇଥିବା ସମସ୍ତ ପ୍ରସଙ୍ଗ ନେଇ କାର୍ଯ୍ୟକାରିଣୀରେ ବିସ୍ତୃତ ଆଲୋଚନା କରାଯାଇ ତାହା ପାରିତ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀରେ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସହପ୍ରଭାରୀ ବିଜୟ ପାଲ ସିଂହ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସମସ୍ତ ରାଜ୍ୟ ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ ।

# ଲକ୍ଷ୍ୟ ପୂରଣ ଲାଗି ଦୁଇଗୁଣା ପରିଶ୍ରମ କରିବାକୁ ପଡ଼ିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୭।୩(ବ୍ୟୁରୋ)



ଆମେ କେବଳ ବିଧାୟକ କିମ୍ବା ଏମ୍‌ପି ହେବା ଜରୁରୀ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଓଡ଼ିଶାର ସର୍ବାଙ୍ଗୀନ କଲ୍ୟାଣ ପାଇଁ କାର୍ଯ୍ୟକର୍ତ୍ତାମାନେ ଏହାକୁ ଏକ ରାଜନୈତିକ ଲକ୍ଷ୍ୟ ଭାବେ କାମ କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ସେ କହିଛନ୍ତି, ଧୀରେ ଧୀରେ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ଏବଂ ଜନଆଶୀର୍ବାଦ ବଳରେ ଆଗକୁ ବଢୁଛେ। ଦଳ କାର୍ଯ୍ୟକର୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗରୁ ସାମ୍ପ୍ରତିକ ରାଜ୍ୟ ରାଜନୀତିରେ ଭାଜପା ଅଭୂତପୂର୍ବ ସଫଳତା ପ୍ରଦର୍ଶନ କରୁଛି। ବିଗତ ୬ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ଶାସନରେ ଦଳର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତା ଓ ଦାୟିତ୍ୱ ୨୦୧୯ ନିର୍ବାଚନରେ ପ୍ରତିଫଳିତ ହୋଇଛି। ସେବା, ସଙ୍ଗଠନ, ସମ୍ପର୍କ ଓ ସଂଘର୍ଷ ଆଧାରରେ ଆଗକୁ ବଢ଼ିବା ପାଇଁ କାର୍ଯ୍ୟକର୍ତ୍ତା ମାନେ ତୃଣମୂଳସ୍ତରରେ ପରିଶ୍ରମ କରି ଦଳକୁ ଆହୁରି ମଜଭୁତ୍ କରିବା ଦରକାର। ଓଡ଼ିଶାରେ ଭାଜପା ପାଇଁ ରାଜ୍ୟରେ ଚାଲୁଥିବା ସରକାରଙ୍କ ଦୋଷ ଦୁର୍ବଳତା ପାଇଁ କେବଳ ନକରାତ୍ମକ ଭୋଟ୍ ନୁହେଁ ବରଂ ପ୍ରଧାନମନ୍ତ୍ରୀଙ୍କ ନାଁରେ ସକରାତ୍ମକ ଭୋଟର ଏକ ବିରାଟ ବଡ଼ ଯୋଗଦାନ ରହିବ। ଆସନ୍ତା ଦିନରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ପଡ଼ିବ। ଏକବିଂଶ ଶତାବ୍ଦୀରେ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ନୂଆ ଓ ଆତ୍ମନିର୍ଭର ଓଡ଼ିଶାର ଲକ୍ଷ୍ୟକୁ ପୂରଣ କରିବା ପାଇଁ ପୂର୍ବାପେକ୍ଷା ଆମକୁ ଦୁଇଗୁଣା ପରିଶ୍ରମ କରିବାକୁ ପଡ଼ିବ ବୋଲି କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ ଦେଇ ଧର୍ମେନ୍ଦ୍ର ଏହା କହିଛନ୍ତି।

# ଇଣ୍ଡ୍ ବରାତ ପ୍ରକଳ୍ପରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଗଲା


ଅଗ୍ନିଶମ କର୍ମଚାରୀମାନେ ପ୍ରକଳ୍ପ ପରିସରରେ ନିଆଁ ଲିଭାଉଛନ୍ତି ।

ଝାରସୁଗୁଡା ଅଫିସ୍,୭।୩

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ସାହଜବାହାଲ ସ୍ଥିତ ଇଣ୍ଡ୍ ବରାତ ପ୍ରକଳ୍ପରେ ରବିବାର ମଧ୍ୟାହ୍ନ ୧୨ଟାରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଖବର ପାଇ ଇବ୍ ଥର୍ମାଲ, ଲଖନପୁର, ରେଙ୍ଗାଲି ଓ ବେଦାନ୍ତ କମ୍ପାନୀର ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ୫ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିମଧ୍ୟରେ କ୍ରଶର ହାଉସରେ ନିଆଁ ଲାଗି କନ୍‌ଭୟେର ବେଲ୍ଟ ଓ ଅନ୍ୟାନ୍ୟ ଯନ୍ତ୍ରପାତି ପୋଡ଼ିଯାଇଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ଜଣାପଡିଛି। ଦୀର୍ଘବର୍ଷ ହେଲା ପ୍ରକଳ୍ପ ଅଚଳାବସ୍ଥାରେ ପଡିରହିଛି। ଏହି ପ୍ରକଳ୍ପ ପରିସର ସଫାସୁତୁରା ହେଉନାହିଁ। ଫଳରେ ବ୍ୟାପକ ଘାସ ହୋଇଛି। ଏ ନେଇ ପ୍ରକଳ୍ପ ତଦାରଖ ଦାୟିତ୍ୱରେ ଥିବା ସୁମେଧା ମ୍ୟାନେଜମେଣ୍ଟର ଅଧିକାରୀ ପୁଲକ କୁଣ୍ଡୁ କହିଛନ୍ତି, ପ୍ରକଳ୍ପରେ ନିଆଁ କେମିତି ଲାଗିଲା ଏବଂ କେତେ କ୍ଷୟକ୍ଷତି ହୋଇଛି ବର୍ତ୍ତମାନ ଏହା କହିବା ସମ୍ଭବପର ନୁହେଁ। ଏହାର ତଦନ୍ତ କରି ଟେକ୍ନିକାଲ୍ ଲୋକ କହିପାରିବେ ବୋଲି ସେ କହଛନ୍ତି । ସୂଚନାଯୋଗ୍ୟ, ପ୍ରକଳ୍ପ ନିର୍ମାଣ ପରେ ମାଲିକଙ୍କ ଦେବାଳିଆ ପାଇଁ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ଦୀର୍ଘବର୍ଷ ହେଲା ଅଚଳ ଅବସ୍ଥାରେ ପଡିରହିଛି । ଏହାକୁ ଏବେ ଏନ୍‌ସିଏଲ୍‌ଟି ନିଜ ଅଧୀନକୁ ନେବା ପରେ ସୁମେଧା ମ୍ୟାନେଜମେଣ୍ଟ ସଲ୍ୟୁଶନ ଏହାର ତଦାରଖ ଦାୟିତ୍ୱରେ ରହିଛି ।

# ରାଉରକେଲା ଡାକ୍ତରଙ୍କ ରିପୋର୍ଟ ନେଗେଟିଭ୍

■ ଆଇଜିଏଚ୍ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଥିଲା ବୋଲି ସ୍ପଷ୍ଟ କଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୭।୩(ବ୍ୟୁରୋ)

ରାଉରକେଲାର ଅବସରପ୍ରାପ୍ତ ଡାକ୍ତର ଏସ୍. ସୁଲେମାନ୍ ଟିକା ନେବାପରେ କରୋନା ପଜିଟିଭ୍ ଚିହ୍ନଟ ହେବା ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ତାଙ୍କର ପ୍ରଥମ ଓ ଦ୍ୱିତୀୟ ରିପୋର୍ଟ ନେଗେଟିଭ୍ ଆସିଛି ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଯେଉଁ ପଜିଟିଭ୍ ରିପୋର୍ଟ ଆସିଥିଲା, ତାହା ତ୍ରୁଟିପୂର୍ଣ୍ଣ ଥିଲା। ଫଳରେ ଟିକାକୁ ନେଇ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା ସେଥିରେ ଆଶ୍ୱସ୍ତି ମିଳିଛି। ଡାକ୍ତର ସୁଲେମାନ ଜାନୁଆରୀ ୧୬ରେ ପ୍ରଥମ ଡୋଜ୍ ଓ ଫେବୃଆରୀ ୧୫ରେ ଦ୍ୱିତୀୟ ଡୋଜ୍ କରୋନା ଟିକା ନେଇଥିଲେ। କିନ୍ତୁ ଫେବୃୟାରୀ ୩ରେ ଆଇଜିଏଚ୍‌ରେ ତାଙ୍କର ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିଲା ଓ ରିପୋର୍ଟ ପଜିଟିଭ୍ ଆସିଥିଲା। ଟିକା ନେବା ପରେ ରିପୋର୍ଟ ପଜିଟିଭ୍ ଆସିଥିବାରୁ ପୁଣିଥରେ ତାଙ୍କର ସ୍ୱାବ୍ ଓ ରକ୍ତ ନମୁନା ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆରଏମ୍‌ଆର୍‌ସି)କୁ ପଠାଯାଇଥିଲା। ଏହାପରେ ତାଙ୍କ ରକ୍ତ ନମୁନାରେ ପର୍ଯ୍ୟାପ୍ତ ପରିମାଣର କରୋନା ଆଣ୍ଟିବଡି ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା ଓ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଥିଲା। ତେବେ କାହିଁକି ପ୍ରଥମ ରିପୋର୍ଟ ପଜିଟିଭ୍ ଆସିଲା ଜାଣିବା ପାଇଁ ପ୍ରଥମ ସ୍ୱାବ୍ ପୁଣିଥରେ ଆର୍‌ଏମ୍‌ଆର୍‌ସିରେ ପରୀକ୍ଷା କରାଯାଇଥିଲା। ରିପୋର୍ଟ ମଧ୍ୟ ନେଗେଟିଭ୍ ଆସିଥିବା ସ୍ପଷ୍ଟ କରିଛନ୍ତି ପ୍ରଦୀପ୍ତ ମହାପାତ୍ର। ସେ କହିଛନ୍ତି, ଆଇଜିଏଚ୍‌ର ରିପୋର୍ଟ ତ୍ରୁଟିପୂର୍ଣ୍ଣ ଥିଲା। ଅର୍ଥାତ ଡା. ସୁଲେମାନଙ୍କ ସମସ୍ତ ରିପୋର୍ଟ ନେଗେଟିଭ୍ ରହିଛି।

# ଘରେ ପଡ଼ିଛି ଯୁବତୀ, ଯୁବକଙ୍କ କ୍ଷତାକ୍ତ ମୃତଦେହ

ପାରଳାଖେମୁଣ୍ଡି,୭।୩(ଡି.ଏନ୍.ଏ.)

ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ କାଣ୍ଡ୍ରାଗଡା ପଞ୍ଚାୟତ ଆରିବା ଗ୍ରାମ ବଡ଼ସାହିରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ଘରେ ଜଣେ ଯୁବତୀ ଓ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡିଥିବା ଦେଖାଯାଇଛି। ମୃତ ଯୁବତୀ ହେଲେ ଶିବାଲ ଡିଲେଶ୍ୱରୀ (୨୧) ଓ ଯୁବକ ଜଣକ ହେଲେ ଟାଲୁରୁ ଶ୍ରୀନୁ (୨୮)। ଉଭୟେ ଆତ୍ମହତ୍ୟା କରିଛନ୍ତି କି ସେମାନଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯିବ। ସାଇଣ୍ଟିଫିକ୍ ଟିମ୍ ସୋମବାର ତଦନ୍ତ କରିବେ ବୋଲି ଜଣାପଡ଼ିଛି। ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଯୁବତୀଙ୍କ ପରିବାର ଲୋକେ ଅନ୍ୟତ୍ର ବିବାହ ପାଇଁ ଯୋଜନା କରୁଥିଲେ। ତେଣୁ ଉଭୟେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# ଆଜି ବିଜେଡି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, ୭।୩(ବ୍ୟୁରୋ)

ଆନ୍ତର୍ଜାତିକ ମହିଳା ଦିବସ ସୋମବାର ପ୍ରାୟ ସବୁଆଡ଼େ ପାଳନ କରାଯିବ। ବିଜୁ ମହିଳା ଜନତା ଦଳ ପକ୍ଷରୁ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଦଳର ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଦଳ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇସାରିଛି। ନିକଟରେ ନବୀନ ବିଜୁ ଜୟନ୍ତୀ ପାଳନ ପୂର୍ବରୁ ରାଜ୍ୟର ସମସ୍ତ କର୍ମକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ଜିଲା ସଭାପତି, ଛାମୁଆ ସଙ୍ଗଠନର ରାଜ୍ୟ ସଭାପତି ଏବଂ ଜିଲା ପରିଷଦ ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଥିଲେ।

# ଆଇନସିଦ୍ଧ ନୁହେଁ ନୂଆ ହୋଲ୍ଡିଂ ଟ୍ୟାକ୍ସ: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ଅଭିଯୋଗ ଆଣୁଛନ୍ତି।

ଭୁବନେଶ୍ୱର, ୭।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସହରାଞ୍ଚଳରେ ରହୁଥିବା ଘର ମାଲିକଙ୍କ ପାଖରୁ ଯେଉଁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରୁଛି, ତାହା ସମ୍ପୂର୍ଣ୍ଣ ବେଆଇନ। ଏହା ବିଏମ୍‌ସି ଅଧିକାରୀଙ୍କ ସ୍ୱେଚ୍ଛାଚାରୀ ନିଷ୍ପତ୍ତି । ଏହି ନିଷ୍ପତ୍ତି ସ୍ପଷ୍ଟ ଭାବେ ଓଡ଼ିଶା ମ୍ୟୁନିସିପାଲ ଆଇନ- ୨୦୦୩ର ବିଭିନ୍ନ ଧାରାକୁ ଉଲ୍ଲଂଘନ କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଆଇନସିଦ୍ଧ ନ ହେବା ପର୍ଯ୍ୟନ୍ତ ଟିକସ ନ ଦେବାକୁ କଂଗ୍ରେସ ନେତା ସହରବାସିନ୍ଦାଙ୍କୁ ଆହ୍ୱାନ କରିଛନ୍ତି।

କଂଗ୍ରେସ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ମୁଷ୍ଟିମେୟ ଅଣଓଡ଼ିଆ ବାବୁଙ୍କ ସ୍ୱେଚ୍ଛାଚାରୀ ନିଷ୍ପତ୍ତି ଯୋଗୁ ବର୍ତ୍ତମାନ ଏପରି ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ନିଷ୍ପତ୍ତି ବଳପୂର୍ବକ ଭୁବନେଶ୍ୱର ବାସିନ୍ଦାଙ୍କ ଉପରେ ଲଦି ଦିଆଯାଇଛି। ପୂର୍ବରୁ ବିଏମ୍‌ସି ଯେଉଁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରୁଥିଲା ଏବେ ତାହା ୧୦ରୁ ୨୦ ଗୁଣା ବୃଦ୍ଧି ଘଟିଛି। ଏଭଳି ବୃଦ୍ଧି ଘଟିବାର କାରଣ ହେଉଛି କିଛି ଅଣଓଡ଼ିଆ ସରକାରୀ ବାବୁଙ୍କ ବେପରୁଆ ମନୋଭାବ ଏବଂ ଆଇନକୁ କୋଣଠେସା କରି ନିଷ୍ପତ୍ତି ଲାଗୁ କରିବା। ପୂର୍ବରୁ ବିଏମ୍‌ସି ଭୁବନେଶ୍ୱର ବାସିନ୍ଦାଙ୍କ ପାଖରୁ ତାଙ୍କ ଘରର ଆକାର ଏବଂ ଘର ହୋଇଥିବା ଜାଗାର ଆକାର ଉପରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରୁଥିଲା। ଏହି ହୋଲ୍ଡିଂ ଟ୍ୟାକ୍ସରେ ମହାନଗର ନିଗମ ବାସିନ୍ଦା ସହରାଞ୍ଚଳରେ ଆଲୁଅ ବ୍ୟବସ୍ଥା, ରାସ୍ତା ପରିଷ୍କାର, ନାଳ ନର୍ଦ୍ଦମା ସଫା ଆଦି କରିବା ତଥା ଏବଂ ନୂତନ ରାସ୍ତା ତିଆରି ପାଇଁ କର ଦେଇଥାନ୍ତି। ସାଧାରଣତଃ ବିଏମ୍‌ସି ୫୬ ପ୍ରକାର କର ଆଦାୟ କରିଥାଏ। ସେଗୁଡ଼ିକ ହେଲା ଟ୍ୟାକ୍ସ, ଟୋଲ, ସରଚାର୍ଜ, ୟୁଜର ଚାର୍ଜେସ, ଫାଇନ ଫି ଇତ୍ୟାଦି। କିନ୍ତୁ ଏବେ ପୂର୍ବ ନିୟମକୁ ମୋଡ଼ି ମକଚି ଦେଇ ବିଭିନ୍ନ ଅଞ୍ଚଳରେ ଜମିର ବେଞ୍ଚମାର୍କ ଦାମରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରୁଛନ୍ତି ବୋଲି ପଞ୍ଚାନନ କହିଛନ୍ତି। ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏଭଳି ସମୟରେ ଯେତେବେଳେ ଲୋକଙ୍କ ପାଖରେ ରୋଜଗାର ନାହିଁ ଆୟ ବହୁମାତ୍ରାରେ କମିଯାଇଛି। ସେହି ସମୟରେ ଲୋକଙ୍କ ପାଖରୁ ବେଆଇନ ଭାବେ ଯେଉଁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯାଉଛି ତାହାକୁ ନେଇ ଜିଲା କଂଗ୍ରେସ ଏବଂ ରାଜ୍ୟ କଂଗ୍ରେସ ଆସନ୍ତା ୧୫ ତାରିଖ ଦିନ ବିଏମ୍‌ସି ଅଫିସକୁ ଘେରାଉ କରିବ। ଦରକାର ପଡ଼ିଲେ ସହରାଞ୍ଚଳ ବିକାଶ ମନ୍ତ୍ରୀଙ୍କୁ ଘର ବାହାରକୁ ଯିବାକୁ ଦେବୁ ନାହିଁ। ଯେପର୍ଯ୍ୟନ୍ତ ଏହା ଆଇନସିଦ୍ଧ ହୋଇନାହିଁ ସେ ପର୍ଯ୍ୟନ୍ତ ଏହି ଟିକସ ପୈଠ ନ କରିବାକୁ ସହରବାସୀଙ୍କୁ ସୁରେଶ ନିବେଦନ କରିଛନ୍ତି।

# ୭ ଦିବ୍ୟାଙ୍ଗଙ୍କୁ ରୋଜଗାର ଦେଉଛନ୍ତି ତେଜସ୍ୱିନୀ

## ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ଅସହାୟତା

ଭୁବନେଶ୍ୱର, ୭।୩ (ବ୍ୟୁରୋ)

ଦିବ୍ୟାଙ୍ଗ ହୋଇ ବି ମନରେ ରହିଛି ଦୃଢ଼ ଆତ୍ମବିଶ୍ୱାସ। ସ୍ୱାଭାବିକ ଭାବେ ଚାଲି ପାରୁ ନ ଥିଲେ ମଧ୍ୟ ୭ ଦିବ୍ୟାଙ୍ଗ ମହିଳାଙ୍କୁ ରୋଜଗାର ଦେଉଛନ୍ତି। ବହୁ ସଂଘର୍ଷ ଭିତରେ ବଡ଼ ସଫଳତା ପାଇଥିବା ଦିବ୍ୟାଙ୍ଗ ତେଜସ୍ୱିନୀ ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। କୋରାପୁଟ ଜିଲା ସୁନାବେଡା ଏନ୍‌ଏସି ଅନ୍ତର୍ଗତ ଜଡାଗୁଡା ଗ୍ରାମର ବାସିନ୍ଦା ହେଉଛନ୍ତି ତେଜସ୍ୱିନୀ। ପୂରା ନାମ ଅମ୍ବାରିକା ତେଜସ୍ୱିନୀ ନାୟକ। ବାପା ବିଜୟ ଓ ମା' କଳ୍ପନାଙ୍କ ୬ ସନ୍ତାନଙ୍କ ମଧ୍ୟରୁ ସେ ହେଉଛନ୍ତି ତୃତୀୟ। ପିଲାଟିବେଳୁ ତାଙ୍କ ଜୀବନର ସଂଘର୍ଷ ଆରମ୍ଭ ହୋଇଥିଲା। ୧୯୯୦ ସେପ୍ଟେମ୍ବରରେ ଜନ୍ମଗ୍ରହଣ କରିଥିବା ତେଜସ୍ୱିନୀ ମାତ୍ର ୬ମାସର ହୋଇଥିବାବେଳେ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ଚାଲିବା ଶକ୍ତି ହରାଇଥିଲେ। ବାପା ଦିନ ମଜୁରିଆ ଭାବେ କାମ କରିବାକୁ ଯାଉଥିବାବେଳେ ଦୁର୍ଘଟଣାରେ ସେ ମଧ୍ୟ ନିଜର ଗୋଡ ହରାଇ ଥିଲେ। ଏହାପରେ ମା' କଳ୍ପନା ଏକ ବିଦ୍ୟାଳୟରେ କାମ କରି ୬ ପେଟ ପାଇଁ ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ଥିଲା। ଏ ପରିସ୍ଥିତିରେ ତେଜସ୍ୱିନୀ ନିଜେ କିଛି ରୋଜଗାର କରିବାକୁ ଅଣ୍ଟାଭିଡ଼ିଥିଲେ। ଦିବ୍ୟାଙ୍ଗ ଓ ପଡୋଶୀଙ୍କ କଟାକ୍ଷକୁ ଖାତିର ନ କରି ସ୍ୱାବଲମ୍ବୀ ହେବାକୁ ଦୃଢ ସଂକଳ୍ପ କରିଥିଲେ। ବହୁ କଷ୍ଟରେ ଦଶମ ପାସ୍ କରିବା ପରେ ଆଇଟିଆଇ ଟ୍ରେନିଂ ନେଇଥିଲେ। ଝିଅ ଚାକିରି କରୁ ବୋଲି ମା' ଚାହୁଁଥିଲେ ମଧ୍ୟ ତେଜସ୍ୱିନୀ ନିଜେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟକୁ ଚାକିରି ଦେବାକୁ ଅଣ୍ଟାଭିଡ଼ିଥିଲେ। ସେଥିପାଇଁ ସେ ଭୁବନେଶ୍ୱର ଚାଲି ଆସିଥିଲେ। ଗାଁରେ ଥିବାବେଳେ କିଛି କିଛି ସିଲେଇ ଓ ବୁଣାବୁଣି କାମ ଜାଣିଥିଲେ। ତେଣୁ ସେ ଭୁବନେଶ୍ୱରରେ ସିଲେଇ ସହ ହସ୍ତକଳା ସାମଗ୍ରୀର ଟ୍ରେନିଂ ନେଇଥିଲେ। ସାମନ୍ତରାପୁରରେ ରହୁଥିବା ତେଜସ୍ୱିନୀ ଏବେ ଜଣେ ସଫଳ କାରିଗର ଓ ଉଦ୍ୟୋଗୀ। କୁସନ୍, ତକିଆ ଖୋଳ, ପେଟିକୋଟ୍ ସହ ବିଭିନ୍ନ ହାତ ତିଆରି ସାମଗ୍ରୀ ତିଆର କରୁଛନ୍ତି। ଏହାବ୍ୟତୀତ କନ୍ଧମାଳ ହଳଦୀ, ପାମ୍ପଡ ସହିତ ନିଜ ବ୍ରାଣ୍ଡ(ତେଜସ୍ ପ୍ରଡକ୍ଟ)ର ହାତ ତିଆରି ଫିନାଇଲ୍, ହାଣ୍ଡୱାଶ୍ ଆଦି ବିକ୍ରି କରୁଛନ୍ତି। ଅନ୍ୟ ୭ଜଣ ଦିବ୍ୟାଙ୍ଗ ଯୁବତୀଙ୍କୁ ମଧ୍ୟ ନିୟୋଜିତ କରି ରୋଜଗାର ଦେଉଛନ୍ତି। ରାଜ୍ୟର ବିଭିନ୍ନ ମେଳାରେ ଷ୍ଟଲ ପକାଇ ନିଜ ସାମଗ୍ରୀକୁ ବିକ୍ରି କରୁଛନ୍ତି। ଯେଉଁଥିରୁ ତାଙ୍କର ମାସକୁ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ଆୟ ହେଉଛି। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଯେଉଁମାନେ ଦିନେ ତାଙ୍କୁ ଥଟ୍ଟା କରିବା ସହ ଅସହାୟ ବୋଲି ଦେଖାଇବାକୁ ଚେଷ୍ଟା କରୁଥିଲେ, ଏବେ ସେମାନେ ତେଜସ୍ୱିନୀଙ୍କ ଦକ୍ଷତା ଆଗରେ ହାର୍ ମାନିଛନ୍ତି। ଆଗକୁ ଆହୁରି ଅଧିକ କାମ କରିବା ସହ ଅଧିକ ଦିବ୍ୟାଙ୍ଗ ପିଲାଙ୍କୁ କିପରି ନିୟୋଜିତ କରିପାରିବେ ତାହା ତାଙ୍କର ଲକ୍ଷ୍ୟ ବୋଲି ତେଜସ୍ୱିନୀ କହିଛନ୍ତି। ଜଣେ ଦିବ୍ୟାଙ୍ଗ ହୋଇ ଅନ୍ୟ ଦିବ୍ୟାଙ୍ଗଙ୍କୁ ରୋଜଗାର ପ୍ରଦାନ କରିବା ନିଶ୍ଚିତ ପକ୍ଷେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବାସ୍ତବରେ ଅନ୍ୟ ଦିବ୍ୟାଙ୍ଗଙ୍କ ପାଇଁ ତେଜସ୍ୱିନୀ ଏକ ପ୍ରେରଣାର ଉତ୍ସ।



ଏକ ସଂସ୍ଥା ପକ୍ଷରୁ ତେଜସ୍ୱିନୀ(ଡାହାଣ)ଙ୍କୁ ପୁରସ୍କୃତ କରାଯାଉଛି।

# ଟି୨୦ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ୱେଲିଂଟନ,୭।୩ (ଏପି)**

ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୭ଟି ବଲ ବାକିଥାଇ ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜରେ ନ୍ୟୁଜିଲାଣ୍ଡ ୩-୨ ବ୍ୟବଧାନରେ ବାଜି ମାରିଛି। ସ୍ଥାନୀୟ ସ୍କାଏ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୦ ଓଭରରେ ୮ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୫.୩ ଓଭରରେ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ୪୬ ବଲରୁ ୭ ଚୌକା ଓ ୪ ଛକା ସହ ୭୧ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ସ୍ପିନର ଇଶ୍ ସୋଧି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।


ସିରିଜ୍ ବିଜୟୀ ନ୍ୟୁଜିଲାଣ୍ଡ ଦଳ।

୧୪୩ ରନ ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ଅତି ସହଜରେ ବିଜୟୀ ହୋଇଥିଲା। ଗୁପ୍ଟିଲଙ୍କ ୭୧ରନକୁ ବାଦ୍ ଦେଲେ ଡେଭନ କନ୍‌ୱେ ୩୬ ରନ ସଂଗ୍ରହ କରିଥିଲେ। ଅଧିନାୟକ କେନ୍ ୱିଲିୟମସନ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଗ୍ଲେନ୍ ଫିଲିପ୍ସ ୧୬ ବଲରୁ ୫ ଚୌକା ଓ ୨ ଛକା ସହ ୩୪ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ମାର୍କ ଚାମ୍ପିୟନ ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ରିଲେ ମେରେଡିଥ ୨ ଓ ଝେ ରିଚାର୍ଡସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ମାଥ୍ୟୁ ୱେଡ୍ ସର୍ବାଧିକ ୪୪, ଅଧିନାୟକ ଆରୋନ ଫିଞ୍ଚ୍ ୩୬, ମାର୍କସ ଷ୍ଟୋଇନିସ୍ ୨୬, ମିଚେଲ ମାର୍ଶ ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବୋଲିଂରେ ଇଶ୍ ସୋଧି ସର୍ବାଧିକ ୩, ଟିମ୍ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏ ଓ ମାର୍କ ଚପମାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୪୨/୮ (ୱେଡ- ୪୪, ଫିଞ୍ଚ୍- ୩୬, ଷ୍ଟୋଇନିସ୍- ୨୬, ମିଚେଲ ମାର୍ଶ- ୧୦, ସୋଧି- ୩/ ୨୪, ସୌଦି- ୨/୩୮, ବୋଲ୍ଟ- ୨/୨୬, ଚପମାନ- ୧/ ୯)। ନ୍ୟୁଜିଲାଣ୍ଡ ୧୫.୩ ଓଭରରେ ୧୪୩/୩ (ଗୁପ୍ଟିଲ- ୭୧, କନ୍‌ୱେ- ୩୬, ଫିଲିପ୍ସ- ୩୪*, ମେରେଡିଥ- ୨/୩୯, ରିଚାର୍ଡସନ- ୧/ ୧୯)।

# କଳିଙ୍ଗ ଷ୍ଟାଡିୟମରେ ୨ ଜାତୀୟ ହକି ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୭।୩ (ସ୍ପୋର୍ଟସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଗକୁ ଦୁଇଟି ଜାତୀୟ ହକି ଚାମ୍ପିୟନଶିପ୍ ଆୟୋଜନ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ନାଭାଲ ଟାଟା ହକି ଏକାଡେମୀର ମିଳିତ ଆନୁକୂଲ୍ୟରେ ପ୍ରଥମ ହକି ଇଣ୍ଡିଆ ଜୁନିୟର ମହିଳା ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ଓ ପ୍ରଥମ ହକି ଇଣ୍ଡିଆ ସବ୍‌ଜୁନିୟର ମହିଳା ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ହେବ। କଳିଙ୍ଗ ଷ୍ଟାଡିୟମରେ ମାର୍ଚ୍ଚ ୧୭ ତାରିଖରୁ ଏହି ଦୁଇଟି ଟୁର୍ନାମେଣ୍ଟ ଆରମ୍ଭ ହେବ।

ଜୁନିୟର ମହିଳା ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ୧୭ରୁ ୨୬ ମାର୍ଚ୍ଚ ମଧ୍ୟରେ ଆୟୋଜନ ହେବ। ସେହିପରି ସବ୍ ଜୁନିୟର ମହିଳା ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ମାର୍ଚ୍ଚ ୧୭ରୁ ୨୫ ତାରିଖ ମଧ୍ୟରେ ଖେଳାଯିବ। ଜୁନିୟର ମହିଳା ଚାମ୍ପିୟନଶିପ୍‌ରେ ୬ ଦିନଧରି ପୁଲ୍ ମ୍ୟାଚ୍ ଖେଳାଯିବ। ୨୩ ତାରିଖରେ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡିକ ଖେଳାଯିବ। ଏହାପରେ ଦୁଇଟି ସେମିଫାଇନାଲ ଓ ଫାଇନାଲ ଯଥାକ୍ରମେ ୨୫ ଓ ୨୬ ତାରିଖରେ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ମୋଟ ଉପରେ ୧୫ଟି ଦଳ ଅଂଶଗ୍ରହଣ କରିବେ। ସେହିପରି ସବ୍‌ଜୁନିୟର ମହିଳା ଏକାଡେମୀ ଚାମ୍ପିୟନଶିପ୍‌ରେ ୬ ଦିନ ଧରି ପୁଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ୨୪ ତାରିଖରେ ସେମିଫାଇନାଲ ଖେଳାଯିବ। ୨୫ ତାରିଖରେ ଫାଇନାଲ ଏବଂ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ଏଥିରେ ୧୦ଟି ଦଳ ଅଂଶଗ୍ରହଣ କରିବେ।

# ସମସ୍ତଙ୍କ ଲାଗି ସୁଯୋଗ

**ବାଇଚୁଙ୍ଗ ଭୁଟିଆ**

ହିରୋ ଇଣ୍ଡିଆ ସୁପର ଲିଗ୍‌ର ପ୍ରଥମ ଲେଗ୍‌ର ସେମିଫାଇନାଲ ସଂଘର୍ଷପୂର୍ଣ୍ଣ ଥିଲା। ଦ୍ୱିତୀୟ ଲେଗ୍‌ର ରୋମାଞ୍ଚକ ଓ ଆମୋଦାୟକ ହେବ ବୋଲି ଆଶା। ଗ୍ରାଣ୍ଡ ଫାଇନାଲ ପାଇଁ ସମସ୍ତ ୪ଟି ଦଳ ଲାଗି ସୁଯୋଗ ରହିଛି। ଫୁଟ୍‌ବଲରେ ଲିଗ୍ ଓ ନକ୍‌ଆଉଟ ପର୍ଯ୍ୟାୟ ମଧ୍ୟରେ ଅନେକ ଫରକ ରହିଛି। ନକ୍‌ଆଉଟ ପର୍ଯ୍ୟାୟରେ କୌଣସି ଦଳକୁ ଫେଭରାଇଟ ବୋଲି ଦୃଢ଼ତାର ସହ କହିହେବ ନାହିଁ। ପ୍ରତ୍ୟେକ ଦଳ ଚାପରେ ରହିବେ। ମୁମ୍ବାଇ ସିଟି ଏଫ୍‌ସି ଏଥର ଭାଗ୍ୟଶାଳୀ ରହିଛି। ଦଳ ଦୁଇଥର ପଛରେ ପଡ଼ି ପୁଣି ପ୍ରତ୍ୟାବର୍ତ୍ତନ କରିଛି। ଦଳର ଦୃଢ଼ ଆତ୍ମବିଶ୍ୱାସ ରହିଛି। ଦଳର ପ୍ରମୁଖ ଖେଳାଳି ହେଲେ ଡିଫେଣ୍ଡର ମୋର୍ଟାଡା ଫଲ୍। ସେ ସବୁବେଳେ ବିପକ୍ଷ ଦଳ ଟାର୍ଗେଟରେ ରହିଥାନ୍ତି। ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଦ୍ୱିତୀୟ ସେମିଫାଇନାଲର ପ୍ରଥମ ଲେଗ୍‌ରେ କୌଣସି ପ୍ରକାରେ ଏଟିକେ ମୋହନବାଗାନ ସହ ଡ୍ର ରଖିବାରେ ସମର୍ଥ ହୋଇଛି। ଏହି ଦଳ ଯଦି ଫାଇନାଲକୁ ଯାଏ ମୁଁ ବହୁତ ଖୁସି ହେବି। ନର୍ଥଇଷ୍ଟ ଅଞ୍ଚଳକୁ ଭାରତୀୟ ଫୁଟ୍‌ବଲର ନର୍ସରୀ ବୋଲି କୁହାଯାଉଛି। ଏହି ଅଞ୍ଚଳରୁ ବହୁ ଭଲ ଭଲ ଖେଳାଳି ବାହାରିଛନ୍ତି। ସଦ୍ୟତମ ଖେଳାଳି ହେଲେ ଲାଲେଙ୍ଗମାୱିଆ। କୌଣସି ବିଷୟ କହିବାକୁ ସହଜ କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ସହଜ ହୋଇ ନ ପାରେ। ଦ୍ୱିତୀୟ ଲେଗ୍‌ରେ ଏଟିକେ ମୋହନବାଗାନକୁ ପରାସ୍ତ କରିବା କଷ୍ଟକର ହୋଇପାରେ କିନ୍ତୁ ଅସମ୍ଭବ ନୁହେଁ। ମୋହନବାଗାନ ଯୋଜନାବଦ୍ଧ ଭାବେ ଅଧିକ ସଂଗଠିତ ହୋଇ ଏହି ମ୍ୟାଚ ଖେଳିପାରେ।

ସେ ତୁଳନାରେ ମୁମ୍ବାଇ ଓ ଗୋଆ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ମୁମ୍ବାଇ ଏକ ସନ୍ତୁଳିତ ଦଳ ହୋଇଥିବାରୁ ଏହା ଫେଭରାଇଟ୍ ରହିବା ସ୍ୱାଭାବିକ। କିନ୍ତୁ ଫୁଟ୍‌ବଲରେ ଆଶ୍ଚର୍ଯ୍ୟଜନକ ଫଳାଫଳ ଦେଖିବାକୁ ମିଳିଥାଏ। ୯୦ ମିନିଟ ଖେଳରେ ଯଦି ମୀମାଂସା ନ ହୁଏ ତେବେ ଅତିରିକ୍ତ ସମୟ ଆବଶ୍ୟକ ପଡ଼ିଲେ ଫଳାଫଳ ନିର୍ଣ୍ଣୟ ପାଇଁ ଟାଇବ୍ରେକର ପର୍ଯ୍ୟାୟକୁ ଯାଇପାରେ। କହିବାକୁ ଗଲେ ଦୁଇ ଦଳ ପାଇଁ ଏହା ଏକ ବଡ଼ ପରୀକ୍ଷା। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ରାଜ୍ୟ ମାଷ୍ଟର୍ସ ଆଥ୍‌ଲେଟିକ ମିଟ୍ ୧୪ରେ

**ଭୁବନେଶ୍ୱର, ୭।୩(କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ମାଷ୍ଟର୍ସ ଆଥ୍‌ଲେଟିକ ମିଟ୍‌ର ୩୦ତମ ସଂସ୍କରଣ ବ୍ରହ୍ମପୁରର ଖଲ୍ଲିକୋଟ ଷ୍ଟାଡିୟମରେ ଚଳିତମାସ ୧୪ ତାରିଖରେ ଅନୁଷ୍ଠିତ ହେବ। ୩୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ବୟସ ପ୍ରମାଣପତ୍ର ସହ ୧୦୦ ଟଙ୍କା ଏଣ୍ଟ୍ରି ଫି' ମାଧ୍ୟମରେ ପ୍ରତିଯୋଗୀ ନିଜ ନାମ ପଞ୍ଜୀକୃତ କରିବା ଜରୁରୀ ବୋଲି ଆୟୋଜକ ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରକାଶ କରିଛନ୍ତି। ଆବଶ୍ୟକ ହେଲେ ପ୍ରତିଯୋଗୀମାନେ ଉପସଭାପତି କେ. ଚିତ୍ରାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଏକ ପ୍ରେସ୍ ବିବୃତି ମାଧ୍ୟମରେ ସେ ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ଡବଲ୍ସ କ୍ୟାରମ୍ ଉଦ୍‌ଯାପିତ



ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ବିଜୟୀ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

**ବାଙ୍କୀ,୭।୩(ସ୍ୱ.ପ୍ର.)**

ବାଙ୍କୀ ଟାଉନସ୍ଥିତ ଆଦିମାତା କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କ୍ୟାରମ୍ ଡବଲ୍ସ ଚାମ୍ପିୟନଶିପ୍ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆଦିମାତା କ୍ଲବ୍ ଏବଂ ଭୁବନେଶ୍ୱର ଜିଲା କ୍ୟାରମ୍ ବୋର୍ଡର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ୩୨ ଦଳର ୬୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ପୁରୀ ଜିଲା କଣାସର ଗୌତମ ଭୋଳ ଓ ପି.ଭି .ସ୍ମୃତି ଚାମ୍ପିୟନ ହୋଇଥିବାବେଳେ ଜଟଣୀର ଡି.କୋଟି ଓ ତ୍ରିନାଥ ବେହେରା ରନର୍ସଅପ୍ ହୋଇଥିଲେ। ୩ୟ ସ୍ଥାନରେ ଭୁବନେଶ୍ୱରର ଏସ୍.ଆର. ସାମନ୍ତରାୟ, ଜେ.କେ. ରାଉତରାୟ ଏବଂ ୪ର୍ଥ ସ୍ଥାନରେ ପୁରୀର ଦେବୀପ୍ରସାଦ ଓ ଅମିୟ ବଳିୟାର ସିଂହ ରହିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୮ହଜାର ଟଙ୍କା, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା, ମାନପତ୍ର, ୩ୟ ସ୍ଥାନ ଅଧିକାର କରିଥିବା ଦଳକୁ ୨ ହଜାର ଟଙ୍କା, ୪ର୍ଥରେ ରହିଥିବା ଦଳକୁ ଏକ ହଜାର ଟଙ୍କା ଦିଆଯାଇଥିଲା। ଅନ୍ୟତମ ଅତିଥିଭାବେ ଶ୍ରୀନିବାସ ବେହେରା, ସୁବାସ ଚନ୍ଦ୍ର ପାଢୀ, ସନ୍ତୋଷ କୁମାର ରଣା, ସନାତନ ବେହେରା ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାରେ ଆଦିମାତା କ୍ଲବ ସଭାପତି ବୃନ୍ଦାବନ ପ୍ରଧାନ ସଭାପତିତ୍ୱ କରିଥିଲେ। ଆକାଶ ମହାନ୍ତି ଓ ମାନସ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସିନ୍ଧୁ ରନର୍ସ ଅପ୍

**ବାସେଲ, ୭।୩(ପି.ଟି.):** ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ହାରି ରନର୍ସ ଅପ୍ ହୋଇଛନ୍ତି। ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ ସ୍ପେନର କାରୋଲିନା ମାରିନ୍‌ଙ୍କଠାରୁ ସେ ୧୨-୨୧, ୫-୨୧ରେ ପରାସ୍ତ ହୋଇଛନ୍ତି। ରବିବାର ଫାଇନାଲ ମ୍ୟାଚ ମାତ୍ର ୩୫ ମିନିଟ୍‌ରେ ଶେଷ ହୋଇଥିଲା। ସ୍ପିଡ୍ ଓ ଆକ୍ୟୁରେସିରେ ସେ ମାରିନଙ୍କ ସମକକ୍ଷ ହୋଇପାରି ନ ଥିଲେ। ମାରିନ୍‌ଙ୍କଠାରୁ ସିନ୍ଧୁଙ୍କର ଏହା ହେଉଛି କ୍ରମାଗତ ତୃତୀୟ ପରାଜୟ। ସ୍ପାନିଶ ଖେଳାଳି ଜାନୁୟାରୀରେ ଥାଇଲାଣ୍ଡରେ ଉଭୟ ସୁପର ୧୦୦୦ ଇଭେଣ୍ଟ ଜିତିଥିଲେ। ପରେ ଏଚ୍‌ଏସ୍‌ବିସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ରନର୍ସ ଅପ୍ ହୋଇଥିଲେ। ବିଶ୍ୱର ୩ ନମ୍ବର ଖେଳାଳି ମାରିନ ଆହୁରି ମଧ୍ୟ ୨୦୧୬ ରିଓ ଅଲିମ୍ପିକ୍ସ ଫାଇନାଲରେ ସିନ୍ଧୁଙ୍କୁ ପରାସ୍ତ କରିଥିଲେ।

# ଆଫ୍ରିଦୀଙ୍କ ଝିଅକୁ ବାହାହେବେ ଶାହିନ

**କରାଚୀ, ୭।୩ (ପି.ଟି.):** ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ଶାହିଦ ଆଫ୍ରିଦୀଙ୍କ ଝିଅ ଆକ୍‌ସାଙ୍କୁ ବିବାହ କରିବେ ବର୍ତ୍ତମାନ ଜାତୀୟ ଦଳର ପେସ୍ ବୋଲର ଶାହିନ ଶାହ ଆଫ୍ରିଦୀ। ଆଫ୍ରିଦୀ କହିଛନ୍ତି ଶାହିନଙ୍କ ପରିବାର ତାଙ୍କ ଝିଅକୁ ବୋହୂ କରି ନେବାଲାଗି ପ୍ରସ୍ତାବ ଦେଇଥିଲେ। ଉଭୟ ପରିବାର ବିବାହ ପ୍ରସ୍ତାବରେ ରାଜି ହୋଇଛନ୍ତି। ଖୁବ୍ ଶୀଘ୍ର ବିବାହ ତାରିଖ ଘୋଷଣା କରାଯିବ। ଶାହିନଙ୍କ ପିତା ଆୟାଜ ଖାନ୍ ମଧ୍ୟ ଏ ବିଷୟ ସ୍ପଷ୍ଟ କରିଛନ୍ତି। ଉଭୟ ଆଫ୍ରିଦୀ ଓ ଶାହିନଙ୍କୁ ନିକଟରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ରେ ଦେଖିବାକୁ ମିଳିଥିଲା। ବହୁ କରୋନା ପଜିଟିଭ ଚିହ୍ନଟ ପରେ ଟୁର୍ନାମେଣ୍ଟକୁ ଅଧାରୁ ସ୍ଥଗିତ ରଖାଯାଇଥିଲା।


ପିତା ଶାହିଦ ଆଫ୍ରିଦୀଙ୍କ ସହ ଆକ୍‌ସା। ଶାହିନ ଶାହ ଆଫ୍ରିଦୀ।

# ମହିଳା କ୍ରିକେଟ ଦଳର ବୃହତ୍ ପରାଜୟ

**ଲକ୍ଷ୍ନୌ, ୭।୩ (ପି.ଟି.):** ଦୀର୍ଘଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଭାରତୀୟ ମହିଳା କ୍ରିକେଟ ଦଳ ବଡ଼ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୮ ଉଇକେଟରେ ଭାରତକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୦.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୨୮ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଶବନିମ ଇସ୍‌ମାଇଲ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

# କେନ୍ଦ୍ରାପଡ଼ା ବାଲବାବାକୁ ହରାଇଲା ଶ୍ରାବଣୀ ଏକାଦଶ

**ସିଂହପୁର,୭।୩(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର କାକୁଡ଼ି ପଡ଼ିଆରେ ଅନୁଷ୍ଠିତ ଷଷ୍ଠ ରାଜ୍ୟସ୍ତରୀୟ ଶ୍ରାବଣୀ କପର ଦ୍ୱିତୀୟ ଦିବସ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରାପଡ଼ା ବାଲବାବା ଟିମ୍‌କୁ ହରାଇ ଶ୍ରାବଣୀ ଏକାଦଶ ବିଜୟୀ ହୋଇଛି। ମ୍ୟାଚ୍‌ରେ ପ୍ରଥମେ ଶ୍ରାବଣୀ ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା। କେନ୍ଦ୍ରାପଡ଼ା ବାଲବାବା ଟିମ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୮୪ ରନ କରି ପରାଜିତ ହୋଇଥିଲା। ନିରଞ୍ଜନ ଦାଶ ଓ ବିଭୂତି ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସୋଏବ ଅହେମଦ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ଦେବପ୍ରିୟଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଯାଜପୁର ଇଲେଭେନ ଷ୍ଟାର ଶ୍ରାବଣୀ ଇଲେଭେନକୁ ଭେଟିବ ବୋଲି କ୍ଲବ ପରିଚାଳକ ପ୍ରକାଶ ସାମଲ ସୂଚନା ଦେଇଛନ୍ତି।

# ପ୍ରାଚୀ ମେମୋରିଆଲ କ୍ରିକେଟରେ ୧୬ ଦଳ

**ଭୁବନେଶ୍ୱର, ୭।୩(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ୧୬ ତାରିଖରୁ ଆରମ୍ଭ ହେବ। ଏଥିରେ କଟକ ଓ ଭୁବନେଶ୍ୱରର ୧୬ଟି ଦଳ ଭାଗ ନେବେ। ଏହା ମଧ୍ୟରେ ଭୁବନେଶ୍ୱର ୧୦ ଓ କଟକର ୬ ଦଳ ସାମିଲ। ରଙ୍ଗିନ ପୋଷାକ ଏବଂ ଧଳା ଡ୍ୟୁଜ ବଲ୍‌ରେ ମ୍ୟାଚ ଖେଳାଯିବ। ପ୍ରତି ଦଳରେ ୧୯ ବର୍ଷରୁ କମ୍ ୭ ଏବଂ ୧୬ବର୍ଷରୁ କମ୍ ୪ଜଣ ଖେଳାଳି ଖେଳିବା ବାଧ୍ୟତାମୂଳକ ବୋଲି ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ପ୍ରତି ମ୍ୟାଚ ୩୦ ଓଭର ବିଶିଷ୍ଟ ହେବ। ପ୍ରତ୍ୟେକ ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ। ଏପ୍ରିଲ ୪ରେ ହେବାକୁ ଥିବା ଫାଇନାଲ ଅବସରରେ ପ୍ରତିବର୍ଷ ଭଳି ୫ଜଣ ସୁନାମଧନ୍ୟ ଅମ୍ପାୟରଙ୍କୁ ସୌମ୍ୟ ରଞ୍ଜନ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯିବ।

ପ୍ରତିଯୋଗିତା ପାଇଁ କୌଣସି ଏଣ୍ଟ୍ରି ଫି' ନାହିଁ। ଭାଗ ନେବାକୁ ଯାଉଥିବା ୧୬ ଦଳକୁ ୨ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ 'ଏ'ରେ ପାରାମାଉଣ୍ଟ ସ୍ପୋର୍ଟିଂ, ଟାଉନ୍ କ୍ଲବ, ଜାଗୃତି କ୍ରିକେଟ ଏକାଡେମୀ, ରେଡ୍ ଷ୍ଟାର, ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ, ବିଶ୍ୱଭାରତୀ କ୍ରିକେଟ କ୍ଲବ, ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ରାମେଶ୍ୱର ସ୍ପୋର୍ଟିଂ, ପ୍ରଗତି ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ସହିଦ ସ୍ପୋର୍ଟିଂ, ୟୁନିୟନ ସ୍ପୋର୍ଟିଂ, ସୋଲାର କ୍ରିକେଟ ଏକାଡେମୀ, ରାଇଜିଂ ଷ୍ଟୁଡେଣ୍ଟ ଓ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ସାମିଲ ଅଛି। ୧୬ ତାରିଖରେ ପାରାମାଉଣ୍ଟ ଓ ନିମପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଏପ୍ରିଲ ୧ ଓ ୨ରେ ସେମିଫାଇନାଲ ଏବଂ ୪ରେ ଫାଇନାଲ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଜୟଦେବ କଲେଜ ଭାଇସ୍ ପ୍ରିନ୍ସିପାଲ ଲକ୍ଷ୍ମୀକାନ୍ତ ରାୟ, ସ୍ପୋର୍ଟ୍ସ ଅଫିସର ଦକ୍ଷବ୍ରହ୍ମା ରାଉତରାୟ, ଆସୋସିଏଶନ ଉପସଭାପତି ବଲ୍ଲଭ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ତପନ କୁମାର ସାହୁ, ପ୍ରଦୀପ ଜେନା, ସି.ପି. ମହାପାତ୍ର, ପବିତ୍ର ପ୍ରଧାନ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାଝାପଡ଼ା, ସୁବ୍‌ଡେଗା ଦଳକୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୭।୩(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍ ପ୍ରଥମ ସଂସ୍କରଣର ଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଳିକା ବର୍ଗରେ ଅଳନ୍ଦାକୁ ୨-୦ ଗୋଲରେ ହରାଇ ମାଝାପଡ଼ା ଏବଂ ବାଳକ ବିଭାଗରେ ମାଝାପଡ଼ାକୁ ୨-୦ ଗୋଲରେ ହରାଇ ସୁବ୍‌ଡେଗା ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫାଇନାଲ ପୂର୍ବରୁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ବାଳିକା ବର୍ଗରେ ନୂଆ ଗାଁକୁ ୪-୩ ଗୋଲରେ ହରାଇ କଡୋବାହାଲ ଏବଂ ବାଳକରେ କଡୋବାହାଲକୁ ୪-୨ ଗୋଲରେ ହରାଇ ପୁରୁଣାପାଣି ବ୍ରୋଞ୍ଜ ପଦକ ହାସଲ କରିଛି। ମାଝାପଡ଼ାର ପୂଜା ମାଝି ଶ୍ରେଷ୍ଠ ବାଳିକା ଖେଳାଳି ଏବଂ ଅଙ୍କିତା କେର୍କେଟା ଶ୍ରେଷ୍ଠ ବାଳିକା ଗୋଲକିପର ପୁରସ୍କାର ପାଇଛନ୍ତି। ସେହିପରି ବାଳକରେ ସୁବ୍‌ଡେଗାର ଅଙ୍କିତ ମିଞ୍ଜ ଶ୍ରେଷ୍ଠ ଖେଳାଳି ଏବଂ ଦିଲସାନ ଡୁଙ୍ଗଡୁଙ୍ଗ ଶ୍ରେଷ୍ଠ ଗୋଲକିପର ପୁରସ୍କାର ହାସଲ କରିଛନ୍ତି। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା, ଟାଟା ଷ୍ଟିଲ୍‌ର ଚିଫ୍ ରେସିଡେଣ୍ଟ ଏକ୍ଜିକ୍ୟୁଟିଭ୍ ଦେବାଶିଷ ଜେନା, ଆପୋଲୋ ହସ୍ପିଟାଲର ଆଞ୍ଚଳିକ ସିଇଓ ସୁଧୀର ଦିଗିକର ଏବଂ ଓଡ଼ିଶା ନାଭାଲ ଟାଟା ହକି ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

ଆଷ୍ଟ୍ରୋ ଟର୍ଫ ହକିର କୌଣସି ଅଭିଜ୍ଞତା ନ ଥାଇ ଯୁବ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଖେଳ ବେଶ୍ ଉପଭୋଗ୍ୟ ଥିଲା ବୋଲି ଦିଲୀପ ପ୍ରକାଶ କରିଥିଲେ। ହକିର ଭବିଷ୍ୟତ ଭାବେ ଉଭା ହେବାକୁ ଯାଉଥିବା ଏହି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିବାରୁ ଓଡ଼ିଶା ସରକାର ଏବଂ ଏଚ୍‌ପିସିକୁ ସେ ଧନ୍ୟବାଦ ଜଣାଇଥିଲେ। ଅନ୍ୟପକ୍ଷରେ ହକି ଯୁବ ପ୍ରତିଭାଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ଭିନିଲ। ତୃଣମୂଳ ସ୍ତରରେ ବାଳିକା ଓ ବାଳକମାନେ ଯେପରି ଖେଳିଲେ ତାହାକୁ ନେଇ ସେ ଗର୍ବିତ ଏବଂ ଭବିଷ୍ୟତରେ ଏପରି ଆହୁରି ଅନେକ ଟୁର୍ନାମେଣ୍ଟ ମାଧ୍ୟମରେ ଅଧିକରୁ ଅଧିକ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ ବୋଲି ସେ ପ୍ରକାଶ କରିଛନ୍ତି। ଦେବାଶିଷ କହିଥିଲେ ଯେ ଯୁବ ପ୍ରତିଭାବାନ୍ ଖେଳାଳିଙ୍କ ମଧ୍ୟରେ ମୁଁ ଅନେକ ଦିଲୀପ ତିର୍କୀଙ୍କୁ ଦେଖୁଛି, ଯେଉଁମାନେ ଭବିଷ୍ୟତରେ ଭାରତର ପ୍ରତିନିଧିତ୍ୱ କରିପାରିବେ।

**ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍**

ପ୍ରକାଶଯୋଗ୍ୟ ଯେ ହକିର ଉଦୀୟମାନ ପ୍ରତିଭାଙ୍କୁ ପ୍ରସ୍ତୁତ କରିବା ଏବଂ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ଗଠନ କରିବା ଲକ୍ଷ୍ୟନେଇ ଭୁବନେଶ୍ୱରରେ ସ୍ଥାପିତ ଏଚ୍‌ପିସି ପକ୍ଷରୁ ଆୟୋଜିତ ପ୍ରଥମ ଗ୍ରାସ୍‌ରୁଟ୍ ଲିଗ୍‌ରେ କାର୍ଯ୍ୟକ୍ଷମ ଥିବା ୧୨ ସେଣ୍ଟର ମଧ୍ୟରୁ ୧୦ ସେଣ୍ଟରର କ୍ୟାଡର୍‌ମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୫ରୁ ୨୧ ପର୍ଯ୍ୟନ୍ତ ଚାଲିଥିଲା। ଅନ୍ତିମ ପର୍ଯ୍ୟାୟ ମାର୍ଚ୍ଚ ୨ରୁ ୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦର୍ଶନ ଆଧାରରେ ଶର୍ଟଲିଷ୍ଟ ହୋଇଥିବା ୪ଟି ଲେଖାଏ ବାଳିକା ଓ ବାଳକ ଦଳ ଭାଗ ନେଇଥିଲେ।



ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍ ପ୍ରଥମ ସଂସ୍କରଣର ପୁରୁଷ ଓ ମହିଳା ବିଭାଗରେ ସ୍ୱର୍ଣ୍ଣପଦକ ବିଜେତା ସୁବ୍‌ଡେଗା ଓ ମାଝାପଡ଼ା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ଚୁଇଂଗମ୍ ଖାଇଲେ ଜେଲ

ବିଶ୍ୱର ଅନ୍ୟତମ ସ୍ୱଚ୍ଛ ଦେଶ ଭାବେ ଜଣା ସିଙ୍ଗାପୁରରେ ଚୁଇଂଗମ ଉପରେ ପ୍ରତିବନ୍ଧକ ଲଗାଯାଇଛି। କେବଳ ଖାଇବା ନୁହେଁ, ଏହାକୁ କିଣିବା, ବିକିବା, ସାଥିରେ ନେବା ଉପରେ ମଧ୍ୟ କଟକଣା ରହିଛି। ଚୁଇଂଗମ ଖାଇ ସାରିବା ପରେ ଲୋକେ ଏହାକୁ ରାସ୍ତାଘାଟରେ ଫିଙ୍ଗି ଦିଅନ୍ତି। ଏହାକୁ ସଫା କରିବାରେ ଅଧିକ ପରିଶ୍ରମ କରିବାକୁ ପଡ଼େ। ତେଣୁ ୧୯୯୨ରୁ ଦେଶରେ ଏଭଳି ଆଇନ ରହିଛି। ୨୦୦୪ରେ ଏଥିରେ କିଛି ପରିବର୍ତ୍ତନ କରାଯାଇଥିଲା। ଡାକ୍ତର ଓ ସ୍ୱୀକୃତିପ୍ରାପ୍ତ ଫାର୍ମାସିଷ୍ଟଙ୍କ ନିକଟରେ ମିଳୁଥିବା ଥେରାପେଟିକ, ଡେଣ୍ଟାଲ ଓ ନିକୋଟିନ ଚୁଇଂଗମ୍ ପାଇଁ ଅନୁମତି ରହିଛି।

# ଖାଦ୍ୟ ନଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ

**ଖାଦ୍ୟାଭାବ ବିଶ୍ୱର ଏକ ପ୍ରମୁଖ ସମସ୍ୟା। ବହୁ ସଂଖ୍ୟାର ଲୋକ ଏଥିରେ ଯୁଝି ହୋଇ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ୨୦୧୯ରେ ୬୯ କୋଟି ଖାଦ୍ୟାଭାବ ଭୋଗୁଥିବାବେଳେ କୋଭିଡ୍ ଯୋଗୁ ଏହି ସମସ୍ୟା ବହୁଗୁଣିତ ହୋଇଛି। ଏ ସବୁ ଭିତରେ ଚିନ୍ତା ବଢ଼ାଇଛି ବିପୁଳ ମାତ୍ରାରେ ଖାଦ୍ୟ ନଷ୍ଟ। କେବଳ ୨୦୧୯ରେ ୯୩ କୋଟି ୧୦ ଲକ୍ଷ ଟନ୍ ଖାଦ୍ୟ ବରବାଦ୍ ହୋଇଛି, ଯାହା କି ମୋଟ ଉପଲବ୍ଧ ଖାଦ୍ୟର ୧୭ ପ୍ରତିଶତ। ବର୍ଷକୁ ସର୍ବାଧିକ ଖାଦ୍ୟ ନଷ୍ଟ କରିବାରେ ଅଷ୍ଟ୍ରେଲିଆ ତାଲିକାର ଶୀର୍ଷରେ ଥିବାବେଳେ ଭାରତ ମଧ୍ୟ ଏଥିରେ ସାମିଲ ରହିଛି।**



**କାନ୍‌ବେରା:** ସମଗ୍ର ବିଶ୍ୱର ଅର୍ଥନୀତିକୁ ଦୁର୍ବଳ କରିଛି କୋଭିଡ୍ ମହାମାରୀ। ଆର୍ଥିକ ସମସ୍ୟା ସହ ସ୍ୱାସ୍ଥ୍ୟ ଓ ଖାଦ୍ୟ ସଙ୍କଟ ଉତ୍କଟ ହୋଇଛି। ଖାଦ୍ୟାଭାବ ଯୋଗୁ ଦୁନିଆରେ କୋଟି କୋଟି ସଂଖ୍ୟାର ଲୋକ ବଞ୍ଚିବାକୁ ସଂଘର୍ଷ କରୁଥିବାବେଳେ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନ ପକ୍ଷରୁ ପ୍ରକାଶିତ ତଥ୍ୟ ଚିନ୍ତା ବଢ଼ାଇଛି। ୨୦୧୯ରେ ୯୩ କୋଟି ୧୦ ଲକ୍ଷ ଟନ୍ ଖାଦ୍ୟ ନଷ୍ଟ ହୋଇଥିବା ଜାତିସଂଘ ପକ୍ଷରୁ ପ୍ରକାଶ ପାଇଛି। ଅନେକ ଦେଶ ବିପୁଳମାତ୍ରାରେ ଖାଦ୍ୟ ଫିଙ୍ଗୁ ଥିବାରୁ ଆଗକୁ ଏହା ବହୁତ ବଡ଼ ସମସ୍ୟା ହୋଇ ଉଭାହେବ ବୋଲି ଜାତିସଂଘ ଚେତାଇ ଦେଇଛି।

ଖାଦ୍ୟ ନଷ୍ଟ କରିବାରେ ଆଗୁଆ ରହି ଏକ ଖରାପ ରେକର୍ଡ କରିବାରେ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ରହିଛି। ଏଠାରେ ପ୍ରତ୍ୟେକ ବ୍ୟକ୍ତି ୩୬୧ କିଲୋଗ୍ରାମ୍‌ର ଖାଦ୍ୟ ପ୍ରତିବର୍ଷ ନଷ୍ଟ କରିଥାନ୍ତି। ଅଷ୍ଟ୍ରେଲିଆ ତଳକୁ ଆମେରିକା ରହିଛି। ଆମେରିକାରେ ଜଣେ ବ୍ୟକ୍ତି ପିଛା ୨୭୮ କେଜି ଖାଇବା ପଦାର୍ଥ ଫିଙ୍ଗା ଯାଇଥାଏ। ଏହା ସହ ଭାରତ ମଧ୍ୟ ଏଭଳି ରେକର୍ଡ ତାଲିକାରେ ସାମିଲ ଅଛି। ୪ ମାର୍ଚ୍ଚରେ ଜାତିସଂଘର ପର୍ଯ୍ୟାବରଣ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଖାଦ୍ୟ ନଷ୍ଟ ହେବା ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ ପ୍ରକାଶିତ ତଥ୍ୟ ଅନୁସାରେ, ଭାରତରେ ପ୍ରତିବର୍ଷ ଜଣେ ବ୍ୟକ୍ତି ପ୍ରାୟ ୫୦ କେଜି ଖାଦ୍ୟ ନଷ୍ଟ କରିଥାନ୍ତି। ଅଧିକ ମାତ୍ରାରେ ଖାଦ୍ୟ ଘର ଭିତରେ ହିଁ ନଷ୍ଟ ହୋଇଥାଏ। ଆବଶ୍ୟକତାରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରିବା ପରେ ଏହାକୁ ଫୋପାଡିବାରେ ଲୋକେ ସଙ୍କୋଚବୋଧ କରି ନ ଥାନ୍ତି। ଏହା ପରେ ରେଷ୍ଟୁରାଣ୍ଟ, ହୋଟେଲରେ ବହୁ ପରିମାଣରେ ଖାଇବା ଫିଙ୍ଗା ଯାଇଥାଏ। ଅନ୍ୟପକ୍ଷରେ ଠିକ୍ ଭାବେ ଗଚ୍ଛିତ ହୋଇ ପାରୁ ନ ଥିବା ଖାଦ୍ୟ ସାମଗ୍ରୀ କିଛି ଦିନ ପରେ ନଷ୍ଟ ହୋଇଯାଉଥିବାରୁ ତାହା ମଧ୍ୟ ଫିଙ୍ଗି ଦିଆଯାଇଥାଏ।

ଭାରତଠାରୁ ଦକ୍ଷିଣ ଏସିଆର ଅନେକ ଦେଶ ଖାଦ୍ୟ ନଷ୍ଟରେ ଆଗୁଆ। ସେଥିମଧ୍ୟରେ ପାକିସ୍ତାନ ରହିଛି। ସେଠାରେ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ୭୪ କେଜି ଖାଇବା ସମୟରେ ନଷ୍ଟ କରିଥାନ୍ତି। ଦକ୍ଷିଣ ଏସିଆ ଦେଶ ସୂଚୀରେ ଆଫଗାନିସ୍ତାନ ଶୀର୍ଷରେ ରହିଛି। ଏଠାରେ ମୁଣ୍ଡ ପିଛା ୮୨ କେଜି ଖାଦ୍ୟ ଫିଙ୍ଗାଯାଇଥାଏ। ଏହା ତଳକୁ ନେପାଳ, ଶ୍ରୀଲଙ୍କା, ବାଂଲାଦେଶ ମଧ୍ୟ ରହିଛି। ୟୁରୋପିଆନ ଦେଶ ବେଲଜିୟମରେ ୨୦୧୯ରେ ସର୍ବାଧିକ ମାତ୍ରାରେ ଖାଦ୍ୟ ନଷ୍ଟ ହୋଇଥିବା ରିପୋର୍ଟରୁ ଜଣାପଡିଛି। ଚାଇନା ମଧ୍ୟ ଏଭଳି ତାଲିକାରୁ ବାଦ୍ ପଡ଼ିନି।

ବିକାଶଶୀଳ ଦେଶଗୁଡ଼ିକରେ ଆବଶ୍ୟକତା ମୁତାବକ ଖାଦ୍ୟ ଭଣ୍ଡାର ନ ଥିବା କାରଣରୁ ବିପୁଳ ମାତ୍ରାରେ ଖାଦ୍ୟ ସାମଗ୍ରୀ ନଷ୍ଟ ହେଉଥିବା ଜଣାଯାଇଛି। କିନ୍ତୁ ବିକାଶିତ ଦେଶଗୁଡ଼ିକରେ ମୁଖ୍ୟତଃ ରେଷ୍ଟୁରାଣ୍ଟ, ହୋଟେଲ ଆଦିରେ ଖାଦ୍ୟ ଫୋପଡା ଯାଇଥାଏ।

# ଭୋକିଲାଙ୍କ ପାଇଁ ସାଇକେଲ ଯାତ୍ରା



**ଇମ୍ଫାଲ:** ଲୋକମାନଙ୍କ ସେବା କରିବା ପାଇଁ କିଛି ବ୍ୟକ୍ତି ନିଜକୁ ସମର୍ପିତ କରି ଦେଇଥା'ନ୍ତି। ନିଜର ସମୟ, ଅର୍ଥ ସବୁର ପ୍ରତି ବଦଳରେ ସେମାନେ କେବଳ ଚାହାନ୍ତି ଅନ୍ୟର ଉପକାର। ଠିକ୍ ଏମିତି ଜଣେ ଭିନ୍ନ ମଣିଷ ହେଉଛନ୍ତି ରୋହନ ଫିଲେମ୍ ସିଂହ। ସମାଜର ବିଭିନ୍ନ ସମସ୍ୟା ନେଇ ଜନ ସଚେତନତା ସୃଷ୍ଟି କରୁଥିବା ରୋହନ ଏବେ ଭୋକିଲାମାନଙ୍କ ମୁହଁରେ ଆହାର ଦେବା ପାଇଁ ସାଇକେଲରେ ଦେଶ ଭ୍ରମଣ ଆରମ୍ଭ କରିଛନ୍ତି।

ମଣିପୁରର ରୋହନ ଫିଲେମ୍ ସିଂହ ଏବେ ଏକ ସାଇକେଲ ଯୋଗେ ଆରମ୍ଭ କରିଛନ୍ତି ଦେଶ ଭ୍ରମଣ। ମାସ ମାସ ଧରି ବିଭିନ୍ନ ରାଜ୍ୟକୁ ସେ ସାଇକେଲରେ ଯାତ୍ରା କରୁଛନ୍ତି। ତାଙ୍କର ଏଭଳି ଯାତ୍ରା ପଛରେ କୌଣସି ରେକର୍ଡ କରିବା କି ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ବରଂ ବିଭିନ୍ନ ଅଞ୍ଚଳରେ ଥିବା ଭୋକିଲା ଲୋକଙ୍କ ପାଇଁ ଖାଦ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ସେ ଏହି ସାଇକେଲ୍ ଯାତ୍ରା କରୁଛନ୍ତି। ଚଳିତବର୍ଷ ଫେବୃୟାରୀ ମାସରୁ ସେ ତାଙ୍କର ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏବେ ସୁଦ୍ଧା ସେ ୧୭,୦୦୦ କିଲୋମିଟର ଯାତ୍ରା କରି ସାରିଲେଣି। ଏବେ ଭୋକିଲାଙ୍କ ପାଇଁ ସାଇକେଲ୍ ଯାତ୍ରା ଆରମ୍ଭ କରିଥିବା ରୋହନ ପ୍ରଥମେ ୨୦୧୮ ମସିହାରୁ ଏଭଳି ଏକ ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ସମାଜର ବିଭିନ୍ନ ସମସ୍ୟା ଏବଂ ପରିବେଶ ପ୍ରଦୂଷଣ ନେଇ ସେ ଲୋକଙ୍କୁ ସଚେତନ କରୁଥିଲେ। କିନ୍ତୁ ଲକ୍‌ଡାଉନ୍ ସମୟରେ ଅନେକ ଅର୍ଥ ଅଭାବରୁ ଖାଇବାକୁ ପାଇ ନ ଥିବା ସେ ନିଜେ ଦେଖିଥିଲେ। ତେଣୁ ତା' ପରଠାରୁ ସେ ମଣିପୁରର ବିଭିନ୍ନ ଅଞ୍ଚଳରେ ଭୋକିଲାଙ୍କୁ ଖାଦ୍ୟ ଦେବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଅର୍ଥ ସଂଗ୍ରହ କରିବା ଆରମ୍ଭ କରିଥିଲେ। ତେବେ ସେ ଲକ୍ଷ୍ୟ କରିଥିଲେ କି କେବଳ ମଣିପୁରରେ ଏଭଳି ଲୋକେ ଭୋକରେ ଦିନ କାଟୁ ନାହାନ୍ତି, ବିଭିନ୍ନ ରାଜ୍ୟରେ ଏଭଳି ଅନେକ ଅଛନ୍ତି; ଯେଉଁମାନେ ଦିନକୁ ଦିଓଳି ଖାଇବାକୁ ପାଆନ୍ତି ନାହିଁ। ତେଣୁ ଏଭଳି ଲୋକଙ୍କୁ ଖାଦ୍ୟ ଯୋଗାଇ ଦେବା ପାଇଁ ସେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏବେ ଦେଶର ବିଭିନ୍ନ ରାଜ୍ୟକୁ ଯାତ୍ରା କରୁଛନ୍ତି। ଆର୍ଥିକ ସ୍ୱଚ୍ଛଳ ଥିବା ଲୋକଙ୍କୁ ଭୋକିଲାଙ୍କ ପାଇଁ କିଛି କରିବା ପାଇଁ କହୁଛନ୍ତି। ତାଙ୍କର ଏଭଳି ପ୍ରୟାସ ଫଳରେ ଏବେ ସେ ଦିନକୁ ୫୦ ରୁ ୬୦ ଜଣଙ୍କୁ ପ୍ରତିଦିନ ଖାଇବାକୁ ଦେଇ ପାରୁଛନ୍ତି।

# ଅନ୍‌ଲାଇନ୍‌ରେ ପାଉଁଶ ବିକ୍ରି

**ନୂଆଦିଲ୍ଲୀ:** ଇ-କମର୍ସ ବଜାରରେ କାଠ ଚୁଲିର ପାଉଁଶ। ଏହା ଶୁଣିଲେ ଯେ କେହି ହୁଏତ ଆଶ୍ଚର୍ଯ୍ୟ ହୋଇ ପାରନ୍ତି। ମାତ୍ର ଏହା ସତ। ତାମିଲନାଡୁର କିଛି ଇ-କମର୍ସ କମ୍ପାନୀ ସେମାନଙ୍କ ୱେବସାଇଟ୍‌ରେ ଚୁଲି ପାଉଁଶ ଅନ୍‌ଲାଇନରେ ବିକ୍ରି କରୁଛନ୍ତି। ଏହାକୁ ଡିଶ ୱାଶିଂ ଉଡ୍ ଆଶ ଭାବେ ନାମିତ କରାଯାଇଛି। ଏହା ୨୫୦ ଗ୍ରାମ ପ୍ୟାକେଟରେ ମିଳୁଛି। ଏହାର ଦାମ ୩୯୯ଟଙ୍କା ରହିଛି। ରିହାତି ଦିଆଯିବା ପରେ ଏହାର ଦାମ ୧୬୦ ଟଙ୍କା ହେଉଛି। ଅର୍ଥାତ ଏକ କିଲୋ ଚୁଲି ପାଉଁଶ ଦାମ ୬୪୦ ଟଙ୍କା ରହିଛି। ଏଥିରେ ବାସନ ମାଜିବା ସହିତ ଗଛରେ ସାର ଭାବେ ମଧ୍ୟ ପ୍ରୟୋଗ କରାଯାଇ ପାରିବ ବୋଲି ପ୍ୟାକେଟରେ ଉଲ୍ଲେଖ କରାଯାଇଛି। ସାଧାରଣତଃ ପାଉଁଶରେ ପୋଟାସିୟମ ରହିଥାଏ। ଏହା ଗଛ ପାଇଁ ଅର୍ଗାନିକ ସାର ଭାବେ କାର୍ଯ୍ୟ କରିଥାଏ। ସେହିପରି ଏଥିରେ ଥିବା କାର୍ବନ ଯୋଗୁ ମଜା ଯାଉଥିବା ବାସନ ଚମକି ଉଠିଥାଏ।








ଶ୍ରଦ୍ଧା କପୁର

# ଜନ୍ମ ପ୍ରମାଣପତ୍ରରେ ତିନି ପିତା

**ୱାଶିଂଟନ:** ଆମେରିକାର ତିନିଜଣ ପୁରୁଷ 'ପ୍ରଥମ ଥର ପାଇଁ ଗୋଟିଏ ପରିବାରର ପିତା' ହୋଇ ଏକ ନିଆରା ରେକର୍ଡ କରିଛନ୍ତି। ଏଥିପାଇଁ ଏହି ୩ ପୁରୁଷଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଆଇନ ସହ ଲଢ଼ାଇ କରିବାକୁ ପଡ଼ିଥିଲା। ତିନି ପୁରୁଷ ଦୁଇଜଣ ସରୋଗେଟ ମା ଏବଂ ଜଣେ ଏଗ୍ ଡୋନରଙ୍କ ସହାୟତାରେ ଗୋଟିଏ ପୁଅ ଏବଂ ଦୁଇଟି ଝିଅଙ୍କର ପିତା ହୋଇଛନ୍ତି। ଆମେରିକାର କାଲିଫର୍ନିଆରେ ରହୁଥିବା ଏହି ୩ ପୁରୁଷଙ୍କ ନାମ ଇଆନ ଜେନେକିଂସ, ଏଲେନ ମେଫିଲ୍ଡ, ଜେରେମୀ ଏଲେନ ହାଜେଜ। ଇଆନ ପେସାରେ ଜଣେ ଡାକ୍ତର। ଇଆନ ଏକ ପୁସ୍ତକ ଲେଖୁଛନ୍ତି। ଏହାର ନାମ 'ଥ୍ରି ଡାଡ୍ସ ଆଣ୍ଡ ଏ ବେବି'। ଏହି ପିଲାମାନଙ୍କର ଜନ୍ମ ସାର୍ଟିଫିକେଟରେ ୩ ଜଣ ବାପାଙ୍କ ନାମ ରହିଛି। ଏଥିପାଇଁ ପ୍ରାୟ ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପିଲାଙ୍କୁ ଜନ୍ମ ଦେବା ପାଇଁ ଏହି ୩ ପିତାଙ୍କୁ ମେଡିକାଲ ପ୍ରକ୍ରିୟା ପାଇଁ ବହୁତ ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏହା ପରେ ପିଲାଙ୍କ ଅଭିଭାବକ ନାଁ ରହିବାକୁ ମଧ୍ୟ ଖର୍ଚ୍ଚ ହେଲା। ଶେଷରେ ଅଦାଲତରେ ଏହି ୩ ଜଣଙ୍କର ଜିତାପଟ ହୋଇଛି। ଆମେରିକାର ଜଣେ ଜଜ୍ ଏହି 'ଥ୍ରପଲ'ଙ୍କ ପକ୍ଷରେ କେସ ଲଢୁଥିଲେ। ଏହା ପରେ ପିଲାମାନଙ୍କ ଜନ୍ମ ପ୍ରମାଣପତ୍ରରେ ୩ ପିତାଙ୍କ ନାମ ମଧ୍ୟ ରହିଥିଲା।



## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି ଉପଲକ୍ଷେ



### ଂ ସିଦ୍ଧେଶ୍ୱର ଭୋଇ

ଭୋଇଟିକ୍ରା, ଚକୁଲିଫାର୍ମ
ଅତାବିରା, ଜିଲ୍ଲା- ବରଗଡ
ଆର୍ବିଭାବ: ୦୧।୦୯।୧୯୪୨
ତିରୋଧାନ: ୨୫।୦୨।୨୦୨୧

ତୁମର ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ । ତୁମ ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛି ।

-: ଶୋକ ସନ୍ତପ୍ତ :-

ପତ୍ନୀ- ଶରତ, ବଡପୁଅ- ପ୍ରକାଶ, ସାନ ପୁଅ- ପ୍ରଶାନ୍ତ, ପୁତ୍ରବୋଧୂ- ଗୀତା, କୁନି, ଝିଅ- ଅନୀମା, ପ୍ରତିମା, ନାତି- ଲକି, ସୁରଜ, ନାତୁଣୀ- ପୂଜା, ନେହା ଓ ବନ୍ଧୁବର୍ଗ ।

ଧ-୨୦୧୭୦

## ଶ୍ରଦ୍ଧାଙ୍କ ୪ ଲକ୍ଷ ଟଙ୍କାର ଡ୍ରେସ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଶ୍ରଦ୍ଧା କପୁର ସବୁବେଳେ ନିଜ ଲୁକସକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ସେ ସବୁବେଳେ ସୋସିଆଲ ମିଡିଆରେ ମଧ୍ୟ ଆକ୍ଟିଭ। ନିକଟରେ ଶ୍ରଦ୍ଧା ନିଜ ବୟଫ୍ରେଣ୍ଡ ରୋହନ ଶ୍ରେଷ୍ଠଙ୍କ ଜନ୍ମ ଦିନ ପାର୍ଟିରେ ଯୋଗଦେଇ ଧମାକା କରିଛନ୍ତି। ପାର୍ଟିରେ ସେ ୪ ଲକ୍ଷ ୩୧ ହଜାର ଟଙ୍କାର ମିନି ଡ୍ରେସ ପିନ୍ଧି ଯୋଗ ଦେଇଥିଲେ। ପାର୍ଟିରେ ବଲିଉଡ୍‌ର ବହୁ ସେଲିବ୍ରିଟି ଯୋଗଦେଇଥିଲେ। ତେବେ ଶ୍ରଦ୍ଧାଙ୍କ ଉପରେ ସମସ୍ତଙ୍କ ଆଖି ଲାଖି ରହିଥିଲା। ଏନେଇ ରୋହନଙ୍କ ଦିଲ ମଧ୍ୟ ପୁରା ଗାର୍ଡେନ ଗାର୍ଡେନ ହୋଇ ଯାଇଥିଲା। ରୋହନ ଏବଂ ଶ୍ରଦ୍ଧାଙ୍କ ସମ୍ପର୍କକୁ ନେଇ ବଲିଉଡ୍‌ରେ ନାନା ପ୍ରକାର ଚର୍ଚ୍ଚା ଜାରି ରହିଛି। ଏହା ପୂର୍ବରୁ ଶ୍ରଦ୍ଧାଙ୍କ ଜନ୍ମଦିନରେ ମଧ୍ୟ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳିଥିଲା।

## ୩ ଲକ୍ଷ ଚାରା ଲଗାଇଲେଣି କଣ୍ଡକ୍ଟର

**ଚେନ୍ନାଇ:** ସୋସିଆଲ ମିଡିଆରେ ତାମିଲନାଡୁର ଜଣେ ବସ୍ କଣ୍ଡକ୍ଟର ଏବେ ଖୁବ ଚର୍ଚ୍ଚାରେ। ଏହି କଣ୍ଡକ୍ଟର ଜଣକ ଗତ ୩୦ ବର୍ଷ ଧରି ଚାରା ଲଗାଇଛନ୍ତି। ଏବେ ସୁଦ୍ଧା ସେ ମୋଟ ୩ ଲକ୍ଷ ଚାରା ଲଗାଇସାରିଲେଣି। ସୋସିଆଲ ମିଡିଆରେ ଲୋକେ ତାଙ୍କର ଏହି କାର୍ଯ୍ୟକୁ ଖୁବ୍ ପ୍ରଶଂସା କରୁଛନ୍ତି।

ମାରିମୁଥୁ ଯୋଗନାଥନ ପେସାରେ ଜଣେ କଣ୍ଡକ୍ଟର। ସେ ତାମିଲନାଡୁ ରାଜ୍ୟ ପରିବହନ ନିଗମର ବସ୍ କଣ୍ଡକ୍ଟର ଅଛନ୍ତି। ଯୋଗନାଥନଙ୍କ ଏହି କାର୍ଯ୍ୟ ପାଇଁ ସେ ଉପରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ବି ହୋଇଛନ୍ତି। ଏହା ବ୍ୟତୀତ ଯୋଗନାଥନ ଫିଲ୍ମ ନିର୍ମାତା ମାଇକ ପାଣ୍ଡେ ଏବଂ ଅଭିନେତା ଜନ ଆବ୍ରାହମଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ନିକଟରେ ଜଣେ ଟ୍ୱିଟର ବ୍ୟବହାରକାରୀ ମାରିମୁଥୁଙ୍କ ଯୋଗନାଥନଙ୍କ ସହ ତାଙ୍କର ଏକ ଫଟୋ ଶେୟାର କରିଥିଲେ। ଚାରା ଲଗାଇବା ସହ ଯୋଗନାଥନ ପ୍ରାୟ ୩,୭୪୩ ବିଶ୍ୱବିଦ୍ୟାଳୟ, କଲେଜ, ସ୍କୁଲ ଏବଂ ଉଦ୍ୟୋଗ ପରିଦର୍ଶନ କରି ପରିବେଶ ସଚେତନତା ପାଇଁ କ୍ଲାସ ବି ନେଇଛନ୍ତି। ଏହା ସହ ଲୋକଙ୍କୁ ଚାରା ମଧ୍ୟ ବାଣ୍ଟୁଛନ୍ତି। ତାମିଲନାଡୁ ସରକାର ତାଙ୍କୁ 'ସୂତ୍ରୁ ସୁଜଲ ସ୍ୟାଲ ବୀର' ପୁରସ୍କାର ପ୍ରଦାନ କରିଛନ୍ତି।



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BINODAYA FINANCE**

ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%

M=9437925782
M=9437927381
ABASING, TALAMUNDA, GAJAPATI

**SMS JOB BUSINESS**
Send SMS, Earn Money

ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ

କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ

09667693638
09667693639

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ୟାମେରାଯୁକ୍ତ ସିରିଞ୍ଜ



ସାଧାରଣତଃ ରକ୍ତ ପରୀକ୍ଷା, କେତେକ ଆନୁଷଙ୍ଗିକ ପରୀକ୍ଷା କରିବା ଲାଗି ଏବଂ ଇଞ୍ଜେକସନ ନେବା ପାଇଁ ସିରିଞ୍ଜର ବ୍ୟବହାର କରାଯାଇଥାଏ। ନିକଟରେ ଏପରି ଏକ ସିରିଞ୍ଜ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଏକ ସୂକ୍ଷ୍ମ କ୍ୟାମେରା ସଂଯୋଗ କରାଯାଇଛି। ବିଶେଷଭାବରେ ଏଣ୍ଡୋସ୍କୋପି କରିବା ପାଇଁ ଏହି ସିରିଞ୍ଜ ଅନେକାଂଶରେ ସହାୟକ ହୋଇପାରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏପରି ସିରିଞ୍ଜ ପାଇଁ ଜର୍ମାନୀର ବିଶେଷଜ୍ଞମାନେ ଦୀର୍ଘ ଦିନ ଧରି ଗବେଷଣା କରିବା ପରେ ଏଥିରେ ସଫଳ ହୋଇଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଏହି କ୍ୟାମେରାଯୁକ୍ତ ସିରିଞ୍ଜରେ ତିନୋଟି ଲେନ୍ସ ରହିଛି। ଏହି କ୍ୟାମେରା ଦେଖିବାକୁ ଛୋଟ ଲୁଣ ଦାନା ପରି। ଏଥିରେ ମଧ୍ୟ ଥ୍ରୀ-ଡି ପ୍ରିଣ୍ଟିଙ୍ଗ ସିଷ୍ଟମ ଉପଲବ୍ଧ। ଏପରି ସିରିଞ୍ଜର ବ୍ୟବହାର କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ଜର୍ମାନୀସ୍ଥିତ ଷ୍ଟୁଟଗାର୍ଡ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ମାଂସପେଶୀକୁ ଦୃଢ଼ ରଖିବ ଡିଭାଇସ୍



ମାଂସପେଶୀକୁ ଦୃଢ଼ ରଖିବା ପାଇଁ ଏକ ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଡିଭାଇସ ପ୍ରସ୍ତୁତ କରାଯାଇଛି। ୟୁନିଭର୍ସିଟି ଅଫ କୁଇନସଲ୍ୟାଣ୍ଡର ବିଶେଷଜ୍ଞମାନେ ବ୍ୟାଣ୍ଡ ଆକାରର ଏପରି ଡିଭାଇସ୍ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ବ୍ୟାୟାମ କରିବା ସମୟରେ ଏହି ଡିଭାଇସ୍‌କୁ ବାହୁରେ ପିନ୍ଧିବାକୁ ପଡିଥାଏ। ଏହାଦ୍ୱାରା ହୃତସ୍ପନ୍ଦନ, ମାଂସପେଶୀରେ କେତେ ଶକ୍ତିଶାଳୀ, ବ୍ୟାୟାମ କରିବା ଦ୍ୱାରା କେତେ କ୍ୟାଲୋରୀ ବର୍ଣ୍ଣ ହେଉଛି ତାହା ଜଣାପଡିଥାଏ। ପରେ ଏହାକୁ ମିନିଟରେ ସଂଯୁକ୍ତ କରି ସଂପୃକ୍ତ ବ୍ୟକ୍ତି ସ୍ୱାସ୍ଥ୍ୟ ବିଷୟରେ ସୂଚନା ମିଳିଥାଏ। ତାହାକୁ ଅନୁଧ୍ୟାନ କରି ସେହି ବ୍ୟକ୍ତିଙ୍କର ମାଂସପେଶୀ କିପରି ଅଛି ଜଣାପଡିଥାଏ ଏବଂ କିଛି ସମସ୍ୟା ଥିଲେ ତାହାର ସମାଧାନ ବିଷୟରେ ଡାକ୍ତର ପରାମର୍ଶ ଦେଇଥାଆନ୍ତି ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



# ଅମ୍ଳପିତ୍ତର ଆୟୁର୍ବେଦୀୟ ଉପଚାର



ଡା. ଆଶିଷ ବାନାର୍ଜୀ

ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ବର୍ତ୍ତମାନ ୮୦ ପ୍ରତିଶତରୁ ଅଧିକ ଲୋକ ଅମ୍ଳପିତ୍ତ ରୋଗରେ ଆକ୍ରାନ୍ତ। ଏପରି କି ଯୌବନ ଆରମ୍ଭରୁ ଏହି ରୋଗରେ ପୀଡିତ ହେବା ଦେଖାଯାଉଛି। କେତେକ ଲୋକ ଭୋଜିକୁ ଗଲେ ସାଦା ଭୋଜନ ମଧ୍ୟ ଖାଇପାରନ୍ତି ନାହିଁ। ଯାହା ଖାଇଲେ ଅଜୀର୍ଣ୍ଣ ହୋଇ ଅମ୍ଳ ଯୋଗୁଁ ହେକୁଟି ଦେବାର ଦେଖାଯାଏ। ବିନା ପରିଶ୍ରମରେ ଗରିଷ୍ଠ ଖାଦ୍ୟ ଖାଇବା, ମଦ, ଗୁଟ୍‌ଖା, କଡ଼ା ମସଲା, ଖଟା, ବାସି ଜିନିଷ, ଅସ୍ୱାସ୍ଥ୍ୟକର ଖାଦ୍ୟ ପାନୀୟ ବ୍ୟତୀତ ଚିନ୍ତା, ଶୋକ, ଭୟ, ଅନିଦ୍ରା, ଭୋକ ଲାଗିଲେ ନ ଖାଇବା, କଳକାରଖାନାରେ ଦିବାରାତ୍ର କାମ କରିବା ଦ୍ୱାରା ଖାଦ୍ୟ ସହଜରେ ହଜମ ନ ହୋଇ ପିତ୍ତ ସୃଷ୍ଟି ହୋଇଥାଏ। ଏଥିଯୋଗୁ ପେଟରେ ଜ୍ୱଳନ, ଅମ୍ଳ ହେକୁଟି, ଛାତିରେ କିଛି ଅଟକିବା ପରି ଲାଗିବା, ଦାନ୍ତ ଖଟା ପଡ଼ିଯିବା, କୋଷ୍ଠବଦ୍ଧତା, ନାଳମିଶ୍ରିତ ପତଳା ବା ଖଦଖଦଡ଼ିଆ ଝାଡ଼ା, ଅଳ୍ପ ଖାଇଲେ ଅଜୀର୍ଣ୍ଣ ହେବା, ମୁଣ୍ଡ ବୁଲାଇବା, ବିନା ପରିଶ୍ରମରେ କ୍ଳାନ୍ତ ଲାଗିବା, କଣ୍ଠ ପ୍ରଦେଶରେ ଦାହ, ଅରୁଚି ଇତ୍ୟାଦି ଲକ୍ଷଣ ଦେଖିବାକୁ ମିଳେ। ଏପରି କିଛି ଦିନ ଲାଗି ରହିଲେ ଉଦରଶୂଳ ବା କଲିକ୍ ପେନ୍ ଆରମ୍ଭ ହୁଏ। ବେଳେବେଳେ ବାନ୍ତି ହୋଇଥାଏ। ପରେ ପିତ୍ତାଶୟରେ ପଥର ଦେଖିବାକୁ ମିଳେ। କେତେକ ଆଣ୍ଟାସିଡ୍ ଆଦି ଖାଇ ଏହି ରୋଗରୁ ସାମୟିକ ଉପଶମ ପାଇଥାଆନ୍ତି। କିନ୍ତୁ ରୋଗ ସମ୍ପୂର୍ଣ୍ଣ ଭାବରେ ଭଲ ନ ହୋଇ ଶରୀର ଭିତରେ କାୟା ବିସ୍ତାର କରି ଚାଲିଥାଏ। ଏପରି କି କେତେକଙ୍କ ପେଟରେ ଏଥିଯୋଗୁଁ ଅଲସର ବା ଘା’ ହୋଇଥାଏ, ଯାହାକି ପରବର୍ତ୍ତୀ ସମୟରେ ଅସ୍ତ୍ରୋପଚାର କରିବାକୁ ପଡିଥାଏ। ଡାକ୍ତରଙ୍କ ସହ ପରାମର୍ଶ ସମୟରେ ରୋଗ ସମ୍ପର୍କରେ ସଠିକ୍ ବିବରଣୀ ଦେଇ ଏହାର ଚିକିତ୍ସା କରିବା ସହ ଏ ନେଇ ସଚେତନ ରହିଲେ ଏଥିରୁ ଆରୋଗ୍ୟ ମିଳିଥାଏ। ଅନ୍ୟପକ୍ଷରେ ଏପରି ସମସ୍ୟା ପାଇଁ ଆୟୁର୍ବେଦୀୟ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଶାସ୍ତ୍ରୀୟ ଭସ୍ମ ଔଷଧ ସେବନ ଓ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ପଥ୍ୟାପଥ୍ୟ ନିୟମ ପାଳନ କଲେ ରୋଗୀ ଅଳ୍ପ ଦିନ ମଧ୍ୟରେ ଆରୋଗ୍ୟ ଲାଭ କରି ଖୁସିରେ ଜୀବନଯାପନ କରିଥାଏ।

-ଆନନ୍ଦ ବଜାର, ବେତନଟୀ,
ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫



# କୋଭିଡ୍ ୧୯: ଧ୍ରୁବୀକରଣ ସମସ୍ୟା






ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଗତ କିଛି ମାସ ଧରି ଆମ ଦେଶରେ କୋଭିଡ୍ ୧୯ ସଂକ୍ରମଣ ହ୍ରାସ ପାଇଥିଲାବେଳେ ଏବେ ପୁଣି କେରଳ, ମହାରାଷ୍ଟ୍ର ଏବଂ ଅନ୍ୟ କେତେକ ସ୍ଥାନରେ ଏହା ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି। ଅନ୍ୟପକ୍ଷରେ ଟିକାଦାନ ପ୍ରକ୍ରିୟା କ୍ରମେ ବ୍ୟାପକ ହେବା ସଙ୍ଗେ ସଙ୍ଗେ ଅଧିକରୁ ଅଧିକ ଲୋକଙ୍କଠାରେ ଏ ଭୂତାଣୁ ପ୍ରତି ପ୍ରାକୃତିକ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବା ମନରେ କିଛିଟା ଆଶା ସଞ୍ଚାର କରୁଛି। ତେବେ, ଏ କ୍ଷେତ୍ରରେ ଏ ନୂତନ ସମସ୍ୟା ରୂପେ ମୁଣ୍ଡ ଟେକିଛି ଲୋକଙ୍କଠାରେ ମୂଳ ଭୂତାଣୁର ତିନୋଟି ବିଷୟ ଧ୍ରୁବୀକରଣ ହୋଇଥିବା ପ୍ରତିରୂପ ବା ମଧୁଟାଣ୍ଟଙ୍କ ସନ୍ଧାନ। ଏଗୁଡ଼ିକ ସୃଷ୍ଟି ହୋଇଛନ୍ତି ବ୍ରିଟେନର କେଣ୍ଟ, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ୍‌ର ମାନାଅସ୍‌ଠାରେ। ବର୍ତ୍ତମାନ ଆମ ଦେଶରେ ଏଗୁଡ଼ିକର ସଂକ୍ରମଣ ସୀମିତ ଅଛି ସତ, କିନ୍ତୁ ତାହା ଯଦି ବ୍ୟାପକ ହୁଏ, ତା’ହେଲେ ଏ ଟିକା କେତେଦୂର ଫଳପ୍ରଦ ହେବ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସେହିପରି କେତେକଙ୍କଠାରେ ସୃଷ୍ଟି ହୋଇଥିବା ପ୍ରାକୃତିକ ପ୍ରତିରୋଧ ଶକ୍ତି ମଧ୍ୟ ଏଗୁଡ଼ିକଠାରୁ ସୁରକ୍ଷା ଦେବା ସମ୍ଭବ ହୋଇ ନ ପାରେ ବୋଲି ମନେ କରାଯାଉଛି।

ଜିନୀୟ ଧ୍ରୁବୀକରଣ ବା ମ୍ୟୁଟେସନ ଘଟିଥାଏ କୌଣସି ଜୀବର ଜିନୀୟ ଅନୁକ୍ରମରେ ପରିବର୍ତ୍ତନ ହେତୁ ସାଧାରଣତଃ ପରିବେଶ ପ୍ରଭାବରୁ। ଭୂତାଣୁମାନଙ୍କ କ୍ଷେତ୍ରରେ ଏହା ଦ୍ରୁତ ଏବଂ ରହଣି। ସେମାନେ ବଂଶ ବିସ୍ତାର ସମୟରେ ନିଜର ନିକୃଷ୍ଟ ପ୍ରତିରୂପମାନ ଉତ୍ପନ୍ନ କରିବା ଫଳରେ ଏପରି ଘଟେ। ତେଣୁ ସେମାନେ ନୂତନ ରୂପ ଧାରଣ କରନ୍ତି। ଏହାଙ୍କୁ କୁହନ୍ତି ବିକଳ୍ପ ବା ଭେରିଆଣ୍ଟ। ତେବେ ଏହି ଭେରିଆଣ୍ଟରେ ବହୁବାର ଧ୍ରୁବୀକରଣ ଘଟିଲେ ଏହାର ଆଚରଣ ବହୁମାତ୍ରାରେ ବଦଳିଯାଏ। ତାହାକୁ କୁହାଯାଏ ନୂତନ ବଂଶ ବା ଷ୍ଟ୍ରେନ। ଜିନୀୟ ଧ୍ରୁବୀକରଣ ହେତୁ ସୃଷ୍ଟି ହେଉଥିବା ନୂତନ ଭେରିଆଣ୍ଟମାନଙ୍କ ମଧ୍ୟରୁ ଅନେକ ଗୁରୁତ୍ୱହୀନ। ସେଗୁଡ଼ିକ ଆମଠାରେ ରୋଗ ସୃଷ୍ଟି କରିପାରନ୍ତି ନାହିଁ। ଏପରି କି ତହିଁର କେତେକ ମୂଳ ଭୂତାଣୁ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇପାରନ୍ତି। ଅନ୍ୟଗୁଡ଼ିକ ମାରାତ୍ମକ ହୋଇଥାନ୍ତି ଏବଂ ଖୁବ୍ ଶୀଘ୍ର ବ୍ୟାପିଥାନ୍ତି। ଏପରି କି ଥରେ ସଂକ୍ରମିତ ହୋଇଥିବା ଲୋକର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ଅତିକ୍ରମ କରି ତାହାକୁ ପୁନଃ ସଂକ୍ରମଣ କରିପାରନ୍ତି। ଉଦାହରଣ ସ୍ୱରୂପ, ବର୍ତ୍ତମାନର ମୂଳ ‘କୋଭିଡ୍-୧୯’ ଭୂତାଣୁର ପ୍ରାୟ ୪୦୦ରୁ ଅଧିକ ଚଉରିଆଣ୍ଟ ସୃଷ୍ଟି ହୋଇ ସାରିଲେଣି। ତେବେ, ତନ୍ମଧ୍ୟରୁ ୩/୪ଟି ‘ମାରାତ୍ମକ’ ବା ଭେରିଆଣ୍ଟ ଅଫ୍ କନସର୍ଣ୍ଣ ବୋଲି କୁହାଯାଏ, କେଣ୍ଟ (ବ୍ରିଟେନ୍), ଦକ୍ଷିଣଆଫ୍ରିକା ଏବଂ ବ୍ରାଜିଲ (ମାନାଅସ୍)ଠାରେ ଦେଖାଦେଇଥିବା ଭେରିଆଣ୍ଟମାନେ ଏବର ଶ୍ରେଣୀର।

> “ଜିନୀୟ ଧ୍ରୁବୀକରଣ ବା ମ୍ୟୁଟେସନ ଘଟିଥାଏ କୌଣସି ଜୀବର ଜିନୀୟ ଅନୁକ୍ରମରେ ପରିବର୍ତ୍ତନ ହେତୁ ସାଧାରଣତଃ ପରିବେଶ ପ୍ରଭାବରୁ। ଭୂତାଣୁମାନଙ୍କ କ୍ଷେତ୍ରରେ ଏହା ଦ୍ରୁତ ଏବଂ ରହଣି। ସେମାନେ ବଂଶ ବିସ୍ତାର ସମୟରେ ନିଜର ନିକୃଷ୍ଟ ପ୍ରତିରୂପମାନ ଉତ୍ପନ୍ନ କରିବା ଫଳରେ ଏପରି ଘଟେ। ତେଣୁ ସେମାନେ ନୂତନ ରୂପ ଧାରଣ କରନ୍ତି। ଏହାଙ୍କୁ କୁହନ୍ତି ବିକଳ୍ପ ବା ଭେରିଆଣ୍ଟ। ତେବେ ଏହି ଭେରିଆଣ୍ଟରେ ବହୁବାର ଧ୍ରୁବୀକରଣ ଘଟିଲେ ଏହାର ଆଚରଣ ବହୁମାତ୍ରାରେ ବଦଳିଯାଏ। ତାହାକୁ କୁହାଯାଏ ନୂତନ ବଂଶ ବା ଷ୍ଟ୍ରେନ।”




**କେଣ୍ଟ ଭେରିଆଣ୍ଟ :** ପ୍ରଥମେ ଏହା ବ୍ରିଟେନ୍‌ର କେଣ୍ଟଠାରେ ୨୦୨୦ ମସିହା ସେପ୍ଟେମ୍ବର ମାସରେ ଚିହ୍ନଟ ହୋଇଥିଲା। ମୂଳ ଭୂତାଣୁରେ ୧୭ଟି ଧ୍ରୁବୀକରଣ ଘଟିବା ଫଳରେ ଏହା ସୃଷ୍ଟି ହୋଇଥିଲା, ଯାହା କି ନଭେମ୍ବର ଶେଷ ବେଳକୁ ବାଡ଼ବାଗ୍ନୀ ଭଳି ଅନ୍ୟ ଦେଶମାନଙ୍କୁ ମାଡ଼ିଗଲା। ‘ବି.୧.୧.୭’ ରୂପେ ନାମିତ ଏହି ଭୂତାଣୁକୁ ଏକ ‘ମହାବିସ୍ତାରକାରୀ’ରେ ପରିଣତ କରିବାରେ ମୁଖ୍ୟ ଧ୍ରୁବୀକରଣକୁ ‘N501r ’ବୋଲି କୁହାଯାଏ। ଦକ୍ଷିଣଆଫ୍ରିକା ଏବଂ ବ୍ରାଜିଲ୍ ଭେରିଆଣ୍ଟରେ ମଧ୍ୟ ଏହା ଦେଖାଯାଏ। ଏଥିରେ ଭୂତାଣୁର ତାହାକୁ ମଣିଷର ଜୀବକୋଷ ସହ ସଂଯୁକ୍ତ କରୁଥିବା କଣ୍ଟକରୂପୀ ପ୍ରୋଟିନ୍‌ରେ ପରିବର୍ତ୍ତନ ଆସେ। ଫଳରେ ମୂଳ ‘କୋଭିଡ -୧୯’ ଭୂତାଣୁ ତୁଳନାରେ ଏହା ୫୦ ପ୍ରତିଶତ ଅଧିକ ସଂକ୍ରାମକ ପାଲଟିଯାଏ ଏବଂ ମୃତ୍ୟୁର ଆଶଙ୍କା ୩୦ ପ୍ରତିଶତ ବୃଦ୍ଧି କରେ ବୋଲି ବୈଜ୍ଞାନିକମାନଙ୍କ ମତ।

**ଦକ୍ଷିଣ ଆଫ୍ରିକା ଭେରିଆଣ୍ଟ :** ଏହା (ବି.୧.୩୫୧) ଚିହ୍ନଟ ହୋଇଥିଲା ଅକ୍ଟୋବର, ୨୦୨୦ରେ। ପ୍ରାୟ ୧୦ଟି ଧ୍ରୁବୀକରଣ ହେତୁ ସୃଷ୍ଟି ହୋଇଥିବା ଏ ଭୂତାଣୁ ଦକ୍ଷିଣ ଆଫ୍ରିକାର ପ୍ରାୟ ୮୦ ପ୍ରତିଶତ ସଂକ୍ରମଣ ପାଇଁ ଦାୟୀ। ବର୍ତ୍ତମାନ ଏହା ଅତିକମ୍‌ରେ ୩୨ଟି ଦେଶକୁ ବ୍ୟାପିସାରିଛି। ଏଥିରେ ଘଟିଥିବା ‘N501r’ ଧ୍ରୁବୀକରଣ ଏହାକୁ ସଂକ୍ରମଣ ଦୃଷ୍ଟିରୁ କେଣ୍ଟ ଭେରିଆଣ୍ଟର ସମକକ୍ଷ କରିଛି। କିନ୍ତୁ ଏହାର ଆଉ ଏକ ‘E 484K’ ଧ୍ରୁବୀକରଣ ମଧ୍ୟ ଘଟିଛି। ବୈଜ୍ଞାନିକମାନେ ଏହାକୁ ‘ଅତର୍କିତ ପଳାୟନ ବିକଳ୍ପ’ ବା ‘ଏସ୍‌କେପ୍ ମ୍ୟୁଟେସନ’ ବୋଲି କହୁଛନ୍ତି। କାରଣ, ଏହା ଭୂତାଣୁଟିକୁ ଆଗରୁ ଘଟିଥିବା ସଂକ୍ରମଣ ଯୋଗୁଁ ବିକଶିତ ହୋଇଥିବା ରୋଗ ପ୍ରତିରୋଧକଶକ୍ତିକୁ ପରାସ୍ତ କରିବାକୁ ଏବଂ ଟିକାକୁ କମ୍ ଫଳପ୍ରଦ କରିବାରେ ସାହାଯ୍ୟ କରେ।

**ବ୍ରାଜିଲ୍ ଭେରିଆଣ୍ଟ :** ବିଗତ (୨୦୨୦) ଡିସେମ୍ବର ମାସରେ ଏଠାରେ ଚିହ୍ନଟ ହୋଇଥିଲେ କୋଭିଡ୍ ୧୯ ଭୂତାଣୁର ଦୁଇଟି ଭେରିଆଣ୍ଟ- ‘ପି-୧’ ଏବଂ ‘ପି-୨’। ତନ୍ମଧ୍ୟରୁ ‘ପି-୧’ ଭୂତାଣୁଟି (ବି.୧.୧.୨୮) ପ୍ରଥମେ ବ୍ରାଜିଲର ମାନାଅସ୍‌ଠାରେ ଦେଖାଯାଇଥିଲା। ଏହାର ‘E484K’ ସମେତ ଆଉ ତିନୋଟି ଧ୍ରୁବୀକରଣ ଘଟିବା ହେତୁ କଣ୍ଟକ ରୂପଧାରୀ ପ୍ରୋଟିନ୍‌ରେ ଅନେକ ପରିବର୍ତ୍ତନ ଆସିଛି। ମାନାଅସ୍‌ଠାରେ ପୁନଃ ସଂକ୍ରମଣ ଫଳରେ ଆସିଥିବା ରୋଗର ଦ୍ୱିତୀୟ ଲହରିର ଏହା ହିଁ କାରଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ, ‘ପି-୨’ଠାରେ କେବଳ ‘E484K’ ଧ୍ରୁବୀକରଣ ଘଟିଛି। ଏଣୁ ଏହା ବିଶେଷ ମାରାତ୍ମକ ହୋଇପାରି ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ, ଧ୍ରୁବୀକରଣର ନାମଗୁଡ଼ିକ ଭୂତାଣୁର ଜିନୀୟ ଅନୁକ୍ରମରେ ଆସିଥିବା ପରିବର୍ତ୍ତନର ସୂଚନା ଦିଏ। ଏଣୁ ‘N501 Y’ ର ଅର୍ଥ ହେଲା କଣ୍ଟକରୂପୀ (ସ୍ପାଇକ୍) ପ୍ରୋଟିନର ୫୦୧ତମ ‘ଆମିନୋ ଅମ୍ଳ N’ (ଆସ୍‌ପାରଜିନ୍) ପରିବର୍ତ୍ତିତ ହୋଇଯାଇଛି Y(ଟାଇରୋସିନ୍)କୁ। ସେହିପରି ‘E484K’ରେ ଏହାର ୪୮୪ତମ ଆମିନୋ ଅମ୍ଳ E(ଗ୍ଲୁଟାମିକ୍ ଏସିଡ୍) ବଦଳିଯାଇଛି K(ଲାଇସିନ୍)କୁ। ଉପରୋକ୍ତ ଭେରିଆଣ୍ଟଗୁଡ଼ିକ ଆମ ଦେଶର ଅନେକ ସ୍ଥାନରେ ଚିହ୍ନଟ କରାଗଲାଣି। ବର୍ତ୍ତମାନ ଏଠାରେ ଦିଆଯାଉଥିବା କୋଭିଡ ୧୯ ପାଇଁ ଟିକା ଏଗୁଡ଼ିକ ପ୍ରତି ବିଶେଷ ଫଳପ୍ରଦ ହୋଇ ନ ପାରେ ବୋଲି ଆଶଙ୍କା କରାଯାଉଛି। ତଥାପି ଆମେ ତାହା ଯଥାଶୀଘ୍ର ନେଇଯିବା ଉଚିତ ବୋଲି ବିଶେଷଜ୍ଞମାନଙ୍କ ମତ। କାରଣ ତଦ୍ୱାରା ଆମେ ସଂକ୍ରମିତ ହେବାରୁ ସମ୍ପୂର୍ଣ୍ଣ ସୁରକ୍ଷା ନ ପାଇଲେ ମଧ୍ୟ ଏହାର ସମ୍ଭାବନା ଅନ୍ତତଃ ୫୦ରୁ ୭୦ ପ୍ରତିଶତ ହ୍ରାସ ପାଇବ। ଏଥିସହିତ ମାସ୍କର ବ୍ୟବହାର, ସାବୁନ ପାଣିରେ ହାତଧୁଆ ବା ସାନିଟାଇଜର ବ୍ୟବହାର ଏବଂ ସାମାଜିକ ଦୂରତା ରକ୍ଷା ଆଦି ସତର୍କତା ଅବଲମ୍ବନ ଚାଲୁ ରଖିବାକୁ ପଡ଼ିବ, ସମଗ୍ର ବିଶ୍ୱ କୋଭିଡ୍ ୧୯ରୁ ସମ୍ପୂର୍ଣ୍ଣ ମୁକ୍ତ ହେଲା ପର୍ଯ୍ୟନ୍ତ।

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର,
ଭୁବନେଶ୍ୱର-୩୦
ମୋ: ୯୯୩୭୯୮୫୭୬୭



# ସ୍ମରଣ ଶକ୍ତିକୁ ଦୃଢ଼ କରେ ମନ ପସନ୍ଦର ସଙ୍ଗୀତ

ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା କେତେକ ଉପକାର ମଧ୍ୟ ମିଳିଥାଏ। ଏହାଦ୍ୱାରା ସ୍ମରଣ ଶକ୍ତି ଆହୁରି ଦୃଢ଼ ହୋଇଥାଏ ବୋଲି ଜଣାପଡିଛି। ଏପରି ବିଷୟବସ୍ତୁ ଉପରେ ସର୍ଭେ କରି ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅଧିକାଂଶ ସମୟ ମନ ପସନ୍ଦର ଗୀତ ଶୁଣୁଥିବା କେତେକ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। କେବଳ ସେତିକି ନୁହେଁ, ସେମାନଙ୍କର ସ୍ମରଣ ଶକ୍ତିକୁ ଗୀତ ଶୁଣୁ ନ ଥିବା ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ସହ ତୁଳନା କରିଥିଲେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅଧିକାଂଶ ସମୟ ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମାନସିକତା ସକାରାତ୍ମକ ରହିବା ସହ ତାହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

# ଚାପରୁ ମୁକ୍ତି ପାଇ...

ଅନେକ କାରଣରୁ ଆମେ ଚାପର ବଶବର୍ତ୍ତୀ ହୋଇଥାଉ। ତେଣୁ ଏଥିପାଇଁ ଆମକୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ସଚେତନ ରହନ୍ତୁ। ନିଜର ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ଆବଶ୍ୟକ ମୁତାବକ ନିଦ୍ରା ଯାଆନ୍ତୁ। ତା’ସହ ନିଜର ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସଚେତନ ରୁହନ୍ତୁ। ନିକଟରେ ଏହି ତାଲିକାରେ ଆଉ ଗୋଟିଏ କଥାକୁ ସାମିଲ କରାଯାଇଛି। ତାହା ହେଲା ପଢ଼ାପଢ଼ି। ଅର୍ଥାତ୍ ଥଣ୍ଡା ମିଜାସରେ ପାଠ ପଢ଼ିଲେ ନିଜର ମାନସିକତା ସକାରାତ୍ମକ ରହିଥାଏ। କେତେକ ଛାତ୍ରଙ୍କ ପାଠ ପଢ଼ିବା ଶୈଳୀକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା ପରେ ୟୁନିଭର୍ସିଟି ଅଫ ସିଡ୍‌ନୀର ମନୋବିଜ୍ଞାନୀମାନେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି।



# ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ, ଯାହାଦ୍ୱାରା ଆପଣଙ୍କର ପାଚନ କ୍ରିୟା ସଠିକ୍ ରହିବ। ଅଧିକ ଗରିଷ୍ଠ ଏବଂ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ବିଶେଷଭାବରେ ବୟସ୍କ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅଧିକ ସଚେତନ ରହିବା ଆବଶ୍ୟକ। ତେଣୁ ନିୟମିତ ସମୟ ଅନ୍ତରାଳରେ ସେମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ଯୋଗ, ପ୍ରାଣାୟାମକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।
- ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖୁଥିବା ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ପ୍ରତିଦିନ ସାଲାଡ୍ ଖାଆନ୍ତୁ।
- ଛୋଟ ପିଲା ଥିଲେ ସେମାନଙ୍କ ପାଇଁ କିଛି ଔଷଧ ଘରେ ରଖନ୍ତୁ। ହେଲେ ଏହାପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଘରେ ଛୋଟ ପିଲା କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଲେ ଯଦି ପ୍ରାଥମିକ ଉପଚାର ସମ୍ଭବ ତେବେ ଚେଷ୍ଟା କରନ୍ତୁ ନ ହେଲେ ତୁରନ୍ତ ନିକଟସ୍ଥ ହସ୍‌ପିଟାଲକୁ ନେଇ ଯାଆନ୍ତୁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ପାଦଦ୍ୱୟକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ସୋମବାର, ମାର୍ଚ୍ଚ ୮/୨୦୨୧ Berhampur, Monday, March 8/ 2021

# ଓଡ଼ିଶା ପୁରୁଷ ଦଳର ହ୍ୟାଟ୍ରିକ ବିଜୟ

## ଜାତୀୟ ସିନିୟର ଭଲିବଲ୍



ଚଣ୍ଡିଗଡ଼ ବିପକ୍ଷରେ ବିଜୟୀ ଓଡ଼ିଶା ପୁରୁଷ ଭଲିବଲ୍ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର,୭।୩ (କ୍ରୀଡ଼ା ପ୍ରତିନିଧି)** କିଟ୍‌ର ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ୩ ମ୍ୟାଚ ଜିତି ବିଜୟରେ ହ୍ୟାଟ୍ରିକ କରିଛି। ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ମଧ୍ୟପ୍ରଦେଶକୁ ୩-୦ ଓ ଛତିଶଗଡ଼କୁ ସମାନ ବ୍ୟବଧାନରେ ହରାଇଥିବା ଓଡ଼ିଶା ରବିବାର ଚଣ୍ଡିଗଡ଼କୁ ୩-୧ ସେଟ୍‌ରେ ପରାସ୍ତ କରିଛି। ପ୍ରଥମ ସେଟ୍‌କୁ ୨୨-୨୫ ପଏଣ୍ଟରେ ହାରିଥିଲେ ହେଁ ଓଡ଼ିଶା ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ ସେଟ୍‌କୁ ଯଥାକ୍ରମେ ୨୫-୨୦, ୨୯-୨୭ ଓ ୨୬-୨୪ ପଏଣ୍ଟରେ ଜିତିଥିଲା। ୧୦୫ ମିନିଟ ବିଶିଷ୍ଟ ଏହି ମୁକାବିଲାରେ ଓଡ଼ିଶା ୧୦୨-୯୬ ପଏଣ୍ଟରେ ବାଜି ମାରିଥିଲା। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶ ୩-୦ରେ ଲଦାଖ, ଉତ୍ତରାଞ୍ଚଳ ୩-୦ରେ ଝାଡ଼ଖଣ୍ଡ, ଗୁଜରାଟ ୩-୦ରେ ତେଲେଙ୍ଗାନା, ଜମ୍ମୁକଶ୍ମୀର ୩-୦ରେ ତ୍ରିପୁରା, ଆନ୍ଧ୍ର ପ୍ରଦେଶ ୩-୧ରେ ହିମାଚଳ ପ୍ରଦେଶ ଏବଂ ପଣ୍ଡିଚେରୀ ୩-୦ରେ ଦିଲ୍ଲୀକୁ ପରାସ୍ତ କରିଛି।

### ମହିଳାରେ ଛତିଶଗଡ଼କୁ ହରାଇଲା ଓଡ଼ିଶା

ପ୍ରତିଯୋଗିତାର ମହିଳା ବିଭାଗରେ ମଧ୍ୟ ଓଡ଼ିଶା ରବିବାର ପ୍ରଭାବୀ ପ୍ରଦର୍ଶନ କରି ଛତିଶଗଡ଼କୁ ୩-୦ ସେଟ୍‌ରେ ପରାସ୍ତ କରିଛି। ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିବା ଓଡ଼ିଶା ଦଳ ୨୫-୭, ୨୫-୧୩, ୨୫-୧୨ ପଏଣ୍ଟରେ ବିଜୟୀ ହୋଇଛି। ୫୦ ମିନିଟ ବିଶିଷ୍ଟ ଏହି ମୁକାବିଲା ଓଡ଼ିଶା ସପକ୍ଷରେ ୭୫-୩୨ ପଏଣ୍ଟରେ ଶେଷ ହୋଇଥିଲା। ଅନ୍ୟ ମହିଳା ମ୍ୟାଚଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ୩-୦ରେ ତାମିଲନାଡୁ, ମଧ୍ୟପ୍ରଦେଶ ୩-୦ରେ ଜମ୍ମୁ କଶ୍ମୀର, ଚଣ୍ଡିଗଡ଼ ୩-୦ରେ ଲଦାଖ, ଉତ୍ତର ପ୍ରଦେଶ ୩-୦ରେ ପଞ୍ଜାବ, ଗୁଜରାଟ ୩-୦ରେ ଝାଡ଼ଖଣ୍ଡ, କର୍ଣ୍ଣାଟକ ୩-୦ରେ ମିଜୋରାମ, ଉତ୍ତରାଞ୍ଚଳ ୩-୧ରେ ପଣ୍ଡିଚେରୀ ଓ ରାଜସ୍ଥାନ ୩-୦ରେ ମଣିପୁରକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ରାଜସ୍ଥାନଠାରୁ ହାରିଥିବା ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ପୂର୍ବ ମ୍ୟାଚରେ ଦଳ ମଣିପୁରକୁ ୩-୦ରେ ପରାସ୍ତ କରିଥିଲା।

# ଭିନେଶଙ୍କୁ ସ୍ୱର୍ଣ୍ଣ, ବଜରଙ୍ଗ ଫାଇନାଲରେ



ଭିନେଶ ଫୋଗତ

**ରୋମ୍, ୭।୩ (ପି.ଟି.):** ମାଟେଓ ପେଲିକନ୍ ର୍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ଭାରତର ଷ୍ଟାର ରେସ୍‌ଲର ଭିନେଶ ଫୋଗଟ୍ ୫୩ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ବିଶ୍ୱର ନମ୍ବର ୱାନ୍ ର୍ୟାଙ୍କ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନ୍ୟପକ୍ଷରେ ବଜରଙ୍ଗ ପୁନିଆ ପୁରୁଷ ୬୫କେଜି ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ। ୨୬ ବର୍ଷୀୟା ବ୍ରୋଞ୍ଜ ବିଜୟିନୀ ଏଠାରେ ଟାଇଟଲ ମୁକାବିଲାରେ କାନାଡାର ଡାଏନା ମେରୀ ହେଲେନ୍ ୱିକରଙ୍କୁ ୪-୦ରେ ହରାଇ ଦେଇଛନ୍ତି। ଭିନେଶ ଗତ ସପ୍ତାହରେ କିଭ୍‌ଠାରେ ଏକ ସ୍ୱର୍ଣ୍ଣ ଜିତିଥିଲେ। ଦୁଇଟି ସ୍ୱର୍ଣ୍ଣ ପଦକ ଯୋଗୁ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିରେ ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଭାରତର ଅନ୍ୟ ଜଣେ ରେସଲର ସରିତା ମୋର୍ ଶନିବାର ୫୭କେଜି ଶ୍ରେଣୀରେ ଏକ ରୌପ୍ୟ ଜିତିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ